# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, September 12/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 289 | ମୂଲ୍ୟ ₹୭/-




## ରାଜକୁମାରଙ୍କ ହ୍ୟାଟ୍ରିକ୍

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟର ମାଲେସିଆ ବିପକ୍ଷ ମ୍ୟାଚ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ଭାରତର ରାଜ କୁମାର ପାଲ୍।

୧୬

୧୫

## ରାଜ୍‌ଙ୍କ ୧୫ ବର୍ଷର ଇଚ୍ଛା ପୂରଣକଲେ ଶିଳ୍ପା

ବାର୍ଥ ଡେ ଗିଫ୍ଟରେ ରାଜ୍ କୁନ୍ଦ୍ରାଙ୍କୁ ଘୋଡ଼ା ସବାର କରାଇ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ସ୍ୱାମୀଙ୍କ ଦୀର୍ଘ ଦିନର ଇଚ୍ଛାକୁ ପୂରଣ କରିଛନ୍ତି।





ସରକାରୀ ମାନ୍ୟତା, ବକେୟା ଦରମା ପ୍ରଦାନ ଆଦି ବିଭିନ୍ନ ଦାବିରେ ଓଡ଼ିଶା ଗୋଷ୍ଠୀ ସହାୟିକା (ସିଆର୍‌ପି ସିଏମ୍) ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ- ବିକାଶ ନାୟକ)

# କାଳିଆ: ଅଯୋଗ୍ୟ ନେଇଗଲେ ୭୮୨ କୋଟି

**ସିଏଜି ରିପୋର୍ଟ**

ଭୁବନେଶ୍ୱର,୧୧।୯(ଅନିଲ ଦାସ)

ରାଜ୍ୟରେ କୃଷି ଓ କୃଷକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ୨୦୧୮ରେ କାଳିଆ ଯୋଜନା ଆରମ୍ଭ କରିଥିଲେ। ତେବେ ଏହି ଯୋଜନାରେ ପ୍ରକୃତ ଚାଷୀ ପରିବର୍ତ୍ତେ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ପୂର୍ବ ସରକାର ସମୟରେ ରାଜକୋଷକୁ ଖୋଲି ଦିଆଯାଇଥିଲା। କେବଳ ଅଯୋଗ୍ୟ ନୁହନ୍ତି, ହିତାଧିକାରୀଙ୍କ ନାମରେ ତାଳମେଳ ନ ଥାଇ ମଧ୍ୟ ଆଖିବୁଜି ଟଙ୍କା ବଣ୍ଟାଯାଇଛି। ବୁଧବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଅଡିଟ ରିପୋର୍ଟରୁ ଏଭଳି ଦୁର୍ନୀତି ଜଣାପଡ଼ିଛି।

ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଅଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ରାଜକୋଷରୁ ୭୮୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୧୯ରୁ ୨୧ ମଧ୍ୟରେ ୬୫.୬୪ ଲକ୍ଷ ହିତାଧିକାରୀଙ୍କୁ କାଳିଆ ଟଙ୍କା ଦିଆଯାଇଛି। କାଳିଆ ଯୋଜନାରେ ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ ଥର, ୮.୦୯ ଲକ୍ଷଙ୍କୁ ୨ ଥର ଏବଂ ୧୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ କେବଳ ଥରେ କିସ୍ତି ଟଙ୍କା ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏହି ଯୋଜନାର ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନା କିସ୍ତି ନେଇଯାଇଛନ୍ତି। ଉକ୍ତ ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ମିଳିଥିଲେ। ଏହା ପରେ ଡାଟାବେସ୍ ବିଶ୍ଳେଷଣ ବେଳେ ଆଉ ୨.୯୬ ଲକ୍ଷ ଅଯୋଗ୍ୟ ଥିବା ସିଏଜିଙ୍କ ଅଡିଟ୍‌ରୁ ଜଣାପଡ଼ିଛି। ଏହିପରି ମୋଟ ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ☞ପୃଷ୍ଠା-୪

### ଅନ୍ୟ ଅନିୟମିତତା

#### ଏସ୍‌ସି,ଏସ୍‌ଟି ଛାତ୍ର ବୃତ୍ତି ହଡ଼ପ

ଜାଲ ପ୍ରମାଣପତ୍ରରେ ଏସ୍‌ସି/ଏସ୍‌ଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଟଙ୍କା ହଡ଼ପ କରାଯାଇଥିବା ସିଏଜି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଜିଲା କଲ୍ୟାଣ ଅଧିକାରୀ ଯାଞ୍ଚ ନ କରିବାରୁ ୯୭.୩୨ ଲକ୍ଷ ଟଙ୍କା ହଡ଼ପ ହୋଇଯାଇଛି। ସେହିପରି ନକଲି ଆୟ ପ୍ରମାଣପତ୍ର ଦେଖାଇ ୪୮ ପିଲା ବୃତ୍ତି ଟଙ୍କା ନେଇଯାଇଛନ୍ତି। ଅନ୍ୟପକ୍ଷରେ ଅନୁବନ୍ଧିତ ହୋଇ ନ ଥିବା କିଛି ଶିକ୍ଷାନୁଷ୍ଠାନ ବି ବୃତ୍ତି ଟଙ୍କା ନେଇଯାଇଛନ୍ତି। ବିଶେଷକରି ୩୮ଟି ଶିକ୍ଷାନୁଷ୍ଠାନର ୫,୬୬୦ ପିଲାଙ୍କୁ ବେଆଇନ ଭାବେ ୧୮ କୋଟି ଟଙ୍କା ଦିଆଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

#### ଭ୍ରାମ୍ୟମାଣ ଏଟିଏମ୍

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ୨୦୧୬ରୁ ୨୦୨୦ ମଧ୍ୟରେ କିଣାଯାଇଥିଲା ୨୦ଟି ଭ୍ରାମ୍ୟମାଣ ଏଟିଏମ୍। ଏଥିପାଇଁ ଖର୍ଚ୍ଚ ହୋଇଥିଲା ୨୦ କୋଟି ୬୯ ଲକ୍ଷ ଟଙ୍କା। ଇଣ୍ଟରନେଟ ସମସ୍ୟା ଓ କର୍ମଚାରୀ ନିୟୋଜନ ଅଭାବରୁ ଉକ୍ତ ଏଟିଏମ୍ ଅଚଳ ହୋଇଯାଇଛି। କିଣା ଯାଇଥିବା ଏଟିଏମ୍ କାମରେ ନ ଲାଗିବାରୁ ୮ କୋଟି ୬୯ ଲକ୍ଷ ଟଙ୍କା ପାଣି ପଡ଼ିଥିଲା ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି।

## କାଶୀପୁରରେ ଅନରକିଲିଂ

ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

ବେଦ ଓ ବୈଦିକ ଦର୍ଶନ

# ସ୍କ୍ରବ୍ ଟାଇଫସ୍: ବରଗଡ଼ରେ ୩ ମୃତ

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଆକ୍ରାନ୍ତ ହୋଇ ଏପର୍ଯ୍ୟନ୍ତ ଜିଲାର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଙ୍ଗାପାଲି ଗ୍ରାମର ସରୋଜ ପ୍ରଧାନ(୪୨), ପଦ୍ମପୁରର ସଖୀ ପ୍ରଧାନ(୭୦) ଏବଂ ପଦ୍ମପୁରର ଶିଖା ରଣା(୧୬)। ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ଘରୋଇ ଡାକ୍ତରଖାନାରେ ସେମାନଙ୍କ ମୃତ୍ୟୁ ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି, ଗତ ୧୦ ତାରିଖ ☞ପୃଷ୍ଠା-୪


DSPL - 106

ଓଡ଼ିଶା ସରକାର

## ନିଯୁକ୍ତି ମେଳା

୧୨-୦୯-୨୦୨୪

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ
ଦ୍ୱାରା
୪୭୬ ନୂତନ ଭାବେ ମନୋନୀତ ହୋଇଥିବା
ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ





କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
ଭୁବନେଶ୍ୱର

ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାର | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର | ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଆୟୋଜକ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା ସରକାର

OIPR-09013/13/0003/2425

## ସଂକ୍ଷେପରେ

### ରିଲ୍ସ ନିଶା: ଟ୍ରେନ୍ ଧକ୍କାରେ ମା'ବାପା, ଝିଅ ମୃତ

ଲକ୍ଷ୍ନୌ, ୧୧।୯

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀ ଜିଲା ଉର୍ମିଆ ଗ୍ରାମ ନିକଟସ୍ଥ ଏକ ଟ୍ରେନ୍ ଲାଇନରେ ରିଲ୍ସ କରିବା ଏକ ପରିବାର ପାଇଁ ମହଙ୍ଗା ପଡ଼ିଛି। ରେଳ ଟ୍ରାକ୍‌ରେ ଠିଆ ହୋଇ ରିଲ୍ସ କରୁଥିବା ସମୟରେ ଟ୍ରେନ୍ ଧକ୍କାରେ ମହମ୍ମଦ ଅହମଦ(୩୦) ତାଙ୍କ ସ୍ତ୍ରୀ ନାଜମିନ ଏବଂ ୩ ବର୍ଷର ପୁଅ ଅବଦୁଲ୍ଲାଙ୍କର ମୃତ୍ୟୁ ଘଟିଛି। ଲକ୍ଷ୍ନୌରୁ ପିଲିଭିଟ୍ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖେରୀ ଥାନା ପୋଲିସ ଏବଂ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)ପହଞ୍ଚି ୩ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୩ ଆତଙ୍କବାଦୀ ନିହତ

ଜମ୍ମୁ, ୧୧।୯

ଜମ୍ମୁ-କଶ୍ମୀରର ଉଧାମପୁର ଜିଲା ବସନ୍ତଗଡ଼ ଅଞ୍ଚଳରେ ବୁଧବାର ଭାରତୀୟ ସେନା ଓ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବାବେଳେ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ୩ ମୃତ ଆତଙ୍କବାଦୀ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ 'ଜୈଶ-ଏ-ମହମ୍ମଦ' ସହ ଜଡ଼ିତ ବୋଲି ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ସେହିପରି ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ସମୟରେ ବିଏସ୍‌ଏଫ୍‌ର ଜଣେ ଯବାନ ଆହତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୮ରୁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଆରମ୍ଭ ହେବାକୁ ଥିବାବେଳେ ଏହାର ଠିକ୍ ପୂର୍ବରୁ ସୁରକ୍ଷାବାହିନୀକୁ ସଫଳତା ମିଳିଛି।

### ଜମ୍ମୁ-କଶ୍ମୀରରେ କଂଗ୍ରେସର ୫ ଗ୍ୟାରେଣ୍ଟି

ଅନନ୍ତନାଗ, ୧୧।୯

କଂଗ୍ରେସ ପକ୍ଷରୁ ବୁଧବାର ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ୫ ଗାରେଣ୍ଟିର ପ୍ରତିଶ୍ରୁତି ଦିଆଯାଇଛି। ଦକ୍ଷିଣ କଶ୍ମୀରର ଅନନ୍ତନାଗରେ କଂଗ୍ରେସ-ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି) ମେଣ୍ଟ ପାଇଁ ପ୍ରଚାର କରୁଥିବା ସମୟରେ ଏନେଇ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀରରେ କଂଗ୍ରେସ-ଏନ୍‌ସି ମେଣ୍ଟର ସରକାର ଆସିଲେ ମହିଳା ଉଦ୍ୟୋଗୀମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ପରିବାରକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯିବ ବୋଲି ଖାର୍ଗେ ଘୋଷଣା କରିଛନ୍ତି। ପ୍ରତି ପରିବାରର ମହିଳା ମୁଖିଆଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ କରାଯିବ। ପବ୍ଲିକ ଡିଷ୍ଟ୍ରିବ୍ୟୁଶନ୍ ସିଷ୍ଟମ ମାଧ୍ୟମରେ ପ୍ରତି ବ୍ୟକ୍ତିଙ୍କ ପାଇଁ ୧୧ କିଲୋଗ୍ରାମ ଖାଦ୍ୟଶସ୍ୟ ଯୋଗାଇଦେବାର ବ୍ୟବସ୍ଥାକୁ ମଧ୍ୟ ପୁନଃ ସ୍ଥାପିତ କରାଯିବ ବୋଲି ଖାର୍ଗେ କହିଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ସମୟରେ ପ୍ରବାସୀ କଶ୍ମୀର ପଣ୍ଡିତଙ୍କୁ ପୁନଃ ଥଇଥାନ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ କଂଗ୍ରେସ-ଏନ୍‌ସି ମେଣ୍ଟର ନୂତନ ସରକାର ଆସିଲେ ପୂରଣ କରାଯିବ ବୋଲି ଖାର୍ଗେ କହିଛନ୍ତି।

# ଜୁଲାନା ଆଖଡ଼ାରେ ଭିନେଶ, କବିତା, ଯୋଗେଶ

ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୧।୯

କୁସ୍ତିଯୋଦ୍ଧା ଭିନେଶ ଫୋଗଟ ରାଜନୀତି ଆଖଡ଼ାକୁ ଓହ୍ଲାଇ ଜୁଲାନାରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ଜିନ୍ଦ ଜିଲାର ଏହି ନିର୍ବାଚନମଣ୍ଡଳୀ ଚର୍ଚ୍ଚାକୁ ଆସିଛି। ଭାଜପା ମଙ୍ଗଳବାର ଏହି ଆସନରେ କ୍ୟାପଟେନ୍ ଯୋଗେଶ ବୈରାଗୀଙ୍କୁ ଟିକେଟ ଦେଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବୁଧବାର କବିତା ଦଲାଲଙ୍କୁ ପ୍ରାର୍ଥୀ କରିଛି।

୩୦ ବର୍ଷୀୟା ପୂର୍ବତନ ଅଲିମ୍ପିଆନ୍ ରେସ୍‌ଲର ଭିନେଶ ପ୍ରାର୍ଥୀପତ୍ର ଦାଖଲ କରିବାବେଳେ ତାଙ୍କ ସହ ରୋହତକ୍ ଏମ୍‌ପି ଦୀପେନ୍ଦର ସିଂ ହୁଡ୍ଡା ଓ ସୋନିପତ ଏମ୍‌ପି ସତପାଲ ବ୍ରହ୍ମଚାରୀ ଉପସ୍ଥିତ ଥିଲେ। ଭିନେଶ ଏହି ଆସନରେ ବଡ଼ ବିଜୟ ହାସଲ କରିବେ। କଂଗ୍ରେସ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡାଙ୍କ ନେତୃତ୍ୱରେ ହରିୟାଣା ବିଧାନସଭା ଦଖଲ କରିବ ଏବଂ ଭାଜପାକୁ ଭୋଟର ଗାଦିଚ୍ୟୁତ କରିବେ ବୋଲି ତାଙ୍କ ପୁଅ ଦୀପେନ୍ଦର କହିଛନ୍ତି। ଚରଖି ଦାଦ୍ରି ଜିଲା ବଲାଲିରେ ଜନ୍ମିତ ଭିନେଶଙ୍କ ଶାଶୁଘର ଜୁଲାନା ସହରରେ। ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିବାରେ ଭିନେଶ ହେଉଛନ୍ତି ପ୍ରଥମ ମହିଳା କୁସ୍ତିଯୋଦ୍ଧା। ତେବେ ୫୦ କେ.ଜି. ବର୍ଗରେ ଭାଗନେବାବେଳେ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ସେ ଅଯୋଗ୍ୟ ଘୋଷିତ ହୋଇଥିଲେ। କୃଷକ ଆନ୍ଦୋଳନକୁ ସମର୍ଥନ କରି ସେ ଚର୍ଚ୍ଚିତ ହୋଇଛନ୍ତି।

## 'ସେମାନେ ପ୍ୟାରିସ୍‌ରେ ବି ରାଜନୀତି କରିଥିଲେ'


କଂଗ୍ରେସ ପ୍ରାର୍ଥୀ ଭିନେଶ ଫୋଗଟ।

ମିଳିବାକୁ ଯାଉଥିବା ପଦକ ହାତଛଡ଼ା ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଭାରତ ସରକାର ଯେପରି ସହଯୋଗ କରିବା କଥା, ସେପରି କିଛି କରି ନ ଥିଲେ। ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ) ମୁଖ୍ୟ ପି.ଟି. ଉଷାଙ୍କଠାରୁ ଉପଯୁକ୍ତ ସହଯୋଗ ମିଳି ନ ଥିଲା। ସେ କେବଳ ଫଟୋ ଉଠାଇବା ପାଇଁ ହସ୍ପିଟାଲକୁ ମୋତେ ଦେଖିବାକୁ ଯାଇଥିଲେ। ସେମାନେ ପ୍ୟାରିସ୍‌ରେ ବି ରାଜନୀତି କରିଥିଲେ ବୋଲି ପରୋକ୍ଷରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ଅଲିମ୍ପିଆନ୍ ଭିନେଶ ଫୋଗଟ। ଭିନେଶ ହରିୟାଣାର ଜୁଲାନା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ଏକାଧିକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇଛନ୍ତି। ଭିନେଶ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍‌ରେ ସେ କ'ଣ ସହଯୋଗ ପାଇଛନ୍ତି, ତାହା ଜାଣିପାରିଲେ ନାହିଁ। ପି.ଟି. ଉଷା ମାଡାମ୍ ମୋତେ ହସ୍ପିଟାଲରେ ଭେଟି ଫଟୋ ଉଠାଇଥିଲେ। ରାଜନୀତିରେ ରୁଦ୍ଧଦ୍ୱାରରେ ଅନେକ କିଛି ହୋଇଥାଏ। ପ୍ୟାରିସ୍‌ରେ ମଧ୍ୟ ରାଜନୀତି ହୋଇଥିଲା। ସେଥିଲାଗି ମୁଁ ଭାଙ୍ଗିପଡ଼ିଲି। ବହୁ ଲୋକ ରେସ୍‌ଲିଙ୍ଗ ନ ଛାଡ଼ିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ କୁସ୍ତିଯୁଦ୍ଧ କାହିଁକି ଜାରି ରଖିବି ବୋଲି ଭିନେଶ ପ୍ରଶ୍ନ କରିଛନ୍ତି।

ଭିନେଶ ଆହୁରି କହିଛନ୍ତି, ଇଭେଣ୍ଟରୁ ଅଯୋଗ୍ୟ ଘୋଷିତ ହେବା ପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର୍ ସ୍ପୋର୍ଟ୍ସ (ସିଏଏସ୍)ରେ ସିଲ୍‌ଭର ମେଡାଲ ପାଇଁ ଅପିଲ କରିଥିଲି। କିନ୍ତୁ ସପ୍ତାହେ ଧରି ଶୁଣାଣି ଚାଲିବା ପରେ ସିଏଏସ୍ ରାୟ ମୋ ସପକ୍ଷରେ ଆସି ନ ଥିଲା। ଖାଲିହାତରେ ପ୍ୟାରିସ୍‌ରୁ ଫେରିବାକୁ ପଡ଼ିଲା। ମୁଁ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିବାରୁ ସରକାର ମୋ ପକ୍ଷରୁ ପିଟିଶନ କରିବା ଉଚିତ ଥିଲା। କିନ୍ତୁ ସେମାନେ କିଛି ସହଯୋଗ କରି ନ ଥିଲେ। କେବଳ ତୃତୀୟ ପକ୍ଷ ଭଳି କାର୍ଯ୍ୟ କରିଥିଲେ ବୋଲି ଭିନେଶ କ୍ଷୋଭବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷେ ଭାଜପା ମଙ୍ଗଳବାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଶାସକ ଦଳ ଏହି ଆସନରୁ ପଛୁଆ ବର୍ଗର ଯୋଗେଶ ବୈରାଗୀଙ୍କୁ ଟିକେଟ ଦେଇଛି। ଯୋଗେଶ ଜଣେ ପୂର୍ବତନ କମର୍ସିଆଲ ପାଇଲଟ୍। ବର୍ତ୍ତମାନ ସେ ହରିୟାଣା ଭାରତୀୟ ଜନତା ଯୁବମୋର୍ଚ୍ଚାର ଉପାଧ୍ୟକ୍ଷ ଅଛନ୍ତି। ୩୫ ବର୍ଷୀୟ ଯୋଗେଶ ଦଳର ସ୍ପୋର୍ଟ୍ସ ସେଲ୍ ରାଜ୍ୟ ଆବାହକ ଦାୟିତ୍ୱ ତୁଲାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେ ନିଜକୁ ସମାଜସେବାରେ ନିୟୋଜିତ କରିଥାନ୍ତି। ରାଜନୀତିରେ ଯୋଗଦାନ ପୂର୍ବରୁ ଯୋଗେଶ ଜଣେ ସେନା ଅଧିକାରୀ ଥିଲେ। ବିମାନ ଚଳାଇବାରେ ତାଙ୍କ ୯ ବର୍ଷର ଅଭିଜ୍ଞତା ରହିଛି।

ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ୮ରେ ଭୋଟ ଗଣତି କରାଯିବ। ଜୁଲାନା ନିର୍ବାଚନମଣ୍ଡଳୀର ଜାଟ୍ ଭୋଟର ସଂଖ୍ୟା ୮୧,୦୦୦। ୩୩,୬୦୮ ଓବିସି ଭୋଟର ଥିବାବେଳେ ଏସ୍‌ସି ବର୍ଗର ମତଦାତାଙ୍କ ସଂଖ୍ୟା ୨୯,୬୬୧। ସେପ୍ଟେମ୍ବର ୧୨ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏହାର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର କଂଗ୍ରେସ ପ୍ରାର୍ଥୀ ଭିନେଶ ଫୋଗଟ ଜୁଲାନା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।


କବିତା ଦଲାଲ (ଆପ୍)


ଯୋଗେଶ ବୈରାଗୀ ( ଭାଜପା)

ଆପ୍ ପକ୍ଷରୁ ବୁଧବାର ଚତୁର୍ଥ ପର୍ଯ୍ୟାୟରେ ଜାରି ୨୧ ଜଣିଆ ପ୍ରାର୍ଥୀ ତାଲିକାରେ କବିତା ଦଲାଲଙ୍କ ନାମ ରହିଛି। ଭିନେଶ ଓ ଯୋଗେଶଙ୍କ ସହ ସେ ଏହି ଆସନରୁ ଲଢ଼ିବେ। ୩୭ ବର୍ଷୀୟା କବିତା ଜଣେ ଅନ୍ତର୍ଜାତୀୟ ରେସ୍‌ଲର। ଡବ୍ଲ୍ୟୁଡବ୍ଲ୍ୟୁଇରେ ଭାଗନେବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଫେସନାଲ ମହିଳା ରେସ୍‌ଲର। ୨୦୧୬ ସାଉଥ୍ ଏସିଆନ୍ ଗେମ୍ସରେ ୭୫ କେ.ଜି. ବର୍ଗରେ ସ୍ୱର୍ଣ୍ଣପଦକ ବିଜେତା କବିତାଙ୍କ ଘର ଜିନ୍ଦ୍ ଜିଲା ମାଲଭି ଗ୍ରାମରେ। ବିବାହ ପରେ ସ୍ୱାମୀଙ୍କ ସମର୍ଥନ ତାଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣିତ କରିବା ପାଇଁ ସୁଯୋଗ ଦେଇଥିଲା। ଜୁଲାନା ଆସନରେ ସେ ପ୍ରାର୍ଥୀ ହେବା ପରେ ହରିୟାଣା ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ କଂଗ୍ରେସ ସହ ଆସନ ବୁଝାମଣା ନ ଛିଣ୍ଡିବାରୁ ସୋମବାରଠାରୁ ଅଦ୍ୟାବଧି ହରିୟାଣା ବିଧାନସଭା ଆସନ ପାଇଁ ୬୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଲାଣି।


ଆମେରିକା ରାଷ୍ଟ୍ରପତି ନିର୍ବାଚନର ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବୁଧବାର ୯/୧୧ ଆକ୍ରମଣର ୨୩ ବର୍ଷ ପୂର୍ତ୍ତି ପାଳନ ବେଳେ ଡେମୋକ୍ରାଟିକ୍ ନୋମିନି ହାରିସ୍‌ଙ୍କ ଆଡ଼କୁ ହାତ ବଢ଼ାଉଛନ୍ତି। ନିକଟରେ ରାଷ୍ଟ୍ରପତି ଜୋ ବାଇଡେନ୍ ଉପସ୍ଥିତ।

### ୯/୧୧କୁ ୨୩ ବର୍ଷ: ହାତ ମିଳାଇଲେ ଟ୍ରମ୍ପ, ହାରିସ୍

**ୱାଶିଂଟନ୍,୧୧।୯:** ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାସ୍ଥିତ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)କୁ ଅଲ୍-କାଏଦା ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ପୂର୍ବ ଉପକୂଳରୁ କାଲିଫର୍ନିଆ ଅଭିମୁଖେ ଯାତ୍ରା କରୁଥିବା ୪ କମର୍ସିଆଲ ଫ୍ଲାଇଟ୍‌କୁ ହାଇଜାକ୍ କରି ଆତ୍ମଘାତୀ ଆକ୍ରମଣ କରିଥିଲେ। ଏଥିରେ ପ୍ରାୟ ୩,୦୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫,୦୦୦ ଆହତ ହୋଇଥିଲେ। ୯/୧୧ ଆକ୍ରମଣକୁ ବୁଧବାର ୨୩ ବର୍ଷ ପୂରିବା ଅବସରରେ ଆମେରିକାର ବିଭିନ୍ନ ସ୍ଥାନରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ନ୍ୟୁୟର୍କରେ ମେମୋରିଆଲ ସେରେମନି ପାଳନ ବେଳେ ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଲା ହାରିସ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଗଦେଇଥିଲେ। ଏହି ଅବସରରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଡେମୋକ୍ରାଟିକ୍ ନୋମିନି ହାରିସ୍‌ଙ୍କ ସହ ହାତ ମିଳାଇଛନ୍ତି। ପ୍ରଥମେ ଟ୍ରମ୍ପ ହାରିସ୍‌ଙ୍କ ଆଡ଼କୁ ହାତ ବଢ଼ାଇଥିଲେ। ପରେ ହାରିସ୍ ସ୍ମିତହାସ୍ୟ ସହ ତାଙ୍କ ସହିତ କରମର୍ଦ୍ଦନ କରିଥିଲେ।

## ଛାତରୁ ଡେଇଁ ଆତ୍ମହତ୍ୟା କଲେ ମଲାଇକାଙ୍କ ବାପା



ମୁମ୍ବାଇ, ୧୧।୯

ଅଭିନେତ୍ରୀ ମଲାଇକା ଅରୋରାଙ୍କ ପିତା ଅନିଲ ଅରୋରା ବୁଧବାର ସକାଳ ୯ଟା ସମୟରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ଏକ ବିଲ୍ଡିଂର ଷଷ୍ଠ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏନେଇ ମୁମ୍ବାଇ ପୋଲିସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନିଲଙ୍କୁ ଘଟଣାସ୍ଥଳରୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ସହ ଅନିଲଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଘଟଣାର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିଲେ ମଧ୍ୟ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ପରି ଜଣାପଡୁଛି ବୋଲି ବାନ୍ଦ୍ରା ଡିସିପି ରାଜ ତିଲକ ରୋଷନ କହିଛନ୍ତି। ତେବେ ଉକ୍ତ ବିଲ୍ଡିଂରେ ଅନିଲ ମେହତା ନାମକ ଆଉ ଜଣେ ୬୨ ବର୍ଷୀୟ ବ୍ୟକ୍ତିଙ୍କର ମୃତଦେହ ମଧ୍ୟ ଜବତ ହୋଇଥିବା ସେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଫରେନ୍ସିକ ଟିମ୍ ସହ ବାନ୍ଦ୍ରା ପୋଲିସ ବିଭିନ୍ନ ଦିଗକୁ ଅନୁସନ୍ଧାନ କରି ମାମଲାର ତଦନ୍ତ ଚଳାଇଛି।

ତେବେ ଘଟଣାକୁ ନେଇ ମଲାଇକା ଓ ତାଙ୍କ ପୂରା ପରିବାର ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଛନ୍ତି। ଘଟଣା ଘଟିବା ସମୟରେ ମଲାଇକା ପୁଣେରେ ଥିଲେ। ବାପାଙ୍କ ଆତ୍ମହତ୍ୟା ସମ୍ପର୍କରେ ସୂଚନା ପାଇ ସେ ପୁଣେରୁ ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ବାସଭାବନକୁ ଆସିଥିଲେ। ପୋଲିସ ମାମଲାରେ ମଲାଇକା ଓ ତାଙ୍କ ସାନ ଭଉଣୀ ଅମ୍ରିତାଙ୍କର ବୟାନ ରେକର୍ଡ କରିଛି। ଅରୋରା ପରିବାରକୁ ସମବେଦନା ଜଣାଇବା ପାଇଁ ମଲାଇକାଙ୍କ ପୂର୍ବତନ ସ୍ୱାମୀ ଆରବାଜ୍ ଖାନ୍‌ଙ୍କ ସହ କରୀନା କପୁର ଖାନ୍, ଅନନ୍ୟା ପାଣ୍ଡେ, ଚନ୍‌କୀ ପାଣ୍ଡେଙ୍କ ପରି ବଲିଉଡ୍‌ର ବହୁ ତାରକା ମଲାଇକାଙ୍କ ବାସଭବନରେ ପହଞ୍ଚିଛନ୍ତି। ମୂଳତଃ ପଞ୍ଜାବରେ ରହୁଥିବା ଅନିଲ ମର୍ଚ୍ଚାଣ୍ଟ ପୂର୍ବରୁ ଇଣ୍ଡିଆନ୍ ନାଭିରେ କାର୍ଯ୍ୟ କରିଥିଲେ। ମଲାଇକା ମାତ୍ର ୧୧ ବର୍ଷର ହୋଇଥିବାବେଳେ ତାଙ୍କ ମା' ଜୋଏସ ପଲିକାର୍ପ ଓ ବାପା ଅନିଲ ଅରୋରା ପରସ୍ପରଠାରୁ ଅଲଗା ହୋଇଥିଲେ। ତେଣୁ ମଲାଇକା ଏବଂ ଅମ୍ରିତାଙ୍କୁ ତାଙ୍କ ମା' ଲାଳନ ପାଳନ କରି ବଡ଼ କରିଥିଲେ।

## ମହାକାଶରେ ୫୯ତମ ଜନ୍ମଦିନ ପାଳିବେ ସୁନୀତା


ସୁନୀତା ୱିଲିୟମ

ୱାଶିଂଟନ୍,୧୧।୯

ନାସା ଆଷ୍ଟ୍ରୋନଟ୍ ସୁନୀତା ୱିଲିୟମ୍ସ ସେପ୍ଟେମ୍ବର ୧୯ରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ନିଜ ୫୯ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ମହାକାଶରେ ଏହା ହେବ ତାଙ୍କର ଦ୍ୱିତୀୟ ଜନ୍ମଦିନ ପାଳନ। ଗତ ଜୁନ୍ ୬ରେ ମହାକାଶଯାତ୍ରୀ ବେରି ୱିଲମୋରଙ୍କ ସହ ଆଇଏସ୍‌ଏସ୍‌କୁ ଯାତ୍ରା କରିଥିବା ସୁନୀତା ବୋଇଂ ଷ୍ଟାରଲାଇନର ସ୍ପେସ୍‌କ୍ରାଫ୍ଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସେଠାରେ ଫସିରହିଛନ୍ତି। ଉଭୟେ ୨୦୨୫ ଫେବୃଆରୀରେ ସ୍ପେସେକ୍ସର ଡ୍ରାଗନ୍ କ୍ରିଉ କ୍ୟାପ୍‌ସୁଲରେ ପୃଥିବୀ ପୃଷ୍ଠକୁ ଫେରିବେ ବୋଲି ନାସା ପକ୍ଷରୁ କୁହାଯାଇଛି।

୧୯୬୫ ସେପ୍ଟେମ୍ବର ୧୯ରେ ଆମେରିକାର ଅହିଓସ୍ଥିତ ଇଉକ୍ଲିଡ୍‌ରେ ଜନ୍ମିତ ସୁନୀତାଙ୍କ ବାପାଙ୍କ ଡ. ଦୀପକ ପାଣ୍ଡ୍ୟା ଓ ମା' ବୋନିଏ। ଏହି ଭାରତୀୟ ବଂଶୋଦ୍ଭବ ଏକଦା ମହାକାଶ ଯାତ୍ରାବେଳେ ସାଙ୍ଗରେ ଭଗବତଗୀତା, ସିଙ୍ଗଡ଼ା ଓ ଗଣେଶ ମୂର୍ତ୍ତି ନେଇଯାଇଥିଲେ। ବର୍ତ୍ତମାନ ସୁଦ୍ଧା ସୁନୀତା ମହାକାଶରେ ମୋଟ ୩୨୨ ଦିନ ବିତାଇସାରିଲେଣି।

### ଭିଏଟ୍‌ନାମ ବନ୍ୟାରେ ୧୫୫ ମୃତ

ହାନୋଇ, ୧୧।୯

ଉତ୍ତର ଭିଏଟ୍‌ନାମରେ 'ୟାଗି' ବାତ୍ୟା ପ୍ରଭାବରେ ବନ୍ୟା କରାଳ ରୂପ ଧାରଣ କରିଛି। ବନ୍ୟା ବିଭୀଷିକାରେ ଦେଶରେ ବୁଧବାର ସୁଦ୍ଧା ୧୫୫ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୧୪୧ ଜଣ ନିଖୋଜ ଥିବା ସହ ଅନେକ ଶହ ଲୋକ ଆହତ ହୋଇଥିବା ଭିଏଟ୍‌ନାମ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲାଓ କାଇ ପ୍ରଦେଶର ଲେଙ୍ଗ ନୁ ଗ୍ରାମରେ ବନ୍ୟା ଯୋଗୁ ବୁଧବାର କାଦୁଅ ଏବଂ ଆବର୍ଜନା ମଧ୍ୟରେ ୩୫ଟି ଘର ଭୁଶୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୩୦ ମୃତଦେହ ଜବତ କରିଛି।

## କେନିଆ ଏୟାରପୋର୍ଟ କର୍ମଚାରୀଙ୍କ ବିକ୍ଷୋଭ

### ଆଦାନୀ ଗ୍ରୁପ୍ ସହ ଚୁକ୍ତି ପ୍ରସ୍ତାବ

ନାଇରୋବି,୧୧।୯

କେନିଆ ସରକାର ବିମାନବନ୍ଦର ପରିଚାଳନା ପାଇଁ ଆଦାନୀ ଗ୍ରୁପ୍ ସହ ଚୁକ୍ତି କରିବା ପାଇଁ ପ୍ରସ୍ତାବ ରହିଛି। ଏକ ବିଦେଶୀ ନିବେଶକ ସହ ଏଭଳି ଚୁକ୍ତିକୁ ନେଇ କେନିଆର ମୁଖ୍ୟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅନେକ ଶହ କର୍ମଚାରୀ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ବିମାନ ଚଳାଚଳ ବ୍ୟାହତ ହୋଇଛି। ବହୁ ସଂଖ୍ୟକ ଯାତ୍ରୀ ଉକ୍ତ ଏୟାରପୋର୍ଟରେ ଫସିରହିଛନ୍ତି। ଅନ୍ୟପକ୍ଷେ କେନିଆ ସରକାର କହିଛନ୍ତି, ଆଦାନୀ ଗ୍ରୁପ୍ ସହ ଉକ୍ତ ବିଲ୍ଡ-ଆଣ୍ଡ-ଅପରେଟ୍ ଚୁକ୍ତି କରାଗଲେ ଜୋମୋ କେନିଆଟ୍ଟା ଅନ୍ତର୍ଜାତୀୟ ବିମାନବନ୍ଦରର ନବୀକରଣ ହୋଇପାରିବ। ଅତିରିକ୍ତ ରନ୍‌ୱେ ସହ ନୂଆ ଟର୍ମିନାଲ ନିର୍ମାଣ କରାଯିବ। ଏହା ବଦଳରେ ଆଦାନୀ ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ଏୟାରପୋର୍ଟ ପରିଚାଳନା କରିବ। ପ୍ରକାଶ ଯେ, ଗତ ସପ୍ତାହରେ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସରକାରଙ୍କ ସହ ଆଲୋଚନା ପରେ ଏଥିରୁ ଓହରିଯାଇଥିଲେ। ତେବେ ବିମାନବନ୍ଦରରେ ଅଜ୍ଞାତ ବ୍ୟକ୍ତିମାନେ ଫଟୋ ଉଠାଉଥିବା ଦେଖି ଭାରତୀୟ କମ୍ପାନୀକୁ ସରକାର ଏୟାରପୋର୍ଟକୁ ଟେକି ଦେବାକୁ ଯାଉଛନ୍ତି ମନେକରି ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ହାଇକୋର୍ଟ ଗତ ସୋମବାର କେନିଆ ହ୍ୟୁମାନ୍ ରାଇଟ୍ସ କମିଶନ ପକ୍ଷରୁ ଦାଖଲ ଏକ ପିଟିଶନର ଶୁଣାଣି ନ ହେବା ପର୍ଯ୍ୟନ୍ତ ଡିଲ୍ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

## ଚାଇନା ଦଖଲରେ ଭାରତର ୪,୦୦୦ ବର୍ଗ କିମି: ରାହୁଲ

ୱାଶିଂଟନ୍/ନୂଆଦିଲ୍ଲୀ,୧୧।୯



ନରେନ୍ଦ୍ର ମୋଦି ସରକାର ଚାଇନା ସଂଘର୍ଷର ସଫଳ ମୁକାବିଲା କରିପାରି ନାହାନ୍ତି। ଏଥିଯୋଗୁ ପଡ଼ୋଶୀ ଦେଶର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ୪,୦୦୦ ବର୍ଗ କି.ମି. ଭାରତୀୟ ଭୂଖଣ୍ଡକୁ ମାଡ଼ିବସିଛି। ଏହା ଏକ ବିପର୍ଯ୍ୟୟ ବୋଲି ଆମେରିକା ଗସ୍ତରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ମନ୍ତବ୍ୟ ଦେଇଛନ୍ତି।

ରାହୁଲ ଲୋକ ସଭାର ବିରୋଧୀ ଦଳ ନେତା ହେବା ପରେ ପ୍ରଥମ ଥର ପାଇଁ ବିଦେଶ ଗସ୍ତ କରି ଆମେରିକାର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ନିଜ ମତାମତ ରଖୁଛନ୍ତି। ଏହି କ୍ରମରେ ୱାଶିଂଟନ୍‌ସ୍ଥିତ ନ୍ୟାଶନାଲ ପ୍ରେସ୍ କ୍ଲବ୍‌ରେ ରାହୁଲ କହିଛନ୍ତି, ଭାଜପା ନେତୃତ୍ୱାଧୀନ ଭାରତ ସରକାରଙ୍କ ବହିର୍ବ୍ୟାପାର ନୀତି ପ୍ରସଙ୍ଗରେ କଂଗ୍ରେସ ସହମତ। କିନ୍ତୁ ପାକିସ୍ତାନ ଆତଙ୍କବାଦକୁ ଶେଷ ନ କରିବା ପର୍ଯ୍ୟନ୍ତ ଇସ୍‌ଲାବାଦ ସହ ଆଲୋଚନା କରାଯିବ ନାହିଁ। ସେହିପରି ବାଂଲାଦେଶରେ କଠୋରପନ୍ଥୀ ତତ୍ତ୍ୱଙ୍କୁ ନେଇ ମଧ୍ୟ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଚାଇନା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ରାହୁଲ କହିଥିଲେ, ଚାଇନା ସୈନ୍ୟଙ୍କୁ ଆମ ଭୂଖଣ୍ଡର ୪,୦୦୦ ବର୍ଗ କି.ମି. ଭିତରକୁ ଡାକି ଅଣାଯାଇଛି। ସେମାନେ ଲଦାଖରେ ଦିଲ୍ଲୀ ଆକୃତି ସମାନ ଅଞ୍ଚଳ ମାଡ଼ିବସିଛନ୍ତି। ଏହା ଏକ ବିପର୍ଯ୍ୟୟ, ଯାହା ଉପରେ ଗଣମାଧ୍ୟମ କିଛି ଲେଖିବାକୁ ଚାହେଁ ନାହିଁ। ଆମେରିକାର ଏକ ପଡ଼ୋଶୀ ଏତେ ଅଞ୍ଚଳ ଦଖଲ କରିନେଲେ ୱାଶିଂଟନ୍ କିପରି ପ୍ରତିକ୍ରିୟା ପ୍ରକାଶ କରିବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନାର ସଫଳ ମୁକାବିଲା କରିପାରି ନାହାନ୍ତି। ଚାଇନା ସୈନ୍ୟ ଆମ ଭୂଖଣ୍ଡରେ କାହିଁକି ରହିଛନ୍ତି, ତା'ର କାରଣ ଜାଣିପାରୁ ନାହିଁ ବୋଲି ରାହୁଲ କହିଛନ୍ତି।

### ସଂଖ୍ୟାଲଘୁ ଅସୁରକ୍ଷିତ ମନ୍ତବ୍ୟ

### ସୋନିଆଙ୍କ ବାସଭବନ ସମ୍ମୁଖରେ ଶିଖ୍‌ଙ୍କ ବିକ୍ଷୋଭ

ରାହୁଲ ସେଠାରେ ଉପସ୍ଥିତ ଶିଖ୍ ସମୁଦାୟର ଜଣେ ବ୍ୟକ୍ତିଙ୍କୁ ତାଙ୍କ ନାମ ପଚାରିବା ସହ କହିଥିଲେ, ଭାରତରେ ଏଭଳି ପଗଡ଼ି ପିନ୍ଧି ଗୁରୁଦ୍ୱାରାକୁ ଯିବାକୁ ଅନୁମତି ମିଳି ନ ପାରେ। ସେଥିପାଇଁ କଂଗ୍ରେସ ଲଢ଼େଇ କରୁଛି। କେବଳ ଶିଖ୍ ନୁହନ୍ତି, ବରଂ ସବୁ ଧର୍ମ ପାଇଁ ଏହି ଲଢ଼େଇ ଉଦ୍ଦିଷ୍ଟ। ଅନ୍ୟପକ୍ଷେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ନେଇ ଦେଶରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ରାହୁଲ ବିଦେଶକୁ ଯାଇ ଭାରତ ବିରୋଧୀ କଥା କହିବା ଦୁର୍ଭାଗ୍ୟଜନକ। ତାଙ୍କ ଦେଶ ବିରୋଧୀ ଏଜେଣ୍ଡା ସଫଳ ହେବ ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କଠାରୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପର୍ଯ୍ୟନ୍ତ କଂଗ୍ରେସ ନେତାଙ୍କ ବୟାନକୁ 'ଲଜ୍ଜାଜନକ' ଦର୍ଶାଇ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି। ଇତିମଧ୍ୟରେ ଭାଜପା ସମର୍ଥିତ ଏକ ଶିଖ୍ ଗୋଷ୍ଠୀ ପକ୍ଷରୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଦିଲ୍ଲୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିଖ୍‌ମାନେ କଂଗ୍ରେସ ତୁଳନାରେ ଭାଜପା ସରକାର ଅମଳରେ ଅଧିକ ସୁରକ୍ଷିତ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି।




# ୧୧ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)

ଚଳିତ ମୌସୁମୀରେ ବାରମ୍ବାର ଲଘୁଚାପ ହେବା ସହ ଏଥିଜନିତ ବର୍ଷା ଜାରି ରହିଛି। ଏହାସତ୍ତ୍ୱେ ରାଜ୍ୟର ୧୧ ଜିଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଜୁନ୍ ୧ରୁ ସେପ୍ଟେମ୍ବର ୧୧ ମଧ୍ୟରେ ୧୦୧୮.୪ ମିମି ବର୍ଷା ଆକଳନ କରାଯାଇଥିବାବେଳେ ମାତ୍ର ୯୪୨.୮ ମିମି ବର୍ଷା ହୋଇଛି। ସେହିପରି କେବଳ କୋରାପୁଟ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୧୭ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ସୂଚନା ରହିଛି। ଅନ୍ୟପକ୍ଷରେ ବର୍ଷା ନେଇ ଗୁରୁବାର ପାଇଁ ରାଜ୍ୟର ୧୨ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି।

# ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବଢ଼ିଲା

## ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶି ୪ ଲକ୍ଷରୁ ହେଲା ୬ ଲକ୍ଷ



ଭୁବନେଶ୍ୱର,୧୧।୯(ଅନିଲ ଦାସ)

### ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

#### ନିର୍ମାଣ ଶ୍ରମିକ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା: ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ବୁଧବାର ଲୋକସେବା ଭବନ କନଭେନ୍ସନଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ମାଣ ଶ୍ରମିକ ହେଉଛନ୍ତି ନିର୍ମାଣର ମେରୁଦଣ୍ଡ। ରାସ୍ତାଘାଟ, କୋଠାବାଡ଼ି, କଳକାରଖାନା, ବନ୍ଦର, ବିମାନ ବନ୍ଦର, ଶିକ୍ଷାୟତନ, ଡାକ୍ତରଖାନା, ଯେ କୌଣସି ନିର୍ମାଣ ସେମାନଙ୍କ ବିନା ଏସବୁର ପରିକଳ୍ପନା ଅସମ୍ଭବ। ନିର୍ମାଣ ଶ୍ରମିକ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା। ନିର୍ମାଣ କ୍ଷେତ୍ର କେବଳ ଆମ ଅର୍ଥନୀତିକୁ ସମୃଦ୍ଧ କରେ ନାହିଁ, ଏହା ବ୍ୟାପକ କର୍ମସଂସ୍ଥାନ ଯୋଗାଇଥାଏ। ଶ୍ରମିକମାନଙ୍କ ଅଭାବ ଅସୁବିଧା ଓ ପ୍ରତିକୂଳତାକୁ ସରକାର ଗୁରୁତ୍ୱର ସହ ଦୃଷ୍ଟି ଦେଇଛନ୍ତି। ସେମାନେ କିପରି ସୁରକ୍ଷିତ ରହିବେ, ସେମାନଙ୍କ ଅଭାବ, ଅସୁବିଧା ସମୟରେ, ସେବା ନିବୃତ୍ତ ହେବା ପରେ କିମ୍ବା ଦୁର୍ଘଟଣା ଅଥବା ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରର ମଙ୍ଗଳକୁ ଦୃଷ୍ଟିରେ ରଖି 'ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଗଠନ କରାଯାଇଛି। ସେଥିପାଇଁ ସମସ୍ତେ ତାଙ୍କର ସାମାଜିକ ନିରାପତ୍ତା ପାଇବା ସକାଶେ ବୋର୍ଡରେ ନିଜ ନିଜର ନାମ ପଞ୍ଜୀକୃତ କରିବା ଆବଶ୍ୟକ। 'ମୋ ସେବା' ନାମରେ ଏକ ପୋର୍ଟାଲ ମଧ୍ୟ ଏଥିପାଇଁ କାର୍ଯ୍ୟ କରୁଛି। ସମସ୍ତେ ନିଜକୁ ଏହି 'ଶ୍ରମିକ କଲ୍ୟାଣ ବୋର୍ଡ' ରେ ସାମିଲ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବାକୁ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ରାଜ୍ୟର ପ୍ରାୟ ୪୩ ଲକ୍ଷ ନିର୍ମାଣ ଶ୍ରମିକ ବୋର୍ଡ ଦ୍ୱାରା ପଞ୍ଜୀକୃତ ହୋଇଛନ୍ତି। ରାଜ୍ୟରେ ଦାଦନ ସମସ୍ୟାକୁ ଦୂର କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ଅଧିକାରୀମାନେ ଶ୍ରମିକମାନଙ୍କ ପାଖକୁ ଯାଇ ସେମାନଙ୍କୁ ସଚେତନ କରି ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବିକଶିତ ଓଡ଼ିଶା ଗଠନରେ ନିର୍ମାଣ ଶ୍ରମିକଙ୍କ ବହୁତ ବଡ଼ ଯୋଗଦାନ ରହିବ। ନିର୍ମାଣ ଶ୍ରମିକଙ୍କ ସୁରକ୍ଷା ସରକାରଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରେ। ଏହି ଅବସରରେ ଖୋର୍ଦ୍ଧା ଜିଲାରୁ ହିତାଧିକାରୀଙ୍କ ପରିବାରର ଏମ୍.ଟେକ୍ କରିଥିବା କାଦମ୍ବିନୀ ସାହୁ, ନିର୍ମାଣ ଶ୍ରମିକ କଲ୍ୟାଣ ଛାତ୍ରବୃତ୍ତି ସହାୟତା ଯୋଗୁ ଆଜି ଉଚ୍ଚ ଶିକ୍ଷା ହାସଲ କରି ସେ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଖଲ୍ଲିକୋଟ ଅଞ୍ଚଳର କାଠମିସ୍ତ୍ରି ନିରାକାର ମହାରଣାଙ୍କୁ ସରକାରୀ ଅଧିକାରୀ ତାଙ୍କ ପାଖକୁ ଯାଇ ନାମ ପଞ୍ଜୀକରଣ କରି ପରିଚୟ ପତ୍ର ଦେଇଥିବାରୁ ଧନ୍ୟବାଦ ଦେଇଛନ୍ତି। ଖୋର୍ଦ୍ଧା ଜିଲାର ପ୍ରଭାତୀ ନାୟକଙ୍କୁ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କାର ଚେକ୍, ରେବତୀ ଦାସଙ୍କୁ ପ୍ରସୂତିକାଳୀନ ସହାୟତା ୧୦ ହଜାର ଟଙ୍କାର ଚେକ୍, ମଦନ ମହାଲିଙ୍ଗଙ୍କୁ ପୁଅର ଶିକ୍ଷାବୃତ୍ତି ପାଇଁ ୧୦ ହଜାର ଟଙ୍କାର ଚେକ୍, ମନମୋହନ ପ୍ରଧାନଙ୍କୁ ଝିଅର ଉଚ୍ଚ ଶିକ୍ଷା ପାଇଁ ୪୮ ହଜାର ଟଙ୍କାର ଚେକ୍ ଓ ସ୍ୱର୍ଗତ ନରେନ୍ଦ୍ର ବେହେରାଙ୍କ ପତ୍ନୀ ସୁଷମା ବେହେରାଙ୍କୁ ୨ ଲକ୍ଷ ୫ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସେହିପରି କଟକ ଜିଲାର ସୁଶୀଳା ପ୍ରଧାନ ଓ ବିନୋଦିନୀ ଦେବତାଙ୍କୁ ସେମାନଙ୍କ ସ୍ୱାମୀଙ୍କ ସ୍ୱାଭାବିକ ମୃତ୍ୟୁ ପାଇଁ ମୃତ୍ୟୁକାଳୀନ ସହାୟତା ବାବଦରେ ୨ ଲକ୍ଷ ୫ ହଜାର ଟଙ୍କା, ବାଲୋ ବିବି ଓ ହିରୋ ମଲିକଙ୍କୁ ବିବାହ ସହାୟତା ବାବଦକୁ ୫୦ ହଜାର ଟଙ୍କା ଏବଂ ଦିଲୀପ ସାହୁଙ୍କ ଝିଅ ପାଇଁ ଶିକ୍ଷାବୃତ୍ତି ବାବଦକୁ ୪୮ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗୀୟ ସଚିବ ଚିତ୍ରା ଆରୁମୁଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରମ କମିଶନର ବିଜୟ ଅମୃତ କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ କଟକ ଜିଲାର ବହୁସଂଖ୍ୟକ ଶ୍ରମିକ ଉପସ୍ଥିତ ଥିଲେ।

# ୪ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'

## ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୪ରେ ସମ୍ମାନିତ ହେଲେ ୪ ଶିଳ୍ପୀ



ଅତିଥିଙ୍କଠାରୁ ଗୁରୁ କୁମ୍‌କୁମ୍ ଲାଲ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ ଏବଂ ଅଭିନେତା ଉତ୍ତମ ମହାନ୍ତିଙ୍କ ପାଇଁ ଅପରାଜିତା ମହାନ୍ତି 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ୨୦୨୪' ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୬ଦିନ ଧରି ଚମତ୍କାର ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉପସ୍ଥାପନା ପରେ ସପ୍ତମ ସନ୍ଧ୍ୟାରେ ଭବ୍ୟ ସମ୍ମାନ ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଡବ୍ଲ୍ୟୁ୨୦ ଓ ଜି୨୦ ଅଧକ୍ଷା ତଥା ବିଶିଷ୍ଟ ଭରତନାଟ୍ୟମ ନୃତ୍ୟାଙ୍ଗନା ସନ୍ଧ୍ୟା ପୁରେଚା, ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୪ ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରେ ଅତୁଳନୀୟ ଅବଦାନ ପାଇଁ ଗୁରୁ କୁମ୍‌କୁମ୍ ଲାଲ, ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସଫଳତା ପାଇଁ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ, ବାଦ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଓଡ଼ିଆ ସିନେମା ଜଗତକୁ ଉଲ୍ଲେଖନୀୟ ଅବଦାନ ଲାଗି ଉତ୍ତମ ମହାନ୍ତିଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଉତ୍ତମ ମହାନ୍ତିଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ଅପରାଜିତା ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ ଜଣ ପ୍ରତିଭାବାନ କଳାକାରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପାଇଁ ପମ୍ପି ପାଲ ଓ ରାଜନୀତା ମେହେର, କୁଚିପୁଡ଼ି ନୃତ୍ୟ ପାଇଁ ଅଭିଜିତ୍ ଦାସ ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ) ପାଇଁ ରୋହିତ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।



'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପାଇଥିବା ଶିଳ୍ପୀ ପମ୍ପି ପାଲ, ରାଜନୀତା ମେହେର, ଅଭିଜିତ୍ ଦାସ ଓ ରୋହିତ ପ୍ରଧାନ।



ସୃଜନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟାଭିନୟ 'ତନ୍ତ୍ର'। (ଫଟୋ: ବିକାଶ ନାୟକ)

ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ କଳା ନିର୍ଦ୍ଦେଶନା ତଥା ନୃତ୍ୟ ସଂରଚନା ଓ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ସଂଯୋଜନାରେ ସୃଜନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ 'ତନ୍ତ୍ର' ଉପସ୍ଥାପିତ ହୋଇଥିଲା। ଐଶ୍ୱରୀୟ ନାରୀକୁ ଆହ୍ୱାନ କରିବା ଏବଂ ସମାଜ ତଥା ମାନବଜାତିର ଉନ୍ନତି ପାଇଁ ତନ୍ତ୍ର ସାଧନାକୁ ଭିତ୍ତିକରି ମୁକ୍ତିର ରାସ୍ତା ଖୋଜିବା ଏହି ଉପସ୍ଥାପନାର ମୂଳ ଉଦ୍ଦେଶ୍ୟ ଥିଲା। ତନ୍ତ୍ର ସଦାସର୍ବଦା ମାନବଜାତିର ଉନ୍ନତି ପାଇଁ ସାଧନ କରାଯାଇଥାଏ। ତନ୍ତ୍ର ସାଧନର ନକରାତ୍ମକ ଚିନ୍ତାଧାରାକୁ ମାନବସମାଜରୁ ଦୂରକରିବାକୁ ଶିଳ୍ପୀମାନେ ନିଖୁଣ ଅଭିନୟ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ଦେବୀପ୍ରସାଦ ମିଶ୍ର ଓ ଦିଲୀପ କୁମାରଙ୍କ ଆଲୋକ ଡିଜାଇନ ଏବଂ ଆନନ୍ଦ କୃଷ୍ଣ ଓ ଭରତ କୃଷ୍ଣଙ୍କ ସାଉଣ୍ଡ୍ ଇଞ୍ଜିନିୟରିଂ ନୃତ୍ୟାଭିନୟକୁ ଚିତ୍ତାକର୍ଷକ କରିଥିଲା। ଗୁରୁ ମହାପାତ୍ର ଉତ୍ସବର ପରିକଳ୍ପନା କରିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଥିଲା।




ପୁରୀ ବେଳାଭୂମିରେ ବୁଧବାର ଆୟୋଜିତ ସୁଭଦ୍ରା ଯୋଜନା ସମ୍ପର୍କିତ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା। ନିକଟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ସୁଲଭ ମୂଲ୍ୟରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ବିଶ୍ୱମାନର ଶିକ୍ଷା ଦେବା ଆମ ପ୍ରତିବଦ୍ଧତା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପୃଥକ୍ ଭାବେ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ସଭାପତି ମୁଙ୍ଗ୍ ଚିଆଙ୍ଗ, ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ କିନ୍‌ଡ୍ରିଲର ସିଇଓ ମାର୍ଟିନ ସ୍କୋରିଟର ଏବଂ ଦକ୍ଷତା, ଉଦ୍ୟମିତା ଓ ଗବେଷଣା ଉପରେ କାମ କରୁଥିବା ୱାଧୱାନୀ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ରମେଶ ୱାଧ୍‌ୱାନୀଙ୍କୁ ଭେଟି ଶିକ୍ଷା ଓ ଦକ୍ଷତା ସହ ଜଡ଼ିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଏହି ବୈଠକ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ସଭାପତି ଏବଂ ତାଙ୍କ ପ୍ରତିନିଧି ମଣ୍ଡଳୀ ସହ ଉକ୍ତ ବିଶ୍ୱବିଦ୍ୟାଳୟ ସହିତ ସମ୍ପର୍କକୁ ଆଗକୁ ବଢ଼ାଇବା ତଥା ଭାରତ ଓ ଆମେରିକା ମଧ୍ୟରେ ଶିକ୍ଷା ସମ୍ପର୍କକୁ ମଜଭୁତ କରିବା ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ସୁଲଭ ମୂଲ୍ୟରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ରହିଛି। ଜାତୀୟ ଶିକ୍ଷାନୀତି ଭାରତ ଓ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ସହଯୋଗ ଓ ସମନ୍ୱୟ ସ୍ଥାପନ ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିଛି। ଭାରତର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ସହ ଏକାଡେମିକ୍ ସହଯୋଗ ସ୍ଥାପନ, ଟ୍ୱିନିଂ, ଜଏଣ୍ଟ ଏବଂ ଡୁଆଲ୍ ଡିଗ୍ରୀ କାର୍ଯ୍ୟକ୍ରମର ବିକାଶ ସହିତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଲମ୍ବା ଅବଧି ପାଇଁ ଇଣ୍ଟର୍ନଶିପର ସୁଯୋଗ ସୃଷ୍ଟିକରି ସେମିକଣ୍ଡକ୍ଟରରେ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଭାଗୀଦାରି ବୃଦ୍ଧିର ସମ୍ଭାବନା ଉପରେ ଆଲୋଚନା ହୋଇଛି। ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ କିନ୍‌ଡ୍ରିଲର ସିଇଓଙ୍କ ମଧ୍ୟରେ ବୈଷୟିକ ଜ୍ଞାନକୌଶଳର ସମସ୍ତ ଦିଗ, ବିଶେଷକରି ଏକବିଂଶ ଶତାବ୍ଦୀର ଶିକ୍ଷା ଉପରେ ପ୍ରଯୁକ୍ତିବିଦ୍ୟା ଶିକ୍ଷାର ଭୂମିକା ଉପରେ ଫଳପ୍ରଦ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି। ଏହାବ୍ୟତୀତ ରମେଶ ୱାଧ୍‌ୱାନୀଙ୍କ ସହ ଅନୁଷ୍ଠିତ ପୃଥକ୍ ବୈଠକରେ କେନ୍ଦ୍ରମନ୍ତ୍ରୀ ଦକ୍ଷତା, ଉଦ୍ୟମିତା, ଗବେଷଣା, ଉଦ୍ଭାବନ ଏବଂ ଡିଜିଟାଲ ପରିବର୍ତ୍ତନ କ୍ଷେତ୍ରରେ ୱାଧ୍‌ୱାନୀ ଫାଉଣ୍ଡେଶନର ସଫଳତା ଉପରେ ଅବଗତ ହୋଇ ଖୁସି ବ୍ୟକ୍ତ କରିଛନ୍ତି। ବୃହତ୍ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ସହ ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବା ତଥା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।



ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ସଭାପତି ମୁଙ୍ଗ୍ ଚିଆଙ୍ଗଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଖଳନାୟକଙ୍କ ନିଖୁଣ ଅଭିନୟରେ ଦର୍ଶକ ଉତ୍‌କ୍ଷିପ୍ତ

ସମ୍ବଲପୁର,୧୧।୯(ପ୍ରମୋଦ ବହିଦାର)



ନକ୍ସାପାଲିରେ ନାଟକ ମଞ୍ଚସ୍ଥ ବେଳେ କଳାକାରଙ୍କୁ ଦର୍ଶକଙ୍କ ଆକ୍ରମଣର ଦୃଶ୍ୟ।

ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ନକ୍ସାପାଲିଠାରେ ରାଜ୍ୟର ଏକ ଅପେରା ଦଳ ନାଟକ ପରିବେଷଣ କରୁଥିବା ବେଳେ ମଙ୍ଗଳବାର ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖଳନାୟକଙ୍କ ନିଖୁଣ ଅଭିନୟ କେତେକ ଦର୍ଶକଙ୍କୁ ଉତ୍ତେଜିତ କରିଥିଲା। କେତେକ ଦର୍ଶକ ମଞ୍ଚ ଉପରକୁ ବୋତଲ ଫିଙ୍ଗିଥିଲେ। ଜଣେ ଦର୍ଶକ ମଞ୍ଚକୁ ଚଢ଼ି ଭଙ୍ଗାରୁଜା କରିବା ସହ କଳାକାରଙ୍କୁ ଆକ୍ରମଣ କରିଥିଲେ। ପରେ ଆୟୋଜକ ଏଥିରେ ହସ୍ତକ୍ଷେପ କରି ଉତ୍ତ୍ୟକ୍ତ ଦର୍ଶକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା ଏବଂ ନାଟକ ପୁଣି ଯଥାରୀତି ଚାଲିଥିଲା।

ସୂଚନା ଅନୁସାରେ, ନକ୍ସାପାଲିଠାରେ ଗତ ଶୁକ୍ରବାରଠାରୁ ଏକ ଅପେରା ଯାତ୍ରା ପରିବେଷଣ କରୁଥିଲା। ଅନ୍ତିମ ରଜନୀରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ଅଭିନୀତ ହେଉଥିଲା। ଏଥିରେ ଜନୈକ କଳାକାରଙ୍କ ଜୀବନ୍ତ ଅଭିନୟରେ ଦର୍ଶକ ଭାବବିହ୍ୱଳ ହୋଇ ପଡ଼ିଥିଲେ। ରାତ୍ର ପ୍ରାୟ ୨ଟାରେ ଧର୍ମାନ୍ତରୀକରଣକୁ ନେଇ ଏକ ଦୃଶ୍ୟ ପ୍ରଦର୍ଶନ ହେଉଥିଲା। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ନାଟକରେ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଗୋମାଂସ ଖୁଆଇବା ଦୃଶ୍ୟ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଇଛି ବୋଲି ଅଭିଯୋଗ କରି ଜଣେ ଦର୍ଶକ ମଞ୍ଚ ଉପରକୁ ଉଠିଯାଇ ଚୌକି ଆଦି ଫିଙ୍ଗାଫୋପଡ଼ା କରିଥିଲେ। ଏପରିକି ମଞ୍ଚରେ ଅଭିନୟ କରୁଥିବା କଳାକାରଙ୍କୁ ସେ ମାଡ଼ ମାରିଥିଲେ। ଦର୍ଶକ ଜଣକ ପ୍ରଥମେ ନାଟକର ଖଳନାୟକ ଲବ ଘୋଷ ଓ ନାୟକ ସୁବାସ ବେହେରାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଯାତ୍ରାସ୍ଥଳରେ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ନାଟକଟି ବନ୍ଦ ରହିଥିଲା। ପରେ ଯାତ୍ରା ଆୟୋଜକ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଏହାପରେ ନାଟକରେ ହିନ୍ଦୁ ବ୍ୟକ୍ତିଙ୍କୁ ଗୋମାଂସ ଖୁଆଇବା ଦୃଶ୍ୟକୁ କାଟି ଦିଆଯାଇଥିଲା। ନାଟକର ନାୟକ ସୁବାସ ବେହେରା କହିଛନ୍ତି, ନିକଟରେ ବାଂଲାଦେଶ ଘଟଣା ପରେ ଲୋକେ ସାମାନ୍ୟ ଭାବପ୍ରବଣ ହୋଇପଡ଼ିଛନ୍ତି। ଏହା ଏକ ସାମାନ୍ୟ କଥା। ଯାତ୍ରାକୁ ଏହା ପ୍ରଭାବିତ କରିନାହିଁ। ଉକ୍ତ ଘଟଣାରେ ମଧ୍ୟ କେହି ଆହତ ହୋଇନାହାନ୍ତି। ତେଣୁ ପୋଲିସରେ ଅଭିଯୋଗ କରାଯାଇ ନାହିଁ। ତେବେ ମଙ୍ଗଳବାର ନକ୍ସାପାଲିରେ ଯାତ୍ରାର ଶେଷ ରାତି ଥିଲା। ବୁଧବାର ଝାରସୁଗୁଡ଼ାରେ ଉକ୍ତ ନାଟକଟି ମଞ୍ଚସ୍ଥ ହେଉଛି ବୋଲି ବେହେରା କହିଛନ୍ତି।

**ଆଜିର ମନ୍ତବ୍ୟ**

ଭାରତରେ ସଂଖ୍ୟାଲଘୁ ସର୍ବାଧିକ ସୁରକ୍ଷିତ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମେରିକାରେ ଏନେଇ ଭାରତ ବିରୋଧୀ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଭାରତ ବିରୋଧୀ ଶକ୍ତିଙ୍କ ସହ ମିଶି ଦେଶକୁ ବଦନାମ କରିବା ପାଇଁ ସେ ଚଳାଇଥିବା ଉଦ୍ୟମ ବିଫଳ ହେବ। **–କିରେନ୍ ରିଜିଜୁ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ସମୟ:ପୂର୍ବାହ୍ନ ୧୧ଟା।
- ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିଆଇଆଇଟିଏମ୍ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ସୋନୋଫି ସହଯୋଗରେ ଆର୍‌ଏସ୍‌ଏସ୍‌ଡିଆଇ ପକ୍ଷରୁ ଟାଇପ୍-୧ ଡାଇବେଟିସ୍ କାର୍ଯ୍ୟକ୍ରମ, ସ୍ଥାନ: ଦୀପ ମହଲ, ସ୍ୱସ୍ତି ପ୍ରିମିୟମ ହୋଟେଲ୍, ସମୟ:ପୂର୍ବାହ୍ନ ୧୧ଟା ୪୫।
- କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଆଇସିଏଆର୍ ପରିଦର୍ଶନ, ସ୍ଥାନ:ଆଇସିଏଆର୍,ଭୁବନେଶ୍ୱର, ସମୟ:ଅପରାହ୍ନ ୨ଟା ୩୦।
- ଉପାସନା ପକ୍ଷରୁ ମ୍ୟୁଜିକ୍ ସିଜଲର୍ସ ସହଯୋଗରେ 'ଏକ୍ ସେ ଭଲେ ଦୋ... ଦୋ ସେ ଭଲେ ତିନ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସାଧାରଣ ସଭା ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ ଆଲୋଚନାଚକ୍ର, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା
- ଗଣପତି ମହୋତ୍ସବ ଉଦଯାପନୀ, ସ୍ଥାନ: ନବୀନାବାଗ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପାଇଁ ଲ୍ୟାଣ୍ଡ ଲୋଜରଙ୍କ ଧାରଣା, ସ୍ଥାନ: ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ମୁଖ୍ୟ ଫାଟକ, ସମୟ: ପୂର୍ବାହ୍ନ ୧୦ଟା।
- ମିତ୍ରପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଜାର ବନ୍ଦ ସହ ରାସ୍ତାରୋକୋ, ସ୍ଥାନ: ମିତ୍ରପୁର ବଜାର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟ, ପଞ୍ଚରୁଖି, ବାଲିଆପାଳ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ମିଳିତ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପତୁଆଁପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- 'ସୁଭଦ୍ରା' ସଚେତନତା ରଥଯାତ୍ରା ଶୁଭାରମ୍ଭ, ସ୍ଥାନ: କଇଥଖୋଲା ପଞ୍ଚାୟତ, ଧାମରା, ଚାନ୍ଦବାଲି, ସମୟ: ଅପରାହ୍ନ ୧ଟା।
- ସରକାର ବାବାଙ୍କ ୧୦ମ ଫାତେହା ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା ଏବଂ ଅପରାହ୍ନ ୪ ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ, ଶ୍ରୀ ସୂକ୍ତ ପାଠ ଏବଂ ଭଜନ, ସ୍ଥାନ:ସରଳା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ମନୋହରପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ମା' ଭୂଆସୁଣୀ ମନ୍ଦିରରେ ମେଳା ଏବଂ ଭଜନ କୀର୍ତ୍ତନ, ସ୍ଥାନ: କପୁଣ୍ଡି, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୀ ଦିବସ ପାଳନ, ସ୍ଥାନ: ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା ୩୦।

## ଗଞ୍ଜାମ
- ଜୋନାଲ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଭଞ୍ଜନଗର ବ୍ଲକ ମୁଜାଗଡ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ମି ।
- ରାଜ୍ୟ ସ୍ତରୀୟ କର୍ମଶାଳ, ସ୍ଥାନ: ସିଟି ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆସିକା ଏନ୍‌ଏସିରେ ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ସୁନାମ୍ବସାହି, ସମୟ: ଅପରାହ୍ନ ୨ଟା।

## କନ୍ଧମାଳ
- ସୁଭଦ୍ରା ରଥ ପରିକ୍ରମା ପାଇଁ ଶୁଭ ଉଦ୍‌ଘାଟନ, ସ୍ଥାନ:ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ମହିଳାମାନଙ୍କ ପାଇଁ ବୁଲିବ ସୁଭଦ୍ରା ରଥ,ସ୍ଥାନ: ୧୦ ନଂ. ୱାର୍ଡ, ମଧୁବନ, ପାରାଦୀପ, ସ୍ଥାନ: ସକାଳ ୧୦ ଟା।

## କେନ୍ଦ୍ରାପଡ଼ା
- ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ମାର୍ଶାଘାଇ ମହିଳା ମହାବିଦ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ସିହୋପଡା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, କୁରୁଣ୍ଟି ଛକ, ରାଜନଗର, ୱାର୍ଡ ୧୯, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ପଞ୍ଚୁପାଣ୍ଡବ ଛକ, ଡେରାବିଶ, ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା, ସମୟ: ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ନିକିରାଇ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ : ଧର୍ମଶାଳା ବ୍ଲକ ପରିସର, ସମୟ : ପୂର୍ବାହ୍ନ ସାଢେ ୧୦ଟା।
- ଜାରକା ବଜାର ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୨ୟ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା।
- ଦାଶିଆ ଅଜା ସ୍ମୃତି କମିଟି ଓ ଦାସିଆ ପ୍ରେମୀ ସଙ୍ଗଠନ ସମୂହଙ୍କ ଆନୁକୂଲ୍ୟରେ ଦାଶିଆ ଅଜାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଚେରୀ ବଜାର ନୟାଗଡ଼ ସହର, ସମୟ:ସକାଳ ୯ଟା ।
- ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, ସ୍ଥାନ: ଓଡ଼ଗାଁ ବ୍ଲକର ଜବାହାର ବିଦ୍ୟାପୀଠ ନନ୍ଦିଘୋର, ସମୟ: ପୂର୍ବାହ୍ନ ୧୦ଟା।
- ଦାଶିଆ ଅଜାଙ୍କ ୨୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ବ୍ଲକର ଉଦୟପୁର ପାଠାଗାର, ସମୟ: ଅପରାହ୍ନ ୫ଟା।
- ଭାଗବତ ମହାତ୍ମ୍ୟ ପରୀକ୍ଷିତ ବ୍ରହ୍ମ ଶାପ ଓ ମନୁକର୍ଦ୍ଦମ ସମ୍ବାଦ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଷ୍ଟାଫ ନର୍ସ, ଫାର୍ମାସିଷ୍ଟଙ୍କ ଜିଲାପାଳ, ବିଧାୟକ ଏବଂ ସିଡିଏମ୍‌ଓ ଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବିଧାୟକଙ୍କ ବାସଭବନ, ସିଡିଏମ୍‌ଓ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ୧ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ମଣ୍ଡଳସ୍ତରୀୟ ସଂସ୍କୃତ ଦିବସ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ନାଗରିକ କମିଟି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ :ଅପରାହ୍ନ ୫ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନ, ସ୍ଥାନ: ମିଶନ ପଡିଆ, ଖୁଜେନପାଲି ଓ ସଦାଇପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା

## ସୁବର୍ଣ୍ଣପୁର
- ତରଭା ବ୍ଲକରେ ସୁଭଦ୍ରା ରଥର ଶୁଭାରମ୍ଭ, ସ୍ଥାନ: ଶିବତୁଲା ପଞ୍ଚାୟତ ପରିସର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଜିଲା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ୱାର୍ଡସଭ୍ୟା ସଭ୍ୟ ପ୍ରଶିକ୍ଷଣ ଶିବିର, ସ୍ଥାନ:ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ:ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ବୀର ସୁଭାଷ ଯୁବକ ସଂଘ, ବୁଦେଲପାଲି, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ହାଇସ୍କୁଲ, ସରଣ୍ଡା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୋହିତ ଜେନେରାଲ ହସ୍ପିଟାଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ଆଲୋଚନାଚକ୍ର, ସ୍ଥାନ: ବରଗଡ଼ ମହିଳା ସମିତି, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳ ୱାର୍ଡ ନଂ. ୯ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ଗ୍ରାମ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ଝାରସୁଗଡ଼ା ପୌରାଞ୍ଚଳ ୱାର୍ଡ ନଂ. ୨୧ସ୍ଥିତ ବୁଡ଼ାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଝାରସୁଗୁଡ଼ା ସହର ୱାର୍ଡ ନଂ. ୨୧ ବୁରୋମାଲ ଏକତା କ୍ଲବ ପରିସର, ସମୟ: ଅପରାହ୍ନ ୪ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡ଼ା ୱାର୍ଡ ନଂ. ୨୧ ବୁରୋମାଲ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ରାଉରକେଲା ରେଲଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବନ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବନ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।ହ୍

## ଦେବଗଡ଼
- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ଗଡ ମେକର୍, କେନ୍ଦ୍ରାପଡ଼ା, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଗଣେଶଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲୋଡି ଶୁଭମ ସଙ୍ଗୀତ, କଟକ, ବିଶେଷ ଆକର୍ଷଣ, ଅନ୍ତରା ଚକ୍ରବର୍ତ୍ତୀ ଗ୍ରୁପ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ, ବଡ ବଗିଚା, ସମୟ: ରାତି ୧୧ଟା।
- ଗଣେଶ ମେଳା ଅବସରରେ ପ୍ରି ଶୋ' ଅପେରା, ନ୍ୟୁ ବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର, ପଡିଆ, ସମୟ: ରାତି୧୧ଟା।

## କଳାହାଣ୍ଡି
- ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଭବାନୀପାଟଣା, ସମୟ: ଅପରାହ୍ନ ୪ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧର୍ମଗଡ଼ ଉପଖଣ୍ଡ ରକ୍ତଭଣ୍ଡାର କେନ୍ଦ୍ର, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ତାହାହିଁ ଚିନ୍ତାର କାରଣ ହୋଇପାରେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। କୌଣସି ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ କାମଟି ସୁବିଧାରେ ହୋଇଯିବ। ଅଫିସ୍ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରୋହିଣୀ ନକ୍ଷତ୍ର ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ମିଥୁନ** ମାନସିକ ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟ ଉପରେ ଶୁଝାଇଲେ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପୁନର୍ବସୁ ନକ୍ଷତ୍ର ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ସବୁ କଥାକୁ ଚିନ୍ତାକରି କାମ କରିବା ଭଲ। ନିଜ ଭାଇ, ବନ୍ଧୁ ଓ କୁଟୁମ୍ବମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଆତ୍ମବିଭୋର ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ର ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇବ।

**ସିଂହ** ବିଭିନ୍ନ ସମସ୍ୟା ଭିତରେ ଗତିକରି ମଧ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ପରିବାରବର୍ଗଙ୍କ ସହାୟତା ପାଇ କାମ ହାସଲ କରିପାରନ୍ତି।

**କନ୍ୟା** ଭଲ ସମ୍ପର୍କ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲାଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେବ। ହସ୍ତା ନକ୍ଷତ୍ରର ଆଜିର ଯାତ୍ରାରେ ଅଭିଳଷିତ କାମ ସମ୍ପନ୍ନ ହୋଇଯିବ। ଯୋଜନାବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ।

**ତୁଳା** ଶାରୀରିକ ଦୁର୍ବଳତା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଚିତ୍ରା ନକ୍ଷତ୍ର ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ଅନୁରାଧା ନକ୍ଷତ୍ରର ପରିବାର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ।

**ଧନୁ** ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସ୍‌ରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଶତ୍ରୁମାନେ ଚାହିଁଲେ ବି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଶ୍ରବଣା ନକ୍ଷତ୍ରର ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ ଓ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ। ଧନିଷ୍ଠା ନକ୍ଷତ୍ର ଅଫିସ୍‌ରେ ସାଧାରଣ କଥାରେ କଳହ ସୃଷ୍ଟି ହୋଇପାରେ। ବନ୍ଧୁରେ କଳହ, ଧନହାନି, ପରିବହନରେ ବିତର୍କ ଓ ସାଧାରଣ କଥାରୁ କଳହର ଆଶଙ୍କା ରହିଛି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି।

**ମୀନ** ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇନେବାକୁ ବାଧହେବେ। ଉତ୍ତର ଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ମନସ୍ତାପ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୨ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର, ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୨୯ମି. ଗତେ ଘ.୧୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୪ମି. ଗତେ ଘ.୦୨।୪୫ମି. ମଧ୍ୟେ ରାହୁକାଳ।

# ସରିଲା ବିଧାନସଭା ବଜେଟ୍ ଅଧିବେଶନ

**ଭୁବନେଶ୍ୱର, ୧୧।୯ (ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ପ୍ରଥମ ବିଧାନସଭା ବଜେଟ୍ ଅଧିବେଶନ ଗତ ୨୨ ତାରିଖରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି। ବାଚସ୍ପତି ସୁରମା ପାଢୀ ଏହି ଅଧିବେଶନ ଗୃହ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗୃହରେ ହେବାକୁ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦିବସଗୁଡିକ ଶେଷ ହୋଇସାରିଥିବା ଯୋଗୁ ଏବଂ ବିଧାୟକମାନେ ଦୀର୍ଘଦିନ ଧରି ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିପାରି ନ ଥିବା କାରଣରୁ ଗୃହ ବନ୍ଦ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ଏହି ପ୍ରସ୍ତାବକୁ ଗୃହିତ କରିବା ପୂର୍ବରୁ ଆଉ ଦୁଇ ଜଣ ସଦସ୍ୟଙ୍କ ମତ ଲୋଡିଥିଲେ। ସମସ୍ତ ସଦସ୍ୟ ମଧ୍ୟ ଗୃହ ବନ୍ଦ ପ୍ରସ୍ତାବକୁ ସମର୍ଥନ କରିବା ପରେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏହି ଅଧିବେଶନ କାଳରେ ବିଧାନସଭାରେ ମୋଟ୍ ୨୫ଟି କାର୍ଯ୍ୟ ଦିବସ ରହିଥିଲା। ଏହି ଅବଧି ମଧ୍ୟରେ ୧୯ଟି ମୁଲତବି ପ୍ରସ୍ତାବ ଏବଂ ୬ଟି ସିଏଜି ରିପୋର୍ଟ ପାରିତ ହୋଇଛି। ବିରୋଧୀଙ୍କ ହଟ୍ଟଗୋଳ ଏବଂ କକ୍ଷ ତ୍ୟାଗ ସତ୍ତ୍ୱେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ମଧ୍ୟ ଗୃହରେ ହୋଇଥିବା ଦେଖିବାକୁ ମିଳିଛି। ଏହି ଅଧିବେଶନରେ ଭାଜପା ସରକାର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ମୋଟ୍ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଗୃହରେ ପାରିତ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କାଳିଆ: ଅଯୋଗ୍ୟ ...

କିସ୍ତି ପାଇଥିଲେ। ଏହି ୧୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ ୭୮୨ କୋଟି ନେଇ ଯାଇଥିବା ଜଣାପଡ଼ିଛି। କୌତୂହଳର କଥା ହେଉଛି ଯେ ୧.୨୮ ଲକ୍ଷ ଖାତାଧାରୀଙ୍କ ନାମରେ କୌଣସି ତାଳମେଳ ନ ଥାଇ ମଧ ୧୦୭ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ତାଲିମ ନ ଦେଇ ୧୪.୦୪ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦିଆଯାଇଥିଲା। ୧୪.୦୪ ଲକ୍ଷ ଭୂମିହୀନ କୃଷି ଶ୍ରମିକ ୩ଟି କିସ୍ତି ଟଙ୍କା ପାଇଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ସ୍କ୍ରବ୍ ଟାଇଫସ୍: ବରଗଡ଼ରେ ...

ସୁଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାରେ ୨୦ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩ଜଣ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି ଏବଂ ସେମାନେ ନିଜ ଘରେ ରହି ଚିକିତ୍ସିତ ହେଉଛନ୍ତି। ଏପର୍ଯ୍ୟନ୍ତ ଜିଲା ମୁଖ୍ୟ ଡାକ୍ତରଖାନାରେ କୌଣସି ସ୍କ୍ରବ୍ ଟାଇଫସ୍ ରୋଗୀ ଭର୍ତ୍ତି ହୋଇ ନ ଥିବା ସିଡିଏମ୍‌ଓ ଡା. ଷଡ଼ଙ୍ଗୀ କହିଛନ୍ତି। ସ୍କ୍ରବ୍ ଟାଇଫସ୍ ପରୀକ୍ଷା ପାଇଁ ଜିଲାର ସବ୍ ସେଣ୍ଟରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍ଦିଷ୍ଟ କିଟ୍ ପଠାଯାଇଛି ଏବଂ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଲିସା ଟେଷ୍ଟ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ସ୍କ୍ରବ୍ ଟାଇଫସ୍ ନେଇ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ଏବଂ ଏହି ରୋଗର ଲକ୍ଷଣ ଦେଖାଦେଲେ ଅର୍ଥାତ୍ ଦୀର୍ଘଦିନ ଧରି ଜ୍ୱର ନ ଛାଡ଼ିଲେ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ସିଡିଏମ୍‌ଓ ଡା. ଷଡଙ୍ଗୀ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍କ୍ରବ ଟାଇଫସ୍ ରୋଗୀଙ୍କ ସମ୍ପର୍କରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ତୁରନ୍ତ ସୂଚନା ଦେବା ପାଇଁ ଜିଲାର ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଜାତୀୟ ହାର ତୁଳନାରେ ଓଡ଼ିଶାରେ ଷ୍ଟ୍ରୋକ୍ ଅଧିକ




ଆଇଏନ୍ ଷ୍ଟ୍ରୋକ୍ ସବ୍‌ସେକ୍ସନ୍ ମିଡ୍‌ଟର୍ମ କନ୍‌ଫରେନ୍ସରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟ ବିଶେଷଜ୍ଞମାନେ।

**ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)**

### ପ୍ରତି ୭ ଜଣରେ ଜଣଙ୍କୁ ଷ୍ଟ୍ରୋକ୍ ବିପଦ

ଦେଶରେ ଦୈନିକ ପ୍ରାୟ ୨ହଜାର ମସ୍ତିଷ୍କାଘାତ (ବ୍ରେନ୍ ଷ୍ଟ୍ରୋକ୍) ଘଟଣା ରିପୋର୍ଟ ହୋଇଛି। ତେବେ ଓଡ଼ିଶାରେ ଷ୍ଟ୍ରୋକ୍ ହାର ଜାତୀୟ ହାରଠାରୁ ଅଧିକ ରହିଛି। ପ୍ରତି ୭ ଜଣଙ୍କ ମଧ୍ୟରୁ ଜଣଙ୍କୁ ଷ୍ଟ୍ରୋକ୍ ବିପଦ ରହିଥିବା ଅନ୍ତର୍ଜାତୀୟ ପତ୍ରିକା 'ଦି ଲାନ୍‌ସେଟ୍'ରେ ଗବେଷଣାମୂଳକ ରିପୋର୍ଟ ପ୍ରକାଶ ପାଇଛି। ଏହି ସ୍ୱାସ୍ଥ୍ୟ ସମସ୍ୟା ମୁଖ୍ୟତଃ ବୟସ୍କଙ୍କଠାରେ ଦେଖାଯାଉଥିଲା, ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ ଅଧିକ ପ୍ରଭାବିତ କରୁଛି। ପରିବର୍ତ୍ତିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ ଅଭ୍ୟାସ, ଚାପ ସ୍ତର ବୃଦ୍ଧି, ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ବୃଦ୍ଧି ହେତୁ ଏପରି ସଙ୍କଟ ଉପୁଜୁଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ତେବେ ଏହି ରିପୋର୍ଟ ଚିନ୍ତା ବଢ଼ାଇଥିବାବେଳେ ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ଇଣ୍ଡିଆନ ଆସୋସିଏଶନ ଅଫ୍ ନ୍ୟୁରୋଲୋଜି (ଆଇଏନ୍) ଷ୍ଟ୍ରୋକ୍ ସବ୍‌ସେକ୍ସନ୍ ମିଡ୍‌ଟର୍ମ କନ୍‌ଫରେନ୍ସରେ ଏ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। 'କୋଡ୍ ଷ୍ଟ୍ରୋକ୍ ଟୁ ଷ୍ଟ୍ରୋକ୍ ଇଣ୍ଟରଭେନ୍‌ଶନ' ଉପରେ ଆଲୋଚନାବେଳେ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ପ୍ରାରମ୍ଭିକ ଷ୍ଟ୍ରୋକ୍ ଚିହ୍ନଟ, ଚିକିତ୍ସା ଅଗ୍ରଗତି ଏବଂ ଷ୍ଟ୍ରୋକ୍ ପ୍ରତିରୋଧର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଲେ, ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ମାସକୁ ୫୦୦ରୁ ଅଧିକ ମସ୍ତିଷ୍କାଘାତ ରୋଗୀଙ୍କୁ ସାମଗ୍ରିକ ଚିକିତ୍ସା ପ୍ରଦାନ କରୁଛି। ଅନ୍ତଃସ୍ରାବି ଥ୍ରୋମ୍ବୋଲାଇସିସ୍, ମେକାନିକାଲ ଥ୍ରୋମେକ୍ଟୋମି, ଷ୍ଟ୍ରୋକ ନ୍ୟୁରୋ ସର୍ଜରି, ନ୍ୟୁରୋ କ୍ରିଟିକାଲ କେୟାର ଏବଂ ଉନ୍ନତ ନ୍ୟୁରୋ-ପୁନର୍ବାସ ଭଳି ସେବା ଅନ୍ତର୍ଭୁକ୍ତ ଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍ସ ଡିନ୍ ଡ. ପି. ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ାଙ୍କ ସମେତ ଆଇଏନ୍ ଷ୍ଟ୍ରୋକ୍ ସବସେକ୍ସନର ଚେୟାରମ୍ୟାନ ଡ. ସୁନୀଲ କେ. ନାରାୟଣ, ଇଣ୍ଡିଆନ ଷ୍ଟ୍ରୋକ ଆସୋସିଏଶନ ସଭାପତି ଡ. ନିର୍ମଳ ସୂର୍ଯ୍ୟ, ଡ. କାମେଶ୍ୱର ପ୍ରସାଦ, ଡ. ପି. ବିଜୟ ଏବଂ ଡ. ଏସ୍. ପି. ଗୋର୍ଥୀ ପ୍ରମୁଖ ସମ୍ମୀଳନୀରେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆବାସିକ ଡାକ୍ତର ଏବଂ ଅଧ୍ୟାପିକାଅଧ୍ୟାପକଙ୍କ ପାଇଁ ଷ୍ଟ୍ରୋକ୍ ସମ୍ବନ୍ଧୀୟ ଏକ ପୋଷ୍ଟର ଅଧିବେଶନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମାନବ ସମାଜ ପାଇଁ ଉତ୍ସର୍ଗୀକୃତ ସେବା ଲାଗି ଭେଟେରାନ ସ୍ନାୟୁବିଜ୍ଞାନୀ ଡକ୍ଟର ଆର. ଏନ୍. ସାହୁଙ୍କୁ ଜୀବନବ୍ୟାପୀ ସାଧନା ପ୍ରଦାନ କରଯାଇଥିଲା। ଏହି ସମ୍ମିଳନୀକୁ ଏମ୍ସ ଭୁବନେଶ୍ୱରର ସ୍ନାୟୁବିଜ୍ଞାନ ବିଭାଗ ମୁଖ୍ୟ ଡ. ସଞ୍ଜୀବ କୁମାର ଭୋଇ, ଡ. ମେନକା ଝା ଏବଂ ଡ. ପ୍ରିୟଙ୍କା ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ସବୁ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)**

ରାଜ୍ୟର ସମସ୍ତ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଥିବା ସବୁ ବିଦ୍ୟାଳୟରେ ପାନୀୟ ଜଳ ସୁବିଧା, ଟ୍ୟାପ୍ ଯୋଗେ ପିଇବା ପାଣି ଏବଂ ଭୂପୃଷ୍ଠରୁ ବହିଯାଉଥିବା ବର୍ଷାଜଳକୁ ସଂରକ୍ଷଣ ତଥା ଭୂତଳ ଜଳ ଭରଣ ଉଦ୍ଦେଶ୍ୟରେ ରେନ୍ ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକ୍ଚର ବ୍ୟବସ୍ଥାକୁ ନିଶ୍ଚିତ କରାଯିବ। ଏହାସହ ସବୁ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିବ। ଏ ସମ୍ପର୍କରେ ଏକ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ବିଭିନ୍ନ ବିଭାଗ ସହିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟରେ ଏହିସବୁ ବ୍ୟବସ୍ଥା ରହିଥିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଯେଉଁସବୁ ବିଦ୍ୟାଳୟରେ ଅଦ୍ୟାବଧି ଏହିସବୁ ବ୍ୟବସ୍ଥା ହୋଇନାହିଁ, ସେସବୁକୁ ସୁନିଶ୍ଚିତ କରିବାକୁ ଅନୁଷ୍ଠିତ ବୈଠକରେ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗ ଓ ନିର୍ମାଣକାରୀ ସଂସ୍ଥାଗୁଡିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ , ୱାଟ୍‌କୋ,ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂସ୍ଥା (ପିଏଚ୍‌ଇଓ)ର ଯନ୍ତ୍ରୀ ଏବଂ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

# କାଶୀପୁରରେ ଅନରକିଲିଂ

## ଝିଅ ପ୍ରେମିକଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ବାପା, ଯୁବତୀ ଗୁରୁତର

**ପରିବାରର ସହମତି ବିନା ଅନ୍ୟ ଜଣେ ପୁଅକୁ ଭଲ ପାଇ ଝିଅ ଘରୁ ଚାଲିଗଲେ। ଏହାକୁ ଝିଅଘର ଲୋକେ ସହଜରେ ଗ୍ରହଣ କରିପାରିଲେ ନାହିଁ। ପରିବାରର ସମ୍ମାନ ରକ୍ଷା କରିବାକୁ ଯାଇ ରକ୍ତମୁଖା ହୋଇଗଲେ ଝିଅର ବାପା। ଝିଅକୁ ତାଙ୍କ ପ୍ରେମିକଙ୍କ ସହ ବିବାହ କରିବେ ବୋଲି ଡକାଇ ୨ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବାକୁ ଚେଷ୍ଟା କଲେ। ଏଥିରେ ଝିଅ ଗୁରୁତର ହୋଇଥିବାବେଳେ ତାଙ୍କ ପ୍ରେମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଭଳି ଅନର କିଲିଂ ଘଟଣା ଘଟିଛି ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି।**


ମଙ୍ଗଳସିଂ ମାଝି

ରାୟଗଡ଼ା/କାଶୀପୁର/ଟିକିରି,୧୧।୯ (ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଅଡାଜୋର ଗ୍ରାମର ଜଣେ ଯୁବତୀ ସ୍ଥାନୀୟ ଅଞ୍ଚଳର ମଙ୍ଗଳସିଂ ମାଝିଙ୍କୁ ଭଲ ପାଉଥିଲେ। ଉଭୟେ ଗତ କିଛି ମାସ ତଳେ ଘର ଛାଡ଼ି ପଳାଇ ଯାଇ ରାୟଗଡ଼ାରେ ରହୁଥିଲେ। ଝିଅକୁ ଘରକୁ ଫେରାଇ ଆଣିବାକୁ ବାପା ବହୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ପରେ ଉଭୟଙ୍କ ବିବାହ କରାଇଦେବେ ବୋଲି କହି ସେମାନଙ୍କୁ ଫୋନ୍ ଯୋଗେ ଡାକିଥିଲେ। ମଙ୍ଗଳବାର ରାତିରେ ମଙ୍ଗଳସିଂ ଓ ଯୁବତୀ ଉଭୟ ରାୟଗଡ଼ାରୁ ଘରକୁ ଫେରୁଥିବାବେଳେ ଗାଁଠାରୁ କିଛି ଦୂରରେ ଝିଅ ସହ ପ୍ରେମିକଙ୍କୁ ଦେଖି ବାପା ରକ୍ତମୁଖା ହୋଇପଡ଼ିଥିଲେ। ସେ ଧରିଥିବା ଟାଙ୍ଗିଆ ସାହାଯ୍ୟରେ ଝିଅ ଏବଂ ମଙ୍ଗଳସିଂଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମଙ୍ଗଳସିଂଙ୍କ ମୃତ୍ୟୁ ଘଟିଥିବାବେଳେକ ଝିଅ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାରକରି ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନ୍‌ଭିନ୍ କରୁଛନ୍ତି। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ମଧ ସେଠାରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୁକ୍ତ ବାପାଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ କାଶୀପୁର ଥାନାରେ ୧୯୭/୨୪ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ସେନାପତି ସୂଚନା ଦେଇଛନ୍ତି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା


ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସାହିବାସିନ୍ଦା ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଖୁଣ୍ଟୁଣୀ, ୧୧।୯ (ସଚ୍ଚିଦାନନ୍ଦ ପଣ୍ଡା)

**ଗଣେଶ ଭସାଣିରେ ୨ ଗୋଷ୍ଠୀ ଗଣ୍ଡଗୋଳ ଘଟଣା**
- ୩ ଅଭିଯୁକ୍ତ ଗିରଫ
- ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଧୁରୁଷିଆ ଗ୍ରାମରେ ମଙ୍ଗଳବାର ରାତିରେ ଗଣେଶ ମେଢ଼ ଭସାଣିବେଳେ ରାଉତ ସାହି ଓ ହରିଜନ ସାହିର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ରାଉତ ସାହିର କେତେଜଣ ଯୁବକ ଛୁରିଭୁସି ହରିଜନ ସାହିର ସୂର୍ଯ୍ୟକାନ୍ତ ସାମଲଙ୍କୁ ହତ୍ୟା କରିଛନ୍ତି। ଏନେଇ ସୂର୍ଯ୍ୟକାନ୍ତଙ୍କ ବାପା ରବୀନ୍ଦ୍ର ସାମଲ ବୁଧବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୬/୨୪) ରୁଜୁ କରିଛି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ରାଉତ ସାହିର ସନ୍ତୋଷ ବେହେରା, ଦୀପକ ବେହେରା ଓ ବିଭୁପ୍ରସାଦ ପରିଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ମୃତକଙ୍କ ପରିବାର ସଦସ୍ୟ ଓ ସାହି ଲୋକ ଧୁରୁଷିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧୁରୁଷିଆ-ମୁଣ୍ଡଳୀ ରାସ୍ତାକୁ ଅବରୋଧ କରିଥିଲେ। ଅପରପକ୍ଷରେ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ଏଲ୍. ଦିବ୍ୟା, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ସାହି ଲୋକଙ୍କ ସହିତ ଆଲୋଚନା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟାରେ ଧୁରୁଷିଆ ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଥିଲା। ଶୋଭାଯାତ୍ରାରେ ଉଭୟ ସାହିର ମୂର୍ତ୍ତି ସାମିଲ ହୋଇଥିଲା। ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଉଭୟ ସାହିର ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ହରିଜନ ସାହିର କେତେଜଣ ଯୁବକ ରାଉତ ସାହିର ଯୁବକଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ପରେ ରାଉତ ସାହିର କେତେଜଣ ଯୁବକ ହରିଜନ ସାହିର ଯୁବକଙ୍କୁ ପାଲଟା ଆକ୍ରମଣ କରିବା ସହ ଛୁରାମାଡ଼ କରିଥିଲେ। ଏଥିରେ ହରିଜନ ସାହିର ଯୁବକ ସୂର୍ଯ୍ୟକାନ୍ତ ସାମଲ ଓ ସିଦ୍ଧାର୍ଥ ବେହେରା ଗୁରୁତର ହୋଇଥିଲେ। ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଖୁଣ୍ଟୁଣୀ ଥାନା ଆଇଆଇସି ରବୀନ୍ଦ୍ରନାଥ ବେହେରା, ଗୁରୁଡିଝାଟିଆ ଥାନା ଆଇଆଇସି ପରେଶ କୁମାର ମହାନ୍ତି ମଙ୍ଗଳବାର ରାତିରୁ ପରିସ୍ଥିତି ଉପରେ ନଜର ରଖିଛନ୍ତି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ସାହି ବାସିନ୍ଦା ରାସ୍ତାରୋକୋ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରିସ୍ଥିତି ଶାନ୍ତ ନ ପଡିବା ପର୍ଯ୍ୟନ୍ତ ଗ୍ରାମରେ ପୋଲିସ ମୁତୟନ ରହିବେ ବୋଲି ଆଇଆଇସି ବେହେରା କହିଛନ୍ତି।

## କ୍ରେନ୍ ଭୁଶୁଡ଼ି ଶ୍ରମିକ ଆହତ

ଭୁବନେଶ୍ୱର,୧୧।୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ସ୍ଥିତ ଏକ କଲୋନୀରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା କ୍ରେନ୍ ବୁଧବାର ଭୁଶୁଡି ପଡିଛି। ଫଳରେ କ୍ରେନ୍‌ର କିଛି ଅଂଶ ଜଣେ ଶ୍ରମିକଙ୍କ ଉପରେ ପଡ଼ିବାରୁ ସେ ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉକ୍ତ କଲୋନୀରେ ୧୦ମହଲା ବିଶିଷ୍ଟ ଟାୱାର ନିର୍ମାଣ ପାଇଁ ସେଣ୍ଟ୍ରିଂ କାମ ଚାଲିଥିଲା। ଏଥିରେ ୫୦ରୁ ଅଧିକ ଶ୍ରମିକ କାମ କରିବା ସହ କ୍ରେନ୍ ମଧ ଲାଗିଥିଲା। ପୂର୍ବାହ୍ନ ୧୦ଟା ସମୟରେ ହଠାତ କ୍ରେନ୍‌ର ମଝି ଭାଗରୁ ଭାଙ୍ଗି ପଡ଼ିଥିଲା। ଏହି ସମୟରେ ତଳେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ ଉପରେ ପଡ଼ିଯାଇଥିଲା। ଏହି ଦୁର୍ଘଟଣାରୁ ଅନ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ଉପସ୍ଥିତ ଥିବା ଅନ୍ୟ ଶ୍ରମିକମାନେ ଆହତ ଶ୍ରମିକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହାବଳ ଦାନ୍ତ, ନିଶ ଜବତ: ୪ ଶିକାରୀ ଗିରଫ

ବାରିପଦା,୧୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ଅଭିଯୁକ୍ତ ଠୁପୁଲ ହେମ୍ବ୍ରମ ଓ ଜବତ ଶିକାର ସାମଗ୍ରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ବନ ବିଭାଗ ଚଢ଼ାଉ କରି ୪ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମହାବଳ ବାଘ ଦାନ୍ତ, ନିଶ, ୪ଟି ବନ୍ଧୁକ, ଗନ୍ ପାଉଡର, ଧନୁ ଓ ତୀର ସମେତ ଶିକାର ସରଞ୍ଜାମ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଧୀନ ଖଣ୍ଡଚିରା ମାଣିକପୁର ଅଞ୍ଚଳର ସାଉରୁ ମୁର୍ମୁ, ନିତାଇ ମୁର୍ମୁ, ଠୁପୁଲ ହେମ୍ବ୍ରମ ଓ ମହାତ କିସ୍କୁ। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ମହାତ କିସ୍କୁଙ୍କୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଅଢ଼େଇ ବର୍ଷ ପୂର୍ବେ ଏକ ମହାବଳ ବାଘ ଶିକାର ଘଟଣାରେ ଅଭିଯୁକ୍ତ ମହାତ କିସ୍କୁ ସଂଶ୍ଳିଷ୍ଟ ଥିଲେ। ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ ସମୟରେ ସେ ଫେରାର ହୋଇଯାଇଥିଲେ। ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଓ ବାରିପଦା ଡିଭିଜନର କର୍ମଚାରୀମାନେ ତାଙ୍କୁ ଧରିବା ପାଇଁ ମିଳିତଭାବେ ଚଢ଼ାଉ ଆରମ୍ଭ କରିଥିଲେ। ଚଢ଼ାଉ ସମୟରେ ମହାତଙ୍କ ସମେତ ୪ ଶିକାରଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଇଥିଲା। ତଦନ୍ତ ପରେ ମହାତଙ୍କୁ ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରାଯାଇଛି। ତେବେ ଠୁପୁଲ ମଧ ଅନ୍ୟ ଏକ ବାଘ ଶିକାରରେ ଜଡ଼ିତ ଥିବା ନେଇ ଜଣାପଡ଼ିବା ପରେ ବନ ବିଭାଗ ପକ୍ଷରୁ ତାଙ୍କ ଘର ତଲାସି କରାଯାଇଥିଲା। ସେଠାରୁ ମହାବଳ ବାଘ ଦାନ୍ତ, ନିଶ ଓ ୮୦ଟି ଧନୁତୀର ଜବତ ହୋଇଥିବା ବନ ବିଭାଗ ସୂଚନା ଦେଇଛି।

## ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅ ମୃତ

ରାଉରକେଲା, ୧୧।୯(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ବିଶ୍ରା ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ବୃଦ୍ଧ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ ବସନ୍ତ ଓରାମ(୩୮)। ଏହି ଘଟଣାରେ ହତ୍ୟା ଅଭିଯୁକ୍ତ ଜଟ ଓରାମ(୬୫)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରାଯାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୫୪/୨୪) ରୁଜୁ ହୋଇଛି। ପୋଲିସ ବୁଧବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁସାରେ, ବିଶ୍ରା ଥାନା ଅନ୍ତର୍ଗତ ଗେନଜୋର ଗ୍ରାମରେ ଜଟ ପୁଅ ବସନ୍ତ, ବୋହୁ ଓ ୨ ନାତିଙ୍କ ସହ ରହୁଥିଲେ। ବସନ୍ତ ଅଧିକାଂଶ ସମୟ ମଦ୍ୟପାନ କରି ବାପା, ସ୍ତ୍ରୀ ଓ ପୁଅଙ୍କୁ ମାଡ଼ ମାରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ମଦ୍ୟପାନ କରି ଘର ଲୋକଙ୍କୁ ମାଡ଼ ମାରିବାରୁ ସ୍ତ୍ରୀ ଓ ପିଲାମାନେ ଘରୁ ପଳାଇଥିଲେ। ଅନ୍ୟ ଏକ କୋଠରୀରେ ଜଟ ଶୋଇଥିବାବେଳେ ବସନ୍ତ ତାଙ୍କୁ ଆକ୍ରମଣ କରିବାକୁ ଯିବା ସମୟରେ ଜଟ ଟାଙ୍ଗିଆରେ ତାଙ୍କୁ ପ୍ରତିଆକ୍ରମଣ କରିଥିଲେ। ରାତି ପ୍ରାୟ ୨ଟା ସମୟରେ ବସନ୍ତଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଭଞ୍ଜନଗର,୧୧।୯(ବାବୁଲା ପ୍ରଧାନ)


ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ।

ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ଗଞ୍ଜାମ ଜିଲା ଭଞ୍ଜନଗର ଜଳସେଚନ ବିଭାଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଘରେ ବୁଧବାର ସକାଳେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ସମ୍ପର୍କୀୟଙ୍କ ଘର ଏବଂ ଭଞ୍ଜନଗର କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଚଢ଼ାଉ ହୋଇଛି। ଭଞ୍ଜନଗରରେ ୭ଟି ସ୍ଥାନ, ବ୍ରହ୍ମପୁର ତୁଳସୀନଗରସ୍ଥିତ ବାସଭବନ ଏବଂ ବେଲଗୁଣ୍ଠା ବ୍ଲକ ଲୁଦଲୁଦି ଘରେ ଚଢାଉ ହୋଇଥିଲା। ଭିଜିଲାନ୍ସ ଟିମ୍ ସ୍ୱାଇଁ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୬ଟି କୋଠା, ୫ଟି ପ୍ଲଟ ଠାବ କରିଛି। ବ୍ରହ୍ମପୁରସ୍ଥିତ ଘରର ମୂଲ୍ୟ ୨ କୋଟି ୪୦ ଲକ୍ଷ ଏବଂ ଭଞ୍ଜନଗର ବାଗ୍‌ଦେବୀ ରୋଡ୍‌ରେ ଥିବା ଘରର ମୂଲ୍ୟ ୨ କୋଟି ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀ ଓ ଡାକ ବିଭାଗରେ ୨୩ ଲକ୍ଷ ୯୪ ହଜାର ୩୭୦ ଟଙ୍କାର ଜମା ଏବଂ ୨୦୦ ଗ୍ରାମ ସୁନା ଅଳଙ୍କାର, ୨ଟି ବାଇକ, ୫ ଲକ୍ଷ ୬୩ ହଜାର ଟଙ୍କାର ଘର ଉପକରଣ ଠାବ କରାଯାଇଛି। ଏତେ ପରିମାଣର ସମ୍ପତ୍ତି ଠାବ ହେବା ପରେ ସହକାରୀ ଯନ୍ତ୍ରୀ ସ୍ୱାଇଁଙ୍କୁ ଅଧିକ ତଦନ୍ତ ପାଇଁ ସନ୍ଧ୍ୟାରେ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ଚଢ଼ାଉରେ ୭ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର ସାମିଲ ଥିଲେ। ସୂଚନାଯୋଗ୍ୟ, ସହକାରୀ ଯନ୍ତ୍ରୀ ସ୍ୱାଇଁଙ୍କ ଘର ବେଲଗୁଣ୍ଠା ବ୍ଲକ ଲୁଦୁଲୁଦି ଗ୍ରାମରେ। ସେ ଭଞ୍ଜନଗର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ୧୪ ବର୍ଷ ହେବ କାର୍ଯ୍ୟରତ ଅଛନ୍ତି। ୨୦୧୮ ନଭେମ୍ବରରେ ସେ କନିଷ୍ଠ ଯନ୍ତ୍ରୀରୁ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ହୋଇଥିଲେ।

## ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୧।୯ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୩୭୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହଳଧର ମାଝୀଙ୍କୁ ଗିରଫ କରିଛି। ପୋଲିସ କହିଛି, ଛେଣ୍ଡିପଦା ଥାନା ଅଞ୍ଚଳର ହଳଧର ଗତ ୬ ତାରିଖରେ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ତାଙ୍କ ଛୋଟ ପିଲାଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ପୂର୍ବରୁ ମଧ ଅଭିଯୁକ୍ତ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିବା ସହ ଧମକ ଦେଇଥିଲେ। ଭୟରେ ଚୁପ୍ ରହିଥିବା ପୀଡ଼ିତା ସାହସ ବାନ୍ଧି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଅଭିଯୁକ୍ତ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ଆଖିକୁ ଲଙ୍କାଗୁଣ୍ଡ ପକାଇ ମହିଳାଙ୍କୁ ଆକ୍ରମଣ

ବଅଁରପାଳ,୧୧।୯ (ସୁବାସ ସାହୁ)

- ଲୁଟ୍ ଉଦ୍ଦେଶ୍ୟରେ ଘରେ ପଶିଥିଲେ ମୁଖାପିନ୍ଧା ଦୁର୍ବୃତ୍ତ
- ବଡ଼ବୋହୂ ପାଟି କରିବାରୁ ବର୍ତ୍ତିଗଲେ ଶାଶୁ
- ନାଲ୍‌କୋ ଥାନା ଅଞ୍ଚଳରେ ବଢ଼ୁଛି ଆପରାଧିକ କାର୍ଯ୍ୟ

ଗ୍ରୀଲ୍ ଖୋଲାଥିବାର ସୁଯୋଗ ନେଇ ଲୁଟ୍ ଉଦ୍ଦେଶ୍ୟରେ ଘର ଭିତରକୁ ପଶିଲେ। ଜଣେ ମହିଳାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ଲୁହାରଡ୍‌ରେ ମୁଣ୍ଡକୁ ଆକ୍ରମଣ କଲେ। ଏପରି କି ମହିଳାଙ୍କ ଶାଶୁଙ୍କୁ ଆକ୍ରମଣ କରିବାକୁ ଯାଉଥିବା ବେଳେ ପରିବାରର ବଡ଼ବୋହୂ ପାଟି କରିବାରୁ ଫେରାର ହୋଇଗଲେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ। ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନାଲ୍‌କୋ ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ବୁଧବାର ଘଟିଥିବା ଏହି ଘଟଣା ଅଞ୍ଚଳବାସୀଙ୍କୁ ଭୟଭୀତ କରିଦେଇଛି। ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ନାଲ୍‌କୋ ଥାନା କାଣ୍ଡସର ଗ୍ରାମ କୁମ୍ଭାର ସାହିର ପୁରେନ୍ଦ୍ର ବେହେରାଙ୍କ ଘରେ ମଧ୍ୟାହ୍ନ ସମୟରେ କେହି ପୁରୁଷ ନ ଥିଲେ। ଭିତରେ ୨ ବୋହୂ ଓ ଶାଶୁ ଥିବାବେଳେ ମୁଖ୍ୟ କବାଟ ଭିତରୁ ବନ୍ଦ ଥିଲା। ହେଲେ ଗ୍ରୀଲ୍ ଖୋଲାଥିବାରୁ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଲୁଟ୍ ଉଦ୍ଦେଶ୍ୟରେ ଭିତରକୁ ପଶି ମୁଖ୍ୟ କବାଟ ବାଡ଼େଇଥିଲେ। ପରିବାର ଲୋକେ ଆସିଥିବା ଭାବି ସାନବୋହୂ ପ୍ରଣତୀ ବେହେରା (୨୩) କବାଟ ଖୋଲିଦେବାରୁ ଦୁର୍ବୃତ୍ତ ଜଣକ ତାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ଏକ ଲୁହା ରଡ୍‌ରେ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ମୁଣ୍ଡ ଫାଟି ଯିବାରୁ ପ୍ରଣତୀ ଖଟ ଉପରେ ପଡ଼ିଯାଇ ଚିତ୍କାର କରିଥିଲେ। ଏହାପରେ କିଛି ଦୂରରେ ଥିବା ପ୍ରଣତୀଙ୍କ ଶାଶୁଙ୍କୁ ଆକ୍ରମଣ କରିବାକୁ ଦୁର୍ବୃତ୍ତ ଜଣକ ଯାଉଥିବା ବେଳେ ବଡ଼ବୋହୂ ସ୍ୱାଗତିକା ବେହେରା (୨୬) ଜୋର୍‌ରେ ପାଟି କରିଥିଲେ। ଫଳରେ ସମ୍ପୃକ୍ତ ଦୁର୍ବୃତ୍ତ ତାଙ୍କ ଆଡ଼କୁ ଲଙ୍କା ଗୁଣ୍ଡ ଫିଙ୍ଗିବା ସହ ବାହାରୁ ଗ୍ରୀଲ୍ ବନ୍ଦ କରି ଏକ ଗଳି ବାଟ ଦେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ପରିବାର ଲୋକେ ତୁରନ୍ତ ଜରୁରିକାଳୀନ ନମ୍ବର ୧୧୨କୁ ଫୋନ କରିବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିବା ଏସ୍‌ଆଇ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା

**ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା**
ଦେଢ଼ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ମୋରଡ଼ା,୧୧।୯(ସ୍ମାରକ ମାଜୀ)


ପୋଲିସର ଅବହେଳା ପ୍ରତିବାଦରେ ଧାରଣା ଦିଆଯାଇଛି।

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ସାଢ଼େ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାର ଦେଢ଼ ମାସ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପ୍ରତିବାଦରେ ବୁଧବାର ଥାନା ଆଗରେ ଧାରଣା ଦିଆଯାଇଛି। ଶିଶୁ କନ୍ୟାଙ୍କ ପିତାମାତାଙ୍କ ସହ ସାମାଜିକ କର୍ମୀ, କୁଡୁମୀ ସେନା, ପେସାର ସଦସ୍ୟ, ଭାଜପା ନେତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଥାନା ଆଗରେ ଧାରଣାରେ ବସିଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୧୩ ତାରିଖରେ ଜଣେ ୧୬ ବର୍ଷର ଆଦିବାସୀ ବାଳକ ବିଭିନ୍ନ ପ୍ରଲୋଭନ ଦେଖାଇ ଶିଶୁ କନ୍ୟାଙ୍କୁ ବଳାତ୍କାର କରିଥିଲେ। ଏନେଇ ଶିଶୁକନ୍ୟାଙ୍କ ମା' ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୧/୨୪) ରୁଜୁ କରିଥିଲା। ତେବେ ଘଟଣାର ଦେଢ଼ମାସ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ଶିଶୁକନ୍ୟାଙ୍କ ମାତାପିତାଙ୍କ ସହିତ ସାମାଜିକ କର୍ମୀ ଗୀତା ହେମ୍ବ୍ରମ, କୁଡୁମୀ ସେନା ସଦସ୍ୟ ବିଶ୍ୱନାଥ ମହାନ୍ତ, ବ୍ରଜକିଶୋର ନାଏକ, ପେସା ସଦସ୍ୟ ତପନ ମୁର୍ମୁ, ସ୍ଥାନୀୟ ଅଞ୍ଚଳବାସୀ ସାଗରାମ ମୁର୍ମୁ, ମଙ୍ଗଳ ହାଁସଦା, ଭାଜପା ମୋରଡ଼ା ମଣ୍ଡଳ ମହିଳା ସଭାପତି କୁମୁଦିନୀ ମହାକୁଡ଼ ପ୍ରମୁଖ ଥାନା ଆଗରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କୁ ପଚାରିବାରୁ ଘଟଣାକୁ ନେଇ ଏକ ଟିମ୍ ଗଠନ କରାଯାଇଛି ଏବଂ ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି।

# ଛାତ୍ରଙ୍କୁ ହାଣିଥିଲେ ପ୍ରେମିକାଙ୍କ ନାବାଳକ ଭାଇ

ଧର୍ମଶାଳା/କାଏମା,୧୧।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

**ପ୍ରେମ ବ୍ୟାପାରରୁ ଛାତ୍ରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ**
- ପ୍ରେମିକାଙ୍କ ମା' ଗିରଫ
- ବାଳସୁଧାର ଗୃହକୁ ଗଲେ ଭାଇ

ପ୍ରେମ ବ୍ୟାପାରରୁ ଯାଜପୁର ଜିଲା ଧର୍ମଶାଳା ଥାନା ଅଭୟପୁର ଗ୍ରାମର କଲେଜ୍ ଛାତ୍ର ରୁଦ୍ରପ୍ରସାଦ ବେହେରା(୧୭)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ହତ୍ୟାରେ ସମ୍ପୃକ୍ତ ପ୍ରେମିକାଙ୍କ ନାବାଳକ ଭାଇଙ୍କୁ ପୋଲିସ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ତାଙ୍କ ମା'ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ ଜବତ କରାଯାଇ ତଦନ୍ତ ଜାରିରହିଛି। ବୁଧବାର ଧର୍ମଶାଳା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଭିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୩ ତାରିଖ ରାତିରେ ଛାତ୍ର ଜଣକ ତାଙ୍କ ପ୍ରେମିକାଙ୍କୁ ଦେଖାକରିବାକୁ ଆସିଥିଲେ। ଉଭୟ ପ୍ରେମିକା ଓ ଛାତ୍ର ଜଣକ ଅସଂଯତ ଅବସ୍ଥାରେ ଥିବାବେଳେ ପ୍ରେମିକାଙ୍କ ସାନଭାଇ ଏହାଦେଖି ଏକ ଧାରୁଆ ଅସ୍ତ୍ରରେ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଛାତ୍ର ଜଣକ ସେଠାରୁ ଖସି ପଳାଉଥିବା ସମୟରେ ନାଳରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ନାବାଳକଙ୍କୁ ତାଙ୍କ ମା'ସହଯୋଗ କରିବା ସହ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ।

ସୂଚନାଯୋଗ୍ୟ, ଅଭୟପୁର ଗ୍ରାମର ନରହରି ବେହେରାଙ୍କ କଲେଜ ପଢୁଆ ପୁଅ ରୁଦ୍ରପ୍ରସାଦ ଗତ ୩ ତାରିଖ ରାତିରେ ଘରୁ ଆସି ଆଉ ଫେରି ନ ଥିଲେ। ଏନେଇ ୪ ତାରିଖରେ ଛାତ୍ରଙ୍କ ବାପା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ୫ ତାରିଖ ସକାଳେ ରଥିଆ ନିକଟ ଶଗଡିଆ ନାଳରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଛାତ୍ରଙ୍କ ବାପାଙ୍କୁ ଡକାଇ ମୃତଦେହ ଚିହ୍ନଟ କରିଥିଲା। ମୃତଦେହ ରୁଦ୍ରପ୍ରସାଦଙ୍କର ବୋଲି ଜଣାପଡ଼ିଥିଲା। ତେବେ କିଏ କାହିଁକି ତାଙ୍କୁ ହତ୍ୟା କଲେ ସେନେଇ ପୋଲିସ ଖୋଳତାଡ଼ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ଏସ୍‌ପି ଓ ଏସ୍‌ଡିପିଓ ପହଞ୍ଚି ଅନୁସନ୍ଧାନ କରିଥିଲେ। ପୋଲିସର ପ୍ରାଥମିକ ତଦନ୍ତରେ ଏହା ଏକ ପ୍ରେମ ଜନିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ତେଣୁ ମୃତଦେହ ମିଳିଥିବା ସ୍ଥାନ ନିକଟରେ ରହୁଥିବା ଏକ ପରିବାରର ୪ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ଘଟଣାର ୭ଦିନ ପରେ ପୋଲିସ ହତ୍ୟାଘଟଣାର ସୁରାକ ପାଇବାରେ ସକ୍ଷମ ହୋଇଥିଲା। ଏନେଇ ଥାନାରେ ନଂ.୬୭୦/୨୪ରେ ଏକ ମାମଲା ରୁଜୁ ହୋଇଛି।



କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ତାଳ ନବମୀ ଓ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ



# ବେଦ ଓ ବୈଦିକ ଦର୍ଶନ



ଦେବଦତ୍ତ ପଟ୍ଟନାୟକ

ବେଦ ବିଷୟରେ କହିବାବେଳେ ଆମକୁ ଏହାର ପଦ୍ୟାତ୍ମକ ସ୍ତୋତ୍ର, ଗଦ୍ୟାତ୍ମକ ମନ୍ତ୍ର ଏବଂ ଦର୍ଶନ ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ପଡ଼ିବ। ବୈଦିକ ସ୍ତୋତ୍ର ହେଉଛି ବେଦର ପୁରାତନ ଭାଗ, ଯାହା ୩୦୦୦ ବର୍ଷରୁ ଅଧିକ ପୁରୁଣା। ଏହାପରେ ବୈଦିକ ମନ୍ତ୍ର ଏବଂ ପରେ ବୈଦିକ ଦର୍ଶନ ଆସିଥିଲା ଏବଂ ଏଗୁଡ଼ିକ ବ୍ରାହ୍ମଣ ପରିବାର ଦ୍ୱାରା ମୌଖିକ ଭାବରେ ପ୍ରସାରିତ ହୋଇଥିଲା ଓ ୨,୦୦୦ ବର୍ଷରୁ କମ୍ ବର୍ଷ ପୂର୍ବେ ଲେଖାଯାଇଥିଲା। ବୈଦିକ ସ୍ତୋତ୍ର କିମ୍ବା ମନ୍ତ୍ର ସଂହିତା ଭାବେ ରହିଛି। ତେବେ ଋଗ୍ ସଂହିତାରେ ପୁରାତନ ବୈଦିକ ସ୍ତୋତ୍ର ଅଛି। ପ୍ରାୟ ୧୦୦୦ ସ୍ତୋତ୍ରକୁ ୧୦ଟି ପୁସ୍ତକ କିମ୍ବା ମଣ୍ଡଳରେ ବିଭକ୍ତ କରାଯାଇଛି। ଏଥିରୁ ନବେ ପ୍ରତିଶତ ହେଉଛି ସ୍ୱର୍ଗରେ ରହୁଥିବା ଦେବତାମାନଙ୍କୁ ଆମନ୍ତ୍ରଣ ବା ସ୍ତୁତି କରିବା ମନ୍ତ୍ର। ଯାହାଙ୍କୁ ନୈବେଦ୍ୟ ଗ୍ରହଣ କରିବା ଲାଗି ଆବାହନ କରି ତା' ବଦଳରେ କର୍ତ୍ତା ସାଂସାରିକ ଜୀବନରେ ସଫଳତା ମାଗିଥାଏ ; ଯେପରିକି ସନ୍ତାନ, ସ୍ୱାସ୍ଥ୍ୟ, ଯୁଦ୍ଧରେ ବିଜୟ ଇତ୍ୟାଦି। ଏହି ସଂହିତାର ୧୦ ପ୍ରତିଶତ ବିଭିନ୍ନ ପ୍ରକାର ଦର୍ଶନ ଏବଂ ବୈଶ୍ୱିକ କଳ୍ପନା ସହ ଜଡ଼ିତ।

ଋଗ୍ ବେଦ ସ୍ତୋତ୍ରର କିଛି ଅଂଶ ସାମ ବେଦର ଅଂଶ ହୋଇଛି। ଏଥିରେ ଋଗ ବେଦର ଲେଖା ସଙ୍ଗୀତମୟ ମନ୍ତ୍ର ଆକାରରେ ରହିଛି। ଏହି ମନ୍ତ୍ରଗୁଡ଼ିକ ୨ ପ୍ରକାରର: ପ୍ରଥମଟି ହେଉଛି ଗ୍ରାମ ଗାନ , ଯାହା ଜନବସତିରେ ଗାନ କରାଯାଏ ଏବଂ ଦ୍ୱିତୀୟଟି ଅରଣ୍ୟ ଗାନ ନାମରେ ଜଣାଶୁଣା ଓ ତାହା ଜଙ୍ଗଲରେ ଗାନ କରାଯାଏ। ଯଜୁର୍ବେଦରେ ଋଗ୍ ବେଦର ଅନେକ ସ୍ତୋତ୍ର ରହିଛି। ଏହା ସହ ଏହାର କିଛି ମୂଳ ଗଦ୍ୟାତ୍ମକ ମନ୍ତ୍ର ମଧ୍ୟ ରହିଛି। କିନ୍ତୁ ଏହି ମନ୍ତ୍ରଗୁଡ଼ିକ ରୀତିନୀତି ପାଳନ ସହିତ ବିଶେଷ ଭାବରେ ଜଡ଼ିତ । ସେଥିରେ ଥିବା ସ୍ୱତନ୍ତ୍ର ସ୍ତୋତ୍ର କିମ୍ବା ମନ୍ତ୍ରକୁ ଯଜୁସ୍ କୁହାଯାଏ। ଏହାକୁ ନିର୍ଦ୍ଦିଷ୍ଟ କର୍ମକାଣ୍ଡରେ ଆବୃତ୍ତି କରାଯାଇଥାଏ। ଅନେକ ଶାସ୍ତ୍ରରେ, ଏହି ତିନୋଟିକୁ ବେଦ ଭାବରେ ବିବେଚନା କରାଯାଏ। ସେଗୁଡ଼ିକ ଲୋକେ ପାଳନ କରୁଥିବା ରୀତିନୀତିର ଏକ ଅଂଶ ଥିଲା । ଅଥର୍ବ ବେଦ ମଧ୍ୟ ସ୍ତୋତ୍ରଗୁଡ଼ିକର ଏକ ସମାହାର, କିନ୍ତୁ ଏଗୁଡ଼ିକ ମୁଖ୍ୟତଃ



ଜୀବନର ସ୍ୱାସ୍ଥ୍ୟ, ସୌଭାଗ୍ୟ ପାଇଁ ବ୍ୟବହୃତ ହୋଇଥାଏ ଏବଂ ଅନିଷ୍ଟକାରୀ ଆତ୍ମା , ଲୋକଙ୍କ ଈର୍ଷା ଏବଂ କ୍ରୋଧ ଦୂରକରିବା ପାଇଁ ଗାନ କରାଯାଇଥାଏ। ସେଥିରେ ମଧ୍ୟ କିଛି କାଳ୍ପନିକ ସିଦ୍ଧାନ୍ତସମ୍ମତ ସ୍ତୋତ୍ର ଅଛି, କିନ୍ତୁ ସାଧାରଣତଃ ଅଥର୍ବ ବେଦକୁ ମୂଳ ବୈଦିକ ସିଦ୍ଧାନ୍ତର ଅଂଶ ଭାବରେ ଦେଖାଯାଇ ନ ଥିଲା। ସେସବୁ ସାର୍ବଜନୀନ ରୀତିନୀତିର ଅଂଶ ବି ନ ଥିଲା।

ହରିୟାଣା ଅଞ୍ଚଳରେ ଋଗ୍‌ବେଦ ସଂକଳିତ ହୋଇଥିଲା। ଅନ୍ୟ ବେଦ ଗଣ୍ଡକ ନଦୀର ପୂର୍ବରେ ଥିବା ଗଙ୍ଗା-ଯମୁନା ଅବବାହିକାରେ ରଚନା କରାଯାଇଥିଲା। ଋଗ୍‌ବେଦର ଏକ ତୃଣଭୂମି ଅଞ୍ଚଳର ଯାଯାବର ଲୋକଙ୍କ ସହ ସମ୍ପର୍କ ଥିବାବେଳେ ଯଜୁର୍ବେଦ ଚାଷକରି ବସତି ସ୍ଥାପନପୂର୍ବକ ଜୀବନ ନିର୍ବାହ କରୁଥିବା ତଥା ପୂର୍ବ ଦିଗକୁ ଯାଇଥିବା ଲୋକଙ୍କ ସହ ଜଡ଼ିତ ଥିଲା। ସମୟକ୍ରମେ, ଗଦ୍ୟାତ୍ମକ ମନ୍ତ୍ର ଲେଖିବା ଆରମ୍ଭ ହେଲା। ଏଗୁଡ଼ିକ ବ୍ରାହ୍ମଣ ଏବଂ ଅରଣ୍ୟକ ନାମରେ ଜଣାଶୁଣା, ଯାହାକି ରାଜତ୍ୱ ସମ୍ବନ୍ଧୀୟ ବୃହତ୍ ସାମୂହିକ ସମାରୋହ ରୀତିନୀତି ପାଳନ ପାଇଁ ଏବଂ ଅରଣ୍ୟକଗୁଡ଼ିକ (ଅରଣ୍ୟ ଗ୍ରନ୍ଥ) ଗାଁ ବାହାରେ କରାଯାଉଥିବା କର୍ମକାଣ୍ଡ ଲାଗି ଉଦ୍ଦିଷ୍ଟ ଥିଲା। ବ୍ରାହ୍ମଣଗ୍ରନ୍ଥଗୁଡ଼ିକ ହେଉଛି ରୀତିନୀତିର ଗଦ୍ୟ ସଙ୍କଳନ । ପନ୍ଦର ଦିନରେ ପୂର୍ଣ୍ଣିମା ଏବଂ ଅମାବାସ୍ୟା ଦିନ ରୀତିନୀତି ପାଳନ କରାଯାଉଥିଲା କିମ୍ବା ପ୍ରାକ୍ ମୌସୁମୀ ଅବଧି, ମୌସୁମୀ ଅବଧି ଏବଂ ମୌସୁମୀ ପରବର୍ତ୍ତୀ ଅବଧିର ଶେଷକୁ ସୂଚିତ କରିବା ସକାଶେ ପ୍ରତି ୪ ମାସରେ ଏସବୁ ପାଳନ କରାଯାଉଥିଲା । ରାଜାଙ୍କ ଶକ୍ତି ବୃଦ୍ଧି କରିବା ଲାଗି ରାଜ ଅଭିଷେକ ଏବଂ ବାର୍ଷିକ ରୀତିନୀତି ସହିତ ମଧ୍ୟ ଏଗୁଡ଼ିକର ସମ୍ପର୍କ ଥିଲା। ଧୀରେ ଧୀରେ ସୁଲ୍‌ବା ସୂତ୍ରରେ ଏଗୁଡ଼ିକ ଉଲ୍ଲେଖ କରାଗଲା। ଅବଶ୍ୟ, ଖ୍ରୀଷ୍ଟପୂର୍ବ ୫୦୦ ପରେ ଯେତେବେଳେ ଭାରତର ପୂର୍ବ ଭାଗରେ ବୌଦ୍ଧଧର୍ମ ଉଭା ହେଲାବେଳେ ସେସବୁ ଗୁରୁତ୍ୱ ହରାଇବାକୁ ଲାଗିଲେ। ଏହି ସମୟ ପରେ, ପ୍ରାୟତଃ ଗୃହରେ ପାଳିତ ବୈଦିକ ରୀତିନୀତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାର ଆମେ ଦେଖିବାକୁ ପାଉ ଏବଂ ଏଗୁଡ଼ିକ ଗୃହ ସୂତ୍ରରେ ଲେଖା ହୋଇଗଲା। ପାଖାପାଖି ଏହି ସମୟରେ ଶାସ୍ତ୍ର ସାହିତ୍ୟ ଯଥା ଧର୍ମଶାସ୍ତ୍ରଗୁଡ଼ିକ ଗଦ୍ୟ ଆକାରରେ ରଚନା କରାଯାଇଥିଲା।

ଖ୍ରୀଷ୍ଟାବ୍ଦ ୫୦୦ ପରେ, ଉଭୟ ବୈଦିକ ସ୍ତୋତ୍ର ଏବଂ ବୈଦିକ ମନ୍ତ୍ର ସେମାନଙ୍କର ଗୁରୁତ୍ୱ ହରାଇବା ସହ ବୈଦିକ ଦର୍ଶନର ଉତ୍‌ଥାନ ହୋଇଥିବା ଆମେ ଦେଖିବାକୁ ପାଉ। ଏହି ଦର୍ଶନ ଉପନିଷଦରେ ବର୍ଣ୍ଣନା କରାଯାଇଛି। ଦେଖିବାକୁ ଗଲେ ସମଗ୍ର ଭାରତରେ ବିଭିନ୍ନ ବୈଦିକ ଶିକ୍ଷାଧାରା ବା ବିଚାରଧାରା ଦେଖିବାକୁ ପାଉ। ପ୍ରତ୍ୟେକେ ସ୍ତୋତ୍ର ବା ମନ୍ତ୍ର ସଙ୍କଳିତ ଗ୍ରନ୍ଥ ଯଥା ଋଗ୍‌ବେଦ, ସାମବେଦ କିମ୍ବା ଯଜୁର୍ବେଦ ଉପରେ ଧ୍ୟାନ ଦେଇଥିଲେ। ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ଏକ ଗଦ୍ୟାତ୍ମକ ଗ୍ରନ୍ଥ ଏବଂ ଏକ ଦର୍ଶନ ବା ଉପନିଷଦ ଅଛି। କିନ୍ତୁ ଏବେ ଯେତେବେଳେ ଲୋକମାନେ ବେଦ ବିଷୟରେ ଚର୍ଚ୍ଚା କରନ୍ତି, ସେତେବେଳେ ସେମାନେ ବୈଦିକ ଦର୍ଶନ ବା ବେଦାନ୍ତ ବିଷୟରେ ହିଁ କହିଥାନ୍ତି। ଖ୍ରୀଷ୍ଟାବ୍ଦ ୫୦୦ ପରେ ଏସବୁ ଲୋକପ୍ରିୟ ହୋଇଥିଲା। ବିଶେଷକରି ଖ୍ରୀଷ୍ଟାବ୍ଦ ୮୦୦ ପରେ ଆଦି ଶଙ୍କରାଚାର୍ଯ୍ୟ ଏବଂ ତାଙ୍କୁ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଏହାକୁ ଅଧିକ ପ୍ରଚାରପ୍ରସାର କରାଯାଇଥିଲା। ବୈଦିକ ଦର୍ଶନରେ ରୀତିନୀତି ବା କର୍ମକାଣ୍ଡବାଦକୁ କମ୍ ଗୁରୁତ୍ୱ ଦିଆଯାଇ ଆତ୍ମା ଓ ମନୁଷ୍ୟ ଶରୀର ତଥା ଆମ ଚାରିପାଖରେ ଥିବା ବିଶ୍ୱ ସହିତ ଏହାର ସମ୍ପର୍କ ଭଳି ଦାର୍ଶନିକ ଚିନ୍ତାଧାରାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଏଗୁଡ଼ିକ ହେଉଛି ମୋକ୍ଷ ବା ମୁକ୍ତିର ଧାରଣା। ରୀତିନୀତି ସିଦ୍ଧାନ୍ତ କିମ୍ବା ମୀମାଂସା ବା ବୈଦିକ ବିଚାରଧାରା ଶେଷରେ ମନ୍ଦିର ପରମ୍ପରା ସହ ଲୀନ ହୋଇଗଲେ। ଏପରିକି ଏବେ ମଧ୍ୟ ଯେତେବେଳେ ଲୋକେ ବେଦ କଥା କୁହନ୍ତି, ସେମାନେ ପ୍ରକୃତରେ ବୈଦିକ ଦର୍ଶନକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅନ୍ୟପକ୍ଷରେ ବୈଦିକ ମନ୍ତ୍ର , ବୈଦିକ ସ୍ତୋତ୍ର ଏବଂ ବୈଦିକ ରୀତିନୀତି ଉପରେ ଖୁବ୍ କମ୍ ଆଲୋଚନା କରିଥାନ୍ତି।

-devduttofficial@gmail.com

# ସନ୍ତାନର ପ୍ରଥମ ଶିକ୍ଷକ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ପରିବାରରେ ମାଆର ଅନେକ ଦାୟିତ୍ୱ। ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି। କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଆଖିପତା ପରି ଜଗି ରହିଥାଏ। ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ। ତା' ସହ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ। ପିଲାଟି ତା'ର ପରିବେଶରୁ ବେଶ୍ ଜଲ୍‌ଦି ସବୁ କିଛି ଶିଖିବାକୁ ଆରମ୍ଭକରେ। ଏ ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମାଆ ସ୍ଲେଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ। ଫଳରେ ପିଲାଟି ବିଦ୍ୟା ଲାଭକରିବା ପୂର୍ବରୁ ଆଧ୍ୟାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭକରେ। ମାଆ ଉଚ୍ଚ ତଥା ସୁଶିକ୍ଷିତା ହେବା ଆବଶ୍ୟକ। ଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତକରି ଗଢ଼ି ତୋଳିପାରିବ। ମା' ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ। ତେଣୁ ମାଆ ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ।

ମାଆ କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ। ମାଆ ତା' ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଙ୍ଗୀତ ଶିଖାଏ, ଆଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା' ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷା ଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟାକରେ। ଗୁରୁ ଗୁରୁଜନ ତଥା ଭଗବାନ୍‌ଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେକଣ ଉପଦେଶ ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତକରି ଗଢ଼ି ତୋଳିବାକୁ ପ୍ରୟାସକରେ। ଜଣେ ସମର୍ପିତା ମାଆ ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ। କେବଳ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ତା'ର ଲକ୍ଷ୍ୟ ହୋଇଥାଏ। କାରଣ ପିଲାଟି ଉପଯୁକ୍ତ ହେଲେ ତା' ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ। ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ। ତେଣୁ ଜଣେ ଉପଯୁକ୍ତ ମାଆ କେବଳ ପରିବାରର ନୁହେଁ ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି।

ମାଆମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି। ଆଦିକବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ - 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନଭବତି।' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ ମାତ୍ର ମାଆ କଦାପି ମନ୍ଦ ହୋଇପାରନ୍ତି ନାହିଁ। କାରଣ ମାଆ ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନପାଳନ ତଥା ସେବାଯତ୍ନ କରେ। ସେ ଚାହେଁ ତା'ର ସନ୍ତାନ ବୁଦ୍ଧିମାନ୍, ବିଦ୍ୱାନ, ଶାନ୍ତ ସରଳ ଓ ଈଶ୍ୱର ବିଶ୍ୱାସୀ ହେଉ। ସମାଜରେ ତା'ର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ। ସେଥିପାଇଁ ସେ ପିଲାଟି ପ୍ରତି ପ୍ରଥମରୁ ଯତ୍ନବାନ୍ ହୁଏ। ଗୁରୁଜନଙ୍କୁ କିପରି ଭକ୍ତି କରିବାକୁ ହୁଏ ଏବଂ ଭବିଷ୍ୟତରେ କିପରି ଉତ୍ତମ ମଣିଷଟିଏ ହେବ ସେଥିପାଇଁ ଭଗବାନ୍‌ଙ୍କ ପାଖରେ ସଦାସର୍ବଦା ଗୁହାରି କରୁଥାଏ। ତେଣୁ ମାଆଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ? ଏଇଠି ଆମେ କେତେଜଣ ଆଦର୍ଶ ମାତାଙ୍କର ଉଦାହରଣ ଦେଇପାରିବା। ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ। ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ ଓ ଶକ୍ତିଶାଳୀ ହୋଇପାରିଥିଲେ। ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ। ପୁତୁଲିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇପାରିଥିଲେ। ଏହିପରି ଅନେକ ଆଦର୍ଶ ମାତାଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି। ପୂର୍ବରୁ ମାଆମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନାକରି ପଢ଼ି ବସିବାକୁ ଶିଖାଉଥିଲେ। ଆଜିକାଲି ଅଧିକାଂଶ ମାତା ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ୍ୟ କରୁଛନ୍ତି କିମ୍ବା ଟିଉଶନ ପଠାଇଦେଇ ନିଶ୍ଚିନ୍ତରେ ରହୁଛନ୍ତି। ଏହାଦ୍ୱାରା ମାଆମାନେ ପିଲାମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକକୀଟରେ ପରିଣତ କରୁଛନ୍ତି। ସେମାନେ ଜାଣିରଖିବା ଉଚିତ ଯେ ପିଲାମାନଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ନିଜେ ହିଁ ଦାୟୀ। ଦେଶର ଉତ୍ତର ପୁରୁଷର ବଂଶଧରଗଣ ଆଜିର ମାତୃଜାତି ଦ୍ୱାରା ଗଠିତ ହେବେ। ଅନ୍ତତଃ ଆଗାମୀ କାଳର ବଂଶଧରମାନଙ୍କୁ ରକ୍ଷାକରିବା ନିମନ୍ତେ ଆଜିର ମାଆ ମାନଙ୍କୁ ସାବଧାନ ହେବାକୁ ପଡ଼ିବ। ମନେରଖିବା ଉଚିତ ମାତା ହିଁ ଦିବ୍ୟଜନନୀଙ୍କ ମୂର୍ତ୍ତିମନ୍ତ ପ୍ରତୀକ ଓ ତା' ସନ୍ତାନର ପ୍ରଥମ ଶିକ୍ଷକ।

ଅବସରପ୍ରାପ୍ତ ରିଡର, ଶୈଳବାଳା ମହାବିଦ୍ୟାଳୟ
ମୋ: ୯୮୬୧୩୫୫୬୨୮

## ଏଇ ଭାରତରେ

ପ୍ରଦୂଷଣ ହ୍ରାସ କରିବା ପାଇଁ ବୈଦ୍ୟୁତିକ ଯାନ (ଇଭି)ର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଏଥିପାଇଁ ଭିତ୍ତିଭୂମି ବିଶେଷକରି ଚାର୍ଜରର ଉପଲବ୍ଧତାରେ ଅଭାବ ଦେଖାଯାଇଛି। ତେବେ ଏଭଳି ସମସ୍ୟା ଦୂର କରିବାରେ ଏବେ ଚେନ୍ନାଇସ୍ଥିତ ପ୍ଲଗମାର୍ଟ ଷ୍ଟାର୍ଟଅପ୍ ଦ୍ୱାରା ନିର୍ମିତ ଫାଷ୍ଟ ଇଭି ଚାର୍ଜର ସହାୟକ ହୋଇପାରିବ। ଏହା କେବଳ ୪ ଚକିଆ ଯାନ ପାଇଁ ନିର୍ମାଣ କରାଯାଇଛି। ଏହି ୬୦ କିଲୋୱାଟ୍ ଡିସି ଚାର୍ଜରରେ ୩୦ରୁ ୮୦ ମିନିଟ ମଧ୍ୟରେ କାର ଚାର୍ଜ ହୋଇପାରୁଛି। ଏହା ଅଟୋମେଟିଭ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ)ର ସ୍ୱୀକୃତି ଲାଭ କରିଛି। ଫଳରେ ଏହା ସୁରକ୍ଷା ଓ କାର୍ଯ୍ୟକ୍ଷମତା ମାନକ ସମ୍ପନ୍ନ ଭାବେ ପୂରଣ କରିପାରିଛି। ପ୍ଲଗମାର୍ଟ ଷ୍ଟାର୍ଟଅପର ପ୍ରତିଷ୍ଠାତା ଓ ସିଇଓ ହେଉଛନ୍ତି ବିବେକ ଶ୍ୟାମନାଥନ ଏବଂ ସହ ପ୍ରତିଷ୍ଠାତା ରହିଛନ୍ତି ରାଘବେନ୍ଦ୍ର ରବିଚନ୍ଦ୍ରନ। ତେବେ ଚାଇନାରୁ ଆମଦାନୀ କରାଯାଉଥିବା ଇଭି ଚାର୍ଜର ତୁଳନାରେ ଏହା ଶସ୍ତା ଏବଂ ଖୁବ୍‌ଶୀଘ୍ର ଚାର୍ଜ ହୋଇପାରୁଛି। ଏଥିରେ ଥିବା ଇଣ୍ଟର୍ନାଲ ରେକ୍ଟିଫାୟର ଏସି ପାୱାରକୁ ଡିସି ପାୱାରରେ ପରିବର୍ତ୍ତନ କରି ସିଧା ବ୍ୟାଟେରିକୁ ଯୋଗାଇ ଦେଉଛି। ଛୋଟ ବ୍ୟାଟେରି ୩୦ ମିନିଟରେ ୭୫% ଚାର୍ଜ ହେଉଥିବାବେଳେ ବଡ଼ ବ୍ୟାଟେରି ୬୦-୮୦ ମିନିଟରେ ୮୦% ଚାର୍ଜ ହୋଇପାରୁଛି। ଏହାର ଦାମ୍ ୮ରୁ ୯ ଲକ୍ଷ ଟଙ୍କା ରହିଛି। ବିଶେଷକରି ସାର୍ବଜନୀନ ପରିବହନ କ୍ଷେତ୍ରରେ ଥିବା ବହୁ କମ୍ପାନୀ ଏହାକୁ କିଣିବା ଲାଗି ଅର୍ଡର ଦେଇଥିବା କୁହନ୍ତି ବିବେକ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୭୫

- ରାଜ୍ୟରେ ମଧ୍ୟବିତ୍ତ ଓ ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀଙ୍କୁ ଗୃହ ଯୋଗାଣ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।
- କଚ୍ଛ ଉପକୂଳବର୍ତ୍ତୀ ସମୁଦ୍ର ମଧ୍ୟରୁ ଗୁଜରାଟ ସୀମାନ୍ତ ପୋଲିସ ୫ ଜଣ ପାକିସ୍ତାନୀଙ୍କ ସମେତ ୧୭ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛନ୍ତି।
- ଲେବାନନର ତ୍ରିପୋଲି ଓ ଏହାର ଆଖପାଖବର୍ତ୍ତୀ ଇଲାକାରେ ପରସ୍ପର ବିରୋଧୀ ରାଜନୈତିକ ଦଳ ମଧ୍ୟରେ ଘଟିଥିବା ସଂଘର୍ଷରେ ୩୫୦ ଜଣ ବ୍ୟକ୍ତି ନିହତ।

# ଅନୁପ୍ରବେଶ, ଡାର୍କ ଟୁରିଜମ୍



ବୈକୁଣ୍ଠନାଥ ମିଶ୍ର

ପର୍ଯ୍ୟଟନର ଅର୍ଥ କୌଣସି ସ୍ଥାନ ଭ୍ରମଣ କରିବା ଓ ସେ ସ୍ଥାନର ଭୌଗୋଳିକ ତଥା ପ୍ରାକୃତିକ ଦୃଶ୍ୟରାଜି ଉପଭୋଗ କରିବା। ପର୍ଯ୍ୟଟନ ସାଧାରଣତଃ ତିନିପ୍ରକାରର ଯଥା ସ୍ଥାନୀୟ, ଦେଶୀୟ ଓ ଆନ୍ତର୍ଜାତିକ। ପର୍ଯ୍ୟଟନ ଅବଧି ସ୍ୱଳ୍ପକାଳ କିମ୍ବା ଦୀର୍ଘ ପରିବ୍ୟାପ୍ତ ହୋଇପାରେ। ପୂର୍ବେ ଜଳଯାତ୍ରା ଥିଲା ବିଦେଶ ଭ୍ରମଣର ଉପଯୁକ୍ତ ମାଧ୍ୟମ। ସେ ଯୁଗରେ ଜାହାଜରେ ଜଳଯାତ୍ରା କଲେ ଧର୍ମନଷ୍ଟ ହେବାର ଭୟ ହିନ୍ଦୁମାନଙ୍କ ମନରେ ଥିଲା। ତଥାପି ଅନନ୍ୟୋପାୟ ହୋଇ ଜଳଯାତ୍ରା କରିବାକୁ ହେଉଥିଲା। ଗାନ୍ଧିଜୀଙ୍କର ଜଳଯାତ୍ରାରେ ବିଦେଶ ଗମନ କିପରି ପ୍ରତିବନ୍ଧକ ସୃଷ୍ଟି କରିଥିଲା, ତାହା ସେ ତାଙ୍କ ଆତ୍ମଜୀବନୀ 'ମାଇଁ ଏକ୍ସପେରିମେଣ୍ଟସ୍ ଉଇଥ୍ ଦି ଟ୍ରୁଥ୍'ରେ ବର୍ଣ୍ଣନା କରିଛନ୍ତି। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆମ ଦେଶକୁ ଆସନ୍ତି ଓ ଶହଶହ ଭାରତୀୟ ବିଦେଶ ଯାତ୍ରା କରୁଛନ୍ତି। ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥିତି ବେଶ୍ ସୁଦୃଢ଼। ୨୦୧୪-୧୫ ସୁଦ୍ଧା ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୭୬ ଲକ୍ଷରୁ ଅଧିକ, ଯାହା ୨୦୨୩ରେ ଏକ କୋଟିରେ ପହଞ୍ଚିଛି। ସେହିପରି ୨୦୧୪-୧୫ରେ ଓଡ଼ିଶାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୬୭ ହଜାର ଥିବା ବେଳେ ୨୦୨୩ରେ ଏହା ପାଖାପାଖି ଏକ ଲକ୍ଷ ରହିଛି।

ଅପରପକ୍ଷେ ବିନାନୁମତିରେ କୌଣସି ଦେଶରେ ବିଦେଶୀଟିଏ ପ୍ରବେଶ କଲେ ତାକୁ ଅନୁପ୍ରବେଶ ରୂପେ ବିବେଚନା କରାଯାଏ। ୧୯୭୫ରେ କେତେକ ଥାଇଲାଣ୍ଡ ଧୀବର ଭାରତର ସମୁଦ୍ରସୀମା ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କୁ ଧରାଯାଇ ଜଗତ୍‌ସିଂହପୁର ଅଦାଲତରେ ବିଚାର କରାଯାଇ ଆଳିପିଙ୍ଗଳ ଜେଲରେ ରଖାଗଲା। କିଛିବର୍ଷ ପରେ ସେମାନଙ୍କୁ ମୁକ୍ତି ମିଳିଲା ସତ ; କିନ୍ତୁ ସେ ଦେଶର ସରକାର ସେମାନଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ସେମାନେ ସ୍ଥାନୀୟ ଅଞ୍ଚଳରେ ମୂଲ ମଜୁରି ଖଟି ଜୀବିକା ନିର୍ବାହ କଲେ। ସେମାନେ ସ୍ଥାନୀୟ ଅଧିବାସୀଙ୍କ ସହିତ ବନ୍ଧୁଭାବେ ଚଳିଲେ। ଏବେ ସେମାନଙ୍କ ମଧ୍ୟରୁ ବୋଧହୁଏ କେହି ଜୀବିତ ନାହାନ୍ତି। ୨୦୦୭ରେ ଖୋକନ ଶେଖ୍ ନାମକ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀ ପାରାଦୀପ ପୋଲିସ ଦ୍ୱାରା ଗିରଫ ହୋଇ କୁଜଙ୍ଗ ପ୍ରଥମ ଶ୍ରେଣୀ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲା ଓ ତିନିବର୍ଷ ଜେଲଦଣ୍ଡ ଓ ତିନିହଜାର ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିଲା। ସଂପ୍ରତି ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅସହ୍ୟ ଅତ୍ୟାଚାରରେ ଅତିଷ୍ଠ ହୋଇ ସେମାନେ ବାସଚ୍ୟୁତ ଭାବେ ଜଳପଥରେ ଓଡ଼ିଶା ମଧ୍ୟକୁ ପ୍ରବେଶ ପାଇଁ ଉଦ୍ୟମରତ। ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶାର ତଟବର୍ତ୍ତୀ ଛଅ ଗୋଟି ସାମୁଦ୍ରିକ ଥାନା ଓ ସୀମାସୁରକ୍ଷା ବାହିନୀର ମିଳିତ ଉଦ୍ୟମ ଜାରି ରହିଛି। ଅନୁପ୍ରବେଶ ଆଜି ନୂଆ ନୁହେଁ। ପୂର୍ବରୁ ବିଭିନ୍ନ ସମୟରେ ବାଂଲା ଶରଣାର୍ଥୀମାନେ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳ ଅଞ୍ଚଳରେ ପ୍ରବେଶ କରି ସେଠାରେ ସ୍ଥାୟୀ ବସତି ସ୍ଥାପନ କରୁଛନ୍ତି। ସେମାନଙ୍କୁ ମିଳିଛି ସିନା ଅହେତୁକ ରାଜନୈତିକ ସମର୍ଥନ ; କିନ୍ତୁ ସେମାନଙ୍କ ଆଧିପତ୍ୟକୁ ମୂଳ ଅଧିବାସୀମାନେ ସହ୍ୟ କରିପାରୁନାହାନ୍ତି। ବିଦେଶୀଙ୍କ ଅନୁପ୍ରବେଶ ଦ୍ୱାରା ମୂଳଭୂଖଣ୍ଡର ସମସ୍ୟା ଗୁରୁତର ହୋଇଥାଏ।



ଶେଷରେ ଡାର୍କ ଟୁରିଜମ୍ ଆଲୋଚନା ସାପେକ୍ଷ। ଡାର୍କ ଟ୍ୟୁରିଜମ ଅର୍ଥ କୌଣସି ନିଷିଦ୍ଧାଞ୍ଚଳ ଓ ଦୁଃଖଦ ଘଟଣା ଘଟିଥିବା ସ୍ଥଳକୁ ଅନେକ ଉପଭୋଗ ପାଇଁ ଭ୍ରମଣ କରିବା। ନିକଟରେ କେରଳ ୱାୟନାଡ ଅଞ୍ଚଳରେ ବିଭୀଷିକା ପରେ ସେ ଅଞ୍ଚଳକୁ ବହୁସଂଖ୍ୟାରେ ପର୍ଯ୍ୟଟକ ଯାଇ ସେଠାରେ ଗହଳି ସୃଷ୍ଟି କଲେ। ପ୍ରଶାସନର ବାରଣ ସତ୍ତ୍ୱେ ସେମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଲା। ଭୂସ୍ଖଳନଜନିତ ଦୁର୍ବିପାକର ଏତେଦିନ ପରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ ଲାଗିରହିଛି। ଭୂସ୍ଖଳନ ପରେ ଯେତେବେଳେ ୪୦ଟି ଉଦ୍ଧାରକାରୀ ଦଳ ତାଙ୍କ ଉଦ୍ୟମ ଜାରି ରଖିଥିଲେ, ସେହି ସମୟରେ ବିଭିନ୍ନ ବର୍ଗର ପର୍ଯ୍ୟଟକ ସେ ଦୃଶ୍ୟର ଆନନ୍ଦ ଉପଭୋଗ କରୁଥିଲେ। ମନେହେଉଥିଲା ସତେ ଯେପରି ବିଭୀଷିକାର ଗାମ୍ଭୀରତା ଓ କାରୁଣ୍ୟ ପରିସ୍ଥିତିକୁ ନେଇ ସେମାନେ ଆଦୌ ଚିନ୍ତିତ ନ ଥିଲେ। ଏକ ପକ୍ଷରେ ଜନଗହଳି ଉଦ୍ଧାର କାର୍ଯ୍ୟରେ ବାଧାସୃଷ୍ଟି କରୁଥିଲା ଓ ଅପରପକ୍ଷେ ବିପଦର ସମ୍ଭାବନା ମଧ୍ୟ ଟଳି ନ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କ୍ଷୟକ୍ଷତି ଓ ଅସହାୟଙ୍କର ଅସହାୟତାକୁ ଉପଭୋଗ କରିବା ପାଇଁ ସାଧାରଣରେ ଭିଡ଼ ସୃଷ୍ଟି ହୋଇଥିଲା। ସେହିପରି ୧୯୯୯ ମହାବାତ୍ୟାରେ ଓଡ଼ିଶାର ଜଗତ୍‌ସିଂହପୁର ଜିଲାର ଉପକୂଳ ଅଞ୍ଚଳରେ ପ୍ରାୟ ୧୦ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ଅକଳନୀୟ ଧନଜୀବନ ସମୁଦ୍ରର ଉଗ୍ର ତରଙ୍ଗରେ ଲୀନ ହୋଇଥିଲା। ସରକାରୀ ଓ ବେସରକାରୀ ସାହାଯ୍ୟକାରୀଙ୍କଠାରୁ ଦେଖଣାହାରୀଙ୍କ ସଂଖ୍ୟା ଢେର ଅଧିକ ଥିଲା। ବନ୍ୟା ସମୟରେ ଉଦ୍ଧାରକାରୀଙ୍କଠାରୁ ଦର୍ଶକଙ୍କ ସଂଖ୍ୟା ବହୁଗୁଣରେ ଅଧିକ। କୌଣସି ସ୍ଥାନରେ ରେଳଦୁର୍ଘଟଣା କିମ୍ବା ସଡ଼କ ଦୁର୍ଘଟଣା ଘଟିଲେ ଉଦ୍ଧାରକାରୀ ଯେତିକି ନୁହନ୍ତି, ଦେଖଣାହାରୀ ତାଙ୍କଠାରୁ ଯଥେଷ୍ଟ ଅଧିକ। କିଛି ଦୁରାତ୍ମା ତ ଧନ ସମ୍ପଦ ଆହରଣରେ ବ୍ୟସ୍ତ ରହନ୍ତି। ଖାଦ୍ୟ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହେଲେ ସ୍ଥାନୀୟ ଜନସାଧାରଣ ଭିଡ଼ ସୃଷ୍ଟି କରନ୍ତି ଓ କେତେକ ମଧ୍ୟ ଖାଦ୍ୟସାମଗ୍ରୀ ବୋହି ନିଅନ୍ତି। ବସ୍ ଦୁର୍ଘଟଣାରେ ମଧ୍ୟ ସାହାଯ୍ୟକାରୀଙ୍କ ଅପେକ୍ଷା ଭ୍ରମଣକାରୀଙ୍କ ସଂଖ୍ୟା ଅଧିକ। ବାହାନଗା ରେଳ ଦୁର୍ଘଟଣା, ଯାହା ସମଗ୍ର ଭାରତବର୍ଷର ଛାତି ଥରାଇ ଦେଇଥିଲା ସେଥିରେ ଉଦ୍ଧାରକାରୀ ଦଳ ସହ ସ୍ଥାନୀୟ ଯୁବକ ସାହାଯ୍ୟର ହାତବଢ଼ାଇଥିଲେ ; ଯାହା ଅତ୍ୟନ୍ତ ପ୍ରଶଂସନୀୟ। କିନ୍ତୁ ସେ ସ୍ଥାନର ଦୃଶ୍ୟ ଉପଭୋଗ ପାଇଁ ଦୂରଦୂରାନ୍ତରୁ ବହୁଲୋକ ଆସି ଭିଡ଼ କରୁଥିଲେ ଦୁର୍ଘଟଣା ସ୍ଥଳରେ। ଡାର୍କ ଟୁରିଷ୍ଟମାନେ ଫଟୋ ଉଠାଇବା କିମ୍ବା ସେଲ୍‌ଫି ନେବା ଅତ୍ୟନ୍ତ ଅଶୋଭନୀୟ। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟକରିବା ପରିବର୍ତ୍ତେ ସେ ଦୃଶ୍ୟ ଅବଲୋକନ କରି ମଜା ନେବାକୁ ଲୋକେ ପଛଘୁଞ୍ଚା ଦିଅନ୍ତି ନାହିଁ। ୧୯୮୨ ବାନ୍ୟା ପରବର୍ତ୍ତୀ ଅବସ୍ଥାରେ ଲୋକେ ଯେତେବେଳେ ନଦୀବନ୍ଧ ଓ ଟାପୁ ଜାଗାରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିଲେ ସେତେବେଳେ ସେମାନଙ୍କୁ ଦେଖିବା ପାଇଁ ଯେଉଁ ଭିଡ ଜମୁଥିଲା, ତାହା ଅପରିକଳ୍ପନୀୟ। ଏହିସବୁ ନିଷିଦ୍ଧାଞ୍ଚଳକୁ ଯାତ୍ରାକରି ସେ ସ୍ଥାନର ଦୟନୀୟ ସ୍ଥିତିକୁ ଉପଭୋଗ କରିବାର ଅନ୍ୟନାମ ଡାର୍କ ଟୁରିଜମ୍। ଇଂଲିଶରେ ଗୋଟିଏ ପ୍ରବାଦ ଅଛି - 'ଟୁରିଜମ ଇଜ୍ ଗୁଡ୍, ବଟ୍ ଡାର୍କ ଟୁରିଜମ୍ ଇଜ୍ ନାଇଦର ପର୍‌ମିଶିବଲ୍ ନର ଆକ୍‌ସେପ୍ଟେବଲ।' ଡାର୍କ ଟୁରିଜମ୍‌କୁ ଯେତେ ଅଗ୍ରାହ୍ୟ କରିବା ମାନବିକତା ଦୃଷ୍ଟିରୁ ସେତେ ଭଲ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 6 | |
| 4 | | 5 | | | | | | 8 |
| 3 | | | | 9 | | | | |
| 6 | | | | | | | | |
| 7 | | 1 | | 5 | 3 | | | 6 |
| | | | 2 | | | 1 | 9 | 3 |
| 1 | | | | 6 | | | 4 | |
| | | | | | | 9 | 3 | |
| | | | 4 | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 9 | 8 | 5 | 7 | 6 | 3 |
| 8 | 7 | 9 | 2 | 6 | 3 | 5 | 4 | 1 |
| 6 | 5 | 3 | 4 | 7 | 1 | 2 | 8 | 9 |
| 5 | 4 | 7 | 6 | 1 | 9 | 3 | 2 | 8 |
| 3 | 9 | 1 | 8 | 2 | 7 | 4 | 5 | 6 |
| 2 | 8 | 6 | 3 | 5 | 4 | 1 | 9 | 7 |
| 9 | 3 | 5 | 7 | 4 | 8 | 6 | 1 | 2 |
| 7 | 1 | 2 | 5 | 9 | 6 | 8 | 3 | 4 |
| 4 | 6 | 8 | 1 | 3 | 2 | 9 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଦୃଶ୍ୟ ଅପରାଧୀ

ମହାଶୟ,

ଡିଜିଟାଲ ଯୁଗରେ ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ଓ ଇଣ୍ଟରନେଟ୍ ବହୁଳ ବ୍ୟବହାର ହେଉଛି। ଏହାର ସୁଯୋଗ ନେଉଛନ୍ତି ସାଇବର ଠକ। ଏମାନେ ଏକପ୍ରକାର ଅଦୃଶ୍ୟ ଅପରାଧୀ। ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପରେ ମଧ୍ୟ ସାଇବର ଠକେଇ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସାଇବର ଠକମାନେ ବିଭିନ୍ନ ପ୍ରକାରର ଲୋଭ ଦେଖାଇ କିମ୍ବା ଭୟଭୀତ କରି ଲୋକଙ୍କୁ ଠକୁଛନ୍ତି। ସାମାନ୍ୟ ଅସାବଧାନତା ଯୋଗୁ ଏପରି ଘଟୁଛି। ଯେତେବେଳେ କୌଣସି ଅପରିଚିତ ବ୍ୟକ୍ତି ଫୋନ୍ କରି କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଆକାଉଣ୍ଟ ସମ୍ପର୍କରେ ପଚାରୁଛି ସେ ସମୟରେ ଜଣେ ସତର୍କ ହେବା ଉଚିତ। କାରଣ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ତଥ୍ୟ ଦେବା ଅନୁଚିତ। ସେମାନେ ଫୋନ୍ କରି ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମାଗି ଆକାଉଣ୍ଟ ଠିକ୍ କରିବା ପାଇଁ କହି ଫସାଉଛନ୍ତି । ନ ଦେଲେ ଆକାଉଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ କହି ଡରାଉଛନ୍ତି । ଏମିତି କି ଫୋନ୍‌କୁ ଓଟିପି କିମ୍ବା ଲିଙ୍କ୍ ପଠାଉଛନ୍ତି, ଆଉ ଏହାକୁ କ୍ଲିକ୍ କରିବା ମାତ୍ରେ ଠକମାନେ କିଛି ସମୟ ମଧ୍ୟରେ ଆକାଉଣ୍ଟ ଶୂନ୍ୟକରି ଦେଉଛନ୍ତି। ଅନ୍‌ଲାଇନରେ ପାର୍ଟଟାଇମ୍ ଜବ୍ କରିବାକୁ କହି ଠକି ନେଉଛନ୍ତି ଲକ୍ଷାଧିକ ଟଙ୍କା। ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଦେଉଛନ୍ତି ମେସେଜ୍। ତା'ପରେ ଗ୍ରୁପ୍‌ରେ ଆଡ୍ କରିଦେଉଛନ୍ତି ଲୋଭନୀୟ ଅଫର। ଯଦି ଏମିତି କଲ୍ ଆସୁଛି ଆଉ ଏସବୁ ବିଷୟରେ ଯଦି କିଏ ଆପଣଙ୍କୁ କହୁଛି ତା'ହେଲେ ତୁରନ୍ତ ନିକଟସ୍ଥ ଥାନାରେ ଏ ବାବଦରେ ସୂଚନା ଦିଅନ୍ତୁ କିମ୍ବା ସାଇବର ଥାନାକୁ ଯାଇ ଅଭିଯୋଗ କରନ୍ତୁ । ଆପଣ ଚାହିଁଲେ ସାଇବର ହେଲ୍ପଡେସ୍କର ସହାୟତା ବି ନେଇପାରିବେ। ତା'ଛଡ଼ା ଯଦି ଆପଣ ଏପରି କୌଣସି ସାଇବର ଠକଙ୍କ ସହ ଟଙ୍କା ଟ୍ରାଞ୍ଜାକ୍ସନ କରିଦେଇଛନ୍ତି, ତା'ହେଲେ ତୁରନ୍ତ ୧୯୩୦ ନମ୍ବରରେ କଲ୍ କରନ୍ତୁ, ଯାହାଦ୍ୱାରା ଟ୍ରାଞ୍ଜାକ୍ସନକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥାଏ। ଠକେଇ ହେବାର ଗୋଲ୍‌ଡେନ ପିରିଅଡ୍ ଅର୍ଥାତ୍ ପ୍ରଥମ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

-ରବି ନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ଧକାରେ
ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ ଉଠିଲା ଆହା ଫୁଟି!
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ନବୀନ

**ବିଜେଡି ଯୁବ କର୍ମକର୍ତ୍ତା ସାଙ୍ଗଠନିକ ସମ୍ମିଳନୀ**

ଭୁବନେଶ୍ୱର,୧୧।୯(ଅନିଲଦାସ)



ଶଙ୍ଖଭବନଠାରେ ବୁଧବାର ଆୟୋଜିତ ବିଜୁ ଯୁବ ଜନତା ଦଳର ସାଙ୍ଗଠନିକ ସମ୍ମିଳନୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତା ସାଙ୍ଗଠନିକ ସମ୍ମିଳନୀ ବୁଧବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଉଦ୍‌ଘାଟନ କରି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ବିଜେଡିକୁ ସାମାଜିକ ଆନ୍ଦୋଳନରେ ପରିଣତ କରିବାରେ ଯୁବଗୋଷ୍ଠୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ବିଗତ ୨୭ ବର୍ଷ ଧରି ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ରଖିଛି। ମିଛ ଖବରକୁ ପ୍ରତିହତ କରି ବିଜୁ ଯୁବ ଜନତା ଦଳର ପ୍ରତ୍ୟେକ ସଦସ୍ୟ ଓଡ଼ିଶାବାସୀଙ୍କୁ ସଚେତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଲାଗି ନବୀନ ସମସ୍ତ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ତୃଣମୂଳ ସ୍ତରରୁ ବିଜୁ ଯୁବ ଜନତା ଦଳର ପ୍ରତ୍ୟେକ କର୍ମକର୍ତ୍ତା ସଂଗଠିତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ କହିଥିଲେ, କେନ୍ଦ୍ର ଏବଂ ରାଜ୍ୟ ସରକାର ଯୁବକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ ତାହା ପ୍ରତାରଣାରେ ପରିଣତ ହୋଇଛି। ଏଥିରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ବିଧାୟକ ଅରୁଣ କୁମାର ସାହୁ, କଳିକେଶ ସିଂଦେଓ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସାଂସଦ ଶ୍ରୀ ସୁବାଶିଷ ଖୁଣ୍ଟିଆ, ନବନିର୍ବାଚିତ ବିଧାୟକ ସୁନୀଲ ମହାନ୍ତି ଓ ରୁପେଶ ପାଣିଗ୍ରାହୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜେଡି ଛାଡିଲେ କଳାହାଣ୍ଡିର ୨ କର୍ମକର୍ତ୍ତା

ଭବାନୀପାଟଣା/ କର୍ଲାମୁଣ୍ଡା,୧୧।୯(ଉତ୍ତମ କୁମାର ଦାଶ/ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲାର ୨ କର୍ମକର୍ତ୍ତା ବୁଧବାର ବିଜେଡି ଛାଡିଛନ୍ତି। ସେମାନେ ହେଲେ ଯୁବ ବିଜେଡ଼ି ସମ୍ପାଦକ ନନ୍ଦି କିଶୋର ଭୋଇ ଓ ବିଜୁ ଯୁବ ଜନତା ଦଳର ଜିଲା ଉପସଭାପତି ଚିନ୍ମୟ ମିଶ୍ର। ନନ୍ଦି କିଶୋର ହେଉଛନ୍ତି କର୍ଲାମୁଣ୍ଡା ବ୍ଲକ କନ୍ଧ ସମାଜର ବ୍ଲକ ସଭାପତି। ସେ ଦୀର୍ଘଦିନ ଧରି ବିଜେଡି ସଂଗଠନକୁ ମଜଭୁତ କରିବା ନେଇ ଉଦ୍ୟମ ଜାରି ରଖିଥିଲେ। ଦଳ ତାଙ୍କୁ ଅଣଦେଖା କରୁଥିବାରୁ ପଦ ଛାଡ଼ିବାକୁ ବାଧ୍ୟ ହୋଇଥିବା ନନ୍ଦି କହିଛନ୍ତି। ସେହିପରି ଚିନ୍ମୟ ଦଳ ତାଙ୍କୁ ଅଣଦେଖା କରୁଥିବାରୁ ସେ ବିଜେଡି ଛାଡିଥିବା କହିଛନ୍ତି।ଉଭୟ କର୍ମକର୍ତ୍ତା ସେମାନଙ୍କ ଇସ୍ତଫାପତ୍ର ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଆଦିତ୍ୟ ନନ୍ଦଙ୍କୁ ପଠାଇ ଦେଇଛନ୍ତି।

## ଭାଜପା ନେତ୍ରୀ ବଦନାମ କରୁଛନ୍ତି: ରୂପେଶ

**ସ୍ମିତାରାଣୀ ମୃତ୍ୟୁ ମାମଲା**

କାଏମା,୧୧।୯(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ପଞ୍ଚାୟତର ପୂର୍ବତନ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ଆଲୋଚନା ଜୋର୍ ଧରିଛି। ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ରୂପେଶ ଭଦ୍ରଙ୍କ ପରିବାରକୁ ବଦନାମ କରୁଥିବା ଅଭିଯୋଗ କରିଛନ୍ତି ରୂପେଶ ଓ ତାଙ୍କ ସ୍ତ୍ରୀ। ରୂପେଶଙ୍କ ସ୍ତ୍ରୀ ତଥା ହରିଦାସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସ୍ମିତା ଭଦ୍ର ବୁଧବାର ହରିଦାସପୁର ସ୍ଥିତ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଭାଜପା ନେତ୍ରୀ ସ୍ମୃତିରେଖାଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସ୍ମୃତିରେଖା ଗତ ନିର୍ବାଚନ ପୂର୍ବରୁ ତାଙ୍କ ସ୍ୱାମୀ ରୂପେଶଙ୍କୁ ୫୦ ଲକ୍ଷ ଟଙ୍କା ମାଗିଥିଲେ। ଭୁବନେଶ୍ୱରରେ ଭେଟିବା ପାଇଁ ମଧ୍ୟ କହିଥିଲେ। ଯାହାର ପ୍ରମାଣ ତାଙ୍କ ମୋବାଇଲରେ ରହିଛି। ସେହିପରି ରାମ୍‌କୋ ସିମେଣ୍ଟରେ ତାଙ୍କର କେବଳ ୨୦ଜଣ ଶ୍ରମିକ ନିୟୋଜିତ ଅଛନ୍ତି। ଆଉ କୌଣସି ସମ୍ପର୍କ ପ୍ଲାଣ୍ଟ ସହିତ ନାହିଁ। କିନ୍ତୁ ସ୍ମୃତିରେଖାଙ୍କ ପାଇଁ ଗଣମାଧ୍ୟମରେ ରୂପେଶଙ୍କ ସମ୍ପର୍କରେ ମିଥ୍ୟା ଖବର ପ୍ରକାଶ ପାଉଛି। ଫଳରେ ତାଙ୍କ ପରିବାରର ମାନହାନି ଘଟୁଛି ଓ ପିଲାଛୁଆ ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ତୁରନ୍ତ ଏ ନାଟକ ବାଜିବନ୍ଦ କରନ୍ତୁ। ନଚେତ୍ ତାଙ୍କ ପରିବାରର କୌଣସି କ୍ଷତିଘଟିଲେ ସ୍ମୃତିରେଖା ଦାୟୀ ହେବେ ବୋଲି ମଧୁସ୍ମିତା ଚେତାବନୀ ଦେଇଛନ୍ତି। ସେହିପରି ଏହି ଘଟଣା ଅଦାଲତରେ ବିଚାରାଧୀନ ଥିବା ରୂପେଶ କହିଛନ୍ତି ଏବଂ ତାଙ୍କ ନାମରେ ସ୍ମୃତିରେଖା ଓ ତାଙ୍କ ସହଯୋଗୀ ଖବରଦାତା ସମ୍ମିଳନୀ କରିବା ନେଇ ସେ ସ୍ମୃତିରେଖାଙ୍କ ସମେତ ରାକେଶ ନାୟକ, ମାନସ ନାୟକ ଓ ହିମାଂଶୁ ମହାପାତ୍ରଙ୍କ ନାଁରେ ତାଙ୍କ ଓକିଲଙ୍କ ଜରିଆରେ ନୋଟିସ ଦେଇଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମଧୁସ୍ମିତାଙ୍କ ଅଭିଯୋଗକୁ ସ୍ମୃତିରେଖା ଖଣ୍ଡନ କରିବା ସହ ଏହା ମିଥ୍ୟା ବୋଲି କହିଛନ୍ତି।

**ପାରାଦୀପ ନିର୍ବାଚନ ମଣ୍ଡଳୀ**

# ବିଜେଡିରେ ବଢୁଛି କନ୍ଦଳ



କୁଜଙ୍ଗଠାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସମ୍ବିତ୍ ରାଉତରାୟ, ବାପି ସର୍ଖେଲ ଓ ଅନ୍ୟ ନେତୃବୃନ୍ଦ।

## ବୈଠକରେ ବହୁ ଛାମୁଆ କର୍ମୀ ଅନୁପସ୍ଥିତ: ସମ୍ବିତ କହିଲେ ଏହା ଥିଲା ଅଣଆନୁଷ୍ଠାନିକ

କୁଜଙ୍ଗ,୧୧।୯(ମନୋଜ ପ୍ରଧାନ)

ସାଧାରଣ ନିର୍ବାଚନରେ ପରାଜୟ ପରେ ବିଜେଡି କୁଜଙ୍ଗ ବ୍ଲକରେ ଦିନକୁଦିନ ଦୁର୍ବଳ ହେଉଥିବା ଆଶଙ୍କା ନେତାଙ୍କୁ ଘାରିଛି। ବହୁ ସରପଞ୍ଚ ଓ ସମିତିସଭ୍ୟ ଭାଜପାକୁ ଯିବା ପରେ କେଉଁ ମୁହୂର୍ତ୍ତରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ଦଳ ହାତରୁ ଖସିଯିବା ଆଶଙ୍କା କରି ୩ ଓ ୪ ତାରିଖ ୨ଦିନ ଧରି କେତେଜଣ କର୍ମୀ କିଛି ସମିତି ସଭ୍ୟାସଭ୍ୟଙ୍କୁ ଧରି ପୁରୀ, କୋଣାର୍କ ବୁଲାଇବା ସାଙ୍ଗକୁ ଏକାଠି ରହିବାକୁ ଶପଥ ନେଇଥିଲେ। ସପ୍ତାହେ ପରେ ପୁଣି ବୁଧବାର କୁଜଙ୍ଗଠାରେ ବୈଠକକୁ ନେଇ ଦଳ ଭିତରେ ଭିନ୍ନ ମତ ପ୍ରକାଶ ପାଇଛି। ଏଥିରେ ଦଳର ପରାଜୟ ସମ୍ପର୍କରେ ସମୀକ୍ଷା ନ ହୋଇ କେବଳ ଅଧ୍ୟକ୍ଷା ପଦ ବଞ୍ଚାଇ ରଖିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ସଂଖ୍ୟାଧିକ ନିର୍ବାଚିତ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଓ ଛାମୁଆ କର୍ମୀଙ୍କ ଅନୁପସ୍ଥିତି ଭିନ୍ନ ବାର୍ତ୍ତା ଦେଇଛି।

ବୈଠକକୁ ନ ଯିବା ସମ୍ପର୍କରେ ଜିଲା ବିଜେଡି ଉପସଭାପତି ପୀତାମ୍ବର ତରାଇ କହିଛନ୍ତି, ଦଳ ଭିତରେ ଉପରକୁ କୋଳାକୋଳିର ଦୃଶ୍ୟ ଦେଖାଯାଉଥିଲେ ବି ଭିତରେ ଗୋଷ୍ଠୀକନ୍ଦଳ ଚରମ ସୀମାରେ ପହଞ୍ଚିଛି। ଦଳରେ ନେତୃତ୍ୱ ନେବା ପାଇଁ ଛକାପଞ୍ଝା ଖେଳ ଦଳକୁ ଦୁର୍ବଳ କରୁଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ବ୍ଲକ ସଭାପତି ନରେନ୍ଦ୍ର ପରିଡ଼ାଙ୍କୁ ପଚାରିବାରୁ ବୈଠକକୁ ଡକାଯାଇ ନ ଥିବାରୁ ଏଥିରୁ ଦୂରେଇ ରହିଲି। ଏ ନେତାମାନଙ୍କ ଉପରେ ଭରସା ପାଉନି। ଭୁଲ୍ ବାଟରେ ଦଳ ଚାଲିବାରୁ ପରାଜୟ ହେଲା। ତେଣୁ ଆଗକୁ କ'ଣ ହେଉଛି ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ପୂର୍ବତନ ସରପଞ୍ଚ ବିଜୟ ଖଟେଇ କହିଛନ୍ତି, ସ୍ୱାଭିମାନର ସହ ଦଳ ସହିତ ଅଛୁ। ନେତା କି ସଭାପତି ବୈଠକ ଡାକି ନ ଥିବାବେଳେ ଯିଏ ପାଇଲେ, ସିଏ ଡାକିଲେ ଯିବାର ପ୍ରଶ୍ନ ଉଠୁନି। ବୈଠକରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବାପି ସର୍ଖେଲ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ରାଉତରାୟଙ୍କୁ ପଚାରିବାରୁ ଏ ବୈଠକ ପ୍ରଫୁଲ୍ଲ ପରିଡ଼ା ଡାକିଥିଲେ। ଏଥିରେ ବ୍ଲକ ପ୍ରଶାସନ ଓ ପୋଲିସର ବେଆଇନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି। ଆଗକୁ କିପରି ମୁକାବିଲା କରାଯାଇ ସଙ୍ଗଠନକୁ ମଜଭୁତ କରାଯିବ ସେନେଇ ଆଲୋଚନା କରାଯାଇଛି। ଛାମୁଆ କର୍ମୀମାନଙ୍କ ଅନୁପସ୍ଥିତି ସମ୍ପର୍କରେ ସମ୍ବିତ କହିଥିଲେ, ଖୁବ୍ ଶୀଘ୍ର ଆନୁଷ୍ଠାନିକ ଭାବେ ଏକ ବୈଠକ ଡକାଯିବ। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ସୁଡଳ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ଫତେପୁର ସମିତି ସଭ୍ୟ ଅମିତା ସ୍ୱାଇଁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିତଙ୍କ ୨ ବୈଠକ ପରେ ଦମ୍ ଦେଖାଇଲେ ବସନ୍ତ

ପାରାଦୀପ,୧୧।୯(ଶରତ ରାଉତ)

ସାଧାରଣ ନିର୍ବାଚନର ୩ ମାସ ପରେ ମଧ୍ୟ ପାରାଦୀପ ବିଜେଡିର ଆରୋପ ପ୍ରତ୍ୟାରୋପ ଚର୍ଚ୍ଚା ଥମୁନାହିଁ। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ୨ଟି ବୈଠକ ପରେ ବୁଧବାର ସନ୍ଧ୍ୟାରେ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଦଳର ସାଙ୍ଗଠନିକ ବୈଠକ କରିଛନ୍ତି। ସ୍ଥାନୀୟ ମଧୁବନସ୍ଥ ଶ୍ରମିକ ଭବନରେ ନଗର ସଭାପତି ବସନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ଦଳର ରାଜ୍ୟ ସମ୍ପାଦକ ଇଂ. ପ୍ରମୋଦ କିଶୋର ଜେନାଙ୍କ ସମେତ ୧୧ କାଉନ୍‌ସିଲର, ଅନ୍ୟ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଧିକାଂଶ କର୍ମୀ ଦଳର ପରାଜୟ ସମ୍ପର୍କରେ ଆଲୋଚନା କରିଥିଲେ। ଭାଜପା ଶାସନର ତ୍ରୁଟି ଓ ପ୍ରଚାର ସର୍ବସ୍ୱ ବୋଲି କହିଥିଲେ। ୨୪ବର୍ଷ ଶାସନରେ ଅନେକ ବିକାଶ ଓଡ଼ିଶା କରିଛି। ସବୁ ପରେ ଆମେ କାହିଁକି ହାରିଲୁ ତାହା ସମୀକ୍ଷା କରିବା ବୋଲି ପୂର୍ବତନ ଏମ୍‌ପି ସାମଲ କହିଥିଲେ। କେତେଜଣ ଖଳ ଲୋକ ଦଳ ବିରୋଧରେ କାମ କରିଥିଲେ, ଯେଉଁଥିପାଇଁ ଏହା ସମଗ୍ର ପ୍ରଭାବ ଦଳ ଉପରେ ପଡିଥିଲା। ଦଳର ନେତା ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଅପେକ୍ଷା ନିଜ ଦଳର ଲୋକଙ୍କୁ ହଇରାଣ କଲେ ବୋଲି ନାରୀ ନେତ୍ରୀ ଚପଳା ସ୍ୱାଇଁ କହିଥିଲେ। ଯାହା ହେଲା ତାକୁ ଭୁଲି ଆଗକୁ ଯିବାକୁ ପଡ଼ିବ ବୋଲି ନଗର ସଭାପତି ବିଶ୍ୱାଳ କହିଥିଲେ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପରେ ବସନ୍ତଙ୍କୁ ଅଣଦେଖା କରି ବିଧାୟକ ସମର୍ଥକଙ୍କୁ ନେଇ ଥରେ ବନ୍ଧୁ ମିଳନ କରିଥିଲେ। ଥରେ ଦଳ ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ସେତେବେଳେ ସମ୍ବିତ ଆକ୍ଷେପ କରିଥିଲେ। ଢୋଲ ଭିତରେ ମୂଷା ଯୋଗୁ ଦଳ ହାରିଲା। ଏବେ ମୂଷାଙ୍କୁ ଚିହ୍ନଟ କରାଯିବ। ବୁଧବାର ବୈଠକରେ ଏହି ପ୍ରସଙ୍ଗକୁ ନେଇ ଅଧିକାଂଶ କର୍ମୀ ସମାଲୋଚନା କରିଥିଲେ।



ପାରାଦୀପରେ ଅନୁଷ୍ଠିତ ବୈଠକରେ କୁଳମଣୀ ସାମଲ, ବସନ୍ତ ବିଶ୍ୱାଳ ଓ ଦଳୀୟ ନେତୃବୃନ୍ଦ।


**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 19-09-2024 | 75401418 | ANANDA SAHU | 110800 | HDFC BANK LTD, 1ST FLOOR, JAIN SHOPPING COMPLEX, OPP.TITLAGARH MUNICIPALITY OFFICE, TITLAGARH-767033 |
| 19-09-2024 | 74890969 | LINGARAJ MISHRA | 551000 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 19-09-2024 | 74151814 | CHANDAN MALLIK | 198500 | |
| 19-09-2024 | 73269623 | CHITTA RANJAN BHUYAN | 151200 | |
| 19-09-2024 | 74273299 | AKASHDEEP ROUT | 115800 | |
| 19-09-2024 | 73392127 | AJAYA KUMAR BEHERA | 31500 | |
| 19-09-2024 | 73279499 | AJAYA KUMAR BEHERA | 29200 | |
| 19-09-2024 | 74337724 | ANJANA MOHANTY | 19000 | |
| 19-09-2024 | 75065832 | ANUJA KUMAR MAHAPATRA | 128000 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 19-09-2024 | 75035535 | YASHOBANTA PRADHAN | 94900 | |
| 19-09-2024 | 73917586 | GYANA PRAKASH SAHOO | 17600 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 19-09-2024 | 75186257 | SHAKTI RANJIT SAHU | 73500 | |
| 19-09-2024 | 74120536 | SALIGRAM DAS | 115200 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 19-09-2024 | 74234596 | RINKY SWAIN | 50600 | |
| 19-09-2024 | 74324457 | SUSHANTA KUMAR BHUYAN | 115000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 19-09-2024 | 74314075 | RAMESH MAJHI | 77700 | |
| 19-09-2024 | 73448744 | SOURAV KUMAR TRIPATHY | 48400 | |
| 19-09-2024 | 74778414 | BIKRAM KESHARI JENA | 138100 | HDFC BANK LTD, CHANDVALI CHOWK, ATHGARH-754029 |
| 19-09-2024 | 74266956 | JAYANTA PRADHAN | 51000 | |
| 19-09-2024 | 75255095 | MONIKA SAHOO | 84200 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 19-09-2024 | 74332435 | MD SHEBAN ERAKI | 51500 | |
| 19-09-2024 | 75181527 | SEIKH MANJUR ELAHI | 303000 | HDFC BANK LTD, F M CIRCLE, BALASORE-756001 |
| 19-09-2024 | 75247872 | RASMIRANJITA MOHANTY | 56400 | |
| 19-09-2024 | 73613703 | ASHOK KUMAR SAHOO | 30000 | |
| 19-09-2024 | 75146048 | BASANTA KUMAR BISWAL | 656000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 19-09-2024 | 75284044 | SUMITRA PANIGRAHI | 321900 | |
| 19-09-2024 | 75283747 | SUMITRA PANIGRAHI | 306400 | |
| 19-09-2024 | 75282759 | SUMITRA PANIGRAHI | 115800 | |
| 19-09-2024 | 74266566 | NARAYANA BEHERA | 37500 | |
| 19-09-2024 | 74535372 | RAMESH KUMAR PRADHAN | 153500 | HDFC BANK LTD, GROUND FLOOR, NEAR SAPTASHREE SCIENCE COLLEGE, MAIN ROAD CHIKITI PENTHA, GANJAM-761010 |
| 19-09-2024 | 74307388 | PRADUMNA KUMAR BISWAL | 50000 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 19-09-2024 | 75222033 | PRADUMNA KUMAR BISWAL | 27800 | |
| 19-09-2024 | 74845637 | SANTANU KUMAR PAIKARAY | 91450 | HDFC BANK LTD, GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020 |
| 19-09-2024 | 75156638 | ULLASH CHANDRA PAL | 130600 | HDFC BANK LTD, HATATOTA, TALCHER, ANGUL-759100 |
| 19-09-2024 | 75025646 | ANANDA NAIK | 37000 | |
| 19-09-2024 | 75247020 | SASWATI MALLIK | 516676 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 19-09-2024 | 75327845 | SANJUKTA SAHU | 540000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 19-09-2024 | 75228310 | SHAIK SALEEM | 93700 | |
| 19-09-2024 | 74764739 | SWARNALATA SAHU | 82000 | |
| 19-09-2024 | 74270244 | DHANA NAYAK | 61000 | |
| 19-09-2024 | 74890615 | GAYATRI BEHERA | 48000 | |
| 19-09-2024 | 75182194 | HARI MAJHI | 45000 | |
| 19-09-2024 | 75267489 | DHEERAJ SORU | 42500 | |
| 19-09-2024 | 74314033 | SMRUTI RANJAN SWAIN | 97400 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 19-09-2024 | 75321606 | SIMANCHAL MOAHNTY | 818100 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 19-09-2024 | 74874820 | AMIT KUMAR BEHERA | 186000 | |
| 19-09-2024 | 74456586 | SADANANDA BEHERA | 102000 | |
| 19-09-2024 | 74275524 | PRASAD MOHANTY | 84000 | |
| 19-09-2024 | 73175272 | SAROJ KANTA SAHOO | 24700 | HDFC BANK LTD, MAHIPAL, KENDRAPARA-754211 |
| 19-09-2024 | 74296886 | LOCHAN DALABEHERA | 224000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 19-09-2024 | 74332729 | ROHAN DASH | 184600 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 19-09-2024 | 74184338 | MANASH RANJAN SATRUSALLYA | 36000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 19-09-2024 | 74304726 | BULI MUDULI | 35000 | |
| 19-09-2024 | 74298698 | SHASHIKANTA SAHOO | 25100 | |
| 19-09-2024 | 74883486 | PUCHHA SANMUKHA | 495000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 19-09-2024 | 74310711 | KONDALA BENARJEE | 58000 | |
| 19-09-2024 | 74527808 | S HARISH | 35000 | |
| 19-09-2024 | 74351662 | KANCHAN RANABANSI | 111100 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 19-09-2024 | 75275127 | PRASHODINI NAIK | 189400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 19-09-2024 | 75273675 | PRASHODINI NAIK | 118400 | |
| 19-09-2024 | 74291031 | RAGHUNATH GEMEL | 106800 | |
| 19-09-2024 | 75185247 | ABRAHAM BHATRA | 100600 | HDFC BANK LTD, NEAR R.T.O OFFICE, N.H-26, KORAPUT-764020 |
| 19-09-2024 | 74264631 | SUMANTA ROUT | 47200 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 19-09-2024 | 75142901 | MANAS RANJAN SATAPATHY | 195900 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 19-09-2024 | 74193031 | GURUNATH GOUDA | 153600 | |
| 19-09-2024 | 74215543 | GURUNATH GOUDA | 64200 | |
| 19-09-2024 | 73523111 | BALARAM SWAIN | 44000 | |
| 19-09-2024 | 74319470 | SAROJ KUMAR NAYAK | 30000 | |
| 19-09-2024 | 74283994 | SANTOSH KUMAR BERIHA | 31000 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 19-09-2024 | 74220983 | CHINMAY CHITTADARSHI SAMANTSINAR | 982200 | HDFC BANK LTD, PATEL MARG, NABARANGAPUR-764059 |
| 19-09-2024 | 74378077 | JITENDRA BHATARA | 29000 | |
| 19-09-2024 | 75139953 | SALIM AKHTAR KHAN | 152200 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 19-09-2024 | 75363384 | KAMAKSHYA PRASAD MOHANTY | 773300 | HDFC BANK LTD, PLOT NO 1078/1110, UPPER GROUND FLOOR, NEAR RELIANCE FRESH, AT/PO - SHAMPUR, NUAGAON, BHUBANESWAR-751003 |
| 19-09-2024 | 75362880 | KAMAKSHYA PRASAD MOHANTY | 651300 | |
| 19-09-2024 | 74214856 | AJAY KUMAR NAYAK | 55300 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 19-09-2024 | 74310535 | PRAMOD OJHA | 50500 | |
| 19-09-2024 | 73586559 | BHABANI PRASAD DAS | 45000 | |
| 19-09-2024 | 74263059 | MAHESWAR SETHI | 43000 | |
| 19-09-2024 | 74319883 | AMARENDRA SETHY | 24990 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 19-09-2024 | 75332434 | RAMESH CHANDRA SWAIN | 40150 | |
| 19-09-2024 | 50200025439514 | SHEELA CHAUHAN | 1134407 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 19-09-2024 | 74327184 | CHOUDHURI SIBAPRASAD ACHARYA | 40000 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 19-09-2024 | 74310635 | TUSARKANTA BHOI | 37000 | |
| 19-09-2024 | 75231052 | BISHWA BHUSAN SETHY | 160800 | HDFC BANK LTD, PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001 |
| 19-09-2024 | 74796440 | CHINMAYA KUMAR BARIK | 129900 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 19-09-2024 | 75345894 | SUJIT DAS MEHER | 153000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 19-09-2024 | 75214204 | SUBASH CHANDRA MALLIK | 41900 | |
| 19-09-2024 | 75232009 | MANORAMA MAHANANDA | 40000 | |
| 19-09-2024 | 75289472 | MARKANDA BARIK | 43300 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 19-09-2024 | 75250964 | ABHIRAM DAS | 110700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 19-09-2024 | 74354853 | PRAFULLA KUMAR NAYAK | 39900 | |
| 19-09-2024 | 75189481 | MINATI BARIK | 59000 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 19-09-2024 | 74098223 | M UMAMAHESWAR RAO | 1000000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 19-09-2024 | 74620541 | JHUMURI BHUYAN | 208000 | |
| 19-09-2024 | 462435297 | PROMAD KUMAR SAHU | 174600 | |
| 19-09-2024 | 74298438 | NIRANJAN KHADIRATNA | 68900 | HDFC BANK LTD, VIP PLAZA, VIP ROAD, PURI-752001 |
| 19-09-2024 | 74324134 | SUJIT KUMAR SAHOO | 14000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Authorised Officer,**
**HDFC BANK LTD.**

**Date : 12-09-2024, Place : ORISSA**

# ଦ୍ୱିତୀୟ ଦିନରେ ୧୨ ଘଣ୍ଟା ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।



ଘଟଣାସ୍ଥଳରେ ପୋଲିସ ମୁତୟନ।

**ବେଲପଡ଼ା,୧୧।୯(ମନୋଜ କୁମାର ମିଶ୍ର)**



ମୃତା ଯୁବତୀ ଭୁଲେଶ୍ୱରୀ ମାଝୀ ।

### ବେଲପଡ଼ାରେ ହିଟ୍ ଆଣ୍ଡ ରନ୍ ଘଟଣା

- ଦୁର୍ଘଟଣାରେ ମୃତା ପରିବାରଙ୍କୁ ଭେଟିଲେ ନିରଞ୍ଜନ ବିଶି
- ଗାଁ ମଶାଣିରେ ଯୁବତୀଙ୍କ ଅନ୍ତିମ ସଂସ୍କାର
- ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ନୁନହାଡ଼ ବସ୍‌ଷ୍ଟାଣ୍ଡ ନିକଟରେ ଘର ସାମ୍ନାରେ ଛିଡ଼ା ହୋଇଥିବା ୩ ଜଣ ଯୁବତୀଙ୍କ ଉପରେ ଏକ କାର୍ ଚଢ଼ିଯିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଯୁବତୀ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଡ୍ରାଇଭରଙ୍କୁ ଗିରଫ ଦାବି କରି ଦୁର୍ଘଟଣା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ବୁଧବାର ପୁନର୍ବାର କ୍ଷତିପୂରଣ ଦାବିରେ ସକାଳ ୬ଟାରୁ ନୁନହାଡ଼ ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତାରୋକୋ କରିଥିଲେ। ଏପରିକି ଦୋକାନ ବଜାର ବନ୍ଦ କରିଥିଲେ। ଅଭିଯୁକ୍ତ ଡ୍ରାଇଭରଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ବାବଦ ୭ ଲକ୍ଷ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ପ୍ରତ୍ୟାହାର କରିନିଆଯାଇଛି। ପ୍ରକାଶ ଯେ, ଭୁଲେଶ୍ୱରୀ ମାଝୀ(୨୨), ଯେମନ୍ତି ମାଝୀ(୧୭) ଓ ପ୍ରତିମା ଧରୁଆ(୧୭) ଘର ଆଗରେ ଛିଡ଼ା ହୋଇ କଥାବାର୍ତ୍ତା ହେଉଥିବା ବେଳେ ଏକ କାର୍ ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁଲେଶ୍ୱରୀଙ୍କୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଭୁଲେଶ୍ୱରୀଙ୍କ ମୃତ୍ୟୁ ଘଟିଥିଲା। ଭୁଲେଶ୍ୱରୀଙ୍କ ମୃତ୍ୟୁ ଖବର ଜାଣିବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ରାତି ୮ ଟାରୁ ରାତି ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରି ଦୁର୍ଘଟଣା ଘଟାଇଥିବା କାର୍‌କୁ ଭାଙ୍ଗି ଦେଇଥିଲେ। ପୁଣି ବୁଧବାର ସକାଳ ୬ଟାରୁ ନୁନହାଡ଼ ବସଷ୍ଟାଣ୍ଡ ଓ ତାରିଣୀ ଛକରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ଏହାଛଡ଼ା ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ଶତାଧିକ ମହିଳା ଓ ପୁରୁଷ ରାସ୍ତା ଅବରୋଧ କରି ବସିଥିଲେ। ଫଳରେ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। କ୍ଷତିପୂରଣ ନ ଦେଲେ ରାସ୍ତାରୁ ଉଠିବେ ନାହିଁ ବୋଲି ଲୋକେ ଜିଦ୍ ଧରିଥିଲେ। ଫଳରେ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ଦିଆଯିବ ବୋଲି ପୋଲିସ ଉପସ୍ଥିତିରେ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ତହସିଲଦାର ଜ୍ଞାନେନ୍ଦ୍ର ମାଝୀ ଘଟଣାସ୍ଥଳକୁ ଯାଇ ପରିବାର ଲୋକଙ୍କୁ ରେଡକ୍ରସ୍ ତରଫରୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ସାହୁ, ବେଲପଡ଼ା ଥାନାଧିକାରୀ ଅନନ୍ତ ପଧାନ, କଣ୍ଟାବାଞ୍ଜି ଥାନାଧିକାରୀ ସଂଯୁକ୍ତା ବେହେରା ଓ ପୋଲିସ ଫୋର୍ସ ମୁତୟନ ଥିଲେ। ଖବରପାଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୃତା ଯୁବତୀଙ୍କ ପରିବାରକୁ ପାଟଣାଗଡ଼ରେ ଭେଟିଥିଲେ। ଏହି ଅବସରରେ ସେ ଉପଜିଲାପାଳଙ୍କ ସହ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ୟ ମିଳିବା ସମ୍ପର୍କରେ କଥା ହୋଇଥିଲେ। ଅପରପକ୍ଷରେ ପାଟଣାଗଡ଼ ହସ୍ପିଟାଲରେ ବ୍ୟବଚ୍ଛେଦ ହୋଇ ଅପରାହ୍ନରେ ଭୁଲେଶ୍ୱରୀଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଭୁଲେଶ୍ୱରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭର ସୁଶିଲ ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କର ସ୍ଥାନୀୟ ଅଞ୍ଚଳରେ ଏକ ଢାବା ଥିବା ବେଳେ ସେ ଗତ ଗଣେଶ ପୂଜା ଦିନ ଏହି କାର୍ କିଣିଥିଲେ ବୋଲି ଜଣାପଡିଛି। ଏ ନେଇ ବେଲପଡ଼ା ଥାନାରେ ନଂ. ୨୫୬ରେ ଏକ ମାମଲା ରୁଜୁ ହୋଇଛି।

# ବୁଢ଼ାରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବଜ୍ରପାତ ପ୍ରତି ସାବଧାନ କାର୍ଯ୍ୟକ୍ରମ

**ସଇଁତଲା,୧୧।୯(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ଓ ବଲାଙ୍ଗୀର ଜିଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ସଇଁତଲା ବ୍ଲକ ଅନ୍ତର୍ଗତ ବୁଢାରାଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କରମତଲାଠାରେ ବଜ୍ରପାତ ପ୍ରତି ସାବଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଜ୍ରପାତ ବା ବିଜୁଳି ମାରିବା ଯୋଗୁ ଅନେକ ଜୀବନ ହାନି ହେଉଛି। ଏଣୁ ବଜ୍ରପାତ ସମୟରେ ଘର ଭିତରେ ଓ ଘର ବାହାରେ ଥିବା ବେଳେ ବିଭିନ୍ନ ଉପାୟ ଅବଲମ୍ବନ କରିଲେ ସମ୍ଭବତଃ ଜୀବନ ରକ୍ଷା ହୋଇପାରିବ। ବୁଢାରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦ୍ୱିତୀକୃଷ୍ଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ରାଜ୍ୟ ସାଧନ କର୍ମୀ ରାମ ନାରାୟଣ ଦାଶ ତାଲିମଦାତା ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନଙ୍କୁ ଡେମୋଷ୍ଟ୍ରେସନ ମାଧ୍ୟମରେ ବଜ୍ରପାତ ସମୟରେ କିପରି ଉପାୟମାନ ଅବଲମ୍ବନ କଲେ ଜୀବନ ରକ୍ଷା ହୋଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସର୍ତକ ଆପ୍ ଡାଉନଲୋଡ କରିଥିଲେ। ଏହି ଅବସରରେ ସାପ କାମୁଡିଲେ କ'ଣ କରିବା ଓ କ'ଣ ନ କରିବା ବିଷୟରେ ଦାଶ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୨୮୦ ଜଣଙ୍କୁ ତାଲିମ ଦିଆଯାଇଥିଲା। ଶିକ୍ଷକ ଗଣନାଥ ବୁଡ଼େକ, ସୁନୀଲ କୁମାର ଭୋଇ, ଛନ୍ଦା ଚରଣ ସେଠ, ସୁରେଶ ଚନ୍ଦ୍ର ପଧାନ, ବିବେକାନନ୍ଦ ଶୁନାନୀ, ହେମନ୍ତ କରନ, ଶିକ୍ଷୟିତ୍ରୀ ଦିପାଞ୍ଜଳି ସାହୁ, ରାଧାରାଣୀ ଶତପଥୀ, ପ୍ରତିଭା ମନହୀରା, ରେଶ୍ମା ଗଡତ୍ୟା, ଜ୍ୟୋର୍ତିମୟୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁନୀଲ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଲ ଗଲେ ଗୋଟିଏ ପରିବାରର ୪ ସଦସ୍ୟ



ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଛି।

**ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)**

### ମାଲଗୋଦାମପଡ଼ାରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଘଟଣା

- ପୋଲିସ ଜବତ କଲା ଚପର, ଛୁରି
- ରାଜନୈତିକ ଷଡ଼ଯନ୍ତ୍ର କରି ଫସାଯାଇଛି, କହିଲେ ଦ୍ରୋଣ କୁମ୍ଭାର

ବଲାଙ୍ଗୀର ମାଲଗୋଦାମପଡ଼ାରେ ସୋମବାର ରାତିରେ ନିରଜ ହରିପାଲ(୨୦) ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ବେଳେ ଅନ୍ୟ ଦୁଇ ଯୁବକ ଗୁରୁତର ଆହତ ହୋଇଥିଲେ। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସେହି ପଡ଼ାର ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦଳିତ ନେତା ଦ୍ରୋଣ କୁମ୍ଭାର, ତାଙ୍କ ସ୍ତ୍ରୀ ବବି କୁମ୍ଭାର ଏବଂ ତାଙ୍କ ଦୁଇ ପୁଅ ଦୀପକ ଓ ବଣ୍ଟି। ମଙ୍ଗଳବାର ରାତିରେ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଯାଇଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଚପର ଓ ଛୁରି ଜବତ କରିଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ମାଲଗୋଦାମପଡ଼ାରେ ମୃତକଙ୍କ ପରିବାର ଏବଂ ଗିରଫ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗି ରହିଥିଲା। ପୂର୍ବରୁ ମଧ୍ୟ ଉଭୟ ପକ୍ଷ ମାରପିଟ୍ ହୋଇଥିଲେ। ଏପରିକି ପୋଲିସ ପକ୍ଷରୁ ଗିରଫ ହୋଇ ଜେଲ ଯାଇଥିଲେ। ଏହି ଶତ୍ରୁତା ଏବେ ହତ୍ୟାକାଣ୍ଡର ରୂପ ନେଇଛି। ସୋମବାର ରାତିରେ ହତ୍ୟାକାଣ୍ଡ ପରେ ସଦର ଏସ୍‌ଡିପିଓ ସାହୁ ହତ୍ୟାକାଣ୍ଡ ସ୍ଥଳରେ ପହଞ୍ଚି ୪ ଅଭିଯୁକ୍ତଙ୍କୁ ଆଣି ଅଟକ ରଖିଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏବେ ବି ମାଲଗୋଦାମପଡାରେ ଚାପା ଉତ୍ତେଜନା ଲାଗି ରହିଛି। ତେବେ ଗିରଫ ଅଭିଯୁକ୍ତ ଦ୍ରୋଣ କୁମ୍ଭାର ରାଜନୈତିକ ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦିଆଯାଇଥିବା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

# ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମାଲଗୋଦାମପଡ଼ାର ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମାଲଗୋଦାମପଡ଼ାରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା ଘଟଣା

- ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ଜିଲାପାଳଙ୍କୁ ଦାବି ଜଣାଇଲେ
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗୀର ମାଲଗୋଦାମପଡ଼ାରେ ସୋମବାର ରାତିରେ ନିରଜ ହରିପାଲ (୨୦) ଓ ତାଙ୍କର ଅନ୍ୟ ଦୁଇଜଣ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଏଥିରେ ନିରଜଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ସେହି ପଡ଼ାର ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ତେବେ ଏହି ଘଟଣା ପରେ ପଡ଼ାର ବହୁ ମହିଳା ଓ ପୁରୁଷ ବୁଧବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗିରଫ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିବା ସହ ସେମାନଙ୍କୁ ମାଲଗୋଦାମପଡ଼ାରେ ସୁରକ୍ଷା ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ପଡାର ମହିଳାମାନେ ଦାବିପତ୍ରରେ ଗିରଫ ଅଭିଯୁକ୍ତ ଦ୍ରୋଣ କୁମ୍ଭାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ପଡାର ଯୁବକଙ୍କୁ ରାଜନୀତି ନାଁରେ ବରବାଦ୍ କରୁଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି କାରଣରୁ ପଡାରେ ଅନେକ ସମୟରେ ଗଣ୍ଡଗୋଳ ଓ ମାଡପିଟ୍ ଭଳି ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି। ଫଳରେ ସେଠାରେ ରହୁଥିବା ପଡ଼ାବାସିନ୍ଦା ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏଣୁ ତୁରନ୍ତ ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ପଡ଼ାରୁ ବାହାର କରିବାକୁ ସେମାନେ ଦାବି ଜଣାଇଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ଦେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପଡାର କେତେଜଣ ମହିଳା ଓ ଯୁବକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ସହ ଅଭିଯୁକ୍ତଙ୍କ ଘରକୁ ତୁରନ୍ତ ଭାଙ୍ଗି ଦେବାକୁ ଦାବି କରିଥିଲେ। ଦାବିପତ୍ର ଗ୍ରହଣ କରିବା ପରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ପଚରାଯିବାରୁ ମାଲଗୋଦାମପଡ଼ାର ବାସିନ୍ଦା ତାଙ୍କୁ ଦାବିପତ୍ର ଦେଇ ସୁରକ୍ଷା ଲୋଡିଛନ୍ତି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ଏନେଇ ବଲାଙ୍ଗୀର ଏସ୍‌ପିଙ୍କ ସହ ସେ କଥା ହୋଇଥିବା ଜଣାଇଥିଲେ। ଅଭିଯୁକ୍ତଙ୍କ ଘରଭଙ୍ଗା ଦାବି ଉପରେ ପ୍ରତିକ୍ରିୟା ରଖି ଜିଲାପାଳ ଇସଲୱାର କହିଥିଲେ ଯେ, ସୁପ୍ରିମକୋର୍ଟ ଏସଓପି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶିରେକେଲା ଗାଁରେ ଅଗ୍ନିକାଣ୍ଡ

**ଟିଟିଲାଗଡ଼,୧୧।୯(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ବିନେକେଲା ଗ୍ରାମ ପଞ୍ଚାୟତ ଶିରେକେଲା ଗାଁର ବାବୁଲାଲ ମହାନନ୍ଦଙ୍କ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି। ସକାଳ ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଯାଇଥିଲା। ଏହି ସମୟରେ ଘରେ କେହି ନ ଥିଲେ। ନିଆଁ ଲାଗିବା ଦେଖି ସାହିପଡିଶା ଲୋକେ ଦୌଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘରେ ଥିବା ପଙ୍ଖା, ଫ୍ରିଜ, କୁଲର, ଘରକରଣା ଆସବାବପତ୍ର ଓ ନଗଦ ୩୦ ହଜାର ଟଙ୍କା ପୋଡ଼ିଯାଇଛି। ଖବରପାଇ ମାର୍ଲାଡ଼ ସର୍କଲ ଆରଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅଗ୍ନିକାଣ୍ଡରେ ଟଙ୍କା, ଦରକାରୀ କାଗଜପତ୍ର ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ଯାଇଥିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଭାଇଚାରାର ପର୍ବ ନୂଆଁଖାଇ

**ଲାଠୋର,୧୧।୯(ଭୁବନେଶ୍ୱର ବାରିକ)**




ପ୍ରଥମ ହୋଇଥିବା ପାୱାର ହାଉସ ଡ୍ୟାନ୍ସ ଗ୍ରୁପକୁ ପୁରସ୍କାର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଷ୍ଟେଶନପଡ଼ା ଗଣେଶ ପୂଜା କମିଟି ସଭାପତି ଜୟଦେବ ଶାଣ୍ଢଙ୍କ ନେତୃତ୍ୱରେ ତୃତୀୟ ବର୍ଷ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୋନ ନଂ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ଯୋଗଦେଇ ନୂଆଖାଇ ଭେଟଘାଟରେ ଉଦ୍‌ଘାଟନ କରିବା ସହ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଇଚାରାର ପର୍ବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ଏଏସ୍‌ଆଇ ଯତିନ୍ଦ୍ର ବଢେଇ, ଫରେଷ୍ଟର ସାଗରିକା ସେଠ, ରେଳ କର୍ମଚାରୀ ଅକ୍ଷୟ କୁମ୍ଭାର, କପିଳ ସୁନା, କୃଷ୍ଣା ସେଠୀ, ସୁଶାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ହାସ୍ୟ କଳାକାର ନିଳାମ୍ବର ସୁନା(ନୀଲୁ) ଏବଂ ସମ୍ବଲପୁରୀ କଣ୍ଠଶିଳ୍ପୀ କାହ୍ନା ସୁନା ଗୀତ ଏବଂ କମେଡ଼ି କରି ଉପସ୍ଥିତ ଜନସାଧାରଣଙ୍କ ମନ ମୋହିଥିଲେ। ପରେ ବରଗଡ଼, କଣ୍ଟାବାଞ୍ଜି, ଖରିଆରୋଡ଼ ଏବଂ ଖପ୍ରାଖୋଲ ଅଞ୍ଚଳର ବିଭିନ୍ନ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଗ୍ରୁପ ବିଭିନ୍ନ ଗୀତରେ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଶଙ୍କର, ବବିତା ମୁଣ୍ଡ, ସନାତନ କୁମ୍ଭାର, ପାର୍ଥସାର୍ଥି ପୁରୋହିତ ଏବଂ ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଭଲ ନୃତ୍ୟ ପରିବେଷଣ କରିଥିବା ସିଙ୍ଗିଲ ତଥା ଗ୍ରୁପଙ୍କ ନାମ ଘୋଷଣା କରିଥିଲେ। ନୃତ୍ୟ ପରିବେଷଣ କରିଥିବା ଜୁନିୟର ବିଭାଗରେ ନିଲମ ମେହେର ପ୍ରଥମ, ସଗୁନ ଛତ୍ରିଆ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଜସ୍ମିନ ଓ ବନି ଗ୍ରୁପକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସିନିୟର ବିଭାଗରେ ପ୍ରଥମ ହୋଇଥିବା ଖପ୍ରାଖୋଲ ଓଡ଼ିଆପାଲି ଗ୍ରାମର ପାୱାର ଡ୍ୟାନ୍ସ ଗ୍ରୁପକୁ ନଗଦ ୫ ହଜାର ଏବଂ ଟ୍ରଫି, ଦ୍ୱିତୀୟ ହୋଇଥିବା ବୁଢିବାହାଲ ଗ୍ରାମର ମା' ସମଲେଇ ଡ୍ୟାନ୍ସ ଗ୍ରୁପକୁ ୩ ହଜାର ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ରେଙ୍ଗାଲି ଗ୍ରାମର ଗନ୍ଧମାର୍ଦ୍ଦନ ବିବି ଡ୍ୟାନ୍ସ ଗ୍ରୁପକୁ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଘନଶ୍ୟାମ ସରାଫ କରିଥିଲେ। ଏହି ଅବସରରେ କମିଟିର ସମ୍ପାଦକ ସୁନୀଲ ଘିବେଲା, ଆକାଶ ନାଏକ, ଘନଶ୍ୟାମ ଶାଣ୍ଢ, ଅବିନାଶ ସେଲମା, ସୁଧାଂଶୁ ନାଏକ, ତାପସ ଶାଣ୍ଢ, ଚନ୍ଦନ ହାତିଝୁଲିଆଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାରମ୍ପରିକ କୃଷିକୁ ଆପଣାଇଲେ ସୁସ୍ଥ ସମାଜ ଗଠନ ସମ୍ଭବ

**ଦେଓଗାଁ,୧୧।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅବସରରେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଡକୁଆପଡ଼ାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଡକୁଆପଡାରେ ସ୍ଥାନୀୟ ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ଗଣେଶ ପୂଜା ଅବସରରେ ୧୭ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନା ତଥା କମିଟି ସଭାପତି ମନୋଜ କୁମାର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାତୀସରା ପଞ୍ଚାୟତର ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସାମାଜିକ କର୍ମୀ ଆଲୋକ ସାହୁ, କଳାକାର ଅତିଥି ଭାବେ ଦିଲିପ ଦୀପ ଓ ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ। ଏଣୁ କୃଷିର ଉନ୍ନତି ହେଲେ ସମାଜର ଉନ୍ନତି ସମ୍ଭବପର ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଆଜିର ଦିନରେ ଚାଷରେ ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ବ୍ୟବହାର ଯୋଗୁ ମାଟି ଓ ଜଳବାୟୁରେ କୁପ୍ରଭାବ ପଡୁଛି। ଏହାସହ ବିଭିନ୍ନ ରୋଗ ବୃଦ୍ଧିପାଉଛି। ଏଣୁ ପୂର୍ବପରି ପାରମ୍ପରିକ କୃଷି ପଦ୍ଧତିକୁ ଚାଷୀମାନେ ଆପଣାଇଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପଡ଼ାର ବୟୋଜ୍ୟେଷ୍ଠ ଧନସିଂ ଦୀପ, ମାନସିଂ ଦୀପ, ମୋହନ ଦୀପ, ଖଗେଶ୍ୱର ଦୀପ, ଏମ.ରାମଲୁ, ବିଲାସ ଦୀପ, କୁନୀ ଦୀପ, ପାରମଣି ଦୀପ ଓ ଉର୍ମିଳା ଦୀପ ପ୍ରମୁଖଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବଲାଙ୍ଗୀରର ସୁର ସଙ୍ଗମ, ପଞ୍ଚମ କଳା ପରିଷଦ ଓ ମୁରିବାହାଲର ଜୟମା' ଦୁର୍ଗା କଳାପରିଷଦ ଦ୍ୱାରା ଡ଼ାପନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସମ୍ପାଦକ ନେହେରୁ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିନୁ ଦୀପ, ଶିବା ଦୀପ, ନାନୁ ଦୀପ, ଶିବ ଦୀପ, ଏମ.ଇଶ୍ୱର, ସାନୁ ଦୀପ, ନାନୁ ଦୀପ, ଫକିର ଦୀପ, ଅଶ୍ୱନୀ ଦିପ, ସୂର୍ଯ୍ୟ ଦୀପ, ବଡଦୀପ, ନରୋତ୍ତମ ଦୀପ, ବିଜୟ ଦୀପ ପ୍ରମୁଖ ସହଯୋଗ କରିଥିଲେ। ପୂଜା କର୍ତ୍ତା ଭାବେ ଗଙ୍ଗାସାଗର ଦୀପ ଓ ମଞ୍ଜୁଲତା ଦୀପ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବରକାନୀ ହରିଜନ ପଡାରେ ମଧ୍ୟ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ପଗାରପାଣିରେ ନୂଆଁଖାଇ ଭେଟ୍‌ଘାଟ

ଝାରବନ୍ଧ,୧୧।୯(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମର ଯୁବ ଶକ୍ତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଚକ୍ର ଧର ସଗରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଝାରବନ୍ଧ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ହୃଷିକେଶ ପୋଡ଼ ଓ ସମ୍ମାନିତ ଅତିଥିଭାବେ ବିରଞ୍ଚି କଇଁଚି, ଶିକ୍ଷକ ହେମନ୍ତ ନେଗୀ, ଖବରଦାତା ଦେବେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ରହିଥିବା ଭାଇଚାରା ଓ ସୁସମ୍ପର୍କକୁ ବଜାଇ ରଖିବା ସହ ଏହି ପରମ୍ପରା ଓ ସଂସ୍କୃତି ସହ ଜଡିତ ରହିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୀର୍ତ୍ତନ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଚିକଟ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପଦ୍ମଲାକ ଭିଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଜନସେବା କେନ୍ଦ୍ରରୁ ଚୋରି

ଅତାବିରା,୧୧।୯(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ସାଲନା ଛକରେ ଥିବା ଜନସେବା କେନ୍ଦ୍ରରୁ ମଙ୍ଗଳବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ଲାପ୍‌ଟପ, ମୋବାଇଲ, ଟଙ୍କା ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, କେନ୍ଦ୍ରର ମାଲିକ ସନାତନ ଦନ୍ତା ମଙ୍ଗଳବାର ସନ୍ଧ୍ୟାରେ କାମ ସାରି ଉଦେପୁର ସ୍ଥିତ ନିଜ ଘରକୁ ଫେରିଥିଲେ। ତେବେ ବୁଧବାର ସକାଳେ କେନ୍ଦ୍ରକୁ ଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଙ୍କୁ ପଚରା ଯିବାରୁ ଏକ ମାମଲା ରୁଜୁ କରି ତଦନ୍ତ ଚାଲି ଥିବା କହିଥିଲେ।

### ଧର୍ମଶାଳାରେ ଶ୍ରଦ୍ଧାଞ୍ଜଳି ସଭା

ପାଇକମାଲ,୧୧।୯(ବଡ ଶତପଥୀ): ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଡା. ଅଜିତ ବାରିକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବୋଧ ପଣ୍ଡା, ତ୍ରିଲୋଚନ ମେହେର, ଦେବେନ୍ଦ୍ରସାହୁ, ଗଣେଶ ବାରିକ, ସହଦେ ପଧାନ, କିଶୋର ମିର୍ଦ୍ଧା, ଦୁର୍ଯୋଧନ ତ୍ରିପାଠୀ, ଡାକ୍ତର ମୋହନ ଭୋଇ, ପୁରୁଷୋତ୍ତମ ପ୍ରଧାନ ଲୋହିତ ବାରିକ, ଡାକ୍ତର ରାଜୀବ ଲୋଚନ ପଟ୍ଟନାୟକ, ଗିରିଧାରୀ ପୁରୋହିତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାନଭଞ୍ଜନ ସରାଫଙ୍କ ସ୍ମୃତିଚାରଣ କରିଥିଲେ। ସଭା ଆରମ୍ଭରୁ ଏକ ମିନିଟ ସ୍ୱର୍ଗତ ମାନଭଞ୍ଜନଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ଲୋକ ଏକତ୍ରିତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରକୃତି ବନ୍ଧୁ ବଡ ଶତପଥୀ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଚିତ୍ତରଞ୍ଜନ ସରାଫଙ୍କୁ ତାଙ୍କର ଭାଇର ସ୍ମୃତି ପାଇଁ ଏକ ଚାରା ପ୍ରଦାନ କରି ଏହାକୁ ରୋପଣ କରି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ ମଧ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସମସ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରା ଯାଇଥିଲା।

# ରାଜସ୍ୱ ସର୍କଲ ବିଭାଜନ ଦାବି, ମନ୍ତ୍ରୀଙ୍କୁ ଫେରାଦ

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)


ରାଜସ୍ୱ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ରାଜସ୍ୱ ସର୍କଲକୁ ବିଭାଜନ କରିବା ପାଇଁ ଦାବି ହୋଇଛି। ଏହି ଦାବି ନେଇ ଅଞ୍ଚଳବାସୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ରାଜସ୍ୱ ସର୍କଲ ଅଧୀନରେ ବରଗଡ଼ ସହର ସମେତ ଅମ୍ବାପାଲି, ବ୍ରହ୍ମଚାରୀ, ଡାଙ୍ଗ, ବରଡ଼ୋଲ, ତେନ୍ତଲା, ହଳଦୀପାଲି, ଖଲିଆପାଲି ଆଦି ମୌଜା ରହିଛି। ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ରାଜସ୍ୱ ମାମଲାଗୁଡ଼ିକର ଅହେତୁକ ବୃଦ୍ଧି ଘଟିଛି। ତେଣୁ ଏହି ସର୍କଲ ଉପରେ ଅତ୍ୟଧିକ ଚାପ ଯୋଗୁ ଜନସାଧାରଣ ସମୟୋଚିତ ସେବା ପାଇପାରୁ ନାହାନ୍ତି। ଫଳରେ ଜନସାଧାରଣ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଆବଶ୍ୟକ କାଗଜାତ୍ ଦାଖଲ କରି ପାରୁନାହାନ୍ତି। ତେଣୁ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ସର୍କଲର ବିଭାଜନ କରିବାକୁ ସୁରେଶ୍ୱର ଶତପଥୀ, ଲିପ୍‌ସିତ ମିଶ୍ର, କିଶୋର ବିଭାର, ଲକ୍ଷ୍ମଣ ନନ୍ଦ, ପ୍ରକାଶ କୁମାର ପାଣିଗ୍ରାହୀ, ସର୍ଦ୍ଦାର ପ୍ରୀତମ ସିଂ, ଅଶୋକ ପଣ୍ଡା, ବିମ୍ବାଧର କୁଅଁର ପ୍ରମୁଖ ଦାବି କରିଛନ୍ତି।

# ଜିଲାପାଳଙ୍କୁ ଲାଞ୍ଚ ଉଦ୍ୟମ, ସିମେଣ୍ଟ ପ୍ଲାଣ୍ଟ ଅଧିକାରୀ ଗିରଫ

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)



ଗିରଫ ସିମେଣ୍ଟ ପ୍ଲାଣ୍ଟର ଅଧିକାରୀ। ଜବତ ଟଙ୍କା ।

ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ବୁଧବାର ୨ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ଉଦ୍ୟମ କରିବା ଏକ ସିମେଣ୍ଟ ଉତ୍ପାଦନ ପ୍ଲାଣ୍ଟର ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଜିଲାପାଳ ଗୋୟଲଙ୍କଠାରୁ ସୂଚନା ପାଇ ଭିଜିଲାନ୍ସ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡ଼ ଅମ୍ବୁଜା ସିମେଣ୍ଟର ମୁଖ୍ୟ ଉତ୍ପାଦନ ଅଧିକାରୀ(ପୂର୍ବ) ରାମଭବ ଗଙ୍ଗୁ। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା (ନଂ.୨୩/୨୪) ରୁଜୁ କରିଛି। ଏହା ସହିତ ୨ଲକ୍ଷ ଟଙ୍କାକୁ ଭିଜିଲାନ୍ସ ଜବତ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସିମେଣ୍ଟ ଉତ୍ପାଦନ ପ୍ଲାଣ୍ଟର ମୁଖ୍ୟ ଅଧିକାରୀ ଗଙ୍ଗୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗୋୟଲଙ୍କୁ ସେ ଏକ ଫୁଲତୋଡ଼ା ଏବଂ ମିଠା ପ୍ୟାକେଟ୍ ଦେଇଥିଲେ। ତେବେ ମିଠା ପ୍ୟାକେଟ୍‌କୁ ସନ୍ଦେହ କରି ତାହା ଖୋଲିବା ପାଇଁ ଜିଲାପାଳ ତାଙ୍କ କାର୍ଯ୍ୟାଳୟର ପିଅନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଅନ ସେହି ମିଠା ପ୍ୟାକେଟ୍ ଖୋଲିବା ପରେ ୪ ବଣ୍ଡଲ ୫୦୦ ଟଙ୍କିଆ ନୋଟ୍ (୨ଲକ୍ଷ ଟଙ୍କା) ବାହାରିଥିଲା। ଏହାପରେ ଅଭିଯୁକ୍ତଙ୍କୁ କାର୍ଯ୍ୟାଳୟରେ ଅଟକ ରଖାଯାଇ ଭିଜିଲାନ୍ସକୁ ଜିଲାପାଳ ସୂଚନା ଦେଇଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ଉକ୍ତ ଅଧିକାରୀଙ୍କୁ ଗିରଫ କରିବା ସହିତ ଫୁଲତୋଡ଼ା ଏବଂ ୨ଲକ୍ଷ ଟଙ୍କା ଜବତ କରିଥିଲେ।

### ଦୁର୍ଗାପୂଜା ପାଇଁ କମିଟି ଗଠିତ

ପାଇକମାଲ,୧୧।୯(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳରେ ଦୁର୍ଗାପୂଜା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କମିଟି ଗଠିତ ହୋଇଥିଲା। ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା କମିଟିରେ ସଭାପତି ଭାବେ ସୁଶାନ୍ତ ନାଗ, ଉପ ସଭାପତି ରାଜେଶ ଅଗ୍ରୱାଲ, ସମ୍ପାଦକ ଆଶୁତୋଷ ସାହୁ, ସହ ସମ୍ପାଦକ ଯୋଗେନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ମହେଶ କୁମାର ଅଗ୍ରୱାଲ, ସଭ୍ୟ ସରୋଜ ସାମଲ, ଲିଙ୍ଗରାଜ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ଶ୍ରୀପତି ସାହୁ, ନନ୍ଦ କୁମାର ଶ୍ରୀବାସ୍ତବ, ଆଦିତ୍ୟ ପଣ୍ଡା, ବିଜୟ ସାଇଁ, ଲାଲା ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ପୂଜା କର୍ତ୍ତା ଭାବେ ସୁବାସ ମେହେର ଓ ତାଙ୍କ ସହଧର୍ମିଣୀ ଶ୍ରୀୟା ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି। ଅକ୍ଟୋବର ୩ରେ କଳସଯାତ୍ରା ହେବ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତ ବର୍ଷ ଦୁର୍ଗାପୂଜାରେ ଦର୍ଶକଙ୍କ ପାଇଁ ବିଶେଷ ଆକର୍ଷଣ ରାବଣପୋଡ଼ି, ତୋରଣ ନିର୍ମାଣ କରାଯିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି।

# ବ୍ରଜଗୋପିକା ଧାମରେ ରାଧାଷ୍ଟମୀ


ବ୍ରଜଗୋପିକା ଧାମରେ ରାଧାଷ୍ଟମୀ ପାଳନ କରାଯାଉଛି।

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୮ ରାଧାରାଣୀ ବିହାରସ୍ଥିତ ଜଗତଗୁରୁ ଶ୍ରୀକୃପାଳୁ ଜୀ ମହାରାଜଙ୍କ ବରିଷ୍ଠ ପ୍ରଚାରିକା ରାସେଶ୍ୱରୀଜୀଙ୍କ ଦ୍ୱାରା ସ୍ଥାପିତ ବ୍ରଜଗୋପିକା ଧାମରେ ବୃଷଭାନୁ ନନ୍ଦିନୀ ଶ୍ରୀରାଧାଙ୍କ ରାଧାଷ୍ଟମୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାର୍ଥନା, ଆରତୀ, ରୂପଧ୍ୟାନ, କୀର୍ତ୍ତନ, ପୂଜନ, ଅଭିଷେକ, ମହାଭୋଗ, ମହାଆରତୀ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ସା, ନରସିଂହ ଚରଣ ପାଣିଗ୍ରାହୀ, ପଞ୍ଚାନନ ମିଶ୍ର, ଗତିକୃଷ୍ଣ ଦାଶ, ରବି ନାରାୟଣ ସାହୁ, ମହାଦେବ ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସମ୍ପୂର୍ଣ୍ଣତା ଅଭିଯାନ ଶୋଭାଯାତ୍ରା

ପାଇକମାଲ,୧୧।୯(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳରେ ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ଅନ୍ତର୍ଗତ ଜାତୀୟ ସାକ୍ଷରତା ଦିବସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ସହ ସ୍ଲୋଗାନ ଦେଇ ମୁଖ୍ୟ ସହର ପରିକ୍ରମା କରିଥିଲେ। ପାଇକମାଳ ହାଇସ୍କୁଲ, ଯମୁନା କଣ୍ଟୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ,ବାଳକ ପ୍ରାଥମିକ ବିଦ୍ୟାଳୟର ୩୨୫ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଏହାକୁ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସଦସ୍ୟ ମଧୁସ୍ମିତା ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଇଓ ଚୁଡ଼ାମଣି ବାରିକ, ଏବିଇଓ ରାଧେଶ୍ୟାମ ମେହେର ଓ ଧଳେନ୍ଦ୍ର ବାରିକ,ଦାଦଶ କୁମାର ପ୍ରଧାନ,ସେବକ ସେଠ, ତ୍ରିଲୋଚନ ନାୟକ,ଅମିତ ସାହୁ ପ୍ରମୁଖ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ପାଇକମାଳ ହାଇସ୍କୁଲରେ ଜାତୀୟ ସାକ୍ଷରତା ଦିବସ

ପାଇକମାଲ,୧୧।୯(ବଡ ଶତପଥି)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ଜାତୀୟ ସାକ୍ଷରତା ଦିବସ ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଚୁଡ଼ାମଣି ବାରିକ ବ୍ଲକର ଶିକ୍ଷା କ୍ଷେତ୍ରରେ କୃତିତ୍ୱ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ସମିତି ସଭ୍ୟା ନିରୁପମା ନାଗ ଛାତ୍ରୀଛାତ୍ରଙ୍କୁ ଉଜ୍ଜଳ ଭବିଷ୍ୟତ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସଦସ୍ୟା ମଧୁସ୍ମିତା ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନନ୍ଦଲାଲ ନାଏକ, ସୁବାଷ ଚନ୍ଦ୍ର ସାହୁ, ବିନୋଦ କୁମାର କାଳିଆ ସଭାରେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ ପ୍ଲାଇକାର୍ଡ ଧରି ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବିଦ୍ୟାଳୟ ପାଠାଗାର ପାଇଁ ବ୍ଲକ ତରଫରୁ ୨୦୦ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା ଓ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ସାକ୍ଷରତା ଦିବସରେ ମଞ୍ଚାସୀନ ଅତିଥିମାନେ।


ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ସିଏନ୍‌ଆଇ ଚର୍ଚ୍ଚରେ ସମସ୍ତେ ଏକାଠି ହୋଇଛନ୍ତି।

# ସିଏନ୍‌ଆଇ ଚର୍ଚ୍ଚରେ ନୂଆଁଖାଇ ଭେଟ୍

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିଏନ୍‌ଆଇ ଚର୍ଚ୍ଚରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରୀତମ ସିଂ, ପବିତ୍ର ଦେହେରୀ, ଜନ ନିଉଟନ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ନୂଆଁଖାଇ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ପ୍ରଭୁଙ୍କ ବାକ୍ୟରେ ନୂଆଁଖାଇ ଉପରେ ସୂଚନା ପ୍ରଦାନ କରିଥିଲେ। ସିଏନ୍‌ଆଇ ଚର୍ଚ୍ଚର ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁମୁଦିନୀ ବାଗ, ବିକାଶ ବାଗ, ବିଶାଳ ବାଗ, ଅନାମିକା ବାଗ, ଜ୍ୟୋତ୍ସ୍ନା ଦୀପ, ସୁବାସିନୀ ନନ୍ଦ, ଝରଣା ବାଗ, ଶ୍ୟାମ କୁମାର ଦୀପ, ଲିବାନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ପ୍ରାର୍ଥନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କ୍ରବ୍ ଟାଇଫସ ମୃତକଙ୍କୁ ସହାୟତା ଦାବି

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ ମୃତକ, ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ତେବେ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଙ୍ଗାପାଲି ଗ୍ରାମର ସରୋଜ ପ୍ରଧାନ(୪୨)ଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାରପାହାଡ଼ କୃଷକ ସଙ୍ଗଠନ ଦାବି କରିଛି। ଏହି ଦାବି ନେଇ ସଂଘ ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ମୃତ ସରୋଜ ଜଣେ ଚାଷୀ ଏବଂ ସେ ତାଙ୍କର ୩ଏକର ଜମିରେ ପରିବା ଚାଷ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କ ଦୁଃଖ ବଢ଼ି ଯାଇଛି। ଫଳରେ ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସଂଘ ଦାବି କରିଛି। ଏହାସହିତ ସ୍କ୍ରବ୍ ଟାଇଫସ ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର ପ୍ରମୁଖ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧି।

# ଫ୍ରେଣ୍ଡସ୍ କ୍ଲବ୍ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍


ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀଗଣ।

ପାଇକମାଲ,୧୧।୯(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଭୁବନେଶରପୁର ଗ୍ରାମରେ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ୪ଦିନ ଧରି ଗଣେଶପୂଜା ଓ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆଁଖାଇ ଭେଟ୍‌ଘାଟ୍ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଞ୍ଚଳର ଲୋକଙ୍କୁ ଉଚିତ ଦିଗ୍‌ଦର୍ଶନ ଦେବାପାଇଁ କୋଶଳି କବି ସମ୍ମିଳନୀ ଆୟୋଜିତ ହୋଇଥିଲା। କବି ହରିଲାଲ ସାହୁ, ଅଧିକାରୀ ସା, ସୁରେନ୍ଦ୍ର ଭୋଇ, ରାମଚନ୍ଦ୍ର ବାଗ ପ୍ରମୁଖ କୋଶଳି କବିତା ପଠନ କରି ଲୋକଙ୍କ ମନୋରଞ୍ଜନ କରିଥିଲେ। ବୁଧବାର ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ମୁଖ୍ୟ ଅତିଥି ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଡ୍ରୁ, ମୁଖ୍ୟବକ୍ତା ଭୁବନେଶରପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୀଷ୍ମଦେବ ପ୍ରଧାନ, ନରସିଂହ ପ୍ରଧାନ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଭୁବନେଶରପୁର ଫ୍ରେଣ୍ଡସ କ୍ଲବ୍‌ର ସଦସ୍ୟ ଦେବାଶିଷ ସାହୁ,ପଙ୍କଜ ସାହୁ, ଆଲୋକ ରଞ୍ଜନ ସାହୁ, ପ୍ରେମ କୁମାର ସାହୁ, ସୁରେନ୍ଦ୍ର ସାହୁ, ଗଜିନ ବାରିକ ପ୍ରମୁଖ ସହଯୋଗ କରିଥିଲେ। କ୍ଲବ୍ ସଭାପତି ବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଖୋ, କବାଡି ମନୋନୟନ ପ୍ରତିଯୋଗିତା


ଅତିଥିଙ୍କ ସହ ଖୋଖୋ ଓ କବାଡି ମନୋନୟନ ପ୍ରତିଯୋଗିତାର ପ୍ରତିଯୋଗୀ।

ସରଣ୍ଡା,୧୧।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅଣ୍ଡର ୧୭ ଖୋଖୋ ଓ କବାଡି ମନୋନୟନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁନା କର୍ଣ୍ଣ ଓ ବୁଗବୁଗା ସିଆର୍‌ସିସି ନନ୍ଦିଘୋଷ ଭୁଏ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପତ୍ରାପାଲି ସବ୍ ବ୍ଲକ ଅନ୍ତର୍ଗତ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ପ୍ରତାପ ଗଡତିଆ, ସୁନୀଲ କୁମାର ଭୁଏ, ରମେଶ ସେଠ, ରବି ନାରାୟଣ ପଧାନ, ଶୁଭକାନ୍ତ ମେହେର ଓ ଜିତେନ୍ଦ୍ର ଜେନା ଖେଳ ପରିଚାଳନା କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସତ୍ୟବାନ ସାହୁ, ଗଣପତି ଦାସ ଶିକ୍ଷୟିତ୍ରୀ ସୁନୀତା ମେହେର, ରେବତୀ ବାଦୀ, ନିତୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

# ଆଚାର୍ଯ୍ୟ ବିନୋବା ଭାବେ ଜୟନ୍ତୀ ସମାରୋହ

ବରପାଲି,୧୧।୯ (ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ବିଜୟପଲ୍ଲୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗ୍ରାମବାସୀଙ୍କ ପକ୍ଷରୁ ୧୩୦ତମ ଆଚାର୍ଯ୍ୟ ବିନୋବା ଭାବେ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଆବାହକ ବିଜୟ କୁମାର ବାବୁଙ୍କ ଅଧ୍ୟକ୍ଷତାରେ ସମାରୋହ ପରିଚାଳିତ ହୋଇଥିଲା। ବୁଧବାର ଅପରାହ୍ନରେ ମାହାତ୍ମା ଗାନ୍ଧୀଙ୍କ ଆଧ୍ୟାତ୍ମିକ ପଟ୍ଟଶିଷ୍ୟ ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ ଅବସରରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଆଲୋଚକ ଭାବେ ବିଜୟ କୁମାର ବାବୁ, କ୍ଷିରେଶ୍ୱର ନାଏକ, ବାଳମୁକୁନ୍ଦ ଦୀପ, ସ୍ୱାଗତିକା ଦାଶ ଓ ଶ୍ରୀୟଙ୍କା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀକାନ୍ତ ନାଏକ, କୁମର ବରିହା, ମଳୟ ବୁଡେକ, ଭୋଲା ସାହୁ, କିଶୋର ଦିପ, ଜୟଶ୍ରୀ ବଡେଇ, ଦିପାଞ୍ଜଳି ମହାନନ୍ଦ, ନିରୂପା ଦିପ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ।


ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ

**ରାଉରକେଲା, ୧୧।୯(ସଙ୍ଗୀତା ଜେନା):** ସେକ୍ଟର-୧୫ ଥାନା ଅନ୍ତର୍ଗତ ଇ ବ୍ଲକ ଅଞ୍ଚଳରେ ବୁଧବାର ସକାଳେ ଜଣେ ବ୍ୟକ୍ତି ପ୍ରଦୀପ ବେହେରାଙ୍କ ଘରେ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ହୋଇଛି। ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଅଗ୍ନିଶମ ବାହିନୀ ଏବଂ ରାଜ୍ୟ ଅଗ୍ନିଶମ ବିଭାଗର ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଗୃହର ଆସବାବପତ୍ର ପୋଡିଯାଇଥିଲା। ପ୍ରଦୀପ ବେହେରା ନାମକ ଜଣେ ବ୍ୟକ୍ତି ଉକ୍ତ ଘରେ ରହୁଥିବା ଜଣାପଡ଼ିଛି।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା, ୧୧।୯(ସଙ୍ଗୀତା ଜେନା):** ଟ୍ରେନ ଧକ୍କା ଦେବାରୁ ରାଉରକେଲା ଜିଆରପି ଅନ୍ତର୍ଗତ ମାଲଗୋଦାମ ହରିପୁର ବସ୍ତି ନିକଟସ୍ଥ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିରଜାପାଲୀର ରାହୁଲ ବିଶୋୟୀ(୩୦)। ଏ ନେଇ ପୋଲିସ ଏକ ମାମଲା (ନଂ.୬୪/୨୪) ରୁଜୁ କରିଛି। ତେବେ କେଉଁ ଟ୍ରେନ୍‌ରେ ଏପରି ଦୁର୍ଘଟଣା ହୋଇଛି, ସେ ନେଇ ତଦନ୍ତ କରାଯାଉଛି।

### ଆମ ପୋଲିସ ବୈଠକ

**ରାଉରକେଲା, ୧୧।୯(ସଙ୍ଗୀତା ଜେନା):** ସାଇବର ଅପରାଧ ନିୟନ୍ତ୍ରଣ କରିବା ପାଇଁ ବୁଧବାର ସନ୍ଧ୍ୟାରେ ସେକ୍ଟର-୭ ଥାନା ଅଞ୍ଚଳରେ ଥିବା କମ୍ୟୁନିଟି ସେଣ୍ଟରରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନ୍-୧ ଡିଏସ୍‌ପି ପୁଷ୍ପରାଣୀ ନିନ୍‌ଗୀଙ୍କ ନେତୃତ୍ୱରେ ଥାନାଧିକାରୀ ବିକ୍ରମ ଜୟପୁରିଆଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡିଏସ୍‌ପି ନିନ୍‌ଗୀ ସାଇବର ଠକେଇରୁ ବର୍ତ୍ତିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

### ଟ୍ରାନ୍ସଫର୍ମରରେ ନିଆଁ, ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍

**ରାଜଗାଙ୍ଗପୁର, ୧୧।୯(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ୩୩/୧୧ କେଭି ମୁଖ୍ୟ ଗ୍ରିଡ ପାୱାର ଟ୍ରାନ୍ସଫର୍ମରରେ ବୁଧବାର ସକାଳ ପ୍ରାୟ ୬ଟା ୩୦ ମିନିଟରେ ଅଚାନକ ନିଆଁ ଲାଗିଯାଇଥିଲା। କର୍ତ୍ତୃପକ୍ଷମାନେ ନିଆଁକୁ କାବୁ କରିଥିଲେ। ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହୋଇଥିଲା। ସହରର କେତେକ ସ୍ଥାନରେ ୩ ଘଣ୍ଟା ତ ଆଉ କେତେକ ସ୍ଥାନରେ ୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତକାଟ ହୋଇଥିଲା। ଫଳରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### କୋଏଲ ନଦୀରେ ଭାସି ଛାତ୍ର ମୃତ

**ନୂଆଗାଁ, ୧୧।୯(ବିଜୟ ତ୍ରିପାଠୀ):** କୋଏଲ ନଦୀରେ ଭାସି ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଲୀଣ୍ଡ୍ରା ଗ୍ରାମର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓମପ୍ରକାଶ ମୁଣ୍ଡାରୀ(୧୪)। ଉକ୍ତ ଗ୍ରାମର ନେତ୍ରାନନ୍ଦ ମୁଣ୍ଡାରୀଙ୍କ ପୁଅ ଓମପ୍ରକାଶ ମଙ୍ଗଳବାର ନିଜ ଘର ନିକଟ କୋଏଲ ନଦୀକୁ ଗାଧେଇବାକୁ ଯାଇଥିବାବେଳେ ବୁଡି ଯାଇଥିଲେ। ଏନେଇ ବିଶ୍ରା ଥାନାରେ ନିଖୋଜ ମାମଲା ହୋଇଥିଲା। ବୁଧବାର ସନ୍ଧ୍ୟାରେ ଉକ୍ତ ନଦୀରୁ ଦମକଳବାହିନୀ ତାଙ୍କର ମୃତଦେହ ଉଦ୍ଧାର କରିଥିଲେ।

# ୩୦୦ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ, ଶିକ୍ଷାଦାନ ବାଟବଣା

**ରାଉରକେଲା, ୧୧।୯(ବିପ୍ଳବ ରଞ୍ଜନ ଦାଶ)**



ଉଦିତନଗର ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ରାଉରକେଲା ଉଦିତନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘବର୍ଷ ହେଲା ଶିକ୍ଷକ ସମସ୍ୟା ଲାଗି ରହିଥିବା ବେଳେ ଖାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ପୂରଣ ହେଉନି। ଫଳରେ ଏହି ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ମିଳୁ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ରାଉରକେଲା ଉଦିତନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ଯାଏ ମୋଟ ୩ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅନ୍ୟପଟେ ୩ଶହ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ସ୍ଥାନୀୟ ପ୍ରଶାସନ ସ୍କୁଲ ବିଷୟରେ ଅବଗତ ଥାଇ ସୁଦ୍ଧା ବର୍ଷ ବର୍ଷ ଧରି ସ୍କୁଲରେ ଆବଶ୍ୟକ ଶିକ୍ଷକ ନିୟୋଜନ କରୁ ନ ଥିବା ଅଭିଯୋଗ ହେଉଛି। ପୂର୍ବ ସରକାରଙ୍କ ସମୟରେ ଉକ୍ତ ସ୍କୁଲକୁ ସ୍ମାର୍ଟସ୍କୁଲରେ ରୂପାନ୍ତର କରାଗଲା। ମାତ୍ର ଅତି ଜରୁରୀ ଥିବା ଶିକ୍ଷକ ସଂଖ୍ୟା ବୃଦ୍ଧି କରାଗଲାନାହିଁ। ଫଳରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩ଜଣ ଶିକ୍ଷକ ୩ଶହ ଛାତ୍ରୀଛାତ୍ରଙ୍କୁ ପଢାଇବାରେ ସମସ୍ୟା ହେଉଛି। ଏଣୁ ଏ ଦିଗରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ଉଦିତ ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଉଦିତନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ୩ଜଣ ଶିକ୍ଷକ ୩ଶହ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ମାତ୍ର ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇନାହିଁ। ଶିକ୍ଷକ ଅଭାବ ରହିଛି। ଏ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ବିଚାର ବିମର୍ଶ କରିଛୁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଆଗାମୀ ଦିନରେ ନୂତନ ଶିକ୍ଷକ ନିଯୁକ୍ତି ହେବାର ଅଛି। ଏହାପରେ ଉଦିତନଗର ସ୍କୁଲକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ନୂତନ କାର୍ଯ୍ୟକାରିଣୀ ଗଠିତ



ନବଗଠିତ କାର୍ଯ୍ୟକାରିଣୀର କାର୍ଯ୍ୟକର୍ତ୍ତା।

**ରାଉରକେଲା, ୧୧।୯(ବିପ୍ଳବ ରଞ୍ଜନ ଦାଶ)**

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖାର ନୂତନ କାର୍ଯ୍ୟକାରିଣୀ ଗଠିତ ହୋଇଛି। ଏହି ଅବସରରେ ଝିରପାଣିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ସ୍ୱୟଂଶାସିତ କଲେଜର ଓଡିଆ ବିଭାଗ ମୁଖ୍ୟ ଡକ୍ଟର ସୁଷମା ମୋଦୀ ଓ ଅଧ୍ୟାପକ କରୁଣାକର ପାଙ୍ଗଶାଣୀ କାର୍ଯ୍ୟକାରିଣୀ ମଣ୍ଡଳୀ ସମ୍ପର୍କରେ ସୂଚନା ରଖିଥିଲେ। ପରେ ଆରଏସ୍‌ଏସ୍ ସଂଘ ଚାଳକଙ୍କ ଦ୍ୱାରା ମନୋନିତ ସଭାପତି ଓ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। ସଭାପତି ଭାବେ ରାଉରକେଲା କଲେଜ ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର କୁମାର ଜେନା, ଉପସଭାପତି ଭାବେ ପ୍ରାକ୍ତନ ଓଡିଆ ପ୍ରଧ୍ୟାପକ ଡକ୍ଟର ଅଶ୍ୱିନୀ କୁମାର ରାୟ ଓ କବି କାଶୀନାଥ ନନ୍ଦୀ, ସାଧାରଣ ସମ୍ପାଦକ ଭାବେ ପ୍ରାଧ୍ୟାପିକା ଡକ୍ଟର ସୁଷମା ମୋଦୀ, ସହ ସାଧାରଣ ସମ୍ପାଦକ ଭାବେ ମ୍ୟୁନିସିପାଲ କଲେଜ ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର, ସଙ୍ଗଠକ ସମ୍ପାଦକ ଭାବେ କବି କୁଞ୍ଜବିହାରୀ ରାଉତ, ସଂମ୍ପାଦକ ଭାବେ ସିବ କୁମାର ଭୋଇ, ସହ ସମ୍ପାଦକ ଭାବେ ସୁଶୀଳାବତୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ଅଧ୍ୟାପିକା ସିମରନ୍ ମହାପାତ୍ର, ଶିକ୍ଷକ ମନୋଜ ଚୌଧୁରୀ ପ୍ରମୁଖ ମନୋନିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ତଥା ପଶ୍ଚିମ ଓଡିଶା ଆରଏସ୍‌ଏସ୍ ସଂଘ ଚାଳକ ଡକ୍ଟର ସନାତନ ପ୍ରଧାନ, ଆରଏମ୍‌ସି ଆରଏସ୍‌ଏସ୍‌ର ସଂଘଚାଳକ ପ୍ରଭାତ କୁମାର ସାହୁ ଓ ରାଧୁ ମିଶ୍ର ରହିଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ଭାବବିନିମୟ କାର୍ଯ୍ୟକ୍ରମ



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା, ୧୧।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇଣ୍ଡୋ ଜର୍ମାନ କ୍ଲବରେ ବୁଧବାର ଆର୍‌ଏସ୍‌ପିର ବିଗତ ବର୍ଷର ସଫଳତା ଓ ଆଗାମୀ ଲକ୍ଷ୍ୟ ଉପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ଭାବ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଆର୍‌ଏସ୍‌ପିର ଆଗାମୀ ସଫଳତା ଓ ଧାର୍ଯ୍ୟ ଲକ୍ଷ୍ୟସାଧନ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଆର୍‌ଏସ୍‌ପିକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆର୍‌ଏସ୍‌ପି କୃତଜ୍ଞ ରହିବ ବୋଲି ସେ କହିଥିଲେ। ପରେ ଅଧିବେଶନ କର୍ମଶାଳାର ଆଲୋଚ୍ୟ ବିଷୟବସ୍ତୁ 'ଆଜି ଓ ଆସନ୍ତାକାଲି ପାଇଁ ଆର୍‌ଏସ୍‌ପି ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ' ଶୀର୍ଷକ ମୌଖିକ ଓ ଭିଡିଓ ମାଧ୍ୟମରେ ଅନୁଷ୍ଠିତ କର୍ମଶାଳାରେ ଶହେରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଆର୍‌ଏସ୍‌ପି ବିଗତ ଆର୍ଥିକବର୍ଷ ମାନଙ୍କରେ ବିଭିନ୍ନ କ୍ଷେତ୍ରରେ ହାସଲ କରିଥିବା ଉପଲବ୍ଧି ଓ ଆଗାମୀ ଲକ୍ଷ୍ୟ ବିଷୟରେ ସମସ୍ତ ତଥ୍ୟ ସାର୍ବଜନୀନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ସିଜିଏମ୍ ଇନ୍‌ଚାର୍ଜ ଆଇରନ ତଥା ଆର୍କିଂ ଇଡି ୱାର୍କ୍ସ ବି. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡକ୍ଟର ପି. ମହାପାତ୍ର ମଞ୍ଚାସୀନ ଥିଲେ। ପରେ ଭୌମିକ କାର୍ଯ୍ୟକ୍ରମ ଶୀର୍ଷକ ଉପରେ ଆଲୋକପାତ କରି କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା, ଶିକ୍ଷା ବ୍ୟବସ୍ଥା ସୁଦୃଢୀକରଣ, କ୍ରୀଡ଼ା ଏବଂ ସିଏସ୍‌ଆର ଆଦି ପ୍ରସଙ୍ଗରେ ଆର୍‌ଏସ୍‌ପିର ଯୋଜନା ଏବଂ ଆଭିମୁଖ୍ୟ ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏଥିସହ ପ୍ରତିଦ୍ୱନ୍ଦ୍ୱିତା ମୂଳକ ବଜାରରେ ତିଷ୍ଠି ରହିବା ଲାଗି ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଆର୍‌ଏସ୍‌ପି ତରଫରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ଏହାପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ତରୁଣ ମିଶ୍ର ଓ ପି. କେ ମହାପାତ୍ର ଉତ୍ତର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଲୋକସମ୍ପର୍କ ବିଭାଗ ମହାପ୍ରବନ୍ଧକ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସମାବେଶକୁ ସ୍ୱାଗତ କରିଥିବା ବେଳେ ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ପ୍ରସଙ୍ଗ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏହାପରେ ଆର୍‌ଏସ୍‌ପିର ସିଏସ୍‌ଆର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୨ ଦିନ ବିତିଲା, ପତ୍ତା ମିଳିଲାନି

**ଝିରପାଣି ବ୍ରିଜ୍ ଉପରୁ ଯୁବକ ଡେଇଁଥିବା ସନ୍ଦେହ**

**ରାଉରକେଲା, ୧୧।୯(ସଙ୍ଗୀତା ଜେନା)**

ଝିରପାଣି ଥାନା କୋଏଲ ନଦୀର ଝିରପାଣି ବ୍ରିଜ୍ ଉପରୁ ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ ଜଣେ ଯୁବକ ଡେଇଁପଡିଥିବା ସନ୍ଦେହ କରାଯାଉଛି। ପୋଲିସ ପାଟ୍ରୋଲିଂ ସମୟରେ ବ୍ରିଜ୍ ଉପରୁ ଯୁବକଙ୍କ ପୋଷାକ, ବାଇକ, ଆଧାରକାର୍ଡ ଆଦି ଜବତ କରାଯାଇଛି। ଏ ନେଇ ପୋଲିସ ଉକ୍ତ ଯୁବକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା। ମଙ୍ଗଳବାର ରାତିରେ ଯୁବକଙ୍କ ଭିଣୋଇ ଭବାନୀ ଶଙ୍କର ନନ୍ଦ ଥାନାରେ ନିଖୋଜ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୨୧/୨୪) ରୁଜୁ କରି ଖୋଜାଖୋଜି କରୁଛି। ଏତଲା ଅନୁଯାୟୀ, ଏତଲାକାରୀଙ୍କ ଶଳା ସନ୍ତୋଷ ଶତପଥୀ(୩୫) ବାଇକ୍ (ନଂ.ଓଡ଼ି୧୪ୱାଇ/୧୫୩୮)କୁ ଝିରପାଣି ବ୍ରିଜ ଉପରେ ରଖି କେଉଁ ଆଡେ ଚାଲିଯାଇଛନ୍ତି। ସେହିପରି ଉକ୍ତ ଯୁବକ ଆତ୍ମହତ୍ୟା କରିବାକୁ ଯାଉଛନ୍ତି କହି ଚିଠି ଲେଖିଯାଇଥିବା ନିଖୋଜ ଯୁବକଙ୍କ ପଡୋଶୀ କୁଆଡେ ଆଲୋଚନା କରୁଛନ୍ତି। ଅପରପକ୍ଷେ ଅଗ୍ନିଶମ ବାହିନୀ ଓ ପୋଲିସ ଖୋଜାଖୋଜି କରୁଛି। ୨ ଦିନ ବିତିଯାଇଥିଲେ ମଧ୍ୟ ଯୁବକଙ୍କ ପତ୍ତା ମିଳିନାହିଁ।

# ଇସ୍କନ ପକ୍ଷରୁ ରାଧାଷ୍ଟମୀ ପାଳିତ



ଛେଣ୍ଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

**ରାଉରକେଲା, ୧୧।୯(ସଙ୍ଗୀତା ଜେନା)**

ରାଉରକେଲା ଇସ୍କନ ପକ୍ଷରୁ ବୁଧବାର ଛେଣ୍ଡ କଲୋନୀ କଲ୍ୟାଣୀ ନଗରରେ ରାଧାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ସକାଳ ୯ଟା ସମୟରେ ଭଜନକୀର୍ତ୍ତନ ଆୟୋଜନ କରାଯାଇଥିଲା। ଏହାର ତାଳେ ତାଳେ ରାଧାରାଣୀ ଉପରେ ଆଧାରିତ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ଅଭିଷେକ କରାଯାଇଥିଲା। ରାଉରକେଲା ଇସ୍କନ ମୁଖ୍ୟ ଶ୍ରୀଧାମ ଗୋବିନ୍ଦ ଦାସ ରାଧାଷ୍ଟମୀର ମାହାତ୍ମ୍ୟ ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଅପରାହ୍ଣ ୧ଟାରେ ମହାଆରତୀ ଓ ୫୬ ଭୋଗ ଅର୍ପଣ ବିଧି ସମ୍ପନ୍ନ ହୋଇଥିଲା। ରାଉରକେଲା ଡିଆଇଜି ବ୍ରିଜେଶ ରାୟ ଏଥିରେ ଅଂଶଗ୍ରହଣ କରିଥିଲେ। ଶାଖାର ମହାପ୍ରବନ୍ଧକ ପ୍ରେମମାଧବ ଦାସ, ଚୈତନ୍ୟ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୩ରେ ରାଉରକେଲା ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର

**ରାଉରକେଲା, ୧୧।୯(ସଙ୍ଗୀତା ଜେନା)**




ଖବରଦାତା ସମ୍ମିଳନୀରେ ସଦସ୍ୟମାନେ ସୂଚନା ପ୍ରଦାନ କରୁଛନ୍ତି।

ରାଉରକେଲା ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ସେପ୍ଟେମ୍ବର ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ସେକ୍ଟର-୧୩ ମେଳଣ ପଡିଆଠାରେ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ସନ୍ଧ୍ୟାରେ ସେକ୍ଟର-୫ ପାନ୍ଥନିବାସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ମନୋଜ ନାୟକ, ସରୋଜ ମହାପାତ୍ର, ବିରବାହାଦୁର ସିଂହ, ଦିନେଶ ଭୋଲ ପ୍ରମୁଖ ମଞ୍ଚାସୀନ ଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓ ଆରଏମ୍‌ଏସ୍ ଆଉଟ୍‌ଡୋର ପକ୍ଷରୁ ରାଉରକେଲାରେ ଏହା ପ୍ରଥମ କରି ଆୟୋଜିତ ହେଉଛି। ଏହି ଅବସରରେ ଗୁପ୍ତା ସୂଚନା ପ୍ରଦାନ କରି କହିଥିଲେ, ସମଗ୍ର ବିଶ୍ୱରେ ବହୁ ପ୍ରକାର ସାମଗ୍ରୀ ତିଆରି ହୋଇ ଲଞ୍ଚ ହେଉଛି। ଏହା ଭାରତୀୟ ମାର୍କେଟକୁ ମଧ୍ୟ ଆସୁଛି। ହେଲେ ଉକ୍ତ ଅନ୍ତର୍ଜାତୀୟ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ଭାରତର ମହାନଗର ପର୍ଯ୍ୟନ୍ତ ସୀମିତ ରହିଯାଉଛି। ଏହାକୁ ପ୍ରଥମ କରି ରାଉରକେଲା ଭଳି ମିନି ଇଣ୍ଡିଆରେ ସାମିଲ କରିବାକୁ ଉଦ୍ଦେଶ୍ୟ ରହିଛି। ଏଥିରେ ମୋଟ ୧୨ଟି ଦେଶ ଓ ୨୦ଟି ରାଜ୍ୟରୁ ବ୍ୟବସାୟୀ, ନିର୍ମାତା ଏବଂ ସେବାପ୍ରଦାନକାରୀ କମ୍ପାନୀ ଗୁଡିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହୋମ୍ ଡେକୋର, ହର୍ବାଲ, ପର୍ଯ୍ୟଟନ, ହସ୍ତତନ୍ତ, ଗହଣା ସମେତ ୪ହଜାରରୁ ଊର୍ଦ୍ଧ୍ୱ ସାମଗ୍ରୀ ଏହି ଫେୟାରରେ ପ୍ରଦର୍ଶନ କରାଯିବ। ଏଥିରେ ପାକିସ୍ତାନୀ ଓ ରାଜସ୍ଥାନ ମାର୍ବଲ, ବାଙ୍ଗଲାଦେଶରୁ ପ୍ରସ୍ତୁତ ସାମଗ୍ରୀ ଭଳି ଅନେକ ଉତ୍ପାଦ ରହିଛି। ପ୍ରଦର୍ଶନୀ ସହ ଗ୍ରାହକମାନଙ୍କ ପାଇଁ ୫୦ ପ୍ରତିଶତ ଯାଏ ରିହାତି ବ୍ୟବସ୍ଥା ରହିଛି ବୋଲି ଗୁପ୍ତା କହିଥିଲେ।

## ୧୫ରେ ବନ୍ଦେ ଭାରତର ଶୁଭ ଉଦ୍‌ଘାଟନ

**ରାଉରକେଲା, ୧୧।୯ (ସଙ୍ଗୀତା ଜେନା)**

ଆସନ୍ତା ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶର ମୋଟ ୧୦ଟି ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳ ଶୁଭାରମ୍ଭ ହେବାକୁ ଯାଉଛି। ଏଥିରେ ଓଡ଼ିଶାରେ ୩ଟି ଟ୍ରେନ ଚଳାଚଳ କରିବ। ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା-ହାୱଡ଼ା ବନ୍ଦେ ଭାରତ ସେଥିମଧ୍ୟରୁ ଅନ୍ୟତମ। ଏହି ଦିବସରେ ରାଉରକେଲା ଷ୍ଟେଶନରେ ଭବ୍ୟ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଏଥିରେ ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁର ମଣ୍ଡଳର ଅଧିକାରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ସକାଳ ୧୦ଟାରେ ଅନୁଷ୍ଠିତ ହେବ ବୋଲି ବୁଧବାର ରାଉରକେଲା ଷ୍ଟେଶନର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅତୁଲ ଘୋଷ ସୂଚନା ପ୍ରଦାନ କରିଛନ୍ତି।

# ଆଇଇଆଇ ପକ୍ଷରୁ ରୟାଲ ଚାର୍ଟର ଡେ ପାଳିତ

**ରାଉରକେଲା, ୧୧।୯(ସଙ୍ଗୀତା ଜେନା)**

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପରିସରରେ ଥିବା ଇନଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ପକ୍ଷରୁ ରୟାଲ ଚାର୍ଟର ଡେ ପାଳିତ ହୋଇଯାଇଛି। ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମୋଡ୍‌ରେ ହୋଇଥିଲା। ଅନୁଷ୍ଠାନର ସଭାପତି ଇଂ. ସନ୍ତୋଷ ପୋଲାକି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଇଆଇର ସମ୍ପାଦକ ଡ. ଅଜିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଏନ୍‌ଆଇଟି ରାଉରକେଲା ମାଇନିଂ ବିଭାଗର ପ୍ରଫେସର ସିଙ୍ଗମ ଜୟନ୍ତୁ କହିଲେ, ୧୯୩୫ ମସିହାରେ ଇଂଲଣ୍ଡର ରାଜା ୫ମ ଜର୍ଜ ଭି. ଆଇଇଆଇକୁ ରୟାଲ ଚାର୍ଟର ଅଫ୍ ଇନକର୍ପୋରେଶନ ପ୍ରଦାନ କରିଥିଲେ। ଆଇଇଆଇର ସଦସ୍ୟମାନେ ଇଞ୍ଜିନିୟରିଂକୁ ପ୍ରୋତ୍ସାହିତ କରିବା ଓ ଅଗ୍ରଗତି ଦିଗରେ ବିଶେଷ ଧ୍ୟାନ ଦେବାକୁ ରୟାଲ ଚାର୍ଟରର ଉଦ୍ଦେଶ୍ୟ। ଏହା ମଧ୍ୟରେ ଭାରତରେ ରୟାଲ ଚାର୍ଟର ବିକଶିତ ହୋଇଛି। ବିଶେଷ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ମାଇନିଂ କ୍ଷେତ୍ରରେ ପୂର୍ଣ୍ଣମାତ୍ରାରେ ଉପଯୋଗୀ କରିବା ଏହାର ମୂଳ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟବକ୍ତା ପ୍ରଫେସର ଜୟନ୍ତୁ କହିଥିଲେ। ପରେ ପ୍ରଶ୍ନୋତ୍ତର ଅଧିବେଶନ ହୋଇଥିଲା। ଅଧ୍ୟକ୍ଷ ପୋଲାକି ମୁଖ୍ୟବକ୍ତାଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଫେସର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଇଇଆଇର ଉପାଧ୍ୟକ୍ଷ ଡ. ନୂତନ ଦାସ ଅନ୍‌ଲାଇନ୍ ଉପସ୍ଥିତ ଥିଲେ। ମୋଟ ୩୨ ଜଣ ସଦସ୍ୟ ଓ ଅତିଥି ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଏଯାଏ ଛାତ୍ରୀଛାତ୍ରଙ୍କୁ ମିଳିନି ୟୁନିଫର୍ମ

**ରାଉରକେଲା, ୧୧।୯(ବିପ୍ଳବ ରଞ୍ଜନ ଦାଶ)**



ଉଦିତନଗର ହାଇସ୍କୁଲର ପିଲାମାନେ ପୁରୁଣା ୟୁନିଫର୍ମରେ ସ୍କୁଲକୁ ଯାଉଛନ୍ତି।

- ୟୁନିଫର୍ମ କମିଟି ଗଠନରେ ବିଳମ୍ବ
- ଅଭିଭାବକ ମହଲରେ ଅସନ୍ତୋଷ

ପ୍ରତ୍ୟେକ ଆର୍ଥିକ ବର୍ଷ ଅଗଷ୍ଟ ମାସ ସୁଦ୍ଧା ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପିଲାଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟନ ହୋଇଥାଏ। ମାତ୍ର ୟୁନିଫର୍ମ କମିଟି ଗଠନରେ ଅହେତୁକ ବିଳମ୍ବ ଯୋଗୁ ସୁନ୍ଦରଗଡ ଜିଲାର ଶିକ୍ଷାଞ୍ଚଳରେ ଏଯାଏ ପିଲାମାନଙ୍କୁ ୟୁନିଫର୍ମ ପ୍ରଦାନ କରାଯାଇନାହିଁ। ଫଳରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଚଳିତ ଆର୍ଥିକ ବର୍ଷରେ ୟୁନିଫର୍ମ ବଣ୍ଟନ ପରିଚାଳନା କମିଟି ଗଠନ ହୋଇନାହିଁ। କମିଟି ଗଠନରେ ଅହେତୁକ ବିଳମ୍ବ ଯୋଗୁ ଜିଲା ସମେତ ବିଶ୍ରା ଶିକ୍ଷାଞ୍ଚଳର ସରକାରୀ ସ୍କୁଲମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ପୁରୁଣା ୟୁନିଫର୍ମ ପିନ୍ଧି ପାଠ ପଢିବାକୁ ଯାଉଛନ୍ତି। କମିଟିରେ ଜିଲାସ୍ତରରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ସ୍ଥାନୀୟ ଏସ୍‌ଏଚ୍‌ଜି, ବ୍ଲକ ସ୍ତରରେ ବିଡିଓଙ୍କ ସହ ଏସ୍‌ଏଚ୍‌ଜିକୁ ନେଇ ଏହି କମିଟି ଗଠନ ହେବା କଥା। ମାତ୍ର କମିଟି ଗଠନ ହେବା ପ୍ରକ୍ରିୟା ବିଳମ୍ବ ଯୋଗୁ ପିଲାଏଁ ସ୍କୁଲ ୟୁନିଫର୍ମରୁ ବଞ୍ଚିତ ହେଉଛନ୍ତି।

ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ଜିଲାର ସମସ୍ତ ସରକାରୀ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ଆବଶ୍ୟକ ପଠ୍ୟପୁସ୍ତକ ପାଇ ସାରିଛନ୍ତି। ଅନ୍ୟପଟେ ଏଥର ସାଧାରଣ ବର୍ଗର ପିଲାମାନଙ୍କୁ ମଧ୍ୟ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଛି। ୯ମ ଶ୍ରେଣୀ ପିଲାଙ୍କୁ ପୁସ୍ତକ କିଣିବା ବାବଦରେ ୭୦୨ଟଙ୍କା ଏବଂ ୧୦ମ ଶ୍ରେଣୀ ପିଲାଙ୍କୁ ୭୨୧ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ତେବେ ପୁସ୍ତକ ଭଳି ଯଦି ପିଲାଙ୍କୁ ଉଚିତ ସମୟରେ ୟୁନିଫର୍ମ ପ୍ରଦାନ କରାଯାଆନ୍ତା ତେବେ ସେମାନେ ଖୁସି ହୁଅନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାର ସମସ୍ତ ସରକାରୀ ସ୍କୁଲର ପିଲାମାନଙ୍କୁ ଆବଶ୍ୟକ ପାଠ୍ୟପୁସ୍ତକ ପ୍ରଦାନ କରାଯାଇସାରିଛି। ମାତ୍ର ୟୁନିଫର୍ମ ବଣ୍ଟନରେ ଟିକିଏ ବିଳମ୍ବ ହୋଇଛି। ଯାହାକି ଆଗାମୀ ସପ୍ତାହ ମଧ୍ୟରେ କମିଟି ଗଠନ ପରେ ୟୁନିଫର୍ମ ବଣ୍ଟନ ଅଭିଯାନକୁ ତ୍ୱରାନ୍ୱିତ କରି ସମସ୍ତ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ ବୋଲି ପ୍ରଧାନ କହିଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ସୁପର ସ୍ପେଶିଆଲିଟି ଡାକ୍ତରଖାନା

ସମ୍ବଲପୁର,୧୧।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ନବନିର୍ମିତ ସୁପର ସ୍ପେଶିଆଲିଟି ଡାକ୍ତରାଖାନା ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ହୋଇ ରହିଛି। କେବଳ ଉଦ୍‌ଘାଟନ ପାଇଁ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷାରେ ରହିଛି। ଗତ ଅଗଷ୍ଟ ୩୧ରେ ଭିମ୍‌ସାରର ଅଧୀକ୍ଷକ ଓ ଅନ୍ୟ ବିଭାଗୀୟ ମୁଖ୍ୟଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ଏହାକୁ ଉଦ୍‌ଘାଟନ କରିବାକୁ ସରକାରଙ୍କ ନିକଟକୁ ପତ୍ର ଲେଖାଯାଇଛି ବୋଲି କହିଛନ୍ତି ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ। ସେ କହିଛନ୍ତି ଯେ ନବନିର୍ମିତ ସୁପର ସ୍ପେସିଆଲିଟି ବ୍ଲକର ୯୫ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ବର୍ହିବିଭାଗରେ ରୋଗୀ ସେବା ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କହିଛନ୍ତି ନିର୍ଦ୍ଦେଶକ ଡା. ରଥ।

ସେ କହିଛନ୍ତି ଯେ ଉକ୍ତ ସୁପର ସ୍ପେଶିଆଲିଟି ଡାକ୍ତରଖାନାରେ ମୋଟ ୧୦ ବିଭାଗ ଖୋଲାଯିବ। ସେଥିମଧ୍ୟରେ କାର୍ଡିଓଲୋଜି(ହୃଦରୋଗ), ନ୍ୟୁରୋଲୋଜି(ସ୍ନାୟୁରୋଗ), ନ୍ୟୁରୋସର୍ଜରୀ(ସ୍ନାୟୁଶଲ୍ୟ), ବୃକକ୍


ଭିମ୍‌ସାରରେ ନବ ନିର୍ମିତ ସୁପର ସ୍ପେଶିଆଲିଟି ଡାକ୍ତରଖାନା।

ବା କିଡ୍‌ନୀରୋଗ(ନେଫ୍ରୋଲୋଜି), ମୂତ୍ରରୋଗ ଆଦି ପୂର୍ବରୁ ରହିଥିବା ୫ଟି ବିଭାଗକୁ ସ୍ଥାନାନ୍ତରିତ କରାଯିବ। ସହାସହିତ ପ୍ଲାଷ୍ଟିକ ସର୍ଜରୀ, ପେଡିଆଟ୍ରିକ ସର୍ଜରୀ(ଶିଶୁଶଲ୍ୟ), ଗେଷ୍ଟ୍ରୋଏଣ୍ଟ୍ରୋଲୋଜି, କ୍ଲିନିକାଲ ହେମାଟୋଲୋଜି, ଏଣ୍ଡୋକ୍ରିନୋଲୋଜି ଆଦି ଆହୁରି ୫ଟି ନୂତନ ବିଭାଗ ଖୋଲାଯିବାକୁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ହୋଇ ସାରିଛି। କ୍ଲିନିକାଲ ହେମାଟୋଲୋଜିତ, ଏଣ୍ଡୋକ୍ରିନୋଲୋଜି ଓ କ୍ଲିନିକାଲ ହେମାଟୋଲୋଜି ବିଶେଷଜ୍ଞ ଡାକ୍ତରଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଭାଗ ପାଇଁ ଏଠାରେ ବିଶେଷଜ୍ଞ ଡାକ୍ତର ରହିଛନ୍ତି। ତେଣୁ ଏହି ସୁପର ସ୍ପେସିଆଲିଟି ଡାକ୍ତରଖାନା କାର୍ଯ୍ୟକ୍ଷମ ହେଲେ ରୋଗୀସେବାରେ କୌଣସି

**ଉଦ୍‌ଘାଟନ ପାଇଁ ସରକାରଙ୍କୁ ଭିମ୍‌ସାର ନିର୍ଦ୍ଦେଶକଙ୍କ ପତ୍ର**

ସମସ୍ୟା ସୃଷ୍ଟି ହେବ ନାହିଁ। ଡାକ୍ତରଖାନା କାର୍ଯ୍ୟକ୍ଷମ ହେଲା ପରେ ବର୍ହିବିଭାଗରେ ପୂର୍ବରୁ ଥିବା ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ସେବା ଯୋଗାଇ ଦିଆଯିବ। ଆବଶ୍ୟକସ୍ଥଳରେ ଏଠାରେ ଥିବା ଅନ୍ତର୍ବିଭାଗ ବା ଆଇସିୟୁରେ ମଧ୍ୟ ଭର୍ତ୍ତି କରାଯାଇ ସେବା ଯୋଗାଇ ଦିଆ ଯାଇପାରିବ। ଏହା କାର୍ଯ୍ୟକ୍ଷମ ହେଲାପରେ ମଧ୍ୟ ପର୍ଯ୍ୟାୟକ୍ରମେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇ ପାରିବ। କାରଣ ଡାକ୍ତରଖାନାରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ସରକାରଙ୍କ କ୍ଷମାତାଧୀନ ବୋଲି କହିଛନ୍ତି ଡା. ରଥ। ଅପରପକ୍ଷରେ ଖାଲି ଭିମ୍‌ସାର ନୁହେଁ ସମଗ୍ର ରାଜ୍ୟରେ ରେସିଡେଣ୍ଟ ଡାକ୍ତରଙ୍କ ଅଭାବ ରହିଛି। ଏଠାରେ ପାଠପଢ଼ି ବାହାରୁଥିବା ଯୋଗ୍ୟ ରେସିଡଣ୍ଟ ଡାକ୍ତରମାନେ ସମ୍ଭବତଃ ଅଧିକ ବେତନ ଆଶାରେ ବାହାର ରାଜ୍ୟରେ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି।

ସେ ଆହୁରି କହିଲେ ଯେ, ଭିମ୍‌ସାରରୁ ଏକ ସଙ୍ଗେ ୧୫୦ ଜଣ ରେସିଡେଣ୍ଟ ଡାକ୍ତର ବାହାରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେବଳ ୩୪ ଜଣ ଡାକ୍ତର ଏଠାରେ ନିଯୁକ୍ତିକୁ ଗ୍ରହଣ କରୁଛନ୍ତି। ଯାହା ଏକ ବଡ଼ ସମସ୍ୟ ଭାବେ ଉଭା ହୋଇଛି ବୋଲି ଡା. ରଥ କହିଛନ୍ତି। ତେବେ ଉକ୍ତ ତିନି ବିଭାଗ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ସହ ଅନ୍ୟାନ ବିଭାଗ ପାଇଁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ନିଯୁକ୍ତି ପାଇଁ ସରକାରଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି ବୋଲି କହିଛନ୍ତି।

ଭିମ୍‌ସାରର ରୂପାନ୍ତରଣ ପ୍ରକ୍ରିୟାରେ ଏଠାରେ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୧୭ ମିସହାରେ ଏହି ସୁପର ସ୍ପେସିଆଲିଟି ଡକ୍ତରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୩୦ ଶଯ୍ୟା ଓ ୬୦ ଆଇସିୟୁ ବିଶିଷ୍ଟ ଏହି ୬ ତାଲା ଡାକ୍ତରଖାନାରେ ୯ଟି ଅସ୍ତ୍ରୋପଚାର କକ୍ଷ ରହିଛି। ତେବେ ବର୍ତ୍ତମାନ ଏଠାରେ ନିସ୍ତ୍ରେଜକ ୱାର୍କ ଷ୍ଟେଶନ, ଡାଏଲିସିସ ପାଇଁ ଆବଶ୍ୟକ ଅରଓ ମେଶିନ ସ୍ଥାପନ ହୋଇନାହିଁ। ଏହି ଡାକ୍ତରଖାନା କାର୍ଯ୍ୟକ୍ଷମ ହେଲା କ୍ଷଣି ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

# ପ୍ରତିଦିନ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ପରିଦର୍ଶନ କର



ସୁଭଦ୍ରା ଯୋଜନା ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟ ଅତିଥି।

ସମ୍ବଲପୁର,୧୦।୯(ଭବାନୀ ଶଙ୍କର ଭୋଇ)

**ସୁଭଦ୍ରା ଯୋଜନା ସମୀକ୍ଷା ବୈଠକରେ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ**

ସୁଭଦ୍ରା ଯୋଜନାକୁ ନେଇ ଓସ୍ୱାନ ସମ୍ମିଳନୀ କକ୍ଷରେ ବୁଧବାର ସମ୍ବଲପୁର ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ବ୍ଲକର ଅଧିକାରୀମାନେ ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନାରେ ଫର୍ମର ଶତ ପ୍ରତିଶତ ବଣ୍ଟନ, ଫର୍ମ ସଂଗ୍ରହ ଓ ଡିଜିଟାଇଜେଶନ୍, ଦୈନିକ ରିପୋର୍ଟିଂ, ଆଇଇସି କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିଲା। ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ମହିଳାମାନେ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରଗୁଡିକରେ ପ୍ରବଳ ଭିଡ ଲାଗି ରହୁଛି। ସେଥିପାଇଁ ପ୍ରତିଦିନ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ କରାଇବାକୁ ଜିଲାପାଳ ସମ୍ବଲପୁର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ରେଣୁବାଳା ନନ୍ଦ ଉପସ୍ଥିତ ଥିଲେ। ଏହାସହ ଜିଲାର ସମସ୍ତ ବ୍ଲକରୁ ବିଡିଓ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘରୋଇ ବସ୍ ଚଳାଚଳ ବନ୍ଦ ନିଷ୍ପତ୍ତି

**ପୋଲିସ ଦୁର୍ବ୍ୟବହାରର ପ୍ରତିବାଦ**

କୁଚିଣ୍ଡା,୧୧।୯(ବିରଞ୍ଚି ଦର୍ଜ୍ଜା)

ଝାରସୁଗୁଡ଼ା ଓ କୁଚିଣ୍ଡା ଘରୋଇ ବସ୍ ମାଲିକ ସଂଘ ବିବାଦକୁ ନେଇ ଜଣେ ପୋଲିସ ଅଧିକାରୀଙ୍କ ଦୁର୍ବ୍ୟବହାର ମନ୍ତବ୍ୟ ପ୍ରତିବାଦରେ କୁଚିଣ୍ଡାରେ ଘରୋଇ ବସ୍ ଚଳାଚଳ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁଚିଣ୍ଡା ଉପଜିଲାପାଳ ଓ ପୋଲିସ ଏସ୍‌ଡିପିଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ବସ୍ ମାଲିକ ସଂଘ ସଭାପତି ଧିରେନ୍ଦ୍ର କୁମାର ନାୟକ କହିଛନ୍ତି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ଝାରସୁଗୁଡା ବସ୍ ମାଲିକ ସଂଘ କୁଚିଣ୍ଡାରୁ ଝାରସୁଗୁଡା ଯାଇଥିବା ନାୟକ ଘରୋଇ ବସ୍‌କୁ କୌଣସି କାରଣରୁ ଅଟକାଇଥିଲେ। ପ୍ରତିବାଦ ସ୍ୱରୂପ ଝାରସୁଗୁଡା ଯିବାକୁ ଥିବା ଗୁଡିଆ ନାମକ ବସ୍‌କୁ କୁଚିଣ୍ଡା ବସ୍ ମାଲିକ ସଂଘ ଅଟକ ରଖି ଯାତ୍ରୀ ମାନଙ୍କୁ ଅନ୍ୟ ବସରେ ପଠାଇବା ବ୍ୟବସ୍ଥା କରିଥିଲେ। ଖବରପାଇ କୁଚିଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀ ମାନଙ୍କୁ ନ ଅଟକାଇ ବସ୍ ଛାଡିଦେବାକୁ କୁଆଡେ କହିଥିଲେ। ମାତ୍ର କୁଚିଣ୍ଡା ଘରୋଇ ବସ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ଜଣେ ପୋଲିସ ଏସଆଇ ଦୁର୍ବ୍ୟବହାର କରିଥିବା ଘରୋଇ ବସ୍ ମାଲିକ ସଂଘ ଅଭିଯୋଗ କରି ଏହି ନିଷ୍ପତ୍ତି ନେଇଥିବା କହିଛି। କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳଙ୍କୁ ପଚାରିବାରେ ପୋଲିସ ବିରୋଧରେ ବସ୍ ମାଲିକ ସଂଘ କରିଥିବା ଅଭିଯୋଗ ଭିତ୍ତିହୀନ। ସଂଘ ସହ ଆଲୋଚନା କରିଥିବା ସେ କହିଛନ୍ତି।

### ସମ୍ବଲପୁରରେ ପଞ୍ଚସଖା ଦିବସ ପାଳନ

ସମ୍ବଲପୁର,୧୧।୯(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ ବୁଧବାର ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ପାଳିତ ହୋଇଯାଇଛି। ସଭାପତି ଡ.ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ଅନ୍ୟ ରାଜ୍ୟର ଅଧିନରେ ରହି ନିଜର ଅସ୍ତିତ୍ୱ ହରାଇ ଥିବା ବେଳେ ସମ୍ବଲପୁରରୁ ଭାଷା ଆନ୍ଦୋଳନର ସୂତ୍ରଧର ହେଲା ବୋଲି ଡ. ଦାନୀ କହିଥିଲେ। ପ୍ରଧାନଶିକ୍ଷକ ବଲ୍ଲଭ ମେହେର ଇତିହାସର ଏହି ଅନାଲୋଚିତ ସଂଗ୍ରାମୀମାନଙ୍କୁ ସମସ୍ତେ ଜାଣିବା ଆବଶ୍ୟକତା ରହିଛି। ଶିକ୍ଷାବିତ୍ ଡ. ସନ୍ତୋଷ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ବଲପୁରର ପଞ୍ଚସଖା ବଳଭଦ୍ର ସୁପକାର, ମହନ୍ତ ବିହାରୀ ଦାଶ, ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର ଓ ମଦନମୋହନ ମିଶ୍ରଙ୍କ ଓଡ଼ିଆ ଭାଷା ଭିତ୍ତିରେ ରାଜ୍ୟ ପାଇଁ ଶିମଲା ଯାତ୍ରା କରି ଉନବିଂଶ ଶତାବ୍ଦୀରେ ସାରା ଭାରତ ବର୍ଷରେ ଶିହରଣ ସୃଷ୍ଟି କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ପଞ୍ଚସଖାଙ୍କ ଶୃଙ୍ଖଳିତ ପଦକ୍ଷେପକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଅଶୋକ କୁମାର ମିଶ୍ର ପଞ୍ଚସଖାଙ୍କ ଦେଶ, ଜାତି ତଥା ଭାଷା ପ୍ରେମରେ ଅନୁବ୍ରତୀ ହେବାକୁ କହିଥିଲେ। ଭୁଜାତା ନନ୍ଦ, ସମ୍ପାଦକ ଦୀନବନ୍ଧୁ ପଣ୍ଡା ବକ୍ତବ୍ୟ ରଖିଥିଲେ।

# ମିଟର ପରୀକ୍ଷଣ ପରୀକ୍ଷାଗାରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୯(ବି.ଶଙ୍କର)

ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ(ଟିପିଡବ୍ଲ୍ୟୁଓଡିଏଲ) ଉପଭୋକ୍ତାଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ନେଉଛି। କମ୍ପାନୀ ଉପଭୋକ୍ତାଙ୍କ ସୁବିଧାକୁ ହୃଦ୍‌ବୋଧ କରି ସ୍ମାର୍ଟ ମିଟର ସ୍ଥାପନ ଲାଗି ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ବୁର୍ଲା ସ୍ଥିତ ମିଟର ପରୀକ୍ଷଣ ପରୀକ୍ଷାଗାରଠାରେ ବୁଧବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ବ୍ୟକ୍ତି ବିଶେଷଙ୍କ ସହ ମିଟର ବିଷୟରେ ଆଲୋଚନା ହୋଇଥିଲା। ଏହାପରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପ୍ରବୀଣ କୁମାର ବର୍ମା ଖବରଦାତା ସମ୍ମିଳନୀରେ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ବିଭିନ୍ନ ସରକାରୀ ନିର୍ଦ୍ଦେଶନାମା, ବିଦ୍ୟୁତ୍ ବିତରଣରେ ବ୍ୟବହୃତ ହେଉଥିବା ସ୍ମାର୍ଟ ମିଟର ଏବଂ ବିଜ୍ଞାନ ଓ ଜ୍ଞାନକୌଶଳ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଗବେଷଣା ଦ୍ୱାରା କିପରି ଭାବେ ବିଗତ ଦୀର୍ଘ ୩୦ବର୍ଷ ଭିତରେ ମିଟରର ପରିବର୍ତ୍ତନ ହୋଇଛି ସେନେଇ ସୂଚନା ଦେଇଥିଲେ। ସିଇଓ ବର୍ମା କହିଥିଲେ,


ଟିପିଡବ୍ଲ୍ୟୁଓଡିଏଲ ସିଇଓ ପ୍ରବୀଣ କୁମାର ବର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ବିଶ୍ୱାସନୀୟ, ଉପଭୋକ୍ତା ଉପକୃତ ହେବେ**

ସ୍ମାର୍ଟ ମିଟରଗୁଡ଼ିକୁ କେବଳ କମ୍ପାନୀର କମ୍ପ୍ୟୁଟରଗୁଡିକ ଦ୍ୱାରା ଏକ ଯୋଗଯୋଗ ସ୍ଥାପନ କରାଯାଇଥାଏ। ସ୍ମାର୍ଟ ମିଟର ଲଗାଇବା ଦ୍ୱାରା ଗ୍ରାହକମାନେ ବିଭିନ୍ନ ପ୍ରକାର ସୁବିଧା ପାଇପାରିବେ। ତେଣୁ ସ୍ମାର୍ଟ ମିଟରକୁ ନେଇ କୌଣସି ପ୍ରକାର ଅସୁବିଧା ନାହିଁ। ବୁର୍ଲା ସ୍ଥିତ ଏହି ମିଟର ଟେଷ୍ଟିଂ ଲାବରେଟୋରୀ ଅନ୍ତର୍ଜାତୀୟ ସ୍ତରୀୟ ଜ୍ଞାନକୌଶଳରେ ନିର୍ମିତ। ସମସ୍ତ ସ୍ମାର୍ଟ ମିଟର (୩-ଫେଜ ଏବଂ ସିଙ୍ଗିଲ ଫେଜ) ମିଟରର ପୁଙ୍ଖାନୁପୁଙ୍ଖ ପରୀକ୍ଷା ପରେ ଗ୍ରାହକଙ୍କ ପରିସରକୁ ପଠାଯାଇଥାଏ। ପ୍ରକୃତ ପକ୍ଷେ ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ। ଏହାଦ୍ୱାରା ଗ୍ରାହକମାନେ ନିଜ ଗୃହ, ବ୍ୟବସାୟ କ୍ଷେତ୍ର ଓ ଶିଳ୍ପ କ୍ଷେତ୍ରରେ ଅନାବଶ୍ୟକ ବିଦ୍ୟୁତ୍ ବ୍ୟବହାରକୁ ରୋକିପାରିବେ। ଏହା ଦ୍ୱାରା ସଠିକ ଭାବେ ବିଦ୍ୟୁତ୍ ବ୍ୟବହାରର ନିରୂପଣ କରାଯାଇ ବିଲ୍ ପ୍ରଦାନ କରାଯାଇଥାଏ ବୋଲି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ମା କହିଥିଲେ। ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟମାନଙ୍କୁ ମିଟର ଟେଷ୍ଟିଂ ଲାବରେଟୋରୀ ତଥା ମିଟର ପରୀକ୍ଷଣ ପରୀକ୍ଷାଗାର ପରିଦର୍ଶନ କରିଥିଲେ।

# ପୁଣି ଖୋଲିଲା ହୀରାକୁଦ ଜଳଭଣ୍ଡାରର ଗେଟ୍

ସମ୍ବଲପୁର,୧୧।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳ ଭଣ୍ଡାରରୁ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ବୁଧବାରଠାରୁ ପୁଣିଥରେ ଆରମ୍ଭ ହୋଇଛି। ଗତ ୨ ତାରିଖ ଜଳଭଣ୍ଡାରର ସମସ୍ତ ଗେଟ ବନ୍ଦ କରାଯାଇଥିଲା। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମହାନଦୀରୁ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବା ସହ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ୧୦ ଦିନ ପରେ ପୁଣିଥରେ ଜଳଭଣ୍ଡାରର ୬ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟା ସମୟରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୬.୫୨ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୭୪ ହଜାର ୨୧୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ମୋଟ ୧ଲକ୍ଷ ୨୮ ହଜାର ୦୯୫ ଘନଫୁଟ୍ ଜଳ ନିଷ୍କାସନ ହେଉଛି।

# ଘୋଡ଼ାଗାଡ଼ିରେ ଶ୍ରୀଗଣେଶଙ୍କୁ ଭସାଣି ପାଇଁ ନିଆଗଲା

ନାକଟିଦେଉଳ,୧୧।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କର ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତେବେ ଭସାଣି ଉତ୍ସବ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଶ୍ରୀ ଗଣେଶଙ୍କ ଘୋଡାଗାଡିରେ ଟିକିରା ନଦୀ ପର୍ଯ୍ୟନ୍ତ ନିଆଯାଇ ବିସର୍ଜନ କରାଯାଇଥିଲା। ଭସାଣୀ ଶୋଭାଯାତ୍ରାରେ ଆଧୁନିକ ସଙ୍ଗୀତ ବାଦନ ନ କରି ଶ୍ରେଣୀ କକ୍ଷରେ ପଢାଯାଉଥିବା କାଳିଜାଇରେ ସନ୍ଧ୍ୟା, ମାଟିର ମଣିଷ ଭଳି ପଦ୍ୟ ଆବୃତ୍ତି କରାଯାଇଥିଲା। ନିରାଡମ୍ବର ଭସାଣି ଆୟୋଜନରେ ପୂଜା ଦାୟିତ୍ୱରେ ଥିବା ଶିକ୍ଷକ ଲିଟୁ ସାହୁ, ନୀଳଦିଗନ୍ତ ନାୟକ, ପ୍ରଦୀପ କୁମାର ସାହୁ ସହାୟତା କରିଥିଲେ। ଛାତ୍ରୀଛାତ୍ରମାନେ ନିଜସ୍ୱ ଶୈଳୀରେ ସାଜସଜ୍ଜା କରିଥିଲେ ଯାହା ଅନ୍ୟ ବିଦ୍ୟାଳୟ ପାଇଁ ପ୍ରେରଣାଦାୟୀ ଥିଲା।

# ଜିଏମ୍‌ୟୁରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା


ବକ୍ତୃତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ସମ୍ବଲପୁର,୧୧।୯(ପ୍ରମୋଦ ବହିଦାର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ତୃତୀୟ ପ୍ରଫେସର ପ୍ରଫୁଲ୍ଲ ପତିସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁଙ୍କ ପୌରୋହିତ୍ୟରେ ଆୟୋଜିତ ବିଶ୍ୱ ସାହିତ୍ୟ ଓ ସାହିତ୍ୟରେ ବିଶ୍ୱ ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁପ୍ରିୟା ଚୌଧୁରୀ ଯୋଗଦେଇ ସମଗ୍ର ବିଶ୍ୱକୁ ସାହିତ୍ୟ କିଭଳି ଋଦ୍ଧିମନ୍ତ କରିଛି ତାହା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ହିମାଂଶୁ ମହାପାତ୍ର, ପ୍ରଫେସର ସବିତା ତ୍ରିପାଠୀ, ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ଡ. କାମଦେବ ସାହୁ, ଡ. ପ୍ରଦୀପ ପଣ୍ଡାଙ୍କ ସହିତ ହେମନ୍ତ ମହାପାତ୍ର, ଦୁର୍ଗାମାଧବ ପଣ୍ଡା, ଡ. ବ୍ରହ୍ମାନନ୍ଦ ପାତ୍ରା ଓ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ପ୍ରଫେସର ପତିଙ୍କ ସୁପୁତ୍ର ହିମାଂଶୁ ପତି ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପିତାଙ୍କ ସ୍ମୃତିଚାରଣ କରିଥିଲେ। ଡ. ପି ମୁରଲୀଧର ଶର୍ମା ସଭା ପରିଚାଳନା କରିଥିଲେ। କୁଳସଚିବ ସନତ କୁମାର ନାଏକ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଉପକୁଳସଚିବ ଡ. ଉମା ଚରଣ ପତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଇଂଲିଶ ବିଭାଗର ଛାତ୍ରୀଛାତ୍ରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଲପଙ୍ଗାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର,୧୧।୯(ବି.ଶଙ୍କର)

ଜେଏସଡବ୍ଲ୍ୟୁ-ବିପିଏସ୍‌ଏଲ ପକ୍ଷରୁ ସମ୍ବଲପୁର ଜିଲା ଲପଙ୍ଗା ରାମଚଣ୍ଡି ମନ୍ଦିର ନିକଟରେ ବୁଧବାର ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଛି। ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ସମ୍ବଲପୁର ଏବଂ ଝାରସୁଗୁଡାର ସିଏସଆର ମୁଖ୍ୟ ବିଶାଲ ରାଜ, ଦୁର୍ଗା ପ୍ରସାଦ ସାହୁ, ପ୍ରଦୀପ ସାହୁ, ବ୍ୟାସଦେବ ସାହୁ, ସଞ୍ଜୀବ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ବହୁମୁଖୀ ସ୍ଥାନ ଭାବେ କାର୍ଯ୍ୟ କରିବାକୁ ନୂତନ ଭାବରେ ନିର୍ମିତ କମ୍ୟୁନିଟି


ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନେ।

ସେଣ୍ଟର ପରିକଳ୍ପନା କରାଯାଇଛି। ଯେଉଁଠାରେ ବିଭିନ୍ନ ବୟସର ବ୍ୟକ୍ତି ଏବଂ ଗୋଷ୍ଠୀର ସଭ୍ୟମାନେ ବିଭିନ୍ନ କାର୍ଯ୍ୟରେ ସଂଯୋଗ ଏବଂ ସହଯୋଗ କରିପାରିବେ ବୋଲି ସିଏସଆର ମୁଖ୍ୟ ରାଜ କହିଥିଲେ। ସଦସ୍ୟଙ୍କ ମଧ୍ୟରେ ଭାବନା ତଥା ସାମାଜିକ ଅନ୍ତର୍ଭୁକ୍ତିକୁ କେନ୍ଦ୍ର ଜରିଆରେ ସୁଦୃଢ଼ ହୋଇପାରିବ।

# ଅକ୍ଟୋବର ୯ରୁ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

ସମ୍ବଲପୁର,୧୧।୯(ଭବାନୀ ଶଙ୍କର ଭୋଇ)

ଆଗାମୀ ଅକ୍ଟୋବର ମାସ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ଯୁଯୋମୁରାଠାରେ ରାଜ୍ୟସ୍ତରୀୟ ତିରନ୍ଦାଜୀ (ଆର୍ଚେରୀ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ସମ୍ବଲପୁର ଜିଲା ଆର୍ଚେରୀ ଆସୋସିଏଶନ୍ ପକ୍ଷରୁ ବୁଧବାର ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ତିରନ୍ଦାଜୀ(ଆର୍ଚେରୀ)ର ପ୍ରଚାର ପ୍ରସାର ପାଇଁ ଜିଲା ତିରନ୍ଦାଜୀ ଆସୋସିଏଶନ୍ ପକ୍ଷରୁ ଉଦ୍ୟମ କରାଯାଉଛି। ଯୁଯୋମୁରାରେ ଦୀର୍ଘ ୨୦ ବର୍ଷ ହେବ ଗୁରୁ ମିତ୍ରଭାନୁ ମହାପାତ୍ର ବ୍ୟକ୍ତିଗତ ଉଦ୍ୟମରେ ତିରନ୍ଦାଜୀ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଅନେକ ଛାତ୍ର ତିରନ୍ଦାଜୀରେ ଜିଲାରୁ ପ୍ରତିନିଧିତ୍ୱ


ଜିଲାପାଳଙ୍କ ସହ ଜିଲା ଆର୍ଚେରୀ ଆସୋସିଏଶନ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କରିବା ପରେ ସମ୍ବଲପୁର ଜିଲାରେ ତିରନ୍ଦାଜୀର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ଏହାପରେ ଜିଲା ଆର୍ଚେରୀ ଆସୋସିଏଶନ୍ ଗଠନ କରାଯାଇ ଏହାର ପ୍ରସାର ପାଇଁ ଉଦ୍ୟମ କରାଯାଉଛି। ଅଞ୍ଚଳର ଅନେକ ଛାତ୍ର ଏବେ ବିଭିନ୍ନ ସ୍ତରରେ ତିରନ୍ଦାଜୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ତେବେ ଜିଲାରେ ତିରନ୍ଦାଜୀକୁ ଆହୁରି ଲୋକପ୍ରିୟ କରିବା ପାଇଁ ଯୁଯୋମୁରାରେ ଆସନ୍ତା ମାସ ୯ ତାରିଖରୁ ଚାରି ଦିନିଆ ରାଜ୍ୟସ୍ତରୀୟ ତିରନ୍ଦାଜୀ ପ୍ରତିଯୋଗିତାର ଆୟୋଜନ ପାଇଁ ଆସୋସିଏଶନ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଆସୋସିଏଶନ କର୍ମକର୍ତ୍ତା ଜିଲାପାଳଙ୍କ ସହ ଆଲୋଚନା ଅବସରରେ ପ୍ରତିଯୋଗିତାର ରୂପରେଖ ବିଷୟରେ ଅବଗତ କରିଥିଲେ। ଯୁଯୋମୁରାରେ ତିରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମିର ବିକାଶ, ପ୍ରତିଯୋଗୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଆଦି ବିଷୟରେ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଆଲୋଚନା ସମୟରେ ଆସୋସିଏଶନ୍ ସଭାପତି କିଶୋର କୁମାର ଦେହୁରୀ, ଉପସଭାପତି ଅଶ୍ୱିନୀ କୁମୁରା, ଉପଦେଷ୍ଟା ସୁରେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଜୁଡୋ ଖେଳାଳି ଇଶାନଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ


ଜୁଡୋ ଖେଳାଳି ଇଶାନ କୁମାର ପ୍ରଧାନଙ୍କୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୁଭେଚ୍ଛା ଜଣାଉଛନ୍ତି।

ସମ୍ବଲପୁର,୧୧।୯(ବି.ଶଙ୍କର)

ସମ୍ବଲପୁର ମାଟିର ପୁଅ ତଥା ଆନ୍ତର୍ଜାତିକ ଜୁଡ଼ୋ ଖେଳାଳି ଇଶାନ କୁମାର ପ୍ରଧାନ ବୁଧବାର ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଇଶାନଙ୍କୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଗାମୀ ଦିନରେ ସେ ଖେଳିବାକୁ ଥିବା ଜୁଡ଼ୋ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମ୍ବଲପୁର ଗୋବିନ୍ଦଟୋଲା ନିବାସୀ ଜିତେନ୍ଦ୍ର ପ୍ରଧାନ ଓ ସଙ୍ଗୀତା ପ୍ରଧାନଙ୍କ ପୁଅ ଇଶାନ ଆଗାମୀ ନଭେମ୍ବର ୭ ରେ ହଙ୍ଗେରିରେ ଜୁଡୋ ପ୍ରଶିକ୍ଷଣ ଶିବିରରେ ଭାଗ ନେବେ। ଏହାସହ ୟୁରୋପିୟନ ଚାମ୍ପିୟନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଇଶାନ ୨୦୨୧ ମସିହାରେ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାସହ ଏକ ବର୍ଷ ପାଇଁ କଳିଙ୍ଗ ଷ୍ଟାଡିୟମରେ କୋଚ ଗୀତାଞ୍ଜଳି ପଣ୍ଡା ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲେ। ବର୍ତ୍ତମାନ ଗୋଆର ପୋଣ୍ଡାଠାରେ ଥିବା ସାଇ ପ୍ରଶିକ୍ଷଣ କେନ୍ଦ୍ରରେ କୋଚ ସୁଶୀଲ ଗାଏକୱାଡଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ଦିନରେ ହଙ୍ଗେରିଠାରେ ହେବାକୁ ଥିବା ଆନ୍ତର୍ଜାତିକ ଜୁଡ଼ୋ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଇଶାନ କହିଛନ୍ତି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଇଶାନଙ୍କ ସହ ତାଙ୍କ ଜେଜେମା ସୁଖଲତା ନାୟକ, ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି, ପୂର୍ବତନ ଜିଲା କ୍ରିଡା ଅଧିକାରୀ ଉପେନ୍ଦ୍ର କୁମାର ଶତପଥୀ, ଲକ୍ଷଣ କୁମାର ମେହେର,ଏମ.ଏନ.ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।

# ବରକାନୀ, ଲୋଇସିଂହା, ଚିକିନିବାହାଲି ଦଳ ବିଜୟୀ

**ବଲାଙ୍ଗୀର,୧୧।୯(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ମିଶନ୍ ପଡିଆରେ ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି, ରେଫରି ଓ ଅତିଥି।

**ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ**

■ ଜିଲାର ୧୪ଟି ଖେଳପଡିଆରେ ଆୟୋଜିତ ହେଉଛି ମ୍ୟାଚ୍

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲାର ୧୪ଟି ପଡିଆରେ ବୁଧବାର ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବଲାଙ୍ଗୀର ମିଶନ ପଡିଆରେ ଏନ୍‌ଏସ୍ ସ୍ପୋର୍ଟିଂ ଓ ବରକାନୀ ଏଫ୍‌ସି ଦଳ ମୁହାଁମୁହିଁ ହୋଇଥିଲେ। ଅତିଥି ଭାବେ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ସଦସ୍ୟ ଜୟରାମ ମିଶ୍ର, ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର ଓ ଶ୍ରୀକାନ୍ତ ରାଉତ ମିଶନ ପଡିଆରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୨-୦ ଗୋଲରେ ବରକାନି ଏଫ୍‌ସିକୁ ହରାଇ ଏନ୍‌ଏସ୍ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଲୋଇସିଂହା ମିନି ଷ୍ଟାଡିୟମରେ ବିଡିଏଫ୍‌ସି ଲୋଇସିଂହା ଦଳ ୧-୦ ଗୋଲରେ ସକ୍ମା ଦଳକୁ ହରାଇ ବିଜୟୀ ହୋଇଥିଲା। ହଳଦୀ ପଡିଆରେ ଚିକିନିବାହଲି ଦଳ ୧-୦ ଗୋଲରେ ଜୁଗିରଡା ଦଳକୁ ହରାଇଥିଲା। ମୁରିବାହାଲ ପଡିଆରେ ଜେଏଫ୍‌ଟି ଘୁଷୁରାମୁଣ୍ଡା ଦଳ ୧-୦ ଗୋଲରେ ସାନଝାଙ୍କରପାଲି ଦଳକୁ ହରାଇଥିଲା। ସିଟି ସ୍କୁଲ ଟିଟିଲାଗଡ ପଡିଆରେ ଗୁଲ୍‌ମି ଦଳ ୨-୦ ଗୋଲରେ ମର୍ନିଂ କ୍ଲବ ଟିଟିଲାଗଡକୁ ହରାଇଥିଲା। ଖୋଲାନ ପଡିଆରେ କୁରସୁଡ ଦଳ ୬-୦ ଗୋଲରେ ଖୋଲାନ ଏକୁ ହରାଇଥିଲା। ଜରାସିଂହା ମିନି ଷ୍ଟାଡିୟମରେ କରେଲଧୁଆ ଦଳ ୨-୧ ଗୋଲରେ ଚନ୍ଦ୍ରପୁର ଦଳକୁ ହରାଇଥିଲା। ଚୁଡାପାଲି ପଡିଆରେ କୁଟୁମଡୋଲା ଦଳ ଟ୍ରାଇବ୍ରେକରରେ ୫-୪ ଗୋଲରେ ରେଙ୍ଗଟାସିଲ ଦଳକୁ ହରାଇଥିଲା। ଟିକ୍ରାପଡା ପଡିଆରେ କଦଲୀମୁଣ୍ଡା ଦଳ ୫-୦ ଗୋଲରେ ଗୁଡିଘାଟ ଦଳକୁ ହରାଇଥିଲା। ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିରେ ସାଇଟ କଲେଜ ଦଳ ଟ୍ରାଇବ୍ରେକର ୫-୪ ଗୋଲରେ ଛତାବାହଲ ଦଳକୁ ହରାଇଥିଲା। ବଲାଙ୍ଗୀର ଟାଉନ ହାଇସ୍କୁଲ ପଡିଆରେ ଆୟୋଜିତ ଖେଳରେ ରିଜର୍ଭ ପୋଲିସ ଦଳ ୩-୦ ଗୋଲରେ ରୟ ସ୍ପୋର୍ଟିଂକୁ ହରାଇଥିଲା। ଖୁଜେନପାଲି ପଡିଆରେ ସୁଦପଡା ଏଫ୍‌ସି ୧-୦ ଗୋଲରେ କିସାନ କାଲସାଏପାଲିକୁ ହରାଇଥିଲା। ପାଟଣାଗଡ ହାଇସ୍କୁଲ ପଡିଆରେ କୁଡମୁଣ୍ଡା ଦଳ ୫-୧ ଗୋଲରେ ଜବାହାରଲାଲ କଲେଜ ଦଳକୁ ହରାଇଥିଲା। ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମରେ ଟୁଲିଫୁଙ୍କା ଦଳ ୧-୦ ଗୋଲରେ ଝଲପ ଦଳକୁ ହରାଇଥିଲା ବୋଲି ସଂସଦର ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ବିଭିନ୍ନ ଖେଳ ପଡିଆରେ ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ଟୁର୍ନାମେଣ୍ଟର ସଫଳତା କାମନା କରିଥିଲେ। ବହୁ ଦର୍ଶକ ବିଭିନ୍ନ ପଡିଆରେ ଖେଳ ଉପଭୋଗ କରିଥିଲେ।

# ରେକଡୋଲରେ ନୂଆଁଖାଇ ଭେଟ୍‌ଘାଟ

**ଘଣ୍ଟାପଡ଼ା,୧୧।୯(ପ୍ରଭାତ କୁମାର ସାହୁ)**

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପରେ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ରେକଡୋଲ ଗ୍ରାମର ୱାର୍ଡ ନଂ ୩ରେ ଗଣେଶ ପୂଜା କମିଟି ତରଫରୁ ମଙ୍ଗଳବାର ଦିନ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ୱାର୍ଡମେମ୍ବର କଲେଶର ବିଭାର ଯୋଗଦେଇ ଭାଇଚାରା ବଜାୟ ରଖିବାକୁ ହେଲେ ଏପରି ଭେଟଘାଟ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ମନ ବିଭାର, ଭବାନୀଶଙ୍କର ବିଭାର, ଠାକୁର କହଁର ଯୋଗ ଦେଇଥିଲେ। ପରେ ଅଞ୍ଚଳର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୁନି କୁନି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ନାଚଗୀତକୁ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ପରେ କୁନି କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଦିଆଯାଇଥିଲା। ରାହାସ ବିଭାର ଓ ମୁକେଶ ନାଗ ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କୁନି କଳାକାର।

# ବୌଦ୍ଧରେ ଜନଗଣନା ପାଇଁ ସମୀକ୍ଷା ବୈଠକ




ବୈଠକରେ ନିର୍ଦ୍ଦେଶକ, ଜିଲାପାଳ ଓ ଅନ୍ୟ ଅଧିକାରୀ।

**ବୌଦ୍ଧ,୧୧।୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜନଗଣନା ତଥା ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଉଦୟ ନାରାୟଣ ଦାଶଙ୍କ ଅଧକ୍ଷତାରେ ଏକ ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଜିଲାର ସମସ୍ତ ଅଧିକାରୀ ନିଜ ନିଜ ସ୍ତରରେ ଆଗକୁ ହେବାକୁ ଥିବା ଜନଗଣନା ସମ୍ବନ୍ଧୀୟ ତଥ୍ୟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତି ଦଶବର୍ଷରେ ଜନଗଣନା ହୋଇ ଆସୁଥିବା ବେଳେ କରୋନା କଟକଣା ପାଇଁ ଧାର୍ଯ୍ୟ ସମୟରେ ଏହା ହୋଇପାରିନାହିଁ। ତେଣୁ ଆସନ୍ତା ବର୍ଷ ଫେବୃୟାରୀ ୮ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଜନଗଣନା କାର୍ଯ୍ୟ ଅନୁଷ୍ଠିତ ହେବ। ଜିଲାସ୍ତରରେ ଅତିରିକ୍ତ ଜିଲାପାଳ ଜନଗଣନା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିବେ। ଜନଗଣନାରେ ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ପରିବାରକୁ ସାମିଲ କରାଯିବ ଏବଂ ସମସ୍ତଙ୍କୁ ଜନଗଣନା ପୂର୍ବରୁ ତଥ୍ୟ ପ୍ରସ୍ତୁତ କରିବା ସହିତ ଜନସାଧାରଣ ଯେପରି ଏଥିରେ ସହଯୋଗ କରିବେ ସେଥିପ୍ରତି ସଚେତନ କରିବାକୁ ଆଲୋଚନା ହୋଇଥିଲା। ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳିତ ଭାବରେ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ପରଖିବେ ଏବଂ ରେକର୍ଡ ଅନୁଯାୟୀ ତଥ୍ୟ ପ୍ରସ୍ତୁତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମୃତ୍ୟୁକାଳୀନ ପ୍ରମାଣପତ୍ର ସହିତ ମୃତ୍ୟୁର କାରଣ ଉଲ୍ଲେଖ କରିବା ବାଧ୍ୟତା ମୂଳକ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡାକ୍ତରମାନଙ୍କୁ ଏନେଇ ତାଲିମ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଶରଣାର୍ଥୀ ସଂପର୍କିତ ରିପୋର୍ଟ ଜନଗଣନାରେ ସାମିଲ କରିବାକୁ ପରାମର୍ଶ ଦେବା ସହିତ ଧାର୍ଯ୍ୟ କମିଟି ଏ ସମ୍ପର୍କରେ ତଥ୍ୟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତୃତୀୟ ଲିଙ୍ଗୀଙ୍କ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପରବର୍ତ୍ତୀ ପର୍ଯ୍ୟାୟରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ ବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ରହିଥିବା ଗ୍ରାମଗୁଡିକୁ ଚିହ୍ନଟ କରି ଜଗନଣନା କାର୍ଯ୍ୟକ୍ରମକୁ ଠିକ ଭାବରେ କରିବା ପାଇଁ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନା, ସମସ୍ତ ଗୋଷ୍ଠୀ ଉନ୍ନୟନଅଧିକାରୀ, ଅତିରିକ୍ତ ତହସିଲଦାର ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଫାଇନାନ୍ସ ସଂସ୍ଥା ଟଙ୍କା ନେଇ ଫେରାର ଏଜେଣ୍ଟ ଗିରଫ

**ଡୁଙ୍ଗୁରିପାଲି, ୧୧।୯(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ସମସ୍ତ ଗ୍ରୁପ ଫାଇନାନ୍ସର ଜଣେ ଏଜେଣ୍ଟ ଭାବେ କାମ କରି ଋଣ ଅସୁଲି କିସ୍ତି ଟଙ୍କା ନେଇ ଫେରାର ଥିବା ଯୁବକଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଶିବତଲା ଗ୍ରାମର ବୁଧଦେବ ସାହୁ(୨୬)। ବୁଧଦେବ ବିଭିନ୍ନ ଗାଁର ମହିଳାମାନଙ୍କଠାରୁ ଋଣ ଅସୁଲି କିସ୍ତି ୧ ଲକ୍ଷ ୩୫ହଜାର ୯୯୦ଟଙ୍କା ନେଇ ୨୦୨୩ ମେ ୨୭ରେ ସେ ନେଇ କୁଆଡେ ପଳାଇଥିଲେ। ସେହି ଦିନ ସମସ୍ତ ଗ୍ରୁପ ଫାଇନାନ୍ସ ସଂସ୍ଥାର ବିଏମ ବନମାଳୀ ଭୁଏ ଏ ନେଇ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଜାରି ରଖିଥିଲା। ଘଟଣାର ୧ ବର୍ଷ ୪ମାସ ପରେ ଏଏସଆଇ ମୋହନ ବରିହା ଓ ତାଙ୍କ ଟିମ ଶିବତଲା ଗ୍ରାମକୁ ଯାଇ ବୁଧଦେବ ସାହୁଙ୍କୁ ମଙ୍ଗଳବାର ଗିରଫ କରିଥିଲେ। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବୁଧଦେବଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

# କର୍ନାଟକରେ ସଡ଼କ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ଲୋଇସିଂହା,୧୧।୯(ସୁଶାନ୍ତ ବାରିକ)**

କର୍ନାଟକରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ ପିପିର୍ଡା ପଞ୍ଚାୟତ ରାକ୍ସିମୁଣ୍ଡା ଗ୍ରାମର ସହିତ ତାଣ୍ଡି। ବୁଧବାର ମୃତଦେହ ରାକ୍ସିମୁଣ୍ଡା ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଗାଁଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପ୍ରକାଶ ଯେ, ସହିତ କର୍ନାଟକର ବାଙ୍ଗାଲୁରୁ ଅଞ୍ଚଳର ଏକ ପଥର ଖାଦାନରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ନୂଆଁଖାଇ ଦିନ ସହିତ କୌଣସି କାମରେ ବାଇକ୍‌ରେ ଯାଉଥିଲେ। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ସହିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ।

# ଆଟ ବୋଝେଇ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

**ଲୋଇସିଂହା,୧୧।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ରାସ୍ତାର ଡାହାଣ ପଟରେ ଥିବା ଏକ ଢାବା ନିକଟରେ ପୂର୍ବରୁ ଛିଡା ହୋଇଥିବା ଏକ କଣ୍ଟେନର ସହ ସାମ୍ନା ପଟରୁ ଆସୁଥିବା ଏକ ଆଟ ବୋଝେଇ ପିକଅପ୍ ଭ୍ୟାନ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ରାୟଗଡାରୁ ରାଞ୍ଚିକୁ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ରେ ଆଟ ଚାଲାଣ ହେଉଥିଲା।

# ୱାର୍ଡସଭ୍ୟ ପ୍ରଶିକ୍ଷଣ ଶିବିର




ଶିବିରରେ ଉପସ୍ଥିତ ୱାର୍ଡ ସଭ୍ୟାସଭ୍ୟ, ଅଧିକାରୀ ଓ ତାଲିମଦାତାମାନେ।

**ଅମରପାଲି,୧୧।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷରେ ୱାର୍ଡ ସଭ୍ୟାସଭ୍ୟଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ପରିଷଦ ଆୟୋଜନରେ ଅନୁଷ୍ଠିତ ଶିବିରକୁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଶୈବାଳିନୀ ପଟ୍ଟନାୟକ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜିକା ଶୈବାଳୀ ଦାସ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଜଟେସିଂହା, କମିରା, ଚମ୍ପାମାଳ, ହିଲୁଙ୍ଗ ଓ ଖଣ୍ଡହତା ଆଦି ୫ ପଞ୍ଚାୟତର ୭୨ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୫୩ଜଣ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ସତ୍ୟ ନନ୍ଦ, ବ୍ରହ୍ମାନନ୍ଦ ସାହୁ ତାଲିମଦାତାଭାବେ ଯୋଗଦେଇ ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।


**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(ସଂସଦ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)
ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍: ୭୬୩୦୦୪

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**

ବିଜ୍ଞାପନ ନଂ. ୪/୨୦୨୪ ତାରିଖ: ୦୨/୦୯/୨୦୨୪

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ୍ ଭିତ୍ତିରେ ନିମ୍ନଲିଖିତ ବୈଧାନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର.ସଂ. | ପଦବୀର ନାମ | ପଦବୀ ସଂ. ଓ ବର୍ଗ | ୭ମ ସିପିସି ଅନୁସାରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁସାରେ ପେ' ବ୍ୟାଣ୍ଡ ଓ ଗ୍ରେଡ୍ ପେ' |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଏଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ (www.cuo.ac.in)। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ।
ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍'ରେ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।

CBC-21317/12/0002/2425 ସ୍ୱା./- ଭାରପ୍ରାପ୍ତ ନିବନ୍ଧକ



**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-183_1/2024 Date : 12.09.2024

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Residential Buildings of Manoharpur Township Complex at Sarbahal, Sundargarh | Rs.1,180/- (Rupees One Thousand One Hundred Eighty only) including GST | 12.09.2024 | 26.09.2024 | 03:00 PM / 03:30 PM on 03.10.2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer



झारखंड सरकार
ग्रामीण कार्य विभाग
कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गुमला

**शुद्धि पत्र**

एतद द्वारा सूचित किया जाता है कि ग्रामीण कार्य विभाग, कार्य प्रमंडल, गुमला के अन्तर्गत निकाली गयी ई–निविदा आमंत्रण संख्याः–10/2024-25/ RWD/W/EE/GUMLA दिनांक–27.08.2024, PR- 333816 (Rural Works Department)24-25 (D) द्वारा प्रकाशित हुआ था को अपरिहार्य कारणों से रद्ध किया जाता है।

ह0/–कार्यपालक अभियंता
ग्रामीण कार्य विभाग,
कार्य प्रमंडल गुमला

PR 335447 (Rural Work Department)24-25*D



**ଜିଲ୍ଲା ପରିଷଦ, ସମ୍ବଲପୁର**
ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in
ପତ୍ର ସଂଖ୍ୟା: ୪୦୭୧/ଜି.ପ. ତାରିଖ: ୧୧।୦୯।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ ଓ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆନୁକୂଲ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୮।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଧନକଉଡ଼ା | ତା୧୯।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଜମନକିରା | ତା୨୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଯୋମୁରା | ତା୨୧।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| ନାକଟିଦେଉଳ | ତା୨୪।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ମାନେଶ୍ୱର | ତା୨୫।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| କୁଚିଣ୍ଡା | ତା୨୬।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ରେଙ୍ଗାଲି | ତା୨୭।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୩୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./– ଜିଲ୍ଲାପାଳ–ତଥା–ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର



सूचना एवं प्रसारण मंत्रालय
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
55th International Film Festival of India, Goa 20th-28th November, 2024

**୫୫ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଗୋଆ**

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ନିମନ୍ତେ
**ପ୍ରବେଶିକା ଆହ୍ୱାନ**

**ଯୋଗ୍ୟତା**

ଚଳଚ୍ଚିତ୍ରଟି ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ଡେବ୍ୟୁ (ପଦାର୍ପଣ) ଚଳଚ୍ଚିତ୍ର ହେବା ଆବଶ୍ୟକ।
କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣନ କିମ୍ବା ପ୍ରଯୋଜନା ସମାପ୍ତି ୧ ଅଗଷ୍ଟ ୨୦୨୩ ଓ ୩୧ ଜୁଲାଇ ୨୦୨୪ ମଧ୍ୟରେ ହେବା ଆବଶ୍ୟକ।
ସମସ୍ତ ଚଳଚ୍ଚିତ୍ରରେ ଇଂରାଜୀ ସବ୍‌ଟାଇଟଲ୍ ରହିଥିବା ଜରୁରୀ।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି
୨୩ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ

ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପାଇଁ
ଦୟାକରି ପରିଦର୍ଶନ କରନ୍ତୁ: www.iffigoa.org

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ଏନ୍‌ଏଫ୍‌ଡିସି-ଏଫ୍‌ଡି କମ୍ପ୍ଲେକ୍ସ
୧ମ ମହଲା, ଓଲ୍ଡ ବିଲ୍ଡିଂ
୨୪, ଡା. ଗୋପାଳରାଓ ଦେଶମୁଖ ମାର୍ଗ,
ମୁମ୍ବାଇ - ୪୦୦ ୦୨୬, ମହାରାଷ୍ଟ୍ର
ଟେଲି: ୦୨୨ ୨୩୫୩ ୩୨୭୫/୨୦୮୩ ୦୪୭୧
ଇମେଲ୍: bestdebut@nfdcindia.com

CBC 22201/11/0011/2425

# ହାତୀରେ ବସି ସହର ବୁଲିଲେ କଂସ ମହାରାଜା


ବୁଧବାର ପଞ୍ଚମ ଦିନରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ମେଳାରେ ଲୋକଙ୍କ ଭିଡ଼।

**ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳାର ପଞ୍ଚମ ଦିବସ**
- କଂସ ମହାରାଜା ହେଲମେଟ ପିନ୍ଧିବାକୁ ଲୋକଙ୍କୁ କହିଲେ
- ମେଳାରେ ଶାନ୍ତି ସୁରକ୍ଷା ପାଇଁ ପୋଲିସକୁ ନିର୍ଦ୍ଦେଶ
- ଖାଦ୍ୟ, ଦୋଳି, ମୀନାବଜାରରେ ଜମୁଛି ଭିଡ଼
- ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ

**ଦେବଗଡ଼,୧୧।୯(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି। ଅନୁକୂଳ ପାଗ ଯୋଗୁ ମେଳାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ବାଲେଶ୍ୱରର 'ସୁର ସନ୍ଧ୍ୟା' ଦ୍ୱାରା ଓଡିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ ଭଜନ ସନ୍ଧ୍ୟା, କଂସ ଦରବାର ଓ କଟକର 'ଅର୍କେଷ୍ଟ୍ରା ସିଗନେଚର ବ୍ୟାଣ୍ଡ' ଦ୍ୱାରା ଅର୍କେଷ୍ଟ୍ରା ପରିବେଷିତ ହୋଇଥିଲେ। ସେହିପରି ରାତ୍ରୀରେ ଫ୍ରି ଶୋ' ଅପେରା ଓ ଟିକେଟେଡ ଶୋ' ଅପେରା ମଧ ଆୟୋଜିତ ହୋଇଥିଲା। ବିଶେଷ ଭାବେ ଅର୍କେଷ୍ଟ୍ରାର ତାଳେ ତାଳେ ଯୁବଗୋଷ୍ଠୀ ଝୁମି ଉଠୁଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଭଳି ବୁଧବାର ମଧ ହାତୀ ଏବଂ କଂସ ଦରବାର ଦର୍ଶକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ ସାଜିଥିଲା। ହାତୀରେ ବସି କଂସ ମହାରାଜା ସହରରେ ବୁଲିବା ବେଳେ ହେଲମେଟ ପିନ୍ଧିବାକୁ ଲୋକଙ୍କୁ କହିଲେ ଏବଂ ମେଳାରେ ଶାନ୍ତି ସୁରକ୍ଷା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ଥାନୀୟ ଏବଂ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ନିମନ୍ତେ 'ଆନନ୍ଦ ବଜାର' କାର୍ଯ୍ୟକ୍ରମ ଜରିଆରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା।


ହାତୀରେ ବସି କଂସ ମହାରାଜ ସହର ବୁଲୁଛନ୍ତି।

ଏହାକୁ ଅତିଥି ଭାବେ ମନୋରଞ୍ଜନ ଶତପଥି ଶୁଭାରମ୍ଭ କରିଥିବା ବେଳେ ଆୟୋଜକ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ଉପ ସଭାପତି ଜନ୍ମାଜୟ ନାୟକ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ ଓ ସହ କୋଷାଧ୍ୟକ୍ଷ କୃଷ୍ଣ ମେହେରଙ୍କ ସମେତ କମିଟିର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସହରର ବିଭିନ୍ନ ସ୍ଥାନରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ସୁସ୍ୱାଦୁ ଚାଟ, ଗୁପଚୁପ, ମଥୁରା କେକ, ଲଙ୍କା ମରିଚ ଚପ, ଫାୟାର ବିସ୍କୁଟ, ଚାଓମିନ, ମଞ୍ଚୁରିଆନ ଓ ଆଇସକ୍ରିମ ଆଦି ଷ୍ଟଲ ଦର୍ଶକଙ୍କୁ ବିଶେଷ ଭାବେ ମହିଳାମାନଙ୍କୁ ଆକୃଷ୍ଟ କରିଥିଲା। ରାଜା ବସୁଦେବ ହାଇସ୍କୁଲ ଖେଳ ପଡିଆଠାରେ ଖୋଲାଯାଇଥିବା କ୍ରାଫ୍ଟ ମେଳା ସାଙ୍ଗକୁ ଭଳିକି ଭଳି ଦୋଳି ଓ ମୀନାବଜାର ସମସ୍ତ ବର୍ଗର ଜନସାଧାରଣଙ୍କ ପାଇଁ ଉପଭୋଗ୍ୟ ହୋଇଥିଲା। ଆବାଳ ବୃଦ୍ଧ ବନିତାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା।

# ଲଇକେରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା,୧୧।୯(ସଞ୍ଜୟ ମାଲି)**



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ଏବଂ ଉପସ୍ଥିତ ଅଛନ୍ତି ଅନ୍ୟ ଅଧିକାରୀ ବୃନ୍ଦ।

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ସଭା ଗୃହରେ ବୁଧବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାଏକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଘୁଟା, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୮ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୦୪ଟି ସାମୂହିକ ଏବଂ ୧୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। କୁଲେମୁରା ଅଧୀନସ୍ଥ ସାଲହେଟିକ୍ରା ଗ୍ରାମର ରୁଗୁଡ଼ିବନ୍ଧ (ଚନ୍ଦନ ପୋଖରୀ)କୁ ଗାଧୁଆ ବନ୍ଧ ରୂପେ ସଂରକ୍ଷିତ ରଖିବା, ଖୁଣ୍ଟାମାଲ ଗ୍ରାମ ପଞ୍ଚାୟତ ଚାଷୀ ପଞ୍ଜୀକରଣରେ ନାରାୟଣୀ ଏସଏଚଜି ଗ୍ରୁପର ଅନିୟମିତତା, ତଥା ଭାତଲଇଡା ଗ୍ରାମର ମଦଭାଟି ବନ୍ଦ ସାଙ୍ଗକୁ କୁଚିଆ ମଦ ଭାଟି ଉଚ୍ଛେଦ ସମ୍ବନ୍ଧିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଜଣଙ୍କୁ ଚିକିତ୍ସା ବାବଦକୁ ରେଡକ୍ରସ ପକ୍ଷରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ତର୍ଜମା ପୂର୍ବକ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(ସଂସଦ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)
ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍: ୭୬୩୦୦୪

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**
ବିଜ୍ଞାପନ ନଂ. ୪/୨୦୨୪ ତାରିଖ: ୦୨/୦୯/୨୦୨୪
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ୍ ଭିତ୍ତିରେ ନିମ୍ନଲିଖିତ ବୈଧାନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର.ସଂ. | ପଦବୀର ନାମ | ପଦବୀ ସଂ. ଓ ବର୍ଗ | ୭ମ ସିପିସି ଅନୁସାରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁସାରେ ପେ' ବ୍ୟାଣ୍ଡ ଓ ଗ୍ରେଡ୍ ପେ' |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଏଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ (www.cuo.ac.in)। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ।
ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍'ରେ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।
CBC-21317/12/0002/2425 ସ୍ୱା./- ଭାରପ୍ରାପ୍ତ ନିବନ୍ଧକ

# ୨ ବର୍ଷ ହେବ ଜେନେରେଟର ଖରାପ

# ବିଦ୍ୟୁତ୍ ଗଲେ ଡାକ ମୁଖ୍ୟ କାର୍ଯ୍ୟାଳୟ ଅନ୍ଧାର

- ଖାତାଧାରୀ ହନ୍ତସନ୍ତ
- ୧ ମାସ ହେବ ଇନ୍‌ଭଟର ଅଚଳ

**ବ୍ରଜରାଜନଗର,୧୧।୯(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଓରିଏଣ୍ଟ ଜିଏମ କଲୋନୀରେ ଥିବା ମୁଖ୍ୟ ଡାକଘର ବିଦ୍ୟୁତ୍ ସେବା ବ୍ୟାହତ ହେଲେ ଅନ୍ଧାର ହୋଇଯାଉଛି। ଫଳରେ କାର୍ଯ୍ୟାଳୟ ଭିତରେ ସମସ୍ତ କାର୍ଯ୍ୟ ବ୍ୟାହତ ହେବା ସହ କମ୍ପ୍ୟୁଟର ନ ଚାଲିବାରୁ କାର୍ଯ୍ୟ ବନ୍ଦ ମଧ ହେଉଛି। ଫଳରେ ପୋଷ୍ଟାଲ ଖାତାଧାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ପୋଷ୍ଟମାଷ୍ଟରଙ୍କ ପାଖରେ ଜେନେରେଟର ସୁବିଧା ଥାଇ ମଧ କାହିଁକି ଚାଲୁ କରାଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ପୋଷ୍ଟ ମାଷ୍ଟର ହିମାଂଶୁ ଆଚାର୍ଯ୍ୟଙ୍କୁ ପଚାରିବାରୁ ବିଦ୍ୟୁତ୍ କାଟିବା ଦ୍ୱାରା ଖାତାଧାରୀମାନେ ହଇରାଣ ହେଉଥିବା କଥାକୁ ସ୍ୱୀକାର କରିଛନ୍ତି। ପୋଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜେନେରେଟର ୨ ବର୍ଷ ହେବ ଖରାପ ହୋଇଛି, ଉପର ପଦାଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ କୌଣସି ସୁଫଳ ମିଳିନାହିଁ। ଏବେ ଏକ ମାସ ହେବ ଇନ୍‌ଭଟର ଖରାପ ହେବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି।


ଓରିଏଣ୍ଟ ଜିଏମ୍ କଲୋନୀରେ ଥିବା ମୁଖ୍ୟ ଡାକଘର

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**
NIT No : OCPL/SER-183_1/2024 Date : 12.09.2024
Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Residential Buildings of Manoharpur Township Complex at Sarbahal, Sundargarh | Rs.1,180/- (Rupees One Thousand One Hundred Eighty only) including GST | 12.09.2024 | 26.09.2024 | 03:00 PM / 03:30 PM on 03.10.2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in
Sd./- Chief Operating Officer

# କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ପ୍ରତିରୋଧ ନେଇ ଆଲୋଚନା


ବୈଠକରେ ଆଲୋଚନା କରାଯାଉଛି।

**ଦେବଗଡ଼,୧୧।୯(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଯୌନ ନିର୍ଯାତନା ପ୍ରତିରୋଧ ପାଇଁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କାର୍ଯ୍ୟାଳୟରେ ମହିଳା କର୍ମଚାରୀମାନେ କାର୍ଯ୍ୟ କରିଥାନ୍ତି, କର୍ମକ୍ଷେତ୍ରରେ କେତେକ ମହିଳାଙ୍କ ପ୍ରତି ହଉଥିବା ଯୌନ ନିର୍ଯାତନାରେ ଶିକାର ହୋଇଥାନ୍ତି। ତାଙ୍କର ପ୍ରତିରୋଧ କରିବା ତଥା ସେମାନଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅଧିନିୟମ ପ୍ରତେକସ୍ତରରେ କଡାକଡି ଭାବେ ଲାଗୁ କରିବା ଓ ପ୍ରତେକ କାର୍ଯ୍ୟାଳୟରେ ୧୦ରୁ ଅଧିକ କର୍ମଚାରୀ ଅଛନ୍ତି, ସେହିସ୍ତରରେ ଏକ ଅଭ୍ୟନ୍ତରୀୟ ଅଭିଯୋଗ କର୍ମ ତଥା ଜିଲାସ୍ତରରେ କମିଟି ଗଠନ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ତିଲେଇବଣି ଗୋଷ୍ଠୀ ଉନ୍ନୟନ ରଘୁନାଥ ପାଣିଗ୍ରାହୀ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରିହା, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ରିଆମାଳ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଯୁକ୍ତା ପ୍ରିୟଦର୍ଶିନୀ ନାଏକ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ପଞ୍ଚାୟତ ସମିତି ବୁଢାପାଳ ଅଧ୍ୟାପକ ଭାରତ ଭୂଷଣ ନନ୍ଦ, ଅଧ୍ୟାପକ ବାରକୋଟ ଜିତେନ୍ଦ୍ର କୁମାର ସାହୁ, ସୁଗୁଡା ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

झारखंड सरकार
ग्रामीण कार्य विभाग
कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गुमला

**शुद्धि पत्र**
एतद द्वारा सूचित किया जाता है कि ग्रामीण कार्य विभाग, कार्य प्रमंडल, गुमला के अन्तर्गत निकाली गयी ई–निविदा आमंत्रण संख्याः–10/2024-25/ RWD/W/EE/GUMLA दिनांक–27.08.2024, PR- 333816 (Rural Works Department)24-25 (D) द्वारा प्रकाशित हुआ था को अपरिहार्य कारणों से रद्ध किया जाता है।
ह0/–कार्यपालक अभियंता
ग्रामीण कार्य विभाग,
कार्य प्रमंडल गुमला
PR 335447 (Rural Work Department)24-25*D

**ଜିଲ୍ଲା ପରିଷଦ, ସମ୍ବଲପୁର**
ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in
ପତ୍ର ସଂଖ୍ୟା: ୪୦୭୧/ଜି.ପ. ତାରିଖ: ୧୧।୦୯।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**
ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ ଓ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆନୁକୂଲ୍ୟରେ ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୮।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଧନକଉଡ଼ା | ତା୧୯।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଜମନକିରା | ତା୨୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଯୋମୁରା | ତା୨୧।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ସମ୍ବଲପୁର |
| ନାକଟିଦେଉଳ | ତା୨୪।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ମାନେଶ୍ୱର | ତା୨୫।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| କୁଚିଣ୍ଡା | ତା୨୬।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ରେଙ୍ଗାଲି | ତା୨୭।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୩୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./– ଜିଲ୍ଲାପାଳ–ତଥା–ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର

# ସୁଗୁଡ଼ା ଅଞ୍ଚଳରେ ହାତୀ ଉପଦ୍ରବ, ଡିଏଫ୍‌ଓଙ୍କୁ ଦାବିପତ୍ର

**ଦେବଗଡ଼,୧୧।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ ସୁଗୁଡ଼ା, ନିକ୍ରିମାଳ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଦିନକୁଦିନ ହାତୀ ଉପଦ୍ରବ ବଢ଼ିଚାଲିଛି। କଷକମାନଙ୍କ ଫସଲକୁ ରକ୍ଷା କରିବା ପାଇଁ ବନବିଭାଗ ପକ୍ଷରୁ ସୌର ତାରବାଡ଼ ବ୍ୟବସ୍ଥା କରାଯାଇଥିଲା। ମାତ୍ର ପରିତାପର ବିଷୟ ଏହି କି ଯେ ସୌର ତାରବାଡ଼ ଭାଙ୍ଗି ହାତୀପଲ ଅନେକ ସମୟରେ ଚାଷୀଙ୍କ ଫସଲ ନଷ୍ଟ କରୁଛନ୍ତି। ଏଥିରେ ଫସଲ ସହ ଜନଜୀବନ ନଷ୍ଟ ହେବାର ସମ୍ଭାବନା ଅଧିକ ରହିଛି। ଏ ନେଇ ଦେବଗଡ଼ ଜିଲା ଡିଏଫ୍‌ଓଙ୍କୁ ସୁଗୁଡ଼ା ବନ ସଂରକ୍ଷଣ କଷକ ସଙ୍ଗଠନର ସଭ୍ୟମାନେ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କମଳ ଲୋଚନ ପ୍ରଧାନ, ପ୍ରମୋଦ ଝାଙ୍କର ତଥା ଅନ୍ୟମାନଙ୍କ ମଧ୍ୟରେ ବିଭୁତି ଗଙ୍ଗଦେବ, ରଶ୍ମିତା ଦେବ, ଡମ୍ବରୁ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ସମ୍ପାଦକ କଷକ ସଙ୍ଗଠନ ସୁଗୁଡ଼ା ଗିରେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
55th International Film Festival of India, Goa 20th-28th November, 2024

**୫୫ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଗୋଆ**

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ନିମନ୍ତେ
**ପ୍ରବେଶିକା ଆହ୍ୱାନ**

**ଯୋଗ୍ୟତା**
ଚଳଚ୍ଚିତ୍ରଟି ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ଡେବ୍ୟୁ (ପଦାର୍ପଣ) ଚଳଚ୍ଚିତ୍ର ହେବା ଆବଶ୍ୟକ।
କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣନ କିମ୍ବା ପ୍ରଯୋଜନା ସମାପ୍ତି ୧ ଅଗଷ୍ଟ ୨୦୨୩ ଓ ୩୧ ଜୁଲାଇ ୨୦୨୪ ମଧରେ ହେବା ଆବଶ୍ୟକ।
ସମସ୍ତ ଚଳଚ୍ଚିତ୍ରରେ ଇଂରାଜୀ ସବ୍‌ଟାଇଟଲ୍ ରହିଥିବା ଜରୁରୀ।

**ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି ୨୩ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ**

ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: www.iffigoa.org

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ଏନ୍‌ଏଫ୍‌ଡିସି-ଏଫ୍‌ଡି କମ୍ପ୍ଲେକ୍ସ
୧ମ ମହଲା, ଓଲ୍ଡ ବିଲ୍ଡିଂ
୨୪, ଡା. ଗୋପାଳରାଓ ଦେଶମୁଖ ମାର୍ଗ,
ମୁମ୍ବାଇ - ୪୦୦ ୦୨୬, ମହାରାଷ୍ଟ୍ର
ଟେଲି: ୦୨୨ ୨୩୫୩ ୩୨୭୫/୨୦୮୩ ୦୪୭୧
ଇମେଲ୍: bestdebut@nfdcindia.com
CBC 22201/11/0011/2425

## ସଂକ୍ଷେପରେ

### ଠାକୁରାଣୀଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି



ଜୟପାଟଣା,୧୧।୯ (ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ନିକଟ ତାଳଗୁଡଠାରେ ଥିବା ପ୍ରସିଦ୍ଧ ମା' ଡୋକରୀ ଠାକୁରାଣୀଙ୍କ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିର କବାଟ ଭାଙ୍ଗି ଭିତରକୁ ପଶି ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଚୋରି କରିନେଇଛନ୍ତି। ବୁଧବାର ଗ୍ରାମବାସୀ ଜାଣିବା ପରେ ସ୍ଥାନୀୟ ଜମିଦାରଙ୍କୁ କହିଥିଲେ। ପରେ ଜମିଦାର ଥିବା ରାଣୀ ସାହେବ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜୟପାଟଣା ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବେହେରା, ୧୧।୯(ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଗଡିଆଯୋର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପଣ୍ଡରାମାଳି ସମାଜର କୋଷାଧ୍ୟକ୍ଷ ମୀନ କେତନ ନାଏକଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ପ୍ରାୟ ଦୁଇବର୍ଷ ହେବ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଅହଲ୍ୟା ନାଏକ, ଦୁଇପୁଅ ଚୈତନ୍ୟ ଓ ତମେଶ୍ୱର, ପୁତ୍ରବଧୂ ରୀତାଞ୍ଜଳି ଓ ମୀରା ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡରାମାଳି ସମାଜର କୋଷାଧ୍ୟକ୍ଷ ଦାୟିତ୍ୱରେ ଥାଇ ସେ ସମାଜର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଆଗେଇ ଆସୁଥିଲେ। ତାଙ୍କ ମୃତ୍ୟୁରେ ପଣ୍ଡରାମାଳି ସମାଜର ସଭାପତି ଈଶ୍ୱର ପୂଜାରୀ, ଉପସଭାପତି ବିଦ୍ୟାଧର ନାଏକ, ବିଷ୍ଣୁ ପ୍ରସାଦ ନାଏକ, ଅଚ୍ୟୁତାନନ୍ଦ ନାଏକ, ଖବରଦାତା ହେମନ୍ତ କୁମାର ମାଝି, ଲଳିତ ପାରୀ, ଝସକେତନ ପାରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବଡପୁଅ ଚୈତନ୍ୟ ମୁଖାଗ୍ନି ଦେଇଥିଲେ।

### ନିଆଁ ଲାଗି ଜଳିଗଲା କାର୍



କୋକସରା,୧୧।୯ (ଦୁଷ୍ମନ୍ତ କୁମାର ପାଢୟୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଜାତୀୟ ରାଜପଥ ୨୬ ପାର୍ଶ୍ୱ ଡ଼ାକବଙ୍ଗଳା ନିକଟରେ ପାର୍କିଂ କରିଥିବା ଏକ କାର୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳି ଯାଇଛି। ନିଆଁ ଲାଗିଥିବା ଦେଖି କାର୍ ମାଲିକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ପୋଡି ଯାଇଛି। କାର୍ ମାଲିକ ଆମପାଣି ଗ୍ରାମର ଶୁଭମ ପାଣିଗ୍ରାହୀ ବୁଧବାର ସକାଳେ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ଜନସେବା କେନ୍ଦ୍ର ନାଁରେ ବିଡିଓଙ୍କ ଏତଲା

ଲାଞ୍ଜିଗଡ଼,୧୧।୯(ରମେଶ ଚନ୍ଦ୍ର ନାୟକ)

ସୁଭଦ୍ରା ଯୋଜନାର ଅନ୍‌ଲାଇନ ଆବେଦନ ଫି' ସରକାର ବହନ କରିବେ ବୋଲି କୁହାଯାଇଥିବା ବେଳେ କଳାହାଣ୍ଡି ଜିଲା ଲାଞ୍ଜିଗଡ ଜନସେବା କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଅନ୍‌ଲାଇନ ପାଇଁ ଜଣପିଛା ୨୫୦ଟଙ୍କା ନେଉଥିବା ଅଭିଯୋଗ ପାଇବା ପରେ ଲାଞ୍ଜିଗଡ଼ ବିଡିଓ ବୁଧବାର ଉକ୍ତ ଜନସେବା କେନ୍ଦ୍ର ନାଁରେ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ, ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ ଆଶ୍ରମପଡ଼ାଠାରେ ଜଗା କମ୍ୟୁନିକେଶନ ନାମରେ ଏକ ଜନସେବା କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ଆବେଦନ ପାଇଁ ବ୍ଲକ ଅନ୍ତର୍ଗତ ବସନ୍ତପଡ଼ା, ତ୍ରିଲୋଚନପୁର, ଜଗନ୍ନାଥପୁର, ଛତ୍ରପୁର, ବାତେଲିମା ଆଦି ପଞ୍ଚାୟତର ମହିଳାମାନେ ଭିଡ଼ ଜମାଉଛନ୍ତି। ଏହାର ସୁଯୋଗ ନେଇ କେନ୍ଦ୍ର ମାଲିକ ଗୋଟିଏ




ଜନସେବା କେନ୍ଦ୍ରରେ ଆବେଦନ ପାଇଁ ଲୋକଙ୍କ ଭିଡ଼ ଲାଗିଛି।

ଅନ୍‌ଲାଇନ ପିଛା ୨୫୦ଟଙ୍କା ନେଉଥିବା ବେଳେ ଫର୍ମ ଗ୍ରହଣ ପାଇଁ ୧୦୦ ଟଙ୍କା ନେଉଥିଲେ। ଏହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ନେଇ ମଙ୍ଗଳବାର ବସନ୍ତପଡ଼ା ପଞ୍ଚାୟତ ବଣ୍ଡେଲ ଗାଁର ମହିଳାମାନେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କଠାରେ ଅଭିଯୋଗ କରିଥିଲେ। ବିଡିଓ ତତ୍‌କ୍ଷଣାତ୍ ସହକାରୀ ଯନ୍ତ୍ରୀ ସାଲକୋ ହେମ୍ବ୍ରମଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେମ୍ବ୍ରମ ଉକ୍ତ ଜନସେବା କେନ୍ଦ୍ରକୁ ଯାଇ କାଗଜ ପତ୍ର ଯାଞ୍ଚ କରିବା ସହିତ ମାଲିକଙ୍କୁ ଟଙ୍କା ନେଣଦେଣ ନେଇ ପଚାରିଥିଲେ। ସେ ସମୟରେ ଆବେଦନ ପାଇଁ ଆସିଥିବା ମହିଳାମାନେ ଏହି କେନ୍ଦ୍ର ସେମାନଙ୍କଠାରୁ ଟଙ୍କା ନେଉଥିବା କହିଥିଲେ। ସେଣ୍ଟର ମାଲିକ ମଧ୍ୟ ଗୋଟିଏ ଅନ୍‌ଲାଇନକୁ ମହିଳାମାନଙ୍କଠାରୁ ୨୫୦ ଟଙ୍କା ନେଉଥିବା ସ୍ୱୀକାର କରିଥିଲେ। ପରେ ହେମ୍ବ୍ରମ ତଦନ୍ତ ରିପୋର୍ଟ ବିଡିଓଙ୍କୁ

**ଅନ୍‌ଲାଇନ ପାଇଁ ଜଣପିଛା ୨୫୦ଟଙ୍କା ଆଦାୟ**

ଦେଇଥିଲେ। ବିଡିଓ ପାତ୍ର ସତ୍ୟାସତ୍ୟ ଜାଣିବା ପରେ ବୁଧବାର ଲାଞ୍ଜିଗଡ଼ ଥାନାରେ ଜଗା କମ୍ୟୁନିକେଶନ ନାଁରେ ଲିଖିତ ଏତଲା ଦେଇଛନ୍ତି। ଏହାକୁ ନେଇ ବିଡିଓ ପାତ୍ର କହନ୍ତି, ଅଭିଯୋଗ ଆଧାରରେ ଜନସେବା କେନ୍ଦ୍ର ନାଁରେ ଥାନାରେ ଏତଲା ଦେଇଛି। ଜନସେବା କେନ୍ଦ୍ରର ଆଇଡି ବନ୍ଦ କରାଯିବା ସହ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଜବତ କରାଯିବ। ଦରକାର ପଡ଼ିଲେ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ। ଲାଞ୍ଜିଗଡ଼ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ବିଡିଓଙ୍କ ଏତଲା ଆଧାରରେ ଧାରା ୩୧୬(୫), ୩୧୮(୪) ଅନୁଯାୟୀ ଏକ ମାମଲା (ନଂ ୮୩/୨୪) ରୁଜୁକରି ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି ।

# ମୁଖ୍ୟ ରାସ୍ତା ଅନ୍ଧାର, ସମସ୍ୟାରେ ଗ୍ରାମବାସୀ

ଖଡ଼ିଆଳ,୧୧।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତର ପଞ୍ଚାୟତ ଛକରୁ ଆଶ୍ରମ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅନ୍ଧାର ଯୋଗୁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୨୧ ପୂର୍ବରୁ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ହୋଇଥିବା ବେଳେ ବର୍ତ୍ତମାନ ବିଜୁଳି ଜଳୁନାହିଁ। ପଞ୍ଚାୟତ ଛକଠାରୁ ଆଶ୍ରମ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ରହିଥିଲେ ମଧ୍ୟ କୌଣସିଠାରେ ବଲ୍‌ବ ଲଗାଯାଇ ନ ଥିବାରୁ ରାସ୍ତା ଅନ୍ଧକାରମୟ ରହିଛି। ବର୍ଷା ଦିନ ହୋଇଥିବାରୁ ରାସ୍ତାରେ ସରୀସୃପଙ୍କ ଆତଯାତ ଯୋଗୁ ବିପଦ ରହିଛି। ବିଦ୍ୟୁତ୍ ଖୁଣ୍ଟଗୁଡିକରେ ବଲ୍‌ବ ଲଗାଇ ଆଲୋକୀକରଣ କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ନେହେନା ପଡ଼ାବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନେହେନା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁଳି ସଂଯୋଗୀକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଅକାମି ହୋଇ ପଡି ରହିଥିବା ପଞ୍ଚାୟତର ୱାର୍ଡ ସଭ୍ୟାମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଞ୍ଚାୟତ ଛକଠାରୁ ଆଶ୍ରମ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବଲ୍‌ବ ଲଗାଇ ଆଲୋକୀକରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡିସିଏମ୍ ସମ୍ବଲପୁରଙ୍କୁ ୮ଦଫା ଦାବିପତ୍ର



କମିଟି ସଦସ୍ୟମାନେ ଡିସିଏମ୍‌ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

କେସିଙ୍ଗା,୧୧।୯ (ତୁମେଶ୍ୱର ସାହୁ)

ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନରେ ବହୁବିଧ ସମସ୍ୟା ଲାଗିରହିଛି। ଏହାକୁ ନେଇ ରେଲୱେ ଦ୍ୱାରା ମନୋନୀତ ପରାମର୍ଶ କମିଟି ସଦସ୍ୟ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଡିସିଏମ୍) ସମ୍ବଲପୁରଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ବୁଧବାର ଷ୍ଟେଶନ ମାଷ୍ଟର ବିଷ୍ଣୁ ବାରିକଙ୍କୁ ପ୍ରଦାନ କରିଛନ୍ତି। କମିଟି ସଦସ୍ୟ ପୂର୍ବତନ ନଗରପାଳ ରାମକୁମାର ଜୈନ, ମହାବିଦ୍ୟାଳୟର ଅବସରପ୍ରାପ୍ତ

**କେସିଙ୍ଗା ରେଳଷ୍ଟେଶନ ସମସ୍ୟା**

ଅଧ୍ୟାପକ ଚନ୍ଦ୍ରଶେଖର ଆଚାରୀ, ସୁରେଶ ରାଓ, ରାଜେଶ କୁମାର ବଂଶଲ, ସଞ୍ଜୟ କୁମାର ଜୈନ ଷ୍ଟେଶନ ମାଷ୍ଟର ବାରିକଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, କେସିଙ୍ଗା ରେଳ ଷ୍ଟେଶନ ଉପରେ କଳାହାଣ୍ଡି ସମେତ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, କନ୍ଧମାଳ ଜିଲାର ଯାତ୍ରୀ ନିର୍ଭର କରୁଥିବାବେଳେ ସେମାନେ ବିଭିନ୍ନ ସମସ୍ୟା କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କେସିଙ୍ଗାରୁ ରାଜଧାନୀ ଭୁବନେଶ୍ୱରକୁ ଟ୍ରେନ ଚଳାଚଳ, ଷ୍ଟେଶନରେ ଶାରୀରିକ ଅକ୍ଷମ, ବୟସ୍କ ଯାତ୍ରୀଙ୍କ ପାଇଁ ଏସ୍କାଲେଟର ବ୍ୟବସ୍ଥା, ୪ନଂ. ପ୍ଲାଟ୍‌ଫର୍ମରେ ଚା' ଓ ଜଳପାନ ଦୋକାନ ସ୍ଥାପନ, ସମସ୍ତ ଡାଉନ ଟ୍ରେନ୍‌କୁ ୪ ନମ୍ବର ପ୍ଲାଟ୍‌ଫର୍ମରେ ରହଣି, ଇସ୍ପାତ ଓ ଦୁର୍ଗ-ପୁରୀ ଏକ୍ସପ୍ରେସ୍‌କୁ କେସିଙ୍ଗା ଯାଏ ସମ୍ପ୍ରସାରଣ, ସମସ୍ତ ପ୍ଲାଟ୍‌ଫର୍ମରେ ଥଣ୍ଡା ପିଇବାପାଣି ବ୍ୟବସ୍ଥା କରାଯିବା ଜରୁରୀ। ତୁରନ୍ତ ଏହିସବୁ ଦାବି ପୂରଣ ପାଇଁ କମିଟି ସଦସ୍ୟମାନେ ଡିସିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅଧ୍ୟାପକ, କର୍ମଚାରୀଙ୍କ ଧାରଣା ତୃତୀୟ ଦିନରେ

ଖଡ଼ିଆଳ,୧୧।୯(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତ ୩୦ରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ୨ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଦରମା ବୃଦ୍ଧି ଓ ୭ ଘଣ୍ଟା ରହଣି ନିର୍ଦ୍ଦେଶ ବିରୋଧରେ ଆନ୍ଦୋଳନ କରୁଥିବା ସୂଚନା ମିଳିଛି। କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ବିଶ୍ୱଜିତ ପାଢ଼ୀ ପହଞ୍ଚି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ଆନ୍ଦୋଳନରେ ବିଶିକେସନ ନାଏକ, ପ୍ରଣତି ପଣ୍ଡା, ନିବେଦିତା ଆଚାରୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ଥିଲେ।

## ଟାଙ୍ଗିଆରେ ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

ନର୍ଲା,୧୧।୯ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ମୁଣ୍ଡା ଗାଁରେ ସାମାନ୍ୟ କଥାକୁ ନେଇ ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୈତନ୍ୟ ପାତ୍ର (୬୪), ଧନୁ ପାତ୍ର (୪୦) ଓ ଅନିଲ ପାତ୍ର (୨୧)। ସୂଚନା ଅନୁସାରେ ମଙ୍ଗଳବାର ସକାଳେ ମୁଣ୍ଡା ଗାଁର ସୁଶାନ୍ତ ଠାକୁର (୪୦) ନିକଟସ୍ଥ ଦୋକାନକୁ ସାମଗ୍ରୀ କିଣିବା ପାଇଁ ଯାଉଥିଲେ। ଏହି ସମୟରେ ଉପରୋକ୍ତ ୩ଜଣଙ୍କ ସହ ଅନ୍ୟଜଣେ କୌଣସି କଥାକୁ ନେଇ ପ୍ରଥମେ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଟାଙ୍ଗିଆ ସାହାଯ୍ୟରେ ସୁଶାନ୍ତଙ୍କୁ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ନର୍ଲା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସୁଶାନ୍ତଙ୍କ ଭାଇ ଥାନାକୁ ଆସି ୪ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିଲା। ଏ ନେଇ ଏକ ମାମଲା (ନଂ.୨୧୦/୨୪) ରୁଜୁକରି ବୁଧବାର ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ୨୦ ଲିଟର ମଦ ଜବତ, ଜଣେ ଗିରଫ

ଲୋଇସିଂହା,୧୧।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗାଇଖାଇ ଛକରେ ରାସ୍ତାକଡରେ ବେଆଇନ ମଦ ବିକ୍ରି ଅଭିଯୋଗରେ ବୁଧବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ହେଲେ ସାଲେଭଟା ଗ୍ରାମର ଅଭେଳ ସାହୁ । ତାଙ୍କ ନିକଟରୁ ୨୦ ଲିଟର ମଦ ଜବତ ହୋଇଛି। ବୁଧବାର ଅଭେଳଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଥାନା(ନଂ ୩୦୯।୨୪)ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି । ପୋଲିସ ସୂଚନା ଅନୁଯାୟୀ, ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଗାଇଖାଇ ଡ୍ୟାମକୁ ଗତବର୍ଷ ଠାରୁ ରାଜ୍ୟ ସରକାର ଇକୋଟୁରିଜିମରେ ସାମିଲ କରିଛନ୍ତି । ଜିଲା ତଥା ଜିଲା ବାହାରୁ ପର୍ଯ୍ୟଟକମାନେ ଉକ୍ତ ଡ୍ୟାମ ପରିଦର୍ଶନରେ ଆସୁଛନ୍ତି । ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଗାଇଖାଇ ଛକରୁ ଉକ୍ତ ଡ୍ୟାମକୁ ଯିବାକୁ ପଡିଥାଏ । ହେଲେ ଉକ୍ତ ଛକରେ ଅଭେଳ ବେଆଇନ ଭାବରେ ମଦ ବିକ୍ରି କରୁଥିବାରୁ ବୁଧବାର ଲୋଇସିଂହା ଓ ସାଲେଭାଟ ପୋଲିସ ଚଢାଉ କରିଥିଲା । ଏହାପୂର୍ବରୁ ମଧ୍ୟ ଅଭେଳଙ୍କ ନାମରେ ଏକ ମାମଲା ରହିଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଜୟପାଟଣା,୧୧।୯ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସଭାଗୃହରେ ବୁଧବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୧ଜଣ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୨ ବ୍ୟକ୍ତିଗତ ଓ ୧୯ ଗୋଟି ସାମୂହିକ ରହିଥିଲା। କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ଓ ଏସ୍‌ପି ଅଭିଲାଷ ଜି ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହାସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସମାଧାନ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ



ଜୟପାଟଣାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିର।

୧୧ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ମଞ୍ଜୁର କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା, ସିଡିଏମ୍‌ଓ ଡାକ୍ତର ସୁଚିତା ପାଣିଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ସ୍ଥାନୀୟ ବିଡିଓ ଧର୍ମରାଜ ମାଝି, ତହସିଲଦାର ରଘୁନାଥ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ରେ କଳାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୧୧।୯(ଉତ୍ତମ କୁମାର ଦାଶ)

ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (କଟକ) ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ ତାରିଖ ଶନିବାର କଳାହାଣ୍ଡିର ବିଭିନ୍ନ କୋର୍ଟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହା ଜିଲା ମୁଖ୍ୟାଳୟ ଭବାନୀପାଟଣାସ୍ଥିତ ଜିଲା କୋର୍ଟ ପରିସର ସମେତ ଧର୍ମଗଡ, ଜୟପାଟଣା, କୋକସରା, ଜୁନାଗଡ, କେସିଙ୍ଗା, ଏମ୍ ରାମପୁର, ଥୁଆମୂଳ ରାମପୁର ଆଦି କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକଦ୍ଦମା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମବିବାଦ, ଚେକ୍ ବାଉନ୍ସ ଇତ୍ୟାଦି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ ବୋଲି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ବାକି ଟଙ୍କା ମାଗିବାରୁ ଆକ୍ରମଣ,ଅଭିଯୁକ୍ତ ଗିରଫ

ଲୋଇସିଂହା,୧୧।୯(ସୁଶାନ୍ତ ବାରିକ)

ବାକିଥିବା ଶହେ ଟଙ୍କା ମାଗିବାରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କନ୍ଦାଜୁରୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ହୋଇଛି । ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ଭାଇଙ୍କ ଅଭିଯୋଗ କ୍ରମେ ସେହି ଗ୍ରାମର ଅଭିଯୁକ୍ତ ସାମନ୍ତ ତାଣ୍ଡି(୪୯)ଙ୍କୁ ଲୋଇସିଂହା ପୋଲିସ ଗିରଫ କରିଛି। ବୁଧବାର ଅଭିଯୁକ୍ତ ସାମନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଅଭିଯୁକ୍ତ ସାମନ୍ତ ଗ୍ରାମର ବାସୁଦେବ ନାଗଙ୍କ ଠାରୁ କୁଆଡେ ୧ ଶହ ଟଙ୍କା ନେଇଥିଲେ । ନୂଆଁଖାଇ ଦିନ ବାସୁଦେବ ସେହି ଟଙ୍କା ସାମନ୍ତଙ୍କୁ ମାଗିଥିଲେ। ଘରକୁ ଚାଲ ଦେବି କହି ସାମନ୍ତ ତାଙ୍କ ଘରକୁ ବାସୁଦେବଙ୍କୁ ଡାକି ନେଇଥିଲେ। ହେଲେ କି ଟଙ୍କା କହି ଉତ୍‌କ୍ଷିପ୍ତ ହୋଇ ବାସୁଦେବଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ବାସୁଦେବା ଲହୁଲୁହାଣ ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନକୁ ଆଣିଥିଲେ। ଏବେ ବି ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ବାସୁଦେବଙ୍କ ଭାଇ ରାଜକିଶୋରଙ୍କ ଏତଲା କ୍ରମେ ନଂ ୩୦୮।୨୪ରେ ଏକ ମାମଲା ରୁଜୁ ହୋଇଛି ।

## ଟାଇଗର ୟୁଥ୍ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ

ବଲାଙ୍ଗୀର,୧୧।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଶାନ୍ତିପଡାସ୍ଥିତ ଟାଇଗର ୟୁଥ୍ କ୍ଲବ ପକ୍ଷରୁ ନୂଆଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବହୁ କୁନି ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନୃତ୍ୟ ପ୍ରତିଯୋଗିତା ଦର୍ଶକଙ୍କ ମନ ମୋହିଥିଲା। ସୁବଳ ମହାକୁର ଏବଂ ମନୋରଞ୍ଜନ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ଦର୍ଶକ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ନୂଆଁଖାଇ ଭେଟ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନୂଆଁଖାଇ ଆମ ଅସ୍ମିତା ଓ ଆମ ନିଜସ୍ୱ ସଂସ୍କୃତି ବୋଲି ଅତିଥିମାନେ କହିଥିଲେ।



ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ, ଅତିଥି ଓ ଆୟୋଜକ।

# ଏନ୍‌ଏସି ଆଶା ମଉଳିଲା

ଭବାନୀପାଟଣା, ୧୧।୯ (ଉତ୍ତମ କୁମାର ଦାଶ)

ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ କଳାହାଣ୍ଡି ଜିଲାର ୩ ସହର ସମେତ ରାଜ୍ୟର ୫୭ଟି ସହରକୁ ଏନ୍‌ଏସିର ମାନ୍ୟତା ଦିଆଯିବାକୁ ତତ୍କାଳୀନ ନବୀନ ସରକାର ଘୋଷଣା କରିଥିଲେ। ହେଲେ ମୋହନ ମାଝୀଙ୍କ ସରକାର ଗଠନର ୩ମାସ ପରେ ନୂଆ ଏନ୍‌ଏସି ଗଠନ ନେଇ ସରକାରୀ ପ୍ରସ୍ତାବ ନାହିଁ ବୋଲି ମଙ୍ଗଳବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତ୍ତର ଦେଇଥିଲେ। ଫଳରେ କଳାହାଣ୍ଡି ଜିଲାର ଜୟପାଟଣା, ନର୍ଲା ଓ ମଦନପୁର ରାମପୁର ଏନ୍‌ଏସି ହେବା ଆଶା ମଉଳିଯାଇଛି ।

**ମନ୍ତ୍ରୀଙ୍କ ଉତ୍ତର ପରେ ଲୋକେ ନିରାଶ**

ମିଳିଥିବା ସୂଚନା ଅନୁଯାୟୀ, ନର୍ଲା ପଞ୍ଚାୟତର ନର୍ଲା ବ୍ଲକ ମହକୁମା ସମେତ ରେଗପୁର୍, ଦେହେଲି, ଯୁକାଉଟା, ଡଙ୍ଗରମାଲ, ରେଗଡ଼ିମାଲ ଆଦି ୧୮ ପଞ୍ଚାୟତ ଓ ସର୍ଗିଗୁଡ଼ା ପଞ୍ଚାୟତର ସର୍ଗିଗୁଡ଼ା, ବେହେରାପାଟି, ନର୍ଲା ରୋଡ଼, ଭଟାଙ୍ଗ, ସୁଜିପଡ଼ା, ଉଲିସିକା, ବାଙ୍କେଲ ଆଦି ଗାଁକୁ ମିଶାଇ ୧୩ ୱାର୍ଡ ବିଶିଷ୍ଟ ନର୍ଲା ଏନ୍‌ଏସି କରାଯିବାକୁ ଘୋଷଣା କରାଯାଇଥିଲା। ଉଭୟ ପଞ୍ଚାୟତର ଜନସଂଖ୍ୟା ପ୍ରାୟ ୧୮ ହଜାରରୁ ଊର୍ଦ୍ଧ୍ୱ ହେବ। ସେହିଭଳି ମଦନପୁର ରାମପୁର ସହର ସମେତ ବୁରାଟ ମଟୋଗଣ୍ଡା, ଗୌଡ଼କେଲା, ଚନ୍ଦନପିଣ୍ଡା, ହରିଚନ୍ଦ୍ରପୁର ପପସି ଆଦି ପ୍ରାୟ ୧୪ ହଜାର ଜନସଂଖ୍ୟା ବିଶିଷ୍ଟ ୧୯ଟି ୱାର୍ଡକୁ ନେଇ ଗଠିତ ମଦନପୁର ରାମପୁରକୁ ଏନ୍‌ଏସି ଗଠନ କରାଯିବାକୁ ତତ୍କାଳୀନ ସରକାର ଘୋଷଣା କରିଥିଲେ। ଅନୁରୂପ ଭାବେ ଜୟପାଟଣା ସହର ସମେତ ଏହି ପଞ୍ଚାୟତ ଅନ୍ତର୍ଗତ ଚିକା ଓ ଖଏରମାଲ ଗାଁକୁ ଏଥିରେ ସାମିଲ କରାଯାଇଥିଲା। ୧୫ ୱାର୍ଡ ବିଶିଷ୍ଟ ଜୟପାଟଣା ପଞ୍ଚାୟତର ଜନସଂଖ୍ୟା ୧୫ ହଜାରରୁ ଅଧିକ। ସମସ୍ତ ମାପକାଠି ପୂରଣ କରୁଥିବାରୁ ଏହି ୩ ସହରକୁ ଏନ୍‌ଏସି ଘୋଷଣା କରିବାକୁ ଲୋକେ ଦାବି କରିଆସୁଥିଲେ। ନିର୍ବାଚନ ପୂର୍ବରୁ ସରକାର ଏ ନେଇ ଘୋଷଣା ମଧ୍ୟ କରିଥିଲେ। ନିର୍ବାଚନ ପରେ ଏନ୍‌ଏସି କାର୍ଯ୍ୟକାରୀ ହେବ ବୋଲି ଲୋକେ ଆଶା ରଖିଥିଲେ। ହେଲେ ନୂଆ ସରକାର ଗଠନ ହେବାର ୩ମାସ ପରେ ସେଭଳି କିଛି ପ୍ରସ୍ତାବ ନ ଥିବା ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ ଉତ୍ତର ରଖିଛନ୍ତି। ଫଳରେ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର କିଛି ପଦକ୍ଷେପ ନ ନେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବା ଆଶଙ୍କା ରହିଛି।

## ସଂକ୍ଷେପରେ

### ଗଣେଶପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋନପୁର,୧୧।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଧୋବାବାହାଲିଠାରେ ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ ସଭାରେ ଗୋରେଖନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଫଳତା ପାଇବାର ଗୋଟେ ଚାବିକାଠି ହେଉଛି ଆଧ୍ୟାତ୍ମିକତା ବୋଲି ସାହୁ କହିଥିଲେ । ସମ୍ମାନିତ ଅତିଥି ଭାବେ ପାରାୟଣ ଗାୟିକା ଅଳକାନନ୍ଦ ଦାସ ଯୋଗ ଦେଇଥିଲେ। ପରେ ପାରାୟଣ ଗାୟିକା ମୋନାଲି ମହାପାତ୍ରଙ୍କ ପରାୟଣ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥଲ । ଧୋବାବାହାଲି ପୂଜା କମିଟି ପକ୍ଷରୁ ଗୋପାଳ ଚନ୍ଦ୍ର ସା ଓ ତାଙ୍କ ଧର୍ମପତ୍ନୀ ପଦ୍ମିନୀ ସା ପୂଜାରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ଉଲୁଣ୍ଡା,୧୧।୯(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଚଡେଇପଙ୍କ ଗ୍ରାମରେ ଗତ ୮ତାରିଖ ରାତିରେ ଘରୁ ଡାକିନେଇ ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିକରି ଗ୍ରାମବାସୀ ବୁଧବାର ଥାନା ଘେରାଉ କରିଥିଲେ। ତେବେ ଖବର ଲେଖା ହେବା ସୁଦ୍ଧା (ରାତି ୧୦ଟା) ଅଭିଯୁକ୍ତମାନଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଗତ ୮ତାରିଖ ରାତି ପ୍ରାୟ ୯ଟା ୩୦ମିନିଟ ସମୟରେ ଚଡେଇପଙ୍କ ଗ୍ରାମର ୩ଜଣ ସେହି ଗ୍ରାମର ଗିରିଧାରୀ ପାଣ୍ଡେଙ୍କୁ ଘରୁ ଡାକି ନେଇ ଚଡେଇପଙ୍କ ବାବାମଠ ଛକ ନିକଟରେ ନିସ୍ଠୁର ମାଡ଼ ମାରିଥିଲେ। ଫଳରେ ତାଙ୍କ କାନ ଛିଣ୍ଡିଯିବା ସହ ଆଖିରେ ଗଭୀର ଆଘାତ ଲାଗିଛି। ସେହି ସମୟରେ ତାଙ୍କ ବଡ଼ ଭାଇ ଘଟଣାସ୍ଥଳରେ ପହଞ୍ଚି ଗିରିଧାରୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଗିରିଧାରୀ ଗତ ୯ ତାରିଖରେ ଉଲୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ନୋଟିସ ଜାରି କରିଥିଲା । ସେହି ଅନୁସାରେ ଜଣେ ବ୍ୟକ୍ତି ୨ଜଣଙ୍କ ମଧ୍ୟରୁ ଏକ କାର୍‌ରେ ଜଣଙ୍କୁ ଆଣି ଥାନାରେ ଛାଡ଼ି ଦେଇଥିବା ବେଳେ ଅନ୍ୟ ଜଣେ ଥାନା ପଛପଟ ବାଟ ଦେଇ ଥାନା ଭିତରକୁ ପ୍ରବେଶ କରିଥିଲେ। ଏହି ଘଟଣା ଜଣାପଡିବା ପରେ ଚଡେଇପଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସେମାନେ ବୁଧବାର ଥାନା ଘେରାଉ କରିଥିଲେ। ସମସ୍ୟାର ସମାଧାନ ନ ହେବାରୁ ଗ୍ରାମବାସୀ ପୁଣି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଛାତ୍ରୀଛାତ୍ରଙ୍କୁ ମିଳିନି ନୂଆ ଡ୍ରେସ୍

ସୋନପୁର,୧୧।୯(ମୃତ୍ୟୁଞ୍ଜୟ ଶତପଥୀ)

**ଅଧା ହେବାକୁ ବସିଲାଣି ଶିକ୍ଷାବର୍ଷ**

ସୁବର୍ଣ୍ଣପୁର ଜିଲାରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଚଳିତ ଶିକ୍ଷାବର୍ଷରେ ନୂତନ ଡ୍ରେସ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପ୍ରିଲ ୧ରୁ ୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହୋଇଛି। ଏହା ମଧ୍ୟରେ ୬ମାସ ବିତିବାକୁ ବସିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ।

ସୂଚନା ଅନୁଯାୟୀ ଜିଲାର ୬ଟି ବ୍ଲକରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୭୯୦ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୫୭ହଜାର ୫୨୨ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଯୋଜନାରେ ଛାତ୍ରୀଛାତ୍ରଙ୍କ ପ୍ରତି ୬୦୦ଟଙ୍କା ଲେଖାଏ ମିଳୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରୁ ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କୁ ମ୍ୟାଚିଂ ସେୟାର ବାବଦକୁ ୪୦୦ଟଙ୍କା ଲେଖାଏ ମିଳୁଛି। ଏହାବାଦ୍ ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ୭୬୦ ଏପିଏଲ୍ ଛାତ୍ରୀଛାତ୍ରଙ୍କୁ ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରେ ୧୦୦୦ଟଙ୍କାର ପୋଷାକ ମିଳିଥାଏ। ସମଗ୍ର ଶିକ୍ଷା ଯୋଜନାରେ ସମସ୍ତ ଅନୁସୂଚିତ ଜାତି, ଜନଜାତି ଓ ବିପିଏଲ୍ ବର୍ଗର ଛାତ୍ରଙ୍କୁ ୬୦୦ଟଙ୍କା ଲେଖାଏ ମିଳିଥାଏ। ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପାଠ ପଢୁଥିବା ୪୯୪ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରେ ସରକାର ୧୦୦୦ଟଙ୍କା ଲେଖାଏ ପ୍ରଦାନ କରିଥାନ୍ତି।

ତେବେ ଜିଲାର ୧୨୪ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ୯ମ ଓ ୧୦ମ ଶ୍ରେଣୀରେ ପ୍ରାୟ ୧୫ହଜାର ଛାତ୍ରୀଛାତ୍ର ରହିଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ପୋଷାକ, ଜୋତା, ଟୋପି ଓ ପରିଚୟପତ୍ର ପ୍ରଦାନ କରାଯାଇନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ହୋଲି ଗ୍ରୀନ୍ ରଙ୍ଗର ପୋଷାକ ଦିଆ ଯାଉଥିଲା। ଚଳିତ ଥର ସମ୍ପୃକ୍ତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପୋଷାକର ରଙ୍ଗ ପରିବର୍ତ୍ତନ ପାଇଁ ଯୋଜନା ରହିଛି। ତେବେ ନୂଆ ପୋଷାକ ରଙ୍ଗ ସମ୍ପର୍କରେ ଉଚ୍ଚସ୍ତରରେ କୌଣସି ନିଷ୍ପତ୍ତି ହୋଇନି।

ସୂଚନା ଅନୁଯାୟୀ ୧୦୦୦ଟଙ୍କାରେ ଛାତ୍ରୀଛାତ୍ରଙ୍କୁ ୨ହଳ ପୋଷାକ, ହାଉସ ଡ୍ରେସ ପାଇଁ ଗୋଟିଏ ଟି-ଶାର୍ଟ ଓ ଗୋଟିଏ ଟ୍ରାକ୍‌ପ୍ୟାଣ୍ଟ, ୧ହଳ ଜୋତା, ୨ହଳ ମୋଜା, ଗୋଟିଏ ଟୋପି ଓ ପରିଚୟପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ପୂର୍ବରୁ ଏହି ଯୋଜନା ମାଧ୍ୟମରେ ସ୍କୁଲ ପରିଚାଳନା ସମିତି ଜରିଆରେ ସମସ୍ତ ସାମଗ୍ରୀ କିଣାଯାଇ ଛାତ୍ରୀଛାତ୍ରମାନଙ୍କୁ ଯୋଗାଇ ଦିଆ ଯାଉଥିଲା। ମାତ୍ର ଚଳିତବର୍ଷ ନୂଆ ଗାଇଡ୍‌ଲାଇନ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ସାମଗ୍ରୀ ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି। ଯେଉଁ ଗୋଷ୍ଠୀରେ ସିଲାଇ ୟୁନିଟ୍ ରହିଥିବ ସେମାନଙ୍କୁ ପ୍ରାଥମିକତା ଦିଆଯିବ।

ବ୍ଲକସ୍ତରରେ ବିଡିଓଙ୍କ ଅଧକ୍ଷତାରେ ବିଇଓ, ସିଡିପିଓ, ଆଇପିଓ, ମିଶନ ଶକ୍ତିର ସଦସ୍ୟ ଓ ବ୍ଲକ୍ ଲେଭଲ ଫେଡରେଶନ ଲିଡରମାନଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଛି। ଏହି କମିଟି ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ କଲା ପରେ ତାହା ଜିଲା କମିଟି ଅନୁମୋଦନ କରିବ। ଜିଲା କମିଟି ଦ୍ୱାରା ଅନୁମୋଦନ ମିଳିଲା ପରେ ସମ୍ପୃକ୍ତ ଗୋଷ୍ଠୀକୁ ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମଧ୍ୟରେ ଏକ ଚୁକ୍ତିନାମା ହେବ। ଯୋଜନାରେ ସ୍ୱଚ୍ଛତା ପାଇଁ ସରକାର ବିଦ୍ୟାଳୟ ପରିଚାଳନା କମିଟିକୁ ଟଙ୍କା ପ୍ରଦାନ କରିବେ। ଚୁକ୍ତିନାମା ଅନୁଯାୟୀ ସାମଗ୍ରୀ ମିଳିଲା ପରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପୃକ୍ତ ଗୋଷ୍ଠି ଆକାଉଣ୍ଟକୁ ଅନଲାଇନରେ ପ୍ରାପ୍ୟ ପ୍ରଦାନ କରିବ। ତେବେ ଜିଲାରେ ହାତଗଣତି କେତେକ ଗ୍ରୁପ୍ ଏଭଳି କାର୍ଯ୍ୟ କରୁଥିବା ବେଳେ କମିଟି ପାଇଁ ଗ୍ରୁପ୍ ଚୟନ କାଠିକର ପାଠ ହୋଇପଡିଛି। ପୂର୍ବ ସରକାରଙ୍କ ସମୟରେ ବିଳମ୍ବ ହୋଇ ଅଗଷ୍ଟ ୧୫ ପୂର୍ବରୁ ପିଲାମାନଙ୍କୁ ପୋଷାକ ଓ ଜୋତା ମିଳୁଥିଲା। ଚଳିତ ବର୍ଷ ଆହୁରି ବିଳମ୍ବ ହେଲାଣି। ଫଳରେ ଗଣେଶ ପୂଜାରେ ଛାତ୍ରୀଛାତ୍ରମାନେ ପୁରୁଣା ଡ୍ରେସ୍ ପିନ୍ଧି ବିଦ୍ୟାଳୟକୁ ପୂଜା କରିବାକୁ ଯାଇଥିଲେ ବୋଲି ଅଭିଭାବକମାନେ କହିଛନ୍ତି। ସରକାର ଏପ୍ରିଲ ମାସ ଶେଷ ଆଡକୁ ଛାତ୍ରୀଛାତ୍ରଙ୍କୁ ନୂଆ ଡ୍ରେସ ପ୍ରଦାନ କରିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଜାରି ହୋଇଥିବା ନିୟମ ପାଳନ କରିବା ପାଇଁ ସମସ୍ତ ବିଡିଓମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଡୁଙ୍ଗୁରିପାଲି ବ୍ଲକସ୍ତରୀୟ କମିଟିରେ ଚୟନ ପ୍ରକ୍ରିୟା ସରିଛି। ଅନ୍ୟ ୫ ବ୍ଲକରେ ଚୟନ ପ୍ରକ୍ରିୟା ସରିବା ପରେ ଛାତ୍ରୀଛାତ୍ରମାନଙ୍କୁ ଶୀଘ୍ର ପୋଷାକ ଓ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ସଂସ୍କୃତି, ପରମ୍ପରାର ମହାନ୍ ପର୍ବ ନୂଆଁଖାଇ



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ପ୍ରତିଯୋଗୀମାନେ।

ଅମରପାଲି,୧୧।୯(ପୀତାମ୍ବର ସାହୁ)

**ଦାଦରପାଲିରେ ନୂଆଁଖାଇ ଭେଟ୍‌ଘାଟ**

ଆମ ପରମ୍ପରା ଓ ସଂସ୍କୃତି ବହୁ ପ୍ରାଚୀନ। ଏହାକୁ ଲୋକାଭିମୁଖୀ କରିବା ଆମ କର୍ତ୍ତବ୍ୟ। ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ। ନିଜ କୂଳ ଦେବତା ଓ ଇଷ୍ଟ ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଥମ ଅମଳକୁ ଅର୍ପଣ କରିବା ପରମ୍ପରାର ନିଦର୍ଶନ ଏହି ପର୍ବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ଦାଦରପାଲି ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ଅତିଥିମାନେଏହିଭଳି ମତ ରଖିଛନ୍ତି। ସ୍ଥାନୀୟ ଜିବିଏନ କ୍ଲବ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଭେଟ୍‌ଘାଟରେ ଲମ୍ବୋଦର ମହାକୁର ପୌରୋହିତ୍ୟ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ରଞ୍ଜିତ ଖେତୀ, ବରିଷ୍ଠ ନାଗରିକ ଜଗଦୀଶ ମହାକୁର, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପବିତ୍ର ପର୍ଡିଆ, ରେଙ୍ଗାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସନତ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିହାରୀ ମହାକୁର ଅତିଥି ପରିଚୟ ପ୍ରଦାନ, ରାଜେନ୍ଦ୍ର ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜାରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ଯୁକ୍ତ ୨ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଗ୍ରାମର ଅର୍ଜୁନ ପ୍ରଧାନ ଓ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଗ୍ରାମର ମୁନ୍ନା ପ୍ରସାଦ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ନୃତ୍ୟ, ଗୀତ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନନ୍ତ ମେଣ୍ଡିଲି, ଓମ ପ୍ରକାଶ ମହାକୁର, ରୋହିତ ନାୟକ, ରାହୁଲ ମହାକୁର ସହଯୋଗ କରିଥିଲେ।

# ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ସୁବଳୟା ଚାମ୍ପିୟନ



ଅତିଥିଙ୍କ ସହିତ ଖେଳାଳିମାନେ।

ଅମରପାଲି,୧୧।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଶାଳପାଲି ସ୍କୁଲ ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସ୍ଥାନୀୟ ୟୁପି ସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ସହୁ, ପୂର୍ବତନ ସରପଞ୍ଚ ଧର୍ମେନ୍ଦ୍ର ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବିଶାଳପାଲି ଓ ଜଟେସିଂହା ମଧ୍ୟରେ ହୋଇଥିଲା। ଏଥିରେ ଜଟେସିଂହା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦିତୀୟ ମ୍ୟାଚ ବୀରମହାରାଜପୁର ଓ ସୁବଳୟା ମଧ୍ୟରେ ହୋଇଥିଲା। ଏଥିରେ ସୁବଳୟା ୨-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କୁତମେଣ୍ଡା ଓ ଫୁଲଚରା ମଧ୍ୟରେ ହୋଇଥିଲା। ଏଥିରେ ଫୁଲଚରା ୧-୦ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ବିଶିପଡା ଓ ଲାତୁରପେଟ ମୁହାଁମୁହିଁ ହୋଇଥିଲେ। ନିର୍ଦ୍ଧାରିତ ସମୟ ଗୋଲ୍ୟଶୂନ୍ୟ ହେବାରୁ ପେନାଲଟି ସୁଟ୍ ଆଉଟ ୩-୨ ଗୋଲରେ ଲାତୁରପେଟ ବିଜୟୀ ହୋଇଥିଲା। ପ୍ରଥମ ସେମି ଫାଇନାଲ ଜଟେସିଂହା ଓ ଫୁଲଚାରା ମଧ୍ୟରେ ହୋଇଥିଲା। ଏଥିରେ ଫୁଲଚରା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲ ସୁବଳୟା ଓ ଲତୁରପେଟ ମଧ୍ୟରେ ହୋଇଥିବା ବେଳେ ଏଥିରେ ସୁବଳୟା ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ସୁବଳୟା ଓ ଫୁଲଚରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ରହିଥିଲା। ପେନାଲଟି ସୁଟ୍ ୫-୩ ଗୋଲରେ ବିଜୟୀ ହୋଇ ସୁବଳୟା ଚାମ୍ପିୟନ ହୋଇଥିଲା। ଉଭୟ ଚାମ୍ପିୟନ ଓ ରନର ଅପ ଦଳକୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା।

### ଇ-କେୱାଇସି ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ବୌଦ୍ଧ,୧୧।୯ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଯୋଗାଣ ସହାୟକ ସଂଘ ପକ୍ଷରୁ ଇ-କେୱାଇସି ସମସ୍ୟା ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ବୁଧବାର ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନେଟୱାର୍କ ସମସ୍ୟା ଯୋଗୁ ଇ-କେୱାଇସି ବାଧାପ୍ରାପ୍ତ ହେଉଥିବା ସହ ହିତାଧିକାରୀମାନେ ଯୋଗାଣ ସହାୟକମାନଙ୍କୁ ଦାୟୀ କରି ଦୋଷାରୋପ କରୁଥିବା ଅଭିଯୋଗ କରିଛନ୍ତି। ଉକ୍ତ ସମସ୍ୟା ପାଇଁ ହିତାଧିକାରୀମାନେ ଇ-କେୱାଇସି ନ କରି ଫେରି ଯାଉଛନ୍ତି। ତୁରନ୍ତ ଉନ୍ନତମାନର ସଫ୍ଟୱେୟାର ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି କୃପାସିନ୍ଧୁ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, କୋଷାଧ୍ୟ ସୌମ୍ୟରଞ୍ଜନ ଦାଶ, ସ୍ୱାଧୀନ କର୍ମୀ, ଅନିମା ପ୍ରିୟଦର୍ଶନୀ,ବଲ୍ଲଭୀ ପ୍ରଧାନ ସାମିଲ ଥିଲେ।

### ଶୈବପୀଠ ଚମ୍ପେଶ୍ୱର ମନ୍ଦିରରେ ସୁବୃଷ୍ଟି ହୋମଯଜ୍ଞ



ଚମ୍ପାମଲରେ ଆୟୋଜିତ ସୁବୃଷ୍ଟି ହୋମଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

ଅମରପାଲି,୧୧।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ପ୍ରସିଦ୍ଧ ଶୈବ ପୀଠ ଚମ୍ପାମାଲ ଚମ୍ପେଶ୍ୱର ମନ୍ଦିରରେ ଭଲ ବର୍ଷା ପାଇଁ ସୁବୃଷ୍ଟି ହୋମଯଜ୍ଞ ଓ ମହା ଜଳଶାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ଭାଦ୍ରବ ମାସ ସପ୍ତମୀ ତିଥିରେ ମହା ଜଳଶାୟୀ ଓ ସୁବୃଷ୍ଟି ହୋମ ରୀତିନୀତି ଅନୁସାରେ ହୋଇଥିଲା। ପ୍ରଥମେ ପୋଖରୀ ଘାଟରେ ଗଙ୍ଗାପୂଜା ଓ ବାଟରେ ଅଶ୍ୱସ୍ଥ ବୃକ୍ଷ ପୂଜା ପରେ କଳସ ଯାତ୍ରା ଓ କଳସ ସ୍ଥାପନ ହୋଇଥିଲା। ବାବା ଚମ୍ପେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ବରୁଣ, ଋଷ୍ୟଶୃଙ୍ଗ, ଇନ୍ଦ୍ର ଓ ଇନ୍ଦ୍ରାଣୀ, ଦୁର୍ଗା, ବିଷ୍ଣୁଙ୍କୁ ପୂଜା କରାଯାଇଥିଲା। ହୋମଯଜ୍ଞ କର୍ତ୍ତାଭାବେ ରାମ କୁମାର ହୋତା, ରାମକୃଷ୍ଣ ହୋତା, କିଶୋର ହୋତା ଏବଂ ପ୍ରକାଶ ଚନ୍ଦ୍ର ହୋତା ହୋମଯଜ୍ଞରେ ଆହୂତି ପ୍ରଦାନ କରିଥିଲେ। ପୁରୋହିତ ଭାବେ ଭିକାରି ପଣ୍ଡା, ରବିଚନ୍ଦ୍ର ପୁରୋହିତ, ପ୍ରଦ୍ୟୁମ୍ନ ପୁରୋହିତ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମେଶ୍ୱର ହୋତା, ବଳରାମ ପୁରୋହିତ, ଏବଂ ମୁରଲୀଧର ହୋତା ସହଯୋଗ କରିଥିଲେ। ଉଫୁଲା, ହିଲୁଙ୍ଗ, ବାଗବର ପ୍ରଭୃତି ଗ୍ରାମପଞ୍ଚାୟତ ର ଜନସାଧାରଣ ଙ୍କ ପ୍ରତ୍ୟକ୍ଷ ସହଯୋଗରେ ମହା ଜଳଶାୟୀ ସମ୍ପନ୍ନ ହୋଇଥିଲା।

# ଭାଇଚାରାର ପର୍ବ ନୂଆଁଖାଇ

ଲାଠୋର,୧୧।୯(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଷ୍ଟେଶନପଡ଼ା ଗଣେଶ ପୂଜା କମିଟି ସଭାପତି ଜୟଦେବ ଶାଣ୍ଢଙ୍କ ନେତୃତ୍ୱରେ ତୃତୀୟ ବର୍ଷ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୋନ ନଂ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ଯୋଗଦେଇ ନୂଆଖାଇ ଭେଟଘାଟର ଉଦ୍‌ଘାଟନ କରିବା ସହ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଇଚାରାର ପର୍ବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ଏଏସ୍‌ଆଇ ଯତିନ୍ଦ୍ର ବଡେଇ, ଫରେଷ୍ଟର ସାଗରିକା ସେଠ, ରେଳ କର୍ମଚାରୀ ଅକ୍ଷୟ କୁମ୍ଭାର, କପିଳ ସୁନା, କୃଷ୍ଣା ସେଠୀ, ସୁଶାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ହାସ୍ୟ କଳାକାର ନିଳାମ୍ବର ସୁନା(ନୀଲୁ) ଏବଂ ସମ୍ବଲପୁରୀ କଣ୍ଠଶିଳ୍ପୀ କାହ୍ନା ସୁନା ଗୀତ ଏବଂ କମେଡ଼ି କରି ଉପସ୍ଥିତ ଜନସାଧାରଣଙ୍କ ମନ ମୋହିଥିଲେ। ପରେ ବରଗଡ଼, କଣ୍ଟାବାଞ୍ଜି, ଖରିଆରୋଡ଼ ଏବଂ ଖପ୍ରାଖୋଲ ଅଞ୍ଚଳର ବିଭିନ୍ନ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଗ୍ରୁପ ବିଭିନ୍ନ ଗୀତରେ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଶଙ୍କର, ବବିତା ମୁଣ୍ଡ, ସନାତନ କୁମ୍ଭାର, ପାର୍ଥସାର୍ଥ ପୁରୋହିତ ଏବଂ ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଭଲ ନୃତ୍ୟ ପରିବେଷଣ କରିଥିବା ସିଙ୍ଗିଲ ତଥା ଗ୍ରୁପଙ୍କ ନାମ ଘୋଷଣା କରିଥିଲେ। ନୃତ୍ୟ ପରିବେଷଣ କରିଥିବା ଜୁନିୟର ବିଭାଗରେ ନିଲମ ମେହେର ପ୍ରଥମ, ସଗୁନ ଛତ୍ରିଆ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଜସ୍ମିନ ଓ ବନି ଗ୍ରୁପକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସିନିୟର ବିଭାଗରେ ପ୍ରଥମ ହୋଇଥିବା ଖପ୍ରାଖୋଲ ଓଡ଼ିଆପାଲି ଗ୍ରାମର ପାୱାର ଡ୍ୟାନ୍ସ ଗ୍ରୁପକୁ ନଗଦ ୫ ହଜାର ଏବଂ ଟ୍ରଫି, ଦ୍ୱିତୀୟ ହୋଇଥିବା ବୁଢିବାହାଲ ଗ୍ରାମର ମା’ ସମଲେଇ ଡ୍ୟାନ୍ସ ଗ୍ରୁପକୁ ୩ ହଜାର ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ରେଙ୍ଗାଲି ଗ୍ରାମର ଗନ୍ଧମାର୍ଦ୍ଦନ ବିବି ଡ୍ୟାନ୍ସ ଗ୍ରୁପକୁ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଘନଶ୍ୟାମ ସରାଫ କରିଥିଲେ। ଏହି ଅବସରରେ କମିଟିର ସମ୍ପାଦକ ସୁନୀଲ ଘିବେଲା, ଆକାଶ ନାଏକ, ଘନଶ୍ୟାମ ଶାଣ୍ଢ, ଅବିନାଶ ସେଲମା, ସୁଧାଂଶୁ ନାଏକ, ତାପସ ଶାଣ୍ଢ, ଚନ୍ଦନ ହାତିଖୁଜିଆଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।




ପ୍ରଥମ ହୋଇଥିବା ପାୱାର ହାଉସ ଡ୍ୟାନ୍ସ ଗ୍ରୁପକୁ ପୁରସ୍କାର ପ୍ରଦାନ କରାଯାଉଛି।

# ଗୋପାଳନ ଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇପାରିବ

ଅମରପାଲି,୧୧।୯(ପୀତାମ୍ବର ସାହୁ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କର୍ତ୍ତାପାଲ ପରମେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତିଠାରେ ଦୁଗ୍ଧ ଚାଷୀମାନଙ୍କ ଜୀବିକା ଓ ଆର୍ଥିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଦୁଗ୍ଧ ଚାଷୀମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ କରାଯାଇଛି। ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ସମ୍ବଲପୁର ତରଫରୁ କାର୍ଯ୍ୟକ୍ରମ ଆୟେଜିତ ହୋଇଥିଲା। ସାଧାରଣ ପରିଚାଳକ ଡାକ୍ତର ସରୋଜ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ କ୍ଷେତ୍ର ପରିଦର୍ଶକ ଟିମ୍ ବୀରମହାରାଜପୁର ବ୍ଲକର ଅମରପାଲି, କଦଳିପାଲି, ଖଣ୍ଡହତା କର୍ତ୍ତାପାଲ ଓ ବଡ଼ମାଲ ଆଦି ସମିତି ପରିଦର୍ଶନ କରି ବିଭିନ୍ନ ଡକ୍ୟୁମେଣ୍ଟରି ଫିଲ୍ମ ମାଧ୍ୟମରେ ସଚେତନତା ଶିବିର ଆୟୋଜନ କରିଥିଲେ। ପୁନଶ୍ଚ ସଂଘ ତରଫରୁ ଏକ ଗୋବନ୍ଧ୍ୟା ନିରାକରଣ ଶିବିର ଆୟୋଜନ କରାଯାଇଥିଲା। ବୁଧବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଉପସ୍ଥିତ ୨ଶହ ଦୁଗ୍ଧଚାଷୀଙ୍କୁ ଗୋପାଳନ ମାଧ୍ୟମରେ ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ସୃଷ୍ଟି ସହିତ ଆର୍ଥିକ ଅଭିବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଗୋପାଳନ, ଦୁଗ୍ଧପ୍ତାଦନକୁ ବ୍ୟାପକ କରିବା ପାଇଁ ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବ୍ୟାପକ ଘାସଚାଷ ଓ ଦୁଗ୍ଧ ଚାଷୀଙ୍କୁ ଗୋର ଗୁହାଳ ଯୋଗାଇଦେବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବୀରମହାରାଜପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବାପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗୋପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କର୍ତ୍ତାପାଲ ସମିତିର ୪ ଜଣ ଅଗ୍ରଣୀ ଦୁଗ୍ଧଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ତରଫରୁ ସାଧାରଣ ପରିଚାଳକ ଡାକ୍ତର ସରୋଜ ସାହୁ ଗୋ ପାଳନ ବୃଦ୍ଧି ପାଇଁ ନିକଟ ଭବିଷ୍ୟତରେ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନା ଏବଂ ଗୋପାଳନ କ୍ଷେତ୍ରରୁ ଚାଷୀଙ୍କୁ ମିଳୁଥିବା ବିଭିନ୍ନ ପ୍ରକାର ଲାଭ ବିଷୟରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର ପୁନମ ମହାପାତ୍ର, ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡାକ୍ତର ଅଜୟ କୁମାର ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସମଲେଶରୀ ଦୁଗ୍ଧ ସଂଘ ର ସଭାପତି ବିଦ୍ୟାଧର ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସଂଘର କନିଷ୍ଠ ପରିଚାଳକ ସଞ୍ଜୀବ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମଲେଶରୀ ଦୁଗ୍ଧ ସଂଘର ଭାରପ୍ରାପ୍ତ ଅଧିକାରୀ ସହଦେବ ଶତପଥୀ, କର୍ଡପାଲ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ସମ୍ପାଦକ ରୁଦ୍ର ନାରାୟଣ ଘୁଶ୍ରୀ, ସଭାପତି ଚନ୍ଦ୍ର ଶେଖର ପ୍ରଧାନ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଠାକୁରାଣୀଙ୍କ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି



ଜୟପାଟଣା,୧୧।୯ (ଓମ୍ ପ୍ରକାଶ ବୈଁଠାରୁ): କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ନିକଟ ତାଳଗୁଡଠାରେ ଥିବା ପ୍ରସିଦ୍ଧ ମା' ଡୋକରୀ ଠାକୁରାଣୀଙ୍କ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିର କବାଟ ଭାଙ୍ଗି ଭିତରକୁ ପଶି ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଚୋରି କରିନେଇଛନ୍ତି। ବୁଧବାର ଗ୍ରାମବାସୀ ଜାଣିବା ପରେ ସ୍ଥାନୀୟ ଜମିଦାରଙ୍କୁ କହିଥିଲେ। ପରେ ଜମିଦାର ଥିବା ରାଣୀ ସାହେବ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜୟପାଟଣା ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି।

### ବାକି ଟଙ୍କା ମାଗିବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଲୋଇସିଂହା,୧୧।୯(ସୁଶାନ୍ତ ବାରିକ): ବାକି ଥିବା ଶହେ ଟଙ୍କା ମାଗିବାରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କନ୍ଧାଜୁରୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ଭାଇଙ୍କ ଅଭିଯୋଗ କ୍ରମେ ସେହି ଗ୍ରାମର ଅଭିଯୁକ୍ତ ସାମନ୍ତ ତାଣ୍ଡି(୪୯)ଙ୍କୁ ଲୋଇସିଂହା ପୋଲିସ ଗିରଫ କରିଛି। ବୁଧବାର ଅଭିଯୁକ୍ତ ସାମନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ଅଭିଯୁକ୍ତ ସାମନ୍ତ ଗ୍ରାମର ବାସୁଦେବ ନାଗଙ୍କ ଠାରୁ କୁଆଡେ ୧ ଶହ ଟଙ୍କା ନେଇଥିଲେ । ନୂଆଁଖାଇ ଦିନ ବାସୁଦେବ ସେହି ଟଙ୍କା ସାମନ୍ତଙ୍କୁ ମାଗିଥିଲେ । ଘରକୁ ଚାଲ ଦେବି କହି ସାମନ୍ତ ତାଙ୍କ ଘରକୁ ବାସୁଦେବଙ୍କୁ ଡାକି ନେଇଥିଲେ। ହେଲେ କି ଟଙ୍କା କହି ଉତ୍କ୍ଷିପ୍ତ ହୋଇ ବାସୁଦେବଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ ।

### ନିଆଁ ଲାଗି ଜଳିଗଲା କାର୍



କୋକସରା,୧୧।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଜାତୀୟ ରାଜପଥ ୨୬ ପାର୍ଶ୍ୱ ଡ଼ାକବଙ୍ଗଳା ନିକଟରେ ପାର୍କିଂ କରିଥିବା ଏକ କାର୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳି ଯାଇଛି। ନିଆଁ ଲାଗିଥିବା ଦେଖି କାର୍ ମାଲିକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ପୋଡି ଯାଇଛି। କାର୍ ମାଲିକ ଆମପାଣି ଗ୍ରାମର ଶୁଭମ ପାଣିଗ୍ରାହୀ ବୁଧବାର ସକାଳେ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ପାଉଁଶରେ ପୋତି ହେଉଛି ଚାଷ ଜମି

- ଚିନ୍ତା ବଢ଼ାଉଛି ଝାରସୁଗୁଡା କାରଖାନାରୁ ନିର୍ଗତ ପାଉଁଶ
- ପ୍ରଭାବିତ ହେଉଛନ୍ତି ଚାଷୀ
- ସମସ୍ୟା ସମାଧାନ ନ କଲେ ଆନ୍ଦୋଳନ ଚେତାବନୀ

ସୁନ୍ଦରଗଡ,୧୧।୯(ଜୟ ନାରାୟଣ ମେଣ୍ଡୁଲି)

ଝାରସୁଗୁଡା ଜିଲାର ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟ ପାଉଁଶ ଗୁଣ୍ଡରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଚାଷ ଜମିଗୁଡିକ ପୋତି ହେବାକୁ ବସିଲାଣି। ଜିଲାର ସଦର ବ୍ଲକ ଅଞ୍ଚଳର ଚାଷ ଜମିଗୁଡିରେ ପାଉଁଶର ପାହାଡ ଦେଖିବାକୁ ମିଳୁଛି। ଝାରସୁଗୁଡା ଜିଲା ସୀମାକୁ ଲାଗିଥିବା ସୁନ୍ଦରଗଡ ସଦର ବ୍ଲକର ଭଷ୍ମା, କୁଣ୍ଡୁକେଲା, ବିରବିରା, କିଞ୍ଜିରିମା, ଟାଙ୍ଗରପାଲି ବ୍ଲକର ଅବନକେଲା, ଗୁଲଠା ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଏହି ବେଆଇନ ପାଉଁଶ ଗଦା ଯୋଗୁ ଏବେ ଶହଶହ ଏକର ଚାଷଜମି ନଷ୍ଟ ହେବାସହ ଏହି ଅଞ୍ଚଳ ଦେଇ ପ୍ରବାହିତ ଇବ, ସଫେଇ ନଦୀ ସମେତ ଅନ୍ୟାନ୍ୟ ଜଳ ଉତ୍ସ ଗୁଡ଼ିକର ଜଳ ମଧ୍ୟ ପ୍ରଦୂଷିତ ହେଲାଣି। ସୁନ୍ଦରଗଡ ସଦର ବ୍ଲକ ବିରବିରା ପଞ୍ଚାୟତର ତଳସରା ଦେଇ ପ୍ରବାହିତ ସଫେଇ ନଦୀ ହିଡରେ ପାଉଁଶ ଗଦା ହେଉଥିବାରୁ



ଗଦା ହୋଇଥିବା ପାଉଁଶ।

ସେହି ଅଞ୍ଚଳରେ ଥିବା ଚାଷଜମି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ କ୍ଷତିଗ୍ରସ୍ତ ଚାଷୀ ଜିଲାପାଳ ଓ ଧରୁଆଡିହି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ, ତଳସରା ଘଣ୍ଟେଶ୍ୱରୀ ପାଣି ପଞ୍ଚାୟତ ଅଧୀନରେ ଏକ ଉଠାଜଳସେଚନ ପ୍ରକଳ୍ପ ଗତ ୨୦୨୧ରୁ କାର୍ଯ୍ୟକରୁଛି। ୨୦୨୨ରୁ ଚାଷୀମାନେ ଏହି ପ୍ରକଳ୍ପ ଉପରେ ନିର୍ଭର କରି ଖରିଫ ଓ ରବି ଫସଲ ଚାଷ କରିଆସୁଛନ୍ତି। ୨୦୨୪ ମାର୍ଚ୍ଚ ମାସରେ ଶୋରିଷ,ଆଳୁ ଓ ପନିପରିବା ଚାଷ କରିଥିଲେ। ଜୁନରେ କେତେକ ଲୋକ ନିଜକୁ ଝାରସୁଗୁଡାର ଏକ କମ୍ପାନୀରେ କାମ କରୁଥିବା କହିଥିଲେ। ଚାଷୀଙ୍କୁ ତାଙ୍କର ଖାଲଜମିକୁ ସମତୁଲ କରିଦେବା ଓ ଏହାଦ୍ୱାରା ଚାଷ ଉପଯୋଗୀ ହେବ କହି କାରଖାନାରୁ ନିର୍ଗତ ବର୍ଜ୍ୟ ପାଉଁଶ ଆଣି ପକାଇଥିଲେ। ଏହି ପାଉଁଶ ତଳସରା ଗ୍ରାମ ଦେଇ ଯାଇଥିବା ସଫେଇ ନଦୀ ହୁଡାରେ ଗଦା କରିବା ଯୋଗୁ ସେଠାରେ ଥିବା ଉଠାଜଳସେଚନ ପ୍ରକଳ୍ପ ପୋତି ହୋଇପଡିଛି। ଚାଷୀମାନେ ପାଉଁଶ ନ ପକାଇବାକୁ କହିବା ସତ୍ତ୍ୱେ ସେଠାରେ ପାଉଁଶ ପାହାଡ ଭଳି ଗଦା ହେଉଛି। ଏହି ପାଉଁଶ ତଳମୁଣ୍ଡରେ ଥିବା ଅନ୍ୟ ଚାଷ ଜମିକୁ ମାଡି ଯାଇ ବର୍ତ୍ତମାନ କରାଯାଇଥିବା ଖରିଫ ଧାନ ଫସଲ ମଧ୍ୟ ନଷ୍ଟ ହେଉଛି। ଗ୍ରାମବାସୀ ସ୍ଥାନୀୟ ପୋଲିସ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

#### ଏମାନେ ଯାହା କୁହନ୍ତି...



"ପ୍ରାୟ ୫୦ଏକର ଜମିରେ ପାଉଁଶ ଯୋଗୁ ଖରିଫ ଚାଷ ନଷ୍ଟ ହୋଇଛି। ପ୍ରଶାସନ, ପୋଲିସ ଓ ବିଭାଗର ଡିଭିଜନ ଅଫିସଠାରେ ଗୁହାରି କରି ମଧ୍ୟ କିଛି ମଧ୍ୟ ସୁଫଳ ପାଇଲୁ ନାହିଁ। ତେଣୁ ସରକାର ଓ ପାଉଁଶ ପକାଇଥିବା କମ୍ପାନୀ ପକ୍ଷରୁ ନଷ୍ଟ ହୋଇଥିବା ଫସଲର କ୍ଷତି ପୂରଣ ଦିଆଯାଉ।

–ରୋମାଞ୍ଚ ପୃଷେଠ, କ୍ଷତିଗ୍ରସ୍ତ ଚାଷୀ



"ଝାରସୁଗୁଡା ଜିଲାର କଳକାରଖାନାରୁ ବାହାରୁଥିବା ପାଉଁଶ ଆମ ଅଞ୍ଚଳରେ ବେଆଇନ ଭାବେ ପକାଯାଉଛି। ଫଳରେ ଚାଷଜମି ନଷ୍ଟ ହେଛି। ଏହା ଚାଷୀଙ୍କୁ ଏକ ପ୍ରକାର ମାରିବା ଚକ୍ରାନ୍ତ ଛଡା ଆଉ କିଛି ନୁହେଁ।

–ଟଙ୍କଧର ଝଦେହୁରିଆ,ଚାଷୀ



"ଝାରସୁଗୁଡାର ଏକ କମ୍ପାନୀରୁ ଆସିଛୁ କହି କେତେକ ଲୋକ ତୁମ ଜମି ଖାଲଡିପ ଅଛି ଆମେ ସମତୁଲ କରିଦେବୁ କହି କାରଖାନା ପାଉଁଶ ଆଣି ପକାଥିଲେ। ଏବେ ତାଙ୍କର ଆଉ ଦେଖା ମିଳୁନି। ବର୍ଷା ହେବା ଯୋଗୁ ଏହି ପାଉଁଶ ଗଦାରୁ ପାଉଁଶ ଭାସି ନିକଟରେ ଥିବା ଚାଷ ଜମି ଓ ସଫେଇ ନଦୀରେ ମିଶୁଛି।

–ଶେଷଦେବ ସା, ଚାଷୀ

### ଟାଙ୍ଗିଆରେ ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

ନର୍ଲା,୧୧।୯ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ମୁଣ୍ଡା ଗାଁରେ ସାମାନ୍ୟ କଥାକୁ ନେଇ ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୈତନ୍ୟ ପାତ୍ର (୬୪), ଧନୁ ପାତ୍ର (୪୦) ଓ ଅନିଲ ପାତ୍ର (୨୧)। ସୂଚନା ଅନୁସାରେ ମଙ୍ଗଳବାର ସକାଳେ ମୁଣ୍ଡା ଗାଁର ସୁଶାନ୍ତ ଠାକୁର (୪୦) ନିକଟସ୍ଥ ଦୋକାନକୁ ସାମଗ୍ରୀ କିଣିବା ପାଇଁ ଯାଉଥିଲେ। ଏହି ସମୟରେ ଉପରୋକ୍ତ ୩ଜଣଙ୍କ ସହ ଅନ୍ୟଜଣେ କୌଣସି କଥାକୁ ନେଇ ପ୍ରଥମେ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଟାଙ୍ଗିଆ ସାହାଯ୍ୟରେ ସୁଶାନ୍ତଙ୍କୁ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ନର୍ଲା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସୁଶାନ୍ତଙ୍କ ଭାଇ ଥାନାକୁ ଆସି ୪ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିଲା। ଏ ନେଇ ଏକ ମାମଲା (ନଂ.୨୧୦/୨୪) ରୁଜୁକରି ବୁଧବାର ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ବଡ଼ଗାଁ ଚାଲେଞ୍ଜି ସିଲ୍ଡ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ,୧୧।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ଚାଲେଞ୍ଜି ସିଲ୍ଡ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଅଞ୍ଚଳର ଜନ ପ୍ରତିନିଧିଙ୍କ ଦ୍ୱାରା ହୋଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ ଜୟ ହିନ୍ଦ କ୍ଲବର ଉପଦେଷ୍ଟା ତଥା ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଭାଇସ ଚେୟାରମେନ ରଶ୍ମିତା ପଟେଲ, ଜିଲା ପରିଷଦ ଖ ସଭ୍ୟ ସୋନାଲି ହେସ, ବରିଷ୍ଠ ଭାଜପା ନେତା ବସନ୍ତ ସାହୁ, ଡୁଡାଲଗା ସରପଞ୍ଚ ସୁଦୀପ ବାଡା, ଫୁଲବାରି ସରପଞ୍ଚ ଜୋଗିନ୍ଦ୍ର କିସାନ, ବାମଡେରା ସରପଞ୍ଚ ଶ୍ୟାମ ସୁନ୍ଦର ଲାକ୍ରା, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ଇତମା ସରପଞ୍ଚ ରଜନୀ ବାଗ, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ଟିମନା ସରପଞ୍ଚ ସୂରଚି ବାଡା, ଏକମା ସରପଞ୍ଚ ସାଇବାନୀ ଲାକ୍ରା, ଜିଲା ପରିଷଦ କ ସଭ୍ୟ ତଥା ଜୟ ହିନ୍ଦ କ୍ଲବର ଉପଦେଷ୍ଟା ଅମିୟ କୁମାର ପ୍ରଧାନ କ୍ଲବ ସଭାପତି ରାଜା ହାଁସଦା, ସମ୍ପାଦକ ସଞ୍ଜୟ ସୋରେଙ୍ଗ, କର୍ମକର୍ତ୍ତା ପିୟୁସ ସୋରେଙ୍ଗ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଫୁଟବଲ କିକ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସମୂହ ଜାତୀୟ ସଙ୍ଗୀତ ଗାନ କଲାପରେ ଖେଳ ଆରମ୍ଭ ହୋଇଥିଲା। ଟୁର୍ନାମେଣ୍ଟରେ ଜିଲାର ୨୪ଟି ଟିମ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଟିମକୁ ୩୦ ହଜାର ଟଙ୍କା ସହିତ ଟ୍ରଫି, ରନର୍ସ ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଉଭୟ ଟିମକୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ରମେଶ ମାଝୀ, ନରେଶ ବାଗ, ରାଜେଶ ଛତ୍ରୀୟା, ସରୋଜ ବାଗ ଖେଳ ପରିଚାଳନା କରୁଥିଲାବେଳେ କ୍ଲବ ସଦସ୍ୟମାନେ ସହଯୋଗ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଏକମା ଓ ବଜରଙ୍ଗ ଦଳ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ବଜରଙ୍ଗ ଦଳର ଖେଳାଳି ମେଘନାଦ ନାଏକଙ୍କୁ ମେନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



ଖେଳାଳିଙ୍କ ସହିତ ଅତିଥିମାନେ।



ବନଖଣ୍ଡସ୍ତରୀୟ ଜାତୀୟ ବନ ଶହୀଦ ଦିବସ ଅବସରରେ.........................

## ବନ ଶହୀଦଙ୍କ ବଳିଦାନକୁ ସମ୍ମାନିତ କଲେ ବନଖଣ୍ଡ ଅଧିକାରୀ

ସୁନ୍ଦରଗଡ,୧୧।୯(ଜୟ ନାରାୟଣ ମେଣ୍ଡୁଲି)

ବନଖଣ୍ଡ ସ୍ତରୀୟ ଜାତୀୟ ବନ ଶହୀଦ ଦିବସ ପାଳନ ଅବସରରେ ବୁଧବାର ସୁନ୍ଦରଗଡ ବନଖଣ୍ଡ ପକ୍ଷରୁ ବନ ଶହୀଦଙ୍କ ବଳିଦାନକୁ ସମ୍ମାନିତ କରାଯାଇଛି। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାରସଙ୍କ ସଭାପତିତ୍ୱରେ ଏହି ଅବସରରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରର ଆୟେଜିତ କାର୍ଯ୍ୟକ୍ରମରେ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସମ୍ମିତ ପଣ୍ଡା, ରମେଶ କୁମାର, ରାଜ କୁମାର ସେଠୀ, ମୁଖ୍ୟ କିରାଣୀ ବସନ୍ତ କିଶାନ, ସୁନ୍ଦରଗଡ ସଦର ବନାଞ୍ଚଳର ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ ଏବଂ ବନଖଣ୍ଡର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ବୃକ୍ଷ ଦେବତାଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରେ ବନଖଣ୍ଡ ଅଧିକାରୀଙ୍କ ଆହ୍ୱାନକ୍ରମେ ନିଜର ଜୀବନକୁ ବଳିଦାନ ଦେଇ ଦେଶର ଜଙ୍ଗଲ, ବନ୍ୟଜନ୍ତୁ ଏବଂ ଜୈବବିବିଧତାକୁ ସୁରକ୍ଷା ଦେଇଥିବା ବନ ଶହୀଦଙ୍କ ସାହାସୀ ଆତ୍ମାକୁ ସମ୍ମାନିତ କରିବା ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସହକାରୀ ବନ ସଂରକ୍ଷକ ରମେଶ କୁମାର, ସମ୍ମିତ ପଣ୍ଡା, ରାଜକୁମାର ସେଠୀ ଏବଂ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାରସ ଏହି ଜାତୀୟ ବନ ଶହୀଦ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଜଙ୍ଗଲ, ବନ୍ୟଜନ୍ତୁ ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସମସ୍ତେ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ବନ ସୁରକ୍ଷା ନିମନ୍ତେ ପ୍ରାଣବଳୀ ଦେଇଥିବା ଶହୀଦମାନେ ସର୍ବଦା ଚିର ନମସ୍ୟହୋଇ ରହିବେ ବୋଲି କହିଥିଲେ। ସଦର ବନାଞ୍ଚଳ ଅଧିକାରୀ ଉମାଶଙ୍କର ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ପରାମର୍ଶ,ଟାକ୍ସ ଫୋର୍ସ କମିଟି ବୈଠକ

ସୁନ୍ଦରଗଡ଼,୧୧।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲାରେ ପ୍ରାକ୍ ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଆଇନ ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶଦାତା ଓ ଟାସ୍କ ଫୋର୍ସ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା, ପଞ୍ଜିକରଣ ତଥା ନବୀକରଣ ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ମନୋଜ ସତ୍ୟବାନ ଜିଲାରେ କନ୍ୟା ସନ୍ତାନ ଅନୁପାତ ବୃଦ୍ଧି ଲାଗି ତୃଣମୂଳ ସ୍ତରରେ



ସଚେତନତା କରିବା ପାଇଁ ସିଏଚସି ସୁପରିଟେଣ୍ଡେଣ୍ଟମାନଙ୍କୁ ଆଦେଶ ଦେଇଥିଲେ ଏବଂ ଡାକ୍ତର ବନ୍ଧୁ ଓ ଅଲଟ୍ରାସାଉଣ୍ଡ କ୍ଲିନିକ ମାଲିକମାନଙ୍କ ସହଯୋଗ ଲୋଡ଼ିଥିଲେ। ଜିଲାରେ ସବୁ ସ୍ତରରେ ବେଆଇନ ଲିଙ୍ଗ ନିରୂପଣ ଉପରେ ନଜର ରଖିବା ଏବଂ ଯଦି ଏହା ଉପରେ କିଛି ସୂଚନା ମିଳେ ତେବେ ଏହାର ସୂଚନା ଜିଲାପାଳ କିମ୍ବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ପାତ୍ର, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ତୁଳବତି ସାହୁ, ଡିଏସପି ପ୍ରଶାନ୍ତ କୁମାର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କୃଷ୍ଣା କୁମାରୀ ନନ୍ଦ, ଡା. ପୁଷ୍ପମିତ୍ର ଭିତ୍ରିଆ, ଡା. ମନୋଜ ଆଚାର୍ଯ୍ୟ, ଡା. ସୁବାସିନୀ ପାଣ୍ଡେ, ଜିଲା କର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶଙ୍କର ଆଚାର୍ଯ୍ୟ, ସମାଜସେବୀ ସ୍ନେହଲତା ପଟେଲ, ଅମୀୟକାନ୍ତ ନାୟକ, ଅଜୟ ମହନ୍ତ ଏବଂ ସହ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣେଶ ଭସାଣି, ମହମ୍ମଦ ଜୟନ୍ତୀ ପାଳନ ଉପଲକ୍ଷେ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର,୧୧।୯(ଅଶୋକ ପାଣି)

ଆସନ୍ତା ୧୩ରେ ହେବାକୁ ଥିବା ଗଣେଶ ଭସାଣି ଓ ୧୬ରେ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳନକୁ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ କମ୍ୟୁନିଟ ସେଣ୍ଟରଠାରେ ସହରର ସମସ୍ତ ପୂଜା କମିଟି ତଥା ମୁସଲିମ ପଞ୍ଚାୟତ ସମିତିର ପଦାଧିକାରୀ, ସଦସ୍ୟ ଏବଂ ଶାନ୍ତି କମିଟିରେ ଥିବା ସବୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶାନ୍ତି କମିଟି ବୈଠକକୁ ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସଞ୍ଚାଳନ କରିଥିଲେ। ଏହି ବୈଠକରେ ତହସିଲଦାର ଜଗବନ୍ଧୁ ମଲ୍ଲିକ, ଉପ ନଗରପାଳ ମହମ୍ମଦ ଇରଫାନ, ଡିଏସପି ଅମ୍ରିତା ନନ୍ଦିନୀ ମହାନ୍ତି, ସୁନ୍ଦରଗଡ ଉପଜିଲାପାଳ ଦାସରଥି ସରାବୁ ନିଜ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ନିଜର ବକ୍ତବ୍ୟରେ କହିଥିଲେ,ଜନସାଧାରଣଙ୍କୁ ସହଯୋଗ କରିବା ପାଇ ପୋଲିସ ସଦା ତତ୍ପର ରହିଛି। ସରକାରୀ ସ୍ଥାନରେ ଧାର୍ମିକ ଛଣ୍ଡା ଲଗାନ୍ତୁ ନାହିଁ, ପୂଜାମଣ୍ଡପରେ ଭଲ ଗୀତ ଗୁଡ଼ିକ ବଜାଯାଉ, ସୋସିଆଲମିଡିଆରେ ଆପତ୍ତିଜନକ ପୋଷ୍ଟ କରନ୍ତୁ ନାହିଁ, ବେଆଇନ ବା ଅନୁଚିତ ପଦକ୍ଷେପ ନେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ ବୋଲି କହିଥିଲେ। ଚଳିତ ବର୍ଷ ୭୮ଟି ପେଣ୍ଡାଲରେ ଗଣେଶ ପୂଜାର୍ଚ୍ଚନା ଚାଲିଥିବା ବେଳେ ବିସର୍ଜନରେ ୫୭ଟି ଗଣେଶ ମେଢ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

# ବିଜୁଳି ଆଲୁଅ ସାତ ସପନ

ବଣାଇଁ,୧୧।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ବଣାଇଁ ଉପଖଣ୍ଡର କୋଇଡ଼ା ବ୍ଲକ ଚୋରଧରା ପଞ୍ଚାୟତ କେନ୍ଦୁଖମଣ ଗ୍ରାମବାସୀଙ୍କ ପାଖରେ ପହଞ୍ଚି ପାରିନି ମୌଳିକ ସୁବିଧା। ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଁକୁ ବିଜୁଳି ନାହିଁ। ପାଇପ ପାଣି ଯୋଗାଣ ସାତ ସପନ ସଦୃଶ୍ୟ। ଗୋଟିଏ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଥିବା ନଳକୂପ ହିଁ ସାରା ଗାଁକୁ ପାନୀୟ ଜଳ ଯୋଗାଇବାରେ ସହାୟକ ହୋଇଥାଏ। ଉକ୍ତ ସୌର ଚାଳିତ ପ୍ରକଳ୍ପ ଖରାପ ହେଲେ ଉପର ସାହି ଲୋକଙ୍କ ପାଇଁ ବିକଳ୍ପ ସାଜିଥାଏ ପାହାଡ ତଳ ପାର୍ଶ୍ୱରେ ରହିଥିବା ଗାଡିଆ। ମୌଳିକ ସୁବିଧା କହିଲେ ଲୋକେ ଖାଲି ରାସନ କାର୍ଡରେ ମିଳୁଥିବା ରାସନ ସାମଗ୍ରୀକୁ ଛାଡି ଦେଲେ ଏ ପର୍ଯ୍ୟନ୍ତ ଆଉ କିଛି ଜାଣିନାହାନ୍ତି । ଗ୍ରାମରେ ଗୋଟିଏ ଘର ଅନୁସୂଚିତ ଜାତି ବର୍ଗର ଏବଂ ଅନ୍ୟ ୯୯ ଭାଗ ଲୋକ ମୁଣ୍ଡା ଆଦିବାସୀ ସମ୍ପ୍ରଦାୟର ଅଟନ୍ତି। ଗ୍ରାମରେ ପ୍ରାୟ ୬୦ ଆଦିବାସୀ ପରିବାର ବସ ବାସ କରୁଛନ୍ତି। ଦୀର୍ଘ ୬ ବର୍ଷ ପୂର୍ବେ ଗାଁ ରେ ବିଜୁଳି ଆଲୁଅ ଯୋଗାଇ ଦେବା ନାଁରେ ଖୁଣ୍ଟ ପୋତି ଘରକୁ ଘର ତାର ଟଣାଗଲା। ମିଟର ଲଗାଯାଇ ଗାଁରେ ଟ୍ରାନ୍ସଫର୍ମର ବସିଲା। ବିଜୁଳି ଆସିଲା। ଗ୍ରାମବାସୀ ଖୁସି ହେଲେ। ହେଲେ ୩ ମାସ ପରେ ଟ୍ରାନ୍ସଫର୍ମର ଖରାପ ହୋଇଗଲା। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ ମଧ୍ୟ କିଛି ସମାଧାନ ହେଲାନାହିଁ। ଆଜି ପର୍ଯ୍ୟନ୍ତ ଗାଁ ଲୋକଙ୍କ ପାଇଁ ସାତସପନ ପାଲଟିଛି ବିଦ୍ୟୁତ ଆଲୁଅ। ଗାଁ ପାର୍ଶ୍ୱଦେଇ ତାଳଡିହି ମାଇନ୍ସକୁ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ୍ ଯାଇଥିବା ସତ୍ତ୍ୱେ ଗାଁରେ ବିଜୁଳି ଆଲୁଅ ପହଞ୍ଚି ପାରି ନ ଥିବା ବିଡମ୍ବନାର ବିଷୟ। ଯେଉଁଠି ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଲୌହଖଣି



ରହିଛି ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଏଭଳି ଚିତ୍ର ପାରିପାର୍ଶ୍ୱିକ ଉନ୍ନୟନର ବାସ୍ତବତା ବୟାନ କରୁଛି । ସବୁଠାରୁ ବଡ କଥା ହେଉଛି ସମ୍ପୃକ୍ତ ଗ୍ରାମର ୮୦ ପ୍ରତିଶତ ଲୋକ ଏବେବି ନିରକ୍ଷର। ଚୋରଧରା ସରପଞ୍ଚ ରଶିନ୍ତା ଲୁଗୁନଙ୍କୁ ବିଜୁଳି ସମସ୍ୟା କଥା ପଚାରିବାରୁ, ଟ୍ରାନ୍ସଫର୍ମର ପୋଡି ଥିବା ବିଷୟରେ ସେ ଜାଣିଛନ୍ତି ବୋଲି କହିଥିଲେ। ଏନେଇ ରାଜମୁଣ୍ଡା ସବ୍‌ଷ୍ଟେଶସନ କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ, ଏହା ୫ ବର୍ଷ ତଳର ଘଟଣା। ପୂର୍ବରୁ ଯେଉଁ ଅଧିକାରୀମାନେ ଥିଲେ ତାଙ୍କ ପାଖରେ ଗ୍ରାମବାସୀ କ'ଣ ଅଭିଯୋଗ କରିଥିଲେ କି ନାହିଁ ସେ ସଂକ୍ରାନ୍ତରେ କୌଣସି ତଥ୍ୟ ଆମ ପାଖରେ ନାହିଁ। କିନ୍ତୁ ଏବେ ସମସ୍ୟା ଶୁଣିଲା ପରେ ତୁରନ୍ତ ସମାଧାନ କରିବୁ ବୋଲି ସେ କହିଥିଲେ। ବଣାଇଁର ନୂତନ ଉପଜିଲାପାଳ ମୌଳିକ ଅଧିକାରରୁ ବଞ୍ଚିତ ଗ୍ରାମବାସୀଙ୍କ ସମସ୍ୟା ଅନୁଧ୍ୟାନ କରିବା ସହ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ବିନିଯୋଗ ଉପରେ ତଦନ୍ତ କରି ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସମୁଦ୍ରରେ ଓଲଟି ପଡ଼ିଲା ମାଛଧରା ବୋଟ୍



**ମହାକାଳପଡ଼ା,୧୧ା୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

## ▪ ଉଦ୍ଧାର ହେଲେ ୪ ମତ୍ସ୍ୟଜୀବୀ
## ▪ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ହୁକିଟୋଲା-ମାଦଳୀ ମୁହାଣର କିଛି ଦୂରରେ ଏକ ମାଛ ଧରା ବୋଟ୍ ଭାରସାମ୍ୟ ହରାଇ ବୁଧବାର ଓଲଟି ପଡିଥିଲା। ସେଥିରେ ଥିବା ୪ ମତ୍ସ୍ୟଜୀବୀଙ୍କୁ ଅନ୍ୟ ବୋଟ୍‌ର ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ଲଘୁଚାପ ପ୍ରଭାବରେ ଏବେ ସମୁଦ୍ର ଅଶାନ୍ତ ରହୁଛି। ପ୍ରବଳ ପବନରେ ଭାରସାମ୍ୟ ହରାଇ ଉକ୍ତ ଯନ୍ତ୍ରଚାଳିତ ବୋଟ୍‌ଟି ଓଲିଟି ପଡିଥିଲା ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଏହି ବୋଟ୍‌ରେ ଥିବା ରାଜନଗର ସୁନ୍ଦରୀପାଳ ଗ୍ରାମର ୪ ମତ୍ସ୍ୟଜୀବୀ ପ୍ଲାଷ୍ଟିକ ଜାରକିନ ଧରି ଅଥଳ ପାଣିରେ ରକ୍ଷା କର ବୋଲି ଚିତ୍କାର କରି ସମୁଦ୍ରରେ ଭାସୁଥିଲେ। ସେହି ବାଟ ଦେଇ ମହାକାଳପଡ଼ା ବ୍ଲକର ତଣ୍ଡିଆପାଳ ଗ୍ରାମର ଏକ ମାଛଧରା ବୋଟ୍‌ରେ ଥିବା ମତ୍ସ୍ୟଜୀବୀ ସେମାନଙ୍କୁ ଦେଖି ଉଦ୍ଧାର କରି କୂଳକୁ ଆଣିଥିଲେ। ସେମାନେ ସୁସ୍ଥ ଅଛନ୍ତି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ନିଜ ଘରକୁ ଫେରିଛନ୍ତି ବୋଲି ସ୍ଥାନୀୟ ମତ୍ସଜୀବୀମାନେ କହିଛନ୍ତି। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହୁଛି। ସେଥିପାଇଁ ମାଛ ଧରା ବୋଟ୍‌ଗୁଡ଼ିକ ଭାରସାମ୍ୟ ହରାଇ ଓଲଟି ପଡିବାର ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି।

# ବିରୂପାରେ ବୁଡ଼ିଗଲେ ୨ ସାଙ୍ଗ | ଜଣେ ମୃତ, ଜଣେ ନିଖୋଜ

**ଚଣ୍ଡିଖୋଲ,୧୧ା୯ (ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗ୍ରାମ ନିକଟରେ ବୁଧବାର ବିରୂପା ନଦୀରେ ଗାଧୋଇବାବେଳେ ୨ ସାଙ୍ଗ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ନିଖୋଜ ହୋଇଯାଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ଅଞ୍ଚଳର ଅଭିଷେକ ପାତ୍ର (୨୬)। ନିଖୋଜ ଯୁବକ ହେଲେ ଅଭିଷେକଙ୍କ ସାଙ୍ଗ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପଚ୍ଛପଡ଼ାର ଜ୍ୟୋତିରଞ୍ଜନ ପାଢ଼ୀ(୨୩)। ଖବର ପାଇ ଚଣ୍ଡିଖୋଲ ଓ କୁଆଁପାଳ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଜ୍ୟୋତିରଞ୍ଜନଙ୍କ ପତ୍ତା ପାଇନାହାନ୍ତି। ରାତି ହୋଇଯିବାରୁ ଖୋଜା ଖୋଜି ବନ୍ଦ ରହିଛି। ଗୁରୁବାର ପୁଣି ଖୋଜାଖୋଜି ଚାଲିବ ବୋଲି ଦମକଳ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ପତରାଜପୁର ଗ୍ରାମର ବ୍ରଜ ସିଂହ ନାନପୁର ଗ୍ରାମରେ ଘର ଭଡ଼ା ନେଇ ରହୁଛନ୍ତି। ବ୍ରଜଙ୍କ ଶାଳକ ଜ୍ୟୋତିରଞ୍ଜନ ଓ ତାଙ୍କ ସାଙ୍ଗ ଅଭିଷେକ ମଙ୍ଗଳବାର ଭଉଣୀ ଘର ନାନପୁରକୁ ଆସିଥିଲେ। ବୁଧବାର ଅପରାହ୍ନରେ ନିକଟସ୍ଥ ବିରୂପା ନଦୀକୁ ଉଭୟ ଗାଧୋଇବାକୁ ଯାଇଥିଲେ। ଜ୍ୟୋତିରଞ୍ଜନ ତାଙ୍କ ସାନ ଭଉଣୀଙ୍କୁ ଘରୁ ସାମ୍ପୁ ଓ ସାବୁନ ଆଣିବାକୁ ପଠାଇଥିଲେ। ଏହି ସମୟରେ ଗଭୀର ନଦୀଗର୍ଭକୁ ଉଭୟଙ୍କ ଗୋଡ଼ ଖସି ଯାଇଥିଲା। ଭଉଣୀ ସାବୁନ ଆଣି ପହଞ୍ଚିବା ପରେ ଜଣେ ବୁଡି ଯାଉଥିବା ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଯୁବକମାନେ ଅଭିଷେକଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଏହାପରେ ଯୁବକମାନେ ନଦୀ ଗର୍ଭରେ ଖୋଜାଖୋଜି କରିଥିଲେ ମଧ୍ୟ ଜ୍ୟୋତିରଞ୍ଜନଙ୍କୁ ପାଇ ନ ଥିଲେ।



# ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ, ଜଣେ ଗୁରୁତର

**ଚଣ୍ଡିଖୋଲ/ବଡ଼ଚଣା,୧୧ା୯ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)**

ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାବା ଭୈରବା ନନ୍ଦ କଲେଜର ଯୁକ୍ତ ୩ର ଛାତ୍ର ସାମନ୍ତ ଶେଖର ଦାସ(୧୯)। ତାଙ୍କ ଘର ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗାଡ଼ିଆ ଗ୍ରାମରେ। ଗୁରୁତର ହେଲେ ଜାରକା ଅଞ୍ଚଳର ସେକ୍ ଅଜିତ। ଉଭୟ କଲେଜରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ କଲେଜଠାରୁ କିଛି ଦୂରରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାମନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଆହତ ହୋଇଥିବା ସେକ୍ ଅଜିତ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**Corrigendum to NIT No.34/OMC/CIVIL/2024**

**No.CAD-1072:** The following amendments are hereby incorporated in the above NIT.
(A) The works correspond to Serial No. 2 and 3 are hereby cancelled due to Administrative reason.
(B) The date for availability of bid document and opening of tender for the work corresponding to Sl.No. 1 will be as follows.
Availability of Bid document from Dtd: 20.09.2024 to 04.10.2024.
Date of Opening of technical bid Dtd: 05.10.2024
All other terms & conditions of the above NIT shall remain un-changed.
Please visit Govt. website www.tendersodisha.gov.in.
OIPR-30005/11/0078/2425 **Sd./-General Manager (Civil)**

**OFFICE OF THE PANCHAYAT SAMITI BHUBAN, DHENKANAL**
**PR & DW DEPARTMENT**
**Tender Call Notice**
**Bid Identification No. BDO, Bhuban-01/2024-25**
Bhuban, Dhenkanal-759017, E-mail:ori-bhuban@nic.in

**No.i-144:** The Block Development Officer, Bhuban on behalf of Governor of Odisha inviting percentage rate from eligible contractors for construction of building work detail in the table below.
1. Nature of Work : Building Works
2. Number of Work : 04 (Four) Nos.
3. Tender Cost & EMD : As mentioned in DTCN
4. Class of Contractor : As mentioned in DTCN
5. Available Bid document in the District Website : From 11.09.2024 10.00 AM to 20.09.2024 upto 5.00 PM
6. Last date/Time of receipt of the original bid documents : 20.09.2024 5.00 PM (only Regd.Post/Speed Post)
7. Date of Seeking Clarification: 13.09.2024 within office hours.
8. Date of Opening of Bid : 21.09.2024 11.30 AM
9. Name & Address of the Office : Office of the Block Development Officer, Bhuban.
10. Further details can be seen from the Dhenkanal Portal www.dhenkanal.nic.in. Any Addendum/Corrigendum/Cancellation of tender can also be seen in the said website.

**Sd./- Block Development Officer, Bhuban**
OIPR-19323/11/0001/2425

**GOVERNMENT OF ODISHA** No. B-234
**INVITATION FOR BIDS (IFB)**
**'e' PROCUREMENT NOTICE**
**Bid Identification No. S.E. JSPR (R&B) - 04/2024-25**
1. Name of Work : Roads work for the year 2024-25
2. No. of Works : Total - 01 (One) No. Work
3. Estimated Cost : Above Rs.05.00 lakhs upto Rs.40.00 lakhs (Approx.)
4. Period of Completion : As per Column No. 8 of this NIT
5. Class of Contractors : As per Column No. 7 of this NIT

**Other details as follows:**
6. Date & time of availability of bid documents in Portal : 12.09.2024 at 11.30 A.M.
7. Last date/time for receipt of bids in Portal : 20.09.2024 upto 05.00 P.M.
8. Opening of Bid documents : 21.09.2024 at 11.30 A.M.
9. Procurement Officer : Superintending Engineer, Jagatsinghpur (R&B) Division, Jagatsinghpur

With

E-Mail Address : **eerbjspr@gmaill.com**
Further details can be seen from the Govt. website: **tendersorissa.gov.in.**
**Sd./- Superintending Engineer**
**Jagatsinghpur (R&B) Division**
OIPR-34093/11/0005/2425

**FOREST DEPARTMENT**
**OFFICE OF THE DIVISIONAL FOREST OFFICER**
**BARIPADA FOREST DIVISION**
No.MM-148: **e-mail: dfo.baripada@odisha.gov.in.**
**Government of Odisha "e" Procurement Notice**
**Bid Identification No. DFO-BPD-01/2024-25**
1. Number of Works - 7 (Seven numbers of work)
2. Approximate estimated cost: 16.39 lakh to 20.89 lakh
3. Period of Completion: 4 (Four) Calendar Months.
4. Date & Time of availability of bid documents in the portal: Dt.13.09.2024 to 23.09.2024.
5. Last Date/Time of receipt of bid in the Portal: Dt.23.09.2024 upto 5.00 PM
6. Date of Opening of bid: Dt.24.09.2024 at 11.00 AM
7. Name & Address of the Office Inviting Bid: O/o the Divisional Forest Officer, Baripada Forest Division, Baripada, Mayurbhanj.

Further details can be seen from the e-Procurement portal http://www.tendersodisha.gov.in.

**Sd./- Divisional Forest Officer**
**Baripada Forest Division**
OIPR-08065/11/0001/2425

**GOVERNMENT OF ODISHA**
**OFFICE OF THE PANCHAYAT SAMITI, TITILAGARH, BALANGIR**
Email: ori-titilagarh@nic.in
**INVITATION OF BIDS THROUGH e-Procurement**
**Bid Identification No.01/TLG/2024-25**
**Letter No. dtd. /09.2024**

**No.i-140:** 1.The BDO,Titilagarh Block, Bolangir on behalf of the Governor of Odisha invites percentage rate bid in Single Cover System in ONLINE MODE for construction of Building work detailed in the table below from eligible contractors.
2. Nature of Work : Civil Work (Building)
3. No. of Tender : 6 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "D" and "C" (Registered with CDMS)
6. Date & Time of Sale & Receipt of Bids : From Dt.12.09.2024, 3.00 PM Dt.03.10.2024 upto 5.00 PM
7. Date of Opening Bid : Dt.04.10.2024 at 11.30 AM
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.

**Sd./- BDO, Titilagarh**
OIPR-19301/11/0001/2425

**ବିଜ୍ଞପ୍ତି**

ପ୍ରାପ୍ତେଷୁ
**ଶ୍ରୀ ଶ୍ରୀଧର ଦାସ,** ଅବସରପ୍ରାପ୍ତ ବୈଷୟିକ ସହାୟକ
ସହାୟକ ନିର୍ଦ୍ଦେଶକ, ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ବୌଦ୍ଧ
ପିତା: ସ୍ୱର୍ଗତ ଗୟାଧର ଦାସ, ଗ୍ରା: ଗୋପାଳପୁର, ପୋ: ପ୍ରାଥନା ଖଣ୍ଡି,
ଥାନା: କୁଆଖିଆ, ଜିଲ୍ଲା: ଯାଜପୁର, ପିନ୍ - ୭୫୫୦୦୮

No. PP-23: ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଆପଣ ତା୨୫ା୦୯ା୨୦୨୪ରିଖ ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ, ସତ୍ୟନଗର, ଭୁବନେଶ୍ୱର ଅଥବା ସହାୟକ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ଢେଙ୍କାନାଳରେ ଉପସ୍ଥିତ ହୋଇ, ଆପଣଙ୍କ ବିରୁଦ୍ଧରେ ହୋଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସ୍ମାରକପତ୍ର ସଂ. ୧୮୮/କନ/ବୟନ ତାରିଖ: ୧୮ା୦୬ା୨୦୨୪ର ପ୍ରାପ୍ତ ସ୍ୱୀକାର କରି ଏହାର ଦସ୍ତଖତ ସହିତ ରସିଦ୍‌କୁ ଫେରସ୍ତ କରିବେ।

ଉପରୋକ୍ତ ନିର୍ବାଚିତ ସମୟାନୁଯାୟୀ ଉପସ୍ଥିତିରେ ବିଫଳ ହେଲେ ଆପଣଙ୍କ ବିରୁଦ୍ଧରେ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଏକତରଫା ଭାବେ ଫଇସଲା କରାଯିବ।

ସ୍ୱା./- ସ୍ୱତନ୍ତ୍ର ଅଧିକାରୀ
ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-31003/11/0010/2425

**OFFICE OF** No.i-143:
**PANCHAYAT SAMITI: HATADIHI**
**BID IDENTIFICATION No.: DTCN No.- 01/Hatadihi/2024-25**
**No.3557/DEV/Dtd. 4.9.2024**
1. The Block Development Officer, Hatadihi invites sealed Percentage Rate tenders in Single cover system and Double cover system on behalf of Govt. of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/MI/CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice.
2. As per codal provision works more than Rs.50.00 lakhs should be in double cover mode (as per letter no-01/WR, Dated-01.01.2019 i.e cover-I contains (Technical Bid), Cover-II contains (Financial Bid) to be fill up separately indicating therein as "Cover-I & Cover-II" respectively and finally put together in one cover. The Cover-II of the bidder will be opened, if the bidder qualified in technical bid i.e cover-I. 1st Cover (Technical Bid) should contain requisite tender paper cost, EMD,GSTN, PAN, Contractor's RC, Affidavit, Copy of Electrical agreement for the work after due registration should be attached with the Tender in original and any other document as per DTCN (in PDF format). 2nd Cover (Financial Bid) should contain Bill of quantities (BOQ) & additional performance security (if applicable).
3. The tender papers(including Tender Call Notice, Approved Tender Schedule & DTCN) will be available in the official website (https://kendujhar.odisha.gov.in) from Dt 10-09-2024 to 24-09-2024 and can be downloaded from the website.
4. Bids shall be received by this Agency up to 5.00 PM on date 26-09-2024 through Registered Post/ Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
5. The Bid will be opened on Dt 27.09-2024 at 11.00 A.M. in the office of the undersigned in the presence of the members of the District Level Tender/ Purchase Committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

**Sd./- Block Development Officer, Hatadihi**
OIPR-19084/11/0001/2425

**OFFICE OF THE DEAN & PRINCIPAL**
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Odisha - 756019
E-mail: dean.fmmchb@gmail.com Tel.: 06782-224901, Web: blsmch.nic.in
**WALK-IN-INTERVIEW FOR ENGAGEMENT OF THE POST OF SENIOR RESIDENT, ASSISTANT PROFESSOR, ASSOCIATE PROFESSOR & PROFESSOR ON CONTRACTUAL BASIS AT FM MCH, BALASORE**

No. E-294: Eligible candidates are invited for Walk-in-Interview for the Posts of Senior Resident, Asst. Professor, Assoc. Professor & Professor on contractual basis at FMMCH, Balasore. The Walk-in-Interview is scheduled to be held on 12.09.2024 at 11.00 A.M. in the Office of the Dean & Principal, FMMCH, Balasore. The details eligibility criteria, selection procedure, application form along with other terms & conditions are available in district website i.e. **www.baleswar.nic.in** as well as our official website i.e. **www.blsmch.nic.in**.

**Sd./- Dean & Principal**
**Fakir Mohan Medical College & Hospital, Balasore**
OIPR-10134/11/0018/2425

**GOVERNMENT OF ODISHA** No.O-267:
**OFFICE OF THE EXECUTIVE ENGINEER**
**RURAL WORKS, ELECTRICAL DIVISION, BHUBANESWAR**
**e-Procurement Notice No. EERWELBBSR-08/2024-25**
E-mail: eerwel_bbsr@yahoo.co.in

| | | |
|---|---|---|
| 1 | Name of the Work | Special Renovation of El work with Provision of fittings & other Electrical Accessories of Bridge & Budge branch & SITC of 13 Passenger Lift at O/o the EIC RW (O) BBSR. |
| 2 | Estimated Cost | Rs.80.19 (Excluding GST) |
| 3 | Period of Completion | 90 days |
| 4 | Bid Identification No. | EERWELBBSR-08/2024-25 |
| 5 | Date and Time of availability of Bid documents in the Portal | From Dt.13.09.2024 at 12.00 A.M. to Dt.21.09.2024 upto 5.00 PM |
| 6 | Date & Time of opening of Technical Bid | Dt.23.09.2024 at 12.30 A.M. |
| | Date & Time of opening of Financial Bid | To be intimated later on |
| 7 | Procurement officer/ Name and address of the Officer inviting Bids | Executive Engineer, R.W. EL. DIVN. BBSR At-1st floor of Divn. Complex, Rasulgarh Behind Explanade Mall, Dist-Khurda, Odisha, Pin Code-751010 |

Further detail can be seen from the Govt. Website www.tenderorissa.gov.in.

**Sd./- Executive Engineer**
**Rural Works Electrical Division, Bhubaneswar**
OIPR-25168/11/0004/2425

**ZILLA PARISHAD, NABARANGPUR**
**Phone No.06858-222372, e Mail- ori-dnawarangpur@nic.in**
Letter No.4825/2024 Date: 06.09.2024
**OFFICE ORDER**

Sub: Revised Calendar for Public Hearing at Panchayat Samiti/ Block Level.
**No.CAD-1078:** In pursuance of the letter No.134/OS, dated 15.03.2024 of Government in Panchayati Raj Department, Odisha and letter No.2976, dated 31.05.2024 of this office, Public Hearing under MGNREGS (period from 01.10.2023 to 31.03.2024) at block level is enclose to be conduct as per the calendar given below.

| Sl. No. | Name of the Block | Date and Time of Public Hearing | District Level Designated Officer to Participate in the S.A.P.H | Other officer to attend | Remarks |
|---|---|---|---|---|---|
| 01 | Dabugam | 17.09.2024, 10.00 AM | Collector, Nabarangpur | Joint CEO, ORMAS | 1.All the Block Level Officers including Line Departments and staff concerned shall remain present with all records/ documents |
| 02 | Raighar | 18.09.2024, 10.00 AM | ADM, General, Nabarangpur | MC, ZP | |
| 03 | Nabarangpur | 20.09.2024 10.00 AM | CDO-cum-EO, ZP, Nabarangpur | PM, IT, ZP | |
| 04 | Nandahandi | 25.09.2024 10.00 AM | CDO-cum-EO, ZP, Nabarangpur | PM, IT, ZP | |
| 05 | Papadahandi | 19.09.2024, 10.00 AM | ADM, Revenue, Nabarangpur | DSA, ZP | |
| 06 | Jharigam | 26.09.2024 10.00 AM | ADM, Revenue, Nabarangpur | DSA, ZP | |
| 07 | Chandahandi | 30.09.2024, 10.00 AM | ADM, General, Nabarangpur | DC, NRM, ZP | 2. Local NGOs may be associated voluntarily in the Public Hearing |
| 08 | Umerkote | 21.09.2024, 10.00 AM | Addl. EO, (Admin) Nabarangpur | MC, ZP | |
| 09 | Kosagumuda | 24.09.2024, 10.00 AM | Sub Collector, Nabarangpur | DPM OLM | |
| 10 | Tentulikhunti | 27.09.2024 10.00 AM | Addl. EO, (Admin), Nabarangpur | MC, ZP | |

**Sd./- Collector, Nabarangpur**
OIPR-24358/11/0001/2425

**ମତ୍ସ୍ୟ/ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଉଦ୍ୟୋଗୀମାନେ ଧ୍ୟାନ ଦିଅନ୍ତୁ**

No.M-33

**ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ପାଇଁ ସୁବର୍ଣ୍ଣ ସୁଯୋଗ**

- ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟରେ **ପ୍ରକ୍ରିୟାକରଣ କାରଖାନା/ଯନ୍ତ୍ରପାତିର ସମ୍ପ୍ରସାରଣ/ଆଧୁନିକୀକରଣ/ବିବିଧକରଣର** ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପ୍ରକ୍ରିୟାକରଣ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଅଧୀନରେ ଏକ ନୂତନ ଉପ-ଯୋଜନା ଯଥା ଜଳକୃଷି ଏବଂ ଚିଙ୍ଗୁଡି ରପ୍ତାନିସେଲର ପ୍ରୋତ୍ସାହନ ଆରମ୍ଭ କରିଛନ୍ତି ।

| ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା-ଜଳକୃଷି ଏବଂ ଚିଙ୍ଗୁଡି ରପ୍ତାନିସେଲର ପ୍ରୋତ୍ସାହନ | | | |
|---|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ପରିମାଣ | ସର୍ବାଧିକ ସୀମା |
| ୧ | ସାଧାରଣ ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର **୩୦ ପ୍ରତିଶତ ମୂଲ୍ୟ** | ସର୍ବାଧିକ **୩.୫୦ କୋଟି ଟଙ୍କା** |
| ୨ | ଅନୁସୂଚିତ ଜାତି, ଜନଜାତି, ମହିଳା, ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର ଏବଂ ଖାଦ୍ୟ ପ୍ରଯୁକ୍ତି ବିଦ୍ୟାରେ ଡିଗ୍ରୀ/ ଡିପ୍ଲୋମା, ମତ୍ସ୍ୟ/କୃଷି/ ଉଦ୍ୟାନକୃଷି/ପ୍ରାଣୀ ଚିକିତ୍ସା ବିଜ୍ଞାନ କିମ୍ବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସମାନ ଯୋଗ୍ୟତା ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର **୩୫ ପ୍ରତିଶତ ମୂଲ୍ୟ** | ସର୍ବାଧିକ **୪.୦୦ କୋଟି ଟଙ୍କା** |

- ଇଚ୍ଛୁକ ଉଦ୍ୟୋଗୀ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ, ଉପଯୁକ୍ତ କାଗଜପତ୍ର ସହିତ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ରଙ୍କ (G.M., DIC) ନିକଟରେ ଦାଖଲ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ ।
- ସମ୍ପ୍ରସାରଣ/ଆଧୁନିକୀକରଣ/ବିବିଧକରଣ ପାଇଁ **କାରଖାନାର ଅନ୍-ଡେପ୍ରିସିଏଟେଡ୍ ବୁକ୍ ଭାଲ୍ୟୁ (un-depreciated book value)ର ଶତକଡା ୫୦ ପ୍ରତିଶତରୁ କମ୍** ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ଓ ଶତକଡା ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ସିଧାସଳଖ MSME/Industries ବିଭାଗକୁ ଯୋଗାଯୋଗ କରିପାରିବେ ।
- **ସର୍ବନିମ୍ନ ୫୦ ଲକ୍ଷ** ବିନିଯୋଗ କରିବା ପାଇଁ ଇଚ୍ଛୁକ ଥିବା ଉଦ୍ୟୋଗୀ ଏହି ଯୋଜନାରେ ଆର୍ଥିକ ସହାୟତା ପାଇପାରିବେ ।
- ଅଧିକ ବିବରଣୀ ପାଇଁ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର (G.M.,DIC)/ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବସାଇଟ୍‌ରେ କ୍ଲିକ୍ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: director.odifish@gmail.com
OIPR-06030/11/0016/2425

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୯୮ (୩୯୮.୧୩) ପଏଣ୍ଟ କମି ୮୧,୫୨୩ (୮୧,୫୨୩.୧୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୩ (୧୨୨.୬୫) ପଏଣ୍ଟ ହ୍ରାସ ଘଟି ୨୪,୯୧୮ (୨୪,୯୧୮.୪୫) ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ବିଶ୍ୱର ପ୍ରତ୍ୟେକ ଡିଭାଇସ୍‌ରେ ଭାରତୀୟ ନିର୍ମିତ ଚିପ୍ ରହିବା ଆମର ସ୍ୱପ୍ନ’

**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋ ମାର୍ଟରେ ଆୟୋଜିତ ୩ ଦିନିଆ ସମ୍ମିଳନୀ ‘ସେମିକନ୍ ଇଣ୍ଡିଆ-୨୦୨୪’କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏପରିକି ୨୦୨୪ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୩ ଦିନିଆ ସମ୍ମିଳନୀରେ ଭାରତର ସେମିକଣ୍ଡକ୍ଟର ରଣନୀତି ଏବଂ ନୀତି ପ୍ରଦର୍ଶିତ ହୋଇଛି, ଯେଉଁଥିରେ ଭାରତକୁ ସେମିକଣ୍ଡକ୍ଟର ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ମଧ୍ୟ ମୋଦି ବୁଲି ଦେଖିଥିଲେ। ଅପରପକ୍ଷରେ ସଭାକୁ ସମ୍ବୋଧିତକରି ପ୍ରଧାନମନ୍ତ୍ରୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ସହ ଜଡ଼ିତ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତ ବିଶ୍ୱର ଅଷ୍ଟମ ଦେଶ ହୋଇଥିଲାବେଳେ ଭାରତରେ ଉପସ୍ଥିତ ରହିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଆପଣ ଠିକ୍ ସମୟରେ ଉପଯୁକ୍ତ ସ୍ଥାନରେ ଅଛନ୍ତି,ପ୍ରଧାନମନ୍ତ୍ରୀ ମୋଦି ଜୋର ଦେଇ କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ଏକବିଂଶ ଶତାବ୍ଦୀର ଭାରତରେ ଚିପ୍ସ କେବେ ବି ହ୍ରାସ ପାଏ ନାହିଁ। ଆଜିର ଭାରତ ବିଶ୍ୱକୁ ଆଶ୍ୱାସନା ଦେଉଛି, ଯେତେବେଳେ ଚିପ୍ସ ହ୍ରାସ ପାଇବ,ଆପଣ ଭାରତ ଉପରେ ଭରସା କରିପାରିବେ’ ସେମିକଣ୍ଡକ୍ଟର ଶିଳ୍ପ ଏବଂ ଗୋଟିଏ ପଟକୁ ବିଦ୍ୟୁତ୍ ପ୍ରବାହ କରୁଥିବା ଏକ ଡାୟୋଡ (ବିଦ୍ୟୁତ୍ ପ୍ରବାହୀ ଉପକରଣ) ମଧ୍ୟରେ ରହିଥିବା ସମ୍ପର୍କ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ‘ବିଶ୍ୱର ପ୍ରତ୍ୟେକ ଡିଭାଇସ୍‌ରେ ଭାରତୀୟ ନିର୍ମିତ ଚିପ୍ ରହିବା ଆମର ସ୍ୱପ୍ନ’ ଭାରତର ସେମିକଣ୍ଡକ୍ଟର ଶିଳ୍ପରେ ସ୍ୱତନ୍ତ୍ର ଡାୟୋଡ ରହିଛି, ଯେଉଁଠାରେ ଶକ୍ତି ଉଭୟ ଦିଗରେ ପ୍ରବାହିତ ହୁଏ। ଏ ସମ୍ପର୍କରେ ସେ ବିସ୍ତୃତ ଭାବେ କହିଥିଲେ, ଶିଳ୍ପଗୁଡ଼ିକ ନିବେଶ ମାଧ୍ୟମରେ ମୂଲ୍ୟ ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ସରକାର ସ୍ଥିର ନୀତି ଏବଂ ବ୍ୟବସାୟିକ ସୁଗମତା ପ୍ରଦାନ କରନ୍ତି ସେମିକଣ୍ଡକ୍ଟର ଶିଳ୍ପରେ ବ୍ୟବହୃତ ଏକ ସମନ୍ୱିତ ସର୍କିଟ ସହିତ ସମାନତା ହାସଲ କରି ଭାରତ ଏକ ସମନ୍ୱିତ ଇକୋସିଷ୍ଟମ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ଏବଂ ଭାରତର ଡିଜାଇନରଙ୍କ ବହୁଚର୍ଚ୍ଚିତ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସେମିକଣ୍ଡକ୍ଟର ଭିତ୍ତିଭୂମି ଉପରେ ସରକାରଙ୍କ ଗୁରୁତ୍ୱ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ବର୍ତ୍ତମାନର ସଂସ୍କାରବାଦୀ ସରକାର,ଦେଶର ବୃଦ୍ଧି ପାଉଥିବା ଉତ୍ପାଦନ ଭିତ୍ତିଭୂମି ଏବଂ ଦେଶର ଆକାଂକ୍ଷୀ ବଜାରକୁ ନେଇ ଏକ ତ୍ରିମୁଖୀ ଶକ୍ତି ଭାରତ ପାଖରେ ରହିଛି,ଯାହାକି ବୈଷୟିକ ପ୍ରଗତି ବିଷୟରେ ଅବଗତ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ, ଥ୍ରୀ-ଡି ଶକ୍ତିର ଏହି ଆଧାର ଅନ୍ୟତ୍ର ମିଳିବା କଷ୍ଟକର’ ଭାରତର ଆକାଂକ୍ଷୀ ଏବଂ ପ୍ରଯୁକ୍ତି ଆଧାରିତ ସମାଜର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ଚିପ୍ସର ଅର୍ଥ କେବଳ ଟେକ୍ନୋଲୋଜିରେ ସୀମିତ ନୁହେଁ ବରଂ କୋଟି କୋଟି ନାଗରିକଙ୍କ ଆକାଂକ୍ଷା ପୂରଣ କରିବାର ଏକ ମାଧ୍ୟମ। ଏହି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ, ସେମିର ସଭାପତି ତଥା ସିଇଓ ଅଜିତ ମନୋଚା, ଏନ୍ଏକ୍ସପି ସେମିକଣ୍ଡକ୍ଟରର ସିଇଓ ଡ. ରଣଧୀର ଠାକୁର, ରେନେସାସର ସିଇଓ କୁର୍ଟ ସିଭର୍ସ, ହିଦେତୋଶୀ ଶିବାତା ଏବଂ ଆଇଏମ୍ଇସିର ସିଇଓ ଲକ୍ ଭାନ୍ ଡେନ୍ ହୋଭ୍ ଉପସ୍ଥିତ ଥିଲେ।



ନରେନ୍ଦ୍ର ମୋଦୀ

## ବଜାରରେ ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ




**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨ଟି ନୂତନ ଉତ୍ପାଦ ‘ ଏଏଲ୍୫୯ ଇନ୍‌ଗଟ୍ ଏବଂ ଇସି ଓୟାର ରଡ୍’କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପାୱାର ଏଜ୍-୨୦୨୪ ପ୍ରଦର୍ଶନୀରେ କମ୍ପାନୀ ଶକ୍ତି କ୍ଷେତ୍ର ଲାଗି ଏହି ଦୁଇଟି ଅତ୍ୟାବଶ୍ୟକ ସାମଗ୍ରୀ ଉନ୍ମୋଚନ କରିଛି। ବିଦ୍ୟୁତ୍ ଓ ଟ୍ରାନ୍ସମିଶନ ଉଦ୍ୟୋଗ ଲାଗି ଦୁଇଟି ଉଚ୍ଚମାନର ଉତ୍ପାଦ ଏଏଲ୍୫୯ ଇନ୍‌ଗଟ୍ ଏବଂ ଇସି ଓୟାର ରଡ୍ ଉନ୍ନତ ବୈଦ୍ୟୁତିକ କଣ୍ଡକ୍ଟିଭିଟି,କାର୍ଯ୍ୟକ୍ଷମତା ଓ ଗଠନମୂଳକ ସନ୍ତୁଳନ ସହ କ୍ଷିପ୍ର ପ୍ରୟୋଗଗୁଡ଼ିକ ଲାଗି ଏହା ଡିଜାଇନ ହୋଇଛି। ଉଭୟ ଉତ୍ପାଦ ଠିକ୍ ଇଞ୍ଜିନିୟରିଂରେ ନିର୍ମିତ ହୋଇଥିବାରୁ ପ୍ରୟୋଗ ଲାଗି ଅନୁକୂଳ ହୋଇପାରିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ପାୱାର ଏଜ୍-୨୦୨୪ ଶକ୍ତି କ୍ଷେତ୍ରର ପରିବର୍ତ୍ତନକୁ ସକ୍ଷମ କରିବାରେ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରିଛି। ଏପରିକି ଆମର ନୂଆ ଉତ୍ପାଦ ଏହି ଦର୍ଶନର ପ୍ରମାଣ ହୋଇଥିଲାବେଳେ ଶକ୍ତି ଶିଳ୍ପରେ ଡ୍ରାଇଭିଂ ଦକ୍ଷତା ଓ ସ୍ଥିରତା ପାଇଁ ଆମର ପ୍ରତିବଦ୍ଧତାକୁ ଆମେ ନିଶ୍ଚିତ କରୁଛୁ।



ଧ-୧୩୦୨

## ଏସ୍‌କେଏଲ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ଷ୍ଟୋଭ କ୍ରାଫ୍ଟ ଲିମିଟେଡ୍(ଏସ୍‌କେଏଲ୍)ର ନୂତନ ଉତ୍ପାଦ ‘ପିଜନ ଏୟାରଫ୍ୟୁଜନ ଏୟାର ଫ୍ରାୟାର ରୋଟିସେରି ଓଭେନ୍’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ୧୨ ଲିଟର ବୃହତ୍ କ୍ଷମତା ବିଶିଷ୍ଟ ଏୟାରଫ୍ୟୁଜନ ସ୍ୱାସ୍ଥ୍ୟ ସଚେତନ ଭାରତୀୟ ପରିବାର ଏବଂ ରୋଷେଇ ଉତ୍ସାହୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁମାନେ ଗୁଣବତ୍ତା ସହ ବୁଝାମଣା ନ କରି ବହୁମୁଖିତା ଏବଂ ସୁବିଧା ଚାହୁଁଛନ୍ତି। ସେହିଭଳି ଏୟାର ଫ୍ରାଇଂ, ରୋଷ୍ଟିଂ, ଟୋଷ୍ଟିଂ, ବେକିଂ କିମ୍ବା ଗ୍ରିଲିଂ ହେଉ କି ଅନ୍ୟ କିଛି ଏହି ଅଲ-ଇନ୍-ୱାନ୍ ଉପକରଣ ଏହାର ୩୬୦ଡିଗ୍ରୀ ଉତ୍ତାପ ସଞ୍ଚାଳନ ଜ୍ଞାନକୌଶଳ ଏବଂ ୯୫% କମ୍ ତେଲ ବ୍ୟବହାରକରି ଅସାଧାରଣ ଫଳାଫଳ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଏସ୍‌କେଲ୍‌ର ଏମ୍‌ଡି ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି, ଆମର ଏହି ନୂତନ ଉତ୍ପାଦକୁ ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକଙ୍କ ନିକଟରେ ଏହାକୁ ଠିକ୍ ଭାବେ ପରିଚିତ କରାଇବା ସହିତ ଉକ୍ତ ଉପକରଣର ଅଭିନବତା, ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତକରି ସ୍ୱାଦିଷ୍ଟ, ତେଲମୁକ୍ତ ଖାଦ୍ୟ ପହଞ୍ଚାଇବା ସହ ରୋଷେଇକୁ ସରଳ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି, ଯାହା ପ୍ରତ୍ୟେକ ରୋଷେଇଘରେ ନିହାତି ଜରୁରୀ ହୋଇପଡିଛି। ଏସ୍‌କେଏଲ୍‌ର ସିଏମ୍‌ଓ ଡ. ଏମ୍.ନନ୍ଦ କହିଛନ୍ତି, ଏୟାରଫ୍ୟୁଜନ ବହୁମୁଖୀ ଏବଂ ଦକ୍ଷ ରୋଷେଇ ସମାଧାନ ପ୍ରଦାନ କରିବା ପାଇଁ ଆମର ସମର୍ପଣର ପ୍ରମାଣ ପାଲଟିଛି।

## ଇ-କମର୍ସ ଫେଷ୍ଟିଭ ଫୋର୍‌କାଷ୍ଟ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ତଥା ମିଶୋର ବହୁ ପ୍ରତୀକ୍ଷିତ ଇ-କମର୍ସ ଫେଷ୍ଟିଭ ଫୋର୍‌କାଷ୍ଟ-୨୦୨୪ ନିକଟରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବ ଋତୁ ପୂର୍ବରୁ ଏହି ପୂର୍ବାନୁମାନ ବିକ୍ରେତାଙ୍କ ପ୍ରସ୍ତୁତିର ବିଶ୍ଳେଷଣ ଓ ଆଗାମୀ ଦିନରେ ଗ୍ରାହକ କିପରି ଶପିଂ କରିବାକୁ ଯୋଜନା କରୁଛନ୍ତି ଓ ତା’ର ବିଶ୍ଳେଷଣକୁ ବିସ୍ତୃତ ଭାବେ ପ୍ରସ୍ତୁତ କରିଛି। ଏହି ବିସ୍ତୃତ ରିପୋର୍ଟ ଅନ୍‌ଲାଇନ ଫେଷ୍ଟିଭାଲ ଦୋକାନୀମାନଙ୍କ ସୁଯୋଗ ବୃଦ୍ଧି ଲାଗି ବିକ୍ରେତାମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ରଣନୀତିକୁ ମଧ୍ୟ ଅନୁଧ୍ୟାନ କରୁଛି। ମିଶୋର ମହାପ୍ରବନ୍ଧକ ମେଘା ଅଗ୍ରୱାଲ କହିଥିଲେ, ପ୍ରତି ଉତ୍ସବ ସମୟରେ ଆମେ ଇ-କମର୍ସ ଫେଷ୍ଟିଭ ଫୋର୍‌କାଷ୍ଟ ବିଷୟରେ ଘୋଷଣା କରିଥାଉ, ଯାହା ଗ୍ରାହକ ଓ ବିକ୍ରେତାଙ୍କ ମଧ୍ୟରେ ଗତିଶୀଳତାର ଦୃଶ୍ୟକୁ ବିସ୍ତୃତ ଭାବେ ପରିପ୍ରକାଶ କରିଥାଏ। ଆମର ଅଧିକାଂଶ ଗ୍ରାହକ, ସେମାନଙ୍କ ଅନ୍‌ଲାଇନ ଖର୍ଚ୍ଚ ବଢାଇବାକୁ ଚାହୁଁଥିଲାବେଳେ ସୋସିଆଲ ମିଡିଆ କିପରି ଶପିଂକୁ ପୁନଃ ରୂପ ଦେଉଛି, ତାହା ଆକର୍ଷଣର ବିଷୟ ହୋଇଛି।

**Classified Everyday**
**0674-2580101, 2549949**



**REAL ESTATE**

**SALE**

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୬୮୨

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1304

**Gharabari converted plots available near Hitech Square, Sundarpada, Bhubaneswar. For more details Contact-9437054765, 9853035888.** D-1305




କଟକ ମହତାବ ରୋଡ୍ ଦୋଳମୁଣ୍ଡାଇ ଠାରେ ଦୋକାନ, ଅଫିସ୍, କୋଚିଂ ସେଣ୍ଟର ଉଦ୍ଦେଶ୍ୟରେ **(3600sqft.)** ଘରଭଡ଼ା ଦିଆଯାଉଛି। ଯୋଗାଯୋଗ-**9937778558.** D-1288

Your classified advertisement published in Dharitri will be listed free in Dharitri online edition: **dharitriepaper.in**

**LEASE**

Require Holiday Home, Homestay, Guest house on Lease/Rent. Contact-9831505715. D-1291




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

**AFFIDAVIT**

I, Priyabrat Mohanty, Age 40 Years, F/o Aarvy Mohanty Address: M-89, Phase II, GB Nagar, Cheend, Rourkela has changed my son's name from Aarvy Mohanty to Aadvay Pranik vide Affidavit Number 699174 dated 08.05.2024 before Notary. Now onwards, my son will be known as Aadvay Pranik for all future purposes. D-1308

I, Latiprava Kantha, D/o Ajaya Kantha from Gandhichowk, Brajrajnagar changed my name to Ananya Mishra affidavit dated 11.09.2024 Notary by Pratap Narayan Tiwari. D-1307

**LEGAL NOTICE**

**ବିଜ୍ଞାପନ**

**ପ୍ରଥମ ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତିଙ୍କ ନ୍ୟାୟାଳୟ, ଭୁବନେଶ୍ୱର**
**ସିଭିଲ ସୁଟ୍ ନଂ୧୮୪୨/୨୦୧୦ମ୍ବର**

ଦେଶରଞ୍ଜନ ତ୍ରିପାଠୀ ଓରଫ ଟୁକୁନା, ବୟସ ୬୬ ବର୍ଷ, ପିତା- ସ୍ୱର୍ଗତ ଗୌରାଙ୍ଗ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଲକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ... ... ବାଦୀ

ବନାମ

୧. (ଏ) ଶରତ କୁମାରୀ ତ୍ରିପାଠୀ ଓଗେର ... ... ପ୍ରତିବାଦୀ

**୮୨ ଧାରା ମତେ ବିଜ୍ଞାପନ**

୧.(ଏ) ଶରତ କୁମାରୀ ତ୍ରିପାଠୀ, ବୟସ ୬୪ ବର୍ଷ, ପିତା- ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଲକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସ୍ୱାମୀ- ଚିତ୍ତରଞ୍ଜନ ସାମନ୍ତରାୟ, ପ୍ଲଟ୍ ନଂ୮୮୬ମ୍ବର, ସେକ୍ଟର-୯, ସି.ଡି.ଏ., ମର୍କତନଗର, ଜିଲ୍ଲା- କଟକ, ପିନ୍- ୭୫୩୦୧୪ ।

୧.(ବି) ବସନ୍ତ କୁମାର ଦାଶ, ବୟସ ୭୦ ବର୍ଷ, ପିତା- ୰ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଲକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସ୍ୱାମୀ- ରାଜକିଶୋର ଦାଶ, ଇନ୍ଦ୍ରଧନୁ ମାର୍କେଟ, ନୟାପଲ୍ଲୀ, ଏଚ୍.ଏନ୍. ନଂଏନ୍୪/୨୨୭ମ୍ବର, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

୧.(ଡି) ନାରାୟଣ ତ୍ରିପାଠୀ, ବୟସ ୪୨ ବର୍ଷ, (କାବୁଲା), ପିତା- ୰ ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଲକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସା.- ସପନପୁର, ପୋଷ୍ଟ- ଗରୁଡ଼ଗାଁ, ଥାନା- ଟାଙ୍ଗୀ, ପିନ୍- ୭୫୪୦୨୨, ଜିଲ୍ଲା- କଟକ। ... ... ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.୧(ଏ), ୧(ବି) ଓ ୧(ଡି)ମାନଙ୍କୁ ଅବଗତ କରାଇ ଦିଆଯାଉଅଛି କି ବାଦୀ ତୁମ୍ଭମାନଙ୍କ ପିତାଙ୍କ ନାମରେ ଉପରୋକ୍ତ ମୋକଦ୍ଦମା ଦାଏର କରିଥିଲେ। ମୋକଦ୍ଦମା ବିଚାର ଚାଲିଥିବା ଅବସ୍ଥାରେ ତୁମ୍ଭମାନଙ୍କ ପିତା ମୃତ୍ୟୁବରଣ କରିଥିବା ହେତୁ ବାଦୀ ତୁମ୍ଭମାନଙ୍କୁ ପକ୍ଷଭୁକ୍ତ କରିଅଛନ୍ତି। ଅଦାଲତଙ୍କ ଆଦେଶ ଅନୁଯାୟୀ ତୁମ୍ଭେ ପ୍ରତିବାଦୀମାନଙ୍କ ନିକଟକୁ ନୋଟିସ ଆଦି ରେଜେଷ୍ଟ୍ରି ଡାକ ଦ୍ୱାରା ଯାଇଥିଲେ ହେଁ ତୁମ୍ଭେମାନେ ନିଜକୁ ଲୁଚାଇ ଛପାଇ ନୋଟିସ ଆଦି ଗ୍ରହଣ କରୁନାହଁ କିମ୍ବା ଅଦାଲତରେ ହାଜର ହେଉନାହଁ, ତେଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମ୍ଭମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତୁମ୍ଭେମାନେ ମୋକଦ୍ଦମାର ଧାର୍ଯ୍ୟ ତାରିଖ ତା୩୦।୯।୨୦୨୪ରିଖରେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମାରେ ବିହିତ କାର୍ଯ୍ୟକରିବେ। ବିଚାର କରିବେ ନଚେତ ତୁମ୍ଭମାନଙ୍କ ଅନୁପସ୍ଥିତିରେ ମୋକଦ୍ଦମା ତୁମ୍ଭମାନଙ୍କ ବିରୁଦ୍ଧେ ଏକତରଫା ବିଚାର କରାଯିବ।

ଅଦ୍ୟ ଆମ୍ଭର ସ୍ୱାକ୍ଷର ଅଦାଲତ ମୋହର କ୍ରମେ ଦିଆଗଲା ତା୩୦।୭।୨୪ରିଖ

**ତଫସିଲ ସମ୍ପତ୍ତିର ବିବରଣୀ**

ଜିଲ୍ଲା- ପୁରୀ, ହାଲ ଜିଲ୍ଲା- ଖୋର୍ଦ୍ଧା, ଥାନା- ବାଲିଅନ୍ତା, ତହସିଲ- ଭୁବନେଶ୍ୱର, ମୌଜା- ପ୍ରତାପ ଶାସନ ଖାତା ନଂ୬୭୯ମ୍ବର, ଚକ ନଂ୧୭୬ମ୍ବର, ପ୍ଲଟ୍ ନଂ୪୬୨୬ମ୍ବର, ଏ୦.୫୯ ସ୍ଥଧରୁ ଉତ୍ତର ତରଫରୁ ଏ୦.୦୧୯. ୨/୩ ଡିସିମିଲ।

**ସ୍ୱା./- ପ୍ରଥମ ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି,**
**ଭୁବନେଶ୍ୱର**

ଧ-୧୩୦୧ Dt.30.7.24

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବଜାରରେ ସ୍କୋଡାର ଅଲ ନ୍ୟୁ ମଣ୍ଟେ କାର୍ଲୋ




**ଟ୍ରିନିଟି ସ୍କୋଡା ଭୁବନେଶ୍ୱର ପକ୍ଷରୁ ସ୍କୋଡା ସାଲଭିଆ ମଣ୍ଟେ କାର୍ଲୋର ପ୍ରଥମ ଡେଲିଭରି**

**ଭୁବନେଶ୍ୱର,୧୧।୯ (ଅଭୟ ଦାଶ)**

ସ୍କୋଡା ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ସ୍କୋଡା ମଣ୍ଟେ କାର୍ଲୋର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ମଡେଲ ନିକଟରେ ବଜାର ପ୍ରବେଶ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରିନିଟି ସ୍କୋଡା ଭୁବନେଶ୍ୱର ପକ୍ଷରୁ ଏକ ଗ୍ରାହକ ଡେଲିଭରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ କଟକ ଜିଲାର ନିଶ୍ଚିତକୋଇଲିର ସୁରେନ୍ଦ୍ରନାଥ ସାହୁ ସ୍କୋଡା ସାଲଭିଆ ମଣ୍ଟେ କାର୍ଲୋର ପ୍ରଥମ ଗ୍ରାହକ ଭାବେ ଉକ୍ତ ଗାଡ଼ି ଶୋ’ରୁମ୍ ପକ୍ଷରୁ ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ମଣ୍ଟେ କାର୍ଲୋରେ ଅନେକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ସମସ୍ତ ପ୍ରକାର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଆକର୍ଷଣୀୟ ଡିଜାଇନ ଓ କଲରରେ ଏହା ଉପଲବ୍ଧ।

## ଆଇଭିଏଫ୍‌ରେ ଟେକ୍ନୋଲୋଜିର ବହୁଳ ବ୍ୟବହାର

**ଭୁବନେଶ୍ୱର,୧୧।୯**

କ୍ରମାଗତ ଭାବେ ସମଗ୍ର ବିଶ୍ୱ ପ୍ରଜନନ କ୍ଷେତ୍ରରେ ଅନେକ ସମସ୍ୟା ଓ ଦ୍ରୁତ ହ୍ରାସ ଦେଇ ଗତି କରୁଛି। ଏପରିକି ପ୍ରଜନନ ହାରରେ ସୁଧାର ଆଣିବା ଲାଗି ଟେକ୍ନୋଲୋଜିର ବହୁଳ ବ୍ୟବହାର କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ଆଇଭିଏଫ୍ ଟେକ୍ନୋଲୋଜି ବହୁମାତ୍ରାରେ ଅଗ୍ରଗତି କରିଛି, ଯାହା ପ୍ରଜନନ ଦମ୍ପତିଙ୍କ ପାଇଁ ଉତ୍ତମ ସୁବିଧା ଓ ଉନ୍ନତ ଫଳାଫଳ ପ୍ରଦାନ କରୁଛି। ସେହିଭଳି ବଢୁଥିବା ଚିନ୍ତା ମଧ୍ୟରେ ଆଇଭିଏଫ୍ ପିତାମାତା ହେବାକୁ ଚାହୁଁଥିବା ସମସ୍ତ ଦମ୍ପତି ଓ ବ୍ୟକ୍ତିମାନଙ୍କ ପାଇଁ ଆଶାର କିରଣ ପ୍ରଦାନ କରୁଛି। ସେହିପରି ସମଗ୍ର ବିଶ୍ୱ ପ୍ରଜନନ ହାରରେ ତୀବ୍ର ହ୍ରାସର ସମ୍ମୁଖୀନ ହେଉଛି, ଯାହା ଗତ ୭୦ବର୍ଷ ମଧ୍ୟରେ ପ୍ରାୟ ୫୦% ହ୍ରାସ ପାଇଛି। ଏଭଳି ସ୍ଥିତିରେ ବିଶ୍ୱବ୍ୟାପୀ ପ୍ରତି ୬ ଜଣ ପ୍ରଜନନକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବନ୍ଧ୍ୟାତ୍ୱ ଦ୍ୱାରା ପ୍ରଭାବିତ ହୋଇଥିଲାବେଳେ ଯାହାକୁ ଡବ୍ଲ୍ୟୁଏଚଓ ସୁପାରିସ କରିଛି।

ଏ ସମ୍ପର୍କରେ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍ ଭୁବନେଶ୍ୱର ସେଣ୍ଟରର ଆଇଭିଏଫ୍ ସ୍ପେଶିଆଲିଷ୍ଟ ଡା. ଲିପ୍‌ସା ମିଶ୍ର କହିଛନ୍ତି, ଆଇସିଏସ୍ଆଇ,ପିଜିଟି ରୂପରେ ଜେନେଟିକ ସ୍କ୍ରିନିଙ୍ଗ, ଓଭାରିଆନ ଓ ଏଣ୍ଡୋମେଟ୍ରିଆଲ ରିଜୁଭିନେଶନ, ଟିଏସ୍ଇ ଓ ମାଇକ୍ରୋ ଟିଏସ୍ଇ,ଡୋନର ସର୍ଭିସ୍, ସରୋଗେସି ଭଳି ଆଧୁନିକ ଆଇଭିଏଫ୍ ଓ ଫର୍ଟିଲିଟି ଚିକିତ୍ସାଗୁଡିକ ଶିଶୁ ଜନ୍ମହାରର ବର୍ଦ୍ଧିତ ସଫଳତାରେ ବହୁମାତ୍ରାରେ ଯୋଗଦାନ ଦେଉଛନ୍ତି। ତେବେ ଆହୁରି ଅନେକ କାରଣ ଆଇଭିଏଫ୍ ଫର୍ଟିଲିଟି ଚିକିତ୍ସାର ସଫଳତାକୁ ନିର୍ଦ୍ଧାରଣ କରୁଛି। ଡା. ମିଶ୍ର ସଫଳତା ପାଇଁ ପ୍ରଜନନ ସମସ୍ୟାଗୁଡିକୁ ବିସ୍ତୃତ ଭାବେ ଜାଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, ଏକ ସାମଗ୍ରିକ ବିଚାରଧାରା ଗ୍ରହଣ କରିବା ଦ୍ୱାରା ତାହା ଏହି ଯାତ୍ରାକୁ ଅତିକ୍ରମ କରିବାରେ ସାହାଯ୍ୟ କରିପାରେ ଏବଂ ଦୃଢ଼ ନିଷ୍ଠା ଓ ସ୍ଥିରତା ସହିତ ଅନେକ ବ୍ୟକ୍ତି ଏକ ପରିବାର ଗଠନ କରିବାର ନିଜର ସ୍ୱପ୍ନକୁ ପୂରଣ କରିଛନ୍ତି। ଏହାଛଡ଼ା ଡା. ମିଶ୍ର ଡାକ୍ତରମାନଙ୍କ ଦ୍ୱାରା ନୈତିକ ମାନଦଣ୍ଡ ଓ ଗୁଣବତ୍ତା ନିୟନ୍ତ୍ରଣ ସୁନିଶ୍ଚିତ କରିବାର ମହତ୍ତ୍ୱକୁ ରେଖାଙ୍କିତ କରିଛନ୍ତି। ସେ ଏହି ଜଟିଳ ଯାତ୍ରାକୁ ସହଜ କରିବା ପାଇଁ ବିଶେଷଜ୍ଞ ଓ ରୋଗୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପ୍ରଭାବୀ ଯୋଗାଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ୱାର୍ଲ୍ଡ ଆଇଭିଏଫ୍ ଡେ’ ପ୍ରତିବର୍ଷ ଜୁଲାଇ ୨୫ରେ ବନ୍ଧ୍ୟାତ୍ୱ ଓ ପ୍ରଜନନ ସମ୍ପର୍କିତ ଚିକିତ୍ସା କ୍ଷେତ୍ରରେ ଏମ୍ବ୍ରାୟୋଲୋଜିଷ୍ଟଙ୍କ ଯୋଗଦାନକୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରିବା ପାଇଁ ପାଳନ କରାଯାଇଥାଏ।



ଧ-୧୩୦୩

## କାଜଲ ଯାହା ଭାବୁଥିଲେ..

**କ**ଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଏବେ ତ ଗୋଟିଏ ସିନେମା ବଲିଉଡ୍‌ର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ତାହା ହେଲା ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ ତଥା ଏ.ଆର. ମୁରୁଗୋଡସ୍‌ଙ୍କ ନିର୍ଦ୍ଦେଶିତ 'ସିକନ୍ଦର'। ଏହି ଆକ୍ସନ–ପ୍ୟାକ୍‌ଡ ଏବଂ ବିଗ୍ ବଜେଟ ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁରହିଛି। ତେବେ ଏହାର ଟାଇଟଲ ଭୂମିକାରେ ସଲ୍‌ମାନ ଖାଁ ଅଭିନୟ କରୁଛନ୍ତି–ଏକଥା ସମସ୍ତେ ଜାଣନ୍ତି। ହେଲେ ଚିତ୍ରଟିର କାଷ୍ଟିଂରେ ଆଉ ଦୁଇଜଣ ଲୋକପ୍ରିୟ ଅଭିନେତ୍ରୀଙ୍କୁ ସାମିଲ କରାଯାଇଛି। ସେ ଦୁହେଁ ହେଲେ କାଜଲ ଅଗ୍ରଓ୍ୱାଲ ଏବଂ ରଶ୍ମିକା ମନ୍ଦାନା। ଏ ନେଇ କାଜଲ କହନ୍ତି, 'ଏ ଫିଲ୍ମରେ ସୁଯୋଗ ମିଳିବ ବୋଲି ମୁଁ ଆଶା ରଖିଥିଲି। ଯାହହେଉ ସଲମାନଙ୍କ ପରି ଅଭିନେତାଙ୍କ ସହ କାମ କରିବାର ସୁଯୋଗ ମିଳିଛି ତାହା ହେଉଛି ବଡ଼ କଥା। ଏହାବ୍ୟତୀତ ଫିଲ୍ମଟିର କାହାଣୀ କୌଣସି ଗୁଣରେ କମ୍ ନୁହେଁ।' ଏଥିରେ ପ୍ରତୀକ ବବର ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି। ଏହାସହ 'ବାହୁବଳି' ଷ୍ଟାର ସତ୍ୟରାଜଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବାର ଯୋଜନା ରହିଛି।


କାଜଲ ଅଗ୍ରଓ୍ୱାଲ



'ଡର୍' ଫିଲ୍ମରେ ଶାହରୁଖ

## କିପରି ମିଳିଥିଲା 'ଡର୍' ଅଫର..

**୧**୯୯୦ରେ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ଯଶ୍ ଚୋପ୍ରାଙ୍କର କେତୋଟି ଫିଲ୍ମ ଫ୍ଲପ୍ ହେବା ପରେ ସେ ଚିନ୍ତାରେ ପଡ଼ିଯାଇଥାଆନ୍ତି। ଏହି ସମୟରେ ତାଙ୍କ ମନରେ ଆଶାର କିରଣ ସୃଷ୍ଟି କରିଥିଲେ ପୁତ୍ର ଉଦୟ। ଏକଦା ଉଦୟ ନିଜ ସାଙ୍ଗ ହ୍ରିତିକ୍ ରୋଶନଙ୍କ ସହ 'ଡେଡ୍‌କାମ୍' ଟାଇଟଲବିଶିଷ୍ଟ ଏକ ହଲିଉଡ୍ ସିନେମା ଦେଖୁଥାଆନ୍ତି। ଏହାପରେ ହ୍ରିତିକ୍ ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟିଏ ନିର୍ମାଣ କରିବାକୁ ଯଶ୍‌ଙ୍କୁ କହିଥିଲେ। କେବଳ ସେତିକି ନୁହେଁ, ଏହାର ଟାଇଟଲ 'ଡର୍' ରଖିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ତା'ପରେ ଯଶ୍ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଅଜୟ ଦେବଗନ ଏବଂ ରାହୁଲ ରୟଙ୍କୁ ଅଫର ଦେଇଥିଲେ। କିନ୍ତୁ ଦୁହେଁ ମନା କରିବା ପରେ ଆମୀର ଖାଁଙ୍କୁ ସାଇନ୍ କରାଯାଇଥିଲା। ଏପରି କି ଏହାର କିଛି ଅଂଶ ସେ ମଧ୍ୟ ଶୁଟିଂ କରିଥିଲେ। ହେଲେ ଭୂମିକାଟି ତାଙ୍କ କ୍ୟାରିୟର ପାଇଁ ଶୁଭପ୍ରଦ ହେବନାହିଁ କହି ସେ ଅଧାରୁ ଛାଡ଼ି ଚାଲିଯାଇଥିଲେ। ତା'ପରେ ଋଷି କପୁରଙ୍କୁ ଯଶ୍ ଯୋଗାଯୋଗ କରିଥିଲେ। ଋଷି କହିଥିଲେ ଯେ, ଶାହରୁଖ୍ ଖାଁ ଏହି ଭୂମିକାଟିକୁ ଠିକ୍‌ଭାବରେ ତୁଲାଇପାରିବେ। ଆଉ ବିଳମ୍ବ ନ କରି ଶାହରୁଖଙ୍କୁ ସାଇନ୍ କରାଯାଇଥିଲା। ତା'ପରେ କ'ଣ ଘଟିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ସନ୍ନି ଦେଓଲଙ୍କ ଭଳି କଳାକାର ଏଥିରେ ଥିଲେ ମଧ୍ୟ ଶାହରୁଖ ନିଜ ଅଭିନୟ ବଳରେ ଦର୍ଶକଙ୍କ ମନ ଜିଣି ନେଇଥିଲେ।









## ଅଡୁଆ କରିଛି ବିକିନି

**ସା**ରା ଅଲ୍ଲୀ ଖାଁ ଏବେ ଅଡୁଆରେ ପଡିଛନ୍ତି। ନୂଆ ଅଫରଟି ପାଇବା ପରେ ସେ ସିନା ଖୁସିରେ ଉଛୁଳି ଉଠିଥିଲେ, ହେଲେ କାହାଣୀ ଶୁଣିବା ପରେ ତାଙ୍କ ମୁହଁ ଟିକେ ଶୁଖି ଯାଇଥିଲା। କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା, ଏଥିରେ ସେଫ ତନୟାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ପୁଣି ବିକିନି ପିନ୍ଧି। ଏକଥା ଜାଣିବା ପରେ ତାଙ୍କର ଖୁସି ସତେଯେମିତି ମଉଳି ଯାଇଥିଲା। ଏବେ ସେ ଏହି ପ୍ରୋଜେକ୍ଟକୁ ନେଇ ଆଗକୁ ଆଗେଇବେ ନା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେବେ–ସେ ନେଇ ଦୋ'ଛକିରେ ପଡିଛନ୍ତି। ଏଭଳି ସମସ୍ୟା ବିଷୟରେ ସଫେଇ ଦେଇ ସାରା କହନ୍ତି, 'ଏହି ନୂଆ ଅଫରର କାହାଣୀ ଶୁଣିବା ସମୟରେ ମୁଁ ଟେନ୍‌ସନର ବଶବର୍ତ୍ତୀ ହୋଇଥିଲି। କାରଣ ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ, ତାହା ପୁଣି ବିକିନି ପିନ୍ଧି। ସେକଥା ଜାଣିବା ପରେ ମୁଁ ଅଡୁଆରେ ପଡିଯାଇଛି। କ'ଣ ନିଷ୍ପତ୍ତି ନେବି କିଛି ଜାଣିପାରୁନାହିଁ। ସେପଟେ ମୋର ଏଭଳି ଅବସ୍ଥା ଦେଖି ଜନୈକ ନୂଆ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ତେବେ ଏହି ସୀମିତ ସମୟ ଭିତରେ ମୋତେ ଯାହା କିଛି ନିଷ୍ପତ୍ତି ନେବାକୁ ପଡିବ।' ଦେଖାଯାଉ, ସାରା ନୂଆ ଅଫରଟିକୁ ଗ୍ରହଣ କରୁଛନ୍ତି ନା ବିକିନି ପାଇଁ ତାହାକୁ ହାତଛଡ଼ା କରୁଛନ୍ତି!


ସାରା ଅଲ୍ଲୀ ଖାଁ


ଅର୍ଦ୍ଧେନ୍ଦୁ ସାହୁ

## ଅର୍ଦ୍ଧେନ୍ଦୁଙ୍କ ଲେଉଟାଣି

**'ଟ**ପୋରି', 'ବ୍ଲାକ୍ ମେଲ୍' ଏବଂ 'ମୁଁ ପରଦେଶୀ ଚଢ଼େଇ' ପରି ସିନେମାର ଭିନ୍ନ ଭିନ୍ନ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ଅର୍ଦ୍ଧେନ୍ଦୁ ସାହୁ କିଛିବର୍ଷର ଗ୍ୟାପ୍ ପରେ ପୁଣିଥରେ ଦମ୍‌ଦାର ରିଟର୍ନ କରୁଛନ୍ତି। ଏଥର ବଡ଼ ପରଦାରେ ଦର୍ଶକ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ। ଉକ୍ତ ସିନେମାର ଟାଇଟଲ ରହିଛି 'ଭିଲେନ୍'। ନିକଟରେ ଏହି ବିଗ୍ ବଜେଟ୍ ଫିଲ୍ମର ଶୁଟିଂ ଶେଷ ହୋଇଛି। ତା'ସହ ଚିତ୍ରଟି ଏଥର ଦଶହରା ଅବସରରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହୋମ୍ ବ୍ୟାନର ଆଦିଲକ୍ଷ୍ମୀ ଫିଲ୍ମସରେ ଏହାର ପ୍ରଯୋଜନା କରିଛନ୍ତି ଅର୍ଦ୍ଧେନ୍ଦୁ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କେ. ମୁରଲୀକ୍ରିଷ୍ଣା। ''ଏହି ସିନେମାର କାହାଣୀରେ କେବଳ ଆକ୍ସନ ଭରି ରହିଛି। ଦର୍ଶକ ଏଥିରୁ ଏକ ଡିଫରେଣ୍ଟ ଚାର୍ମ ପାଇବେ। ମୋ ଆକ୍ଟିଂ କ୍ୟାରିୟରରେ ଫିଲ୍ମଟି ଟର୍ନିଂ ପଏଣ୍ଟ ହେବ ବୋଲି ଦୃଢ଼ ବିଶ୍ୱାସ ରହିଛି। କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି। ରିଲିଜ୍ ପରେ ଦର୍ଶକ ଏହାକୁ ଗ୍ରହଣ କଲେ ଆମର ପରିଶ୍ରମ ସାର୍ଥକ ହେବ ବୋଲି କହନ୍ତି ଅର୍ଦ୍ଧେନ୍ଦୁ।'' ଏଥିରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ତମନ୍ନା। ଅନ୍ୟପକ୍ଷରେ ଉଶଷୀ ମିଶ୍ର, ବବି ମିଶ୍ର, କେ.କେ, ସମରେଶ, ବ୍ରଜ ସିଂ, ରବି ମିଶ୍ର, ରାକୁ ଦାସ (ଫେସ୍‌ବୁକ୍‌ର ସାହୁବାବୁ) ଏବଂ ସୋମୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।








































# ଖଟରେ ଏକସଙ୍ଗେ ଶତାଧିକ ବସିପାରୁଛନ୍ତି

ଅମୃତସର

ପଞ୍ଜାବର ଅମୃତସରରେ ଏକ ଖଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଉକ୍ତ ଖଟରେ କେବଳ ୪ କିମ୍ବା ୫ ନୁହେଁ ବରଂ ୧୦୦ ଲୋକ ଆରାମରେ ବସିପାରିବେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ବହୁ ସଂଖ୍ୟାରେ ଲୋକ ଖଟ ଉପରେ ବସିଥିବାର ଦେଖିବାକୁ ମିଳିଛି। ଭିଡିଓରେ ଜଣେ ବ୍ୟକ୍ତି କହିଛନ୍ତି, ଏହା ହେଉଛି ବିଶ୍ୱର ସବୁଠାରୁ ବଡ଼ ଖଟ। ଏହି ଖଟରେ



ଏକସଙ୍ଗେ ୧୦୦ରୁ ଅଧିକ ଲୋକ ଆରାମରେ ବିଶ୍ରାମ କରି ପାରିବେ। ୭୦ରୁ ୭୫ ବର୍ଷ ପୁରୁଣା ଏହି ଖଟଟି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇପାରିଛି। ଏହି ବିଶାଳକାୟ ଖଟଟି ଏତେ ବଡ ଯେ ଏହାକୁ ଦେଖିବା ପରେ ଆଖିକୁ ବିଶ୍ୱାସ ହୋଇ ନ ଥାଏ। ଉକ୍ତ ଖଟଟି ଏକ ସ୍ୱତନ୍ତ୍ର ପ୍ରକାରର ଦଉଡ଼ିରୁ ନିର୍ମିତ ବୋଲି ଭିଡିଓରେ କୁହାଯାଇଛି। ଏହି ଖଟଟି ଏକ ପୋଟିକ ତଳେ ରଖାଯାଇଥିବା ନେଇ ଭିଡିଓରୁ ଦେଖିବାକୁ ମିଳିଛି। ସେହିପରି ଖଟରେ ବିଶ୍ରାମ ନେଉଥିବା ଲୋକଙ୍କ ପାଇଁ ସିଲିଂ ଫ୍ୟାନ୍‌ର ସୁବିଧା ମଧ୍ୟ ଉପଲବ୍ଧ ରହିଛି।



# ରାଜ୍‌ଙ୍କ ୧୫ ବର୍ଷର ଇଚ୍ଛା ପୂରଣକଲେ ଶିଳ୍ପା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟି ଓ ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କ ଯୋଡ଼ିକୁ ନେଇ ଅଧିକାଂଶ ସମୟରେ ଚର୍ଚ୍ଚା ଲାଗି ରହିଥାଏ। ରାଜ୍‌ଙ୍କ ୪୯ତମ ଜନ୍ମଦିନକୁ ସ୍ୱତନ୍ତ୍ର କରିବା ପାଇଁ ଶିଳ୍ପା କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରି ନ ଥିଲେ। ସେ ପ୍ରଥମେ ରାଜ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏହି ଭିଡିଓରେ ସେ ରାଜ୍‌ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଏକ ଭାବପ୍ରବଣ ନୋଟ୍ ମଧ୍ୟ ଲେଖିଥିଲେ। ଏହାପରେ ସେ ତାଙ୍କ ସ୍ୱାମୀଙ୍କୁ ଏକ ସରପ୍ରାଇଜ୍ ଗିଫ୍ଟ ଦେଇଥିଲେ। ଉକ୍ତ ଗିଫ୍ଟଟି ରାଜ୍‌ଙ୍କ ପାଇଁ ବେଶ୍ ଖାସ ଥିଲା। ରାଜ୍ ଏହାର ସ୍ୱପ୍ନ ଦୀର୍ଘ ୧୫ ବର୍ଷ ଧରି ଦେଖି ଆସୁଥିଲେ।

ରାଜ୍‌ଙ୍କ ଜନ୍ମଦିନ ପାଳନ ପାଇଁ ଶିଳ୍ପା ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ଜନ୍ମଦିନରେ ସେ ତାଙ୍କ ସ୍ୱାମୀଙ୍କୁ ଘୋଡ଼ା ସବାର କରାଇଥିଲେ। ଉକ୍ତ ଘୋଡ଼ା ସବାରି ସହ ରାଜ୍‌ଙ୍କ ଜନ୍ମଦିନ ସେଲିବ୍ରେଶନ ଶେଷ ହୋଇଥିଲା। ଶିଳ୍ପାଙ୍କ ଏହି ସରପ୍ରାଇଜ୍‌ରେ ରାଜ୍ ବେଶ୍ ଖୁସି ହୋଇଥିଲେ। ରାଜ୍ ଏହି ଘୋଡ଼ା ସବାରିକୁ ନିଜ କ୍ୟାମେରାରେ କଏଦ କରି ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଛନ୍ତି। ସେ ଶିଳ୍ପାଙ୍କ ସହ ଦୀର୍ଘ ଦିନ ହେବ ଏପରି ଏକ ରୋମାଣ୍ଟିକ ଘୋଡ଼ା ସବାରି କରିବାକୁ ଚାହୁଁଥିଲେ। ଏହି ସରପ୍ରାଇଜ୍ ଦେଇ ତାଙ୍କର ଦୀର୍ଘ ବର୍ଷର ଇଚ୍ଛାକୁ ଶିଳ୍ପା ପୂରଣ କରିଛନ୍ତି ବୋଲି ରାଜ୍ ଉକ୍ତ ଷ୍ଟୋରିରେ ଲେଖିଛନ୍ତି। ଏହି ଷ୍ଟୋରିରେ ଉଭୟ ଶିଳ୍ପା ଏବଂ ରାଜ୍ ମୁମ୍ବାଇର ଏକ ସଡ଼କରେ ରୋମାଣ୍ଟିକ ଘୋଡ଼ା ସବାରି କରୁଥିବା ଦେଖିବାକୁ ମିଳିଛି।

ନୂଆଁଖାଇ ଜୁହାର
ଖପ୍ରାଖୋଲ ତହସିଲ ଅଞ୍ଚଳରେ ମାଁ ସମଲେଶ୍ୱରୀ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦିଅନ୍ତୁ। ନୂଆଖାଇ ଜୁହାର।
ଆଦିତ୍ୟ ପ୍ରସାଦ ମିଶ୍ର
ତହସିଲଦାର, ଖପ୍ରାଖୋଲ ଓ ତହସିଲ କର୍ମଚାରୀ

ନୂଆଁଖାଇ ଜୁହାର
ପାଟଣାଗଡ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମାଁ ପାଟଣେଶ୍ୱରୀ ସୁଖ, ଶାନ୍ତି, ସମୃଦ୍ଧି ଆଣି ଦିଅନ୍ତୁ। ନୂଆଁଖାଇ ଜୁହାର।
ବ୍ରଜବନ୍ଧୁ ଠାକୁର
ପାଟଣାଗଡ଼

ନୂଆଁଖାଇ ଜୁହାର
ଭାନପୁର ପେକ୍ସର ସମସ୍ତ ଚାଷୀମାନଙ୍କୁ ନୂଆଁଖାଇ ଜୁହାର।
ଜଗଦୀଶ ରଣା
ସମ୍ପାଦକ, ଭାନପୁର ପେକ୍ସ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ପବିତ୍ର କାଲସାଏ
ଏ.ଡ଼ି.ଇ.ଓ., ବାଘମୁଣ୍ଡ ଗ୍ରା.ପ.

ନୂଆଁଖାଇ ଜୁହାର
ଘୁନସରର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଅନୁସୟା ସାହୁ
ସରପଞ୍ଚ, ଘୁନସର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି। ନୂଆଁଖାଇ ଜୁହାର।
ଚିନ୍ମୟ ପଧାନ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ,ଖପ୍ରାଖୋଲ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଜିରମୟ ନନ୍ଦ
ଏ.ଡ଼ି.ଇ.ଓ., ମାଟିଆଭଟା ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର।
ପରମେଶ୍ୱର ନାଏକ
ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଅରବିନ୍ଦ ନାଏକ
ବନାଞ୍ଚଳ ଅଧିକାରୀ, ହରିଶଙ୍କର, ଖପ୍ରାଖୋଲ

ନୂଆଁଖାଇ ଜୁହାର
ବାଘମୁଣ୍ଡ ଅଞ୍ଚଳର ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର।
ଦେବାଶିଷ ସାହୁ
ସରପଞ୍ଚ, ବାଘମୁଣ୍ଡ ଗ୍ରା.ପ.

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଚାଷୀ ଭାଇଙ୍କୁ ନୂଆଁଖାଇର ଜୁହାର। ମାଁ ସମଲେଇ ଓ ପାଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ।
ନୂଆଁଖାଇ ଜୁହାର
କନ୍ଦର୍ପ ସୁଆର
ସଭାପତି, ଲୁହାସିଂହା ପେକ୍ସ
ଦମୟନ୍ତୀ ସୁଆର
ବି.ଡି.ସି.ସି.ବ୍ୟାଙ୍କ, ନିର୍ଦ୍ଦେଶିକା

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଅଣକୁଶଳୀ ଶ୍ରମିକମାନଙ୍କୁ ଅଭିନନ୍ଦନ, ନୂଆଁଖାଇ ଜୁହାର।
ପ୍ରଶାନ୍ତ କୁମାର ସାହୁ
ଏ.ପି.ଓ., ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଧଣ୍ଡାମୁଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବୈଦ୍ୟନାଥ ମିଶ୍ର
ସରପଞ୍ଚ, ଧଣ୍ଡାମୁଣ୍ଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ଦିପକ ବେହେରା
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣ,ଶ୍ରମିକ,କୃଷକ, ଯୁବକମାନଙ୍କୁ ମୋର ନୂଆଁଖାଇ ଜୁହାର।
ଇ. କୁଳମଣୀ ଭୋଇ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ନୂଆଁଖାଇ ଜୁହାର।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବଳଭଦ୍ର ନାଏକ
ବୈଷୟିକ ପରାମର୍ଶ ଦାତା, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଡୋଳାମଣି ଦୀପ
କାର୍ଯ୍ୟନିର୍ବାହୀ ଅଧିକାରୀ, ସାହଜପାଣି ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର
ମୋହନ ବେହେରା
କାର୍ଯ୍ୟନିର୍ବାହୀ ଅଧିକାରୀ, ଭାନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ସମସ୍ତଙ୍କୁ ନୂଆଁଖାଇ ଜୁହାର।
ରଂଜିତ କୁମ୍ଭାର
ବନପାଳ, ଧଣ୍ଡାମୁଣ୍ଡା

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ବିବେକାନନ୍ଦ ଷଡଙ୍ଗୀ
ବିଡିଓ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ହେମନ୍ତ ଭୋଇ
ଏ.ଡ଼ି.ଇ.ଓ., ଘୁନସର ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ନରେନ୍ଦ୍ର ଛତର
ଥାନା ଅଧିକାରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଭାନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ରୀନା ଜାଲ
ସରପଞ୍ଚ, ଭାନପୁର ଗ୍ରାମପଞ୍ଚାୟତ

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୨୪ Bhubaneswar, Thursday, September 12/ 2024

**ଧନ୍ୟବାଦ ଶ୍ରୀଜେଶ୍**

## ପୂର୍ବତନ ଗୋଲ୍‌କିପରଙ୍କୁ ମୋଦିଙ୍କ ଚିଠି



**ନୂଆଦିଲ୍ଲୀ,୧୧।୯(ପି.ଟି.):** ଭାରତୀୟ ହକିର ଦ ୱାଲ ଭାବରେ ପରିଚିତ ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶଙ୍କୁ ଚିଠି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ଦଳର ଗୋଲକିପର ଭାବେ ନିଃସ୍ୱାର୍ଥପର ସେବା ଯୋଗାଇ ଆସିଥିବା ଶ୍ରୀଜେଶ୍‌ଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ବ୍ରୋଞ୍ଜ ପଦକ ଜିତାଇବା ପରେ ଶ୍ରୀଜେଶ୍ ଅବସର ଘୋଷଣା କରିଥିଲେ। ୧୬ ଅଗଷ୍ଟ ୨୦୨୪ରେ ମୋଦି ଏହି ଚିଠି ଲେଖିଥିବା ବେଳେ ବୁଧବାର ଶ୍ରୀଜେଶ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହା ଶେୟାର କରିଛନ୍ତି। ଅବସର ପରେ ବର୍ତ୍ତମାନ ଶ୍ରୀଜେଶଙ୍କୁ ଜୁନିୟର ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ ନିଯୁକ୍ତି ମିଳିଛି। ଭାରତକୁ ହକିର ପାୱାର ହାଉସ୍ ଭାବରେ ଗଢିତୋଳିବା ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ଶ୍ରୀଜେଶ। ଖେଳାଳି ଭାବରେ ତୁମ ଯାତ୍ରା ବେଶ୍ ପ୍ରେରଣାଦାୟୀ ରହିଥିବା ବେଳେ କୋଚ୍ ଭାବରେ ଏହା ସମାନ ପ୍ରଭାବ ସୃଷ୍ଟି କରିବ ବୋଲି ମୋଦି ଚିଠିରେ ଲେଖିଛନ୍ତି। ଶ୍ରୀଜେଶ୍ ଏହି ଚିଠିକୁ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ତାଙ୍କ ଉପରେ ଭରସା ଦେଖାଇ ଥିବାରୁ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀଜେଶ୍ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିବା ବେଳେ ୨୦୧୬ ରିଓ ଅଲିମ୍ପିକ୍ସରେ ତାଙ୍କ ନେତୃତ୍ୱରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏପରିକି ୨୦୨୦ ଓ ୨୦୨୪ରେ ଭାରତର ବ୍ରୋଞ୍ଜ ବିଜୟରେ ଶ୍ରୀଜେଶଙ୍କ ବଡ ଭୂମିକା ରହିଥିବା ମୋଦି ଚିଠିରେ ଉଲ୍ଲେଖ କରିଛନ୍ତି।

# ସେମିଫାଇନାଲରେ ଭାରତ



ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**
- ରାଜକୁମାର ପାଲ୍‌ଙ୍କ ହ୍ୟାଟ୍ରିକ
- ମାଲେସିଆକୁ ୮-୧ରେ ହରାଇଲା ଭାରତ

**ହୁଲୁନବୁଇର (ଚାଇନା), ୧୧।୯**

ଟାଇଟଲ ଦାବିଦାର ଭାରତ ପ୍ରଥମ ଦଳଭାବେ ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ରାଜକୁମାର ପାଲ୍‌ଙ୍କ ହ୍ୟାଟ୍ରିକ ବଳରେ ମାଲେସିଆକୁ ୮-୧ ଗୋଲରେ ପରାସ୍ତ କରିଛି। ଏଥିସହ ଚଳିତ ଟୁର୍ନାମେଣ୍ଟରେ ବିଜୟରେ ମଧ୍ୟ ହ୍ୟାଟ୍ରିକ କରିଛି ଭାରତୀୟ ଦଳ। ପୂର୍ବ ୨ ମ୍ୟାଚରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଚାଇନାକୁ ୩-୦ ଓ ଜାପାନକୁ ୫-୧ ଗୋଲରେ ପରାସ୍ତ କରିଥିଲା। ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଭାରତ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଦକ୍ଷିଣ କୋରିଆ ଓ ପାକିସ୍ତାନ ୩ ମ୍ୟାଚରୁ ୫ ପଏଣ୍ଟ ଲେଖାଏ ଏବଂ ଚାଇନା ୩ ପଏଣ୍ଟ ସହ ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ଜାପାନ ଓ ମାଲେସିଆ ଗୋଟିଏ ଲେଖାଏ ପଏଣ୍ଟ ପାଇ ଶେଷ ୨ ସ୍ଥାନରେ ରହିଛନ୍ତି।

ମାଲେସିଆ ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ରାଜ କୁମାର ୩ୟ, ୨୫ ଓ ୩୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଅରାଇଜିତ ସିଂ ହୁଣ୍ଡାଲ ୬ ଓ ୩୯ତମ ମିନିଟରେ ୨ଟି ଏବଂ ଯୁଗରାଜ ସିଂ ୭ମ, ଅଧିନାୟକ ହରମନପ୍ରୀତ ସିଂ ୨୨ ଓ ଉତ୍ତମ ସିଂ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମାଲେସିଆ ପକ୍ଷରୁ ଅଖିମୁଲ୍ଲା ଅନୁଆର ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହି ମ୍ୟାଚରେ ଭାରତୀୟ ଷ୍ଟ୍ରାଇକରମାନେ ଚମତ୍କାର ଫର୍ମରେ ନଜରକୁ ଆସିଥିଲେ। ଫଳରେ ଭାରତ ୫ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୩ଟି ପେନାଲ୍ଟି କର୍ନରକୁ ସଫଳତାର ସହ ଗୋଲରେ କନଭର୍ଟ କରିଥିଲେ ଯୁଗରାଜ, ହରମନପ୍ରୀତ ଓ ଉତ୍ତମ।

୨୦୨୩ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତ ପ୍ରଥମାର୍ଦ୍ଧରେ ୧-୩ ଗୋଲରେ ପଛୁଆ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରି ୪-୩ରେ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଥିଲା। ରାଉଣ୍ଡ ରବିନ ଭିତ୍ତିରେ ଖେଳାଯାଉଥିବା ୬ ରାଷ୍ଟ୍ର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଟିମ୍ ସେମିଫାଇନାଲରେ ପ୍ରବେଶ କରିବେ। ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ଦକ୍ଷିଣ କୋରିଆ ଓ ଶେଷ ଲିଗ୍ ମ୍ୟାଚ ଶନିବାର ପାକିସ୍ତାନ ବିପକ୍ଷରେ ଖେଳିବ।

## ରାଜ୍ୟରେ ବରଫ କ୍ରୀଡ଼ାର ପ୍ରଚାରପ୍ରସାର ପାଇଁ ପଦକ୍ଷେପ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ଓଡ଼ିଶା ଏକ ବରଫବିହୀନ ରାଜ୍ୟ ହୋଇଥିଲେ ହେଁ ‘ସ୍ନୋ ଗର୍ଲ’ ଭାବେ ପରିଚିତ ରଞ୍ଜିତା ବେହେରା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଏଥିରେ ସ୍ୱାଭାବିକଭାବେ ଉତ୍ସାହିତ ସ୍କି ଆଣ୍ଡ ସ୍ନୋବୋର୍ଡ ଆସୋସିଏଶନ ଅଫ୍ ଓଡ଼ିଶା ରାଜ୍ୟରେ ଏହି କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଅଣ୍ଟା ଭିଡ଼ିଛି। ବରଫ ସଂଶ୍ଳିଷ୍ଟ ବିଭିନ୍ନ ଖେଳରେ ଅଭ୍ୟାସରତ ତଥା ଆଗ୍ରହୀ ୧୦ରୁ ୩୦ ବର୍ଷର ବାଳିକା ବାଳକଙ୍କୁ ପଞ୍ଜୀକରଣ କରାଯିବ। ଏହାପରେ ବୟସ ଅନୁସାରେ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇ ଯିଏ ଯେଉଁଥିରେ ଆଗ୍ରହ ପ୍ରକାଶ କରୁଥିବ ତାଙ୍କୁ ସେଥିରେ ଅର୍ଥାତ୍ ଆଲ୍‌ପାଇନ୍ ସ୍କି, କ୍ରସ୍ କଣ୍ଟ୍ରି, ସ୍ନୋବୋର୍ଡିଂ ଏବଂ ରୋଲର ସ୍କି’ରେ ପ୍ରଶିକ୍ଷଣ ଦିଆଯିବ। ଏହା ବ୍ୟତୀତ ଆଗାମୀ ଦିନରେ ବିଭିନ୍ନ ସ୍ତରରେ ଆୟୋଜନ ହେବାକୁଥିବା ଖେଳ ପାଇଁ ମାନଦଣ୍ଡ ଅନୁସାରେ ଚୟନ କରାଯିବ। ତେଣୁ ବରଫ କ୍ରୀଡ଼ାରେ ଆଗ୍ରହ ରଖୁଥିବା ଖେଳାଳିମାନେ ପ୍ରଥମେ ସେମାନଙ୍କ ନାମ ଚଳିତ ମାସ ୩୦ ତାରିଖରେ ପଞ୍ଜୀକରଣ କରାଇନେବାକୁ ପଡ଼ିବ ବୋଲି ଆସୋସିଏଶନ ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥାପିତ ବ୍ଲକ ଏବଂ କ୍ରୀଡ଼ା ସଙ୍ଗଠନ ବରଫ କ୍ରୀଡ଼ା ପ୍ରତି ଆଗ୍ରହ ଏବଂ ପ୍ରସାର ପାଇଁ ଉଦ୍ୟମ କରୁଥିଲେ ରାଜ୍ୟ ସ୍କି ଆଣ୍ଡ ସ୍ନୋ ବୋର୍ଡ ସଂଘ ସହିତ ଅନୁବନ୍ଧିତ ହେବାକୁ ସୁଶାନ୍ତ ଅନୁରୋଧ କରିଛନ୍ତି। ଏହା ହେଲେ ସମସ୍ତଙ୍କ ମିଳିତ ପ୍ରୟାସରେ ରାଜ୍ୟରେ ଏହି କ୍ରୀଡ଼ାର ଦ୍ରୁତ ପ୍ରଚାର ଓ ପ୍ରସାର ହୋଇପାରିବ। ପ୍ରକାଶଯୋଗ୍ୟ ଯେ, ରାଉରକେଲାର ସାହସୀ ଝିଅ ରଞ୍ଜିତା ରାଜ୍ୟ ସଂଘର ପ୍ରଚେଷ୍ଟାରେ କ୍ରମାଗତଭାବେ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଏବଂ ଅନ୍ୟ ଜାତୀୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗତ ଜାନୁୟାରୀରେ ଅଷ୍ଟ୍ରିଆର ସେଣ୍ଟ ମିଚେଲ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ରେସ୍‌ରେ ଅନେକ ଅଭିଜ୍ଞ ରେସର ଫେଲ୍ ମାରିଥିବାବେଳେ ରଞ୍ଜିତା ସାହସର ସହିତ ଫିନିଶିଂ ପଏଣ୍ଟରେ ପହଞ୍ଚି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିଲେ।

# ଓଡ଼ିଶା ବାଳିକା ଦଳ ସେମିରେ

**ଜାତୀୟ ସବ୍‌ଜୁନିୟର ଫୁଟ୍‌ବଲ**

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ନିମୁଚ୍‌ଠାରେ ଚାଲିଥିବା ଜାତୀୟ ସବ୍-ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ବୁଧବାର ନିଜର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୫-୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ କାମିନି ମଲିକ ୧୧, ୪୮ ଓ ୭୩ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଅଧିନାୟିକା ରିତୁ ବଡେକ ୨୨ ଓ ଖୁନ୍ଦୋଙ୍ଗବାମ୍ ଅମ୍ବାଲିକା ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳର କ୍ରିଷ୍ଣା ଜାଟ୍ ୩୭ ଓ ଦୀପିକା ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୪-୧ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଥିଲା।

**ବାଳକ ଦଳର ଦ୍ୱିତୀୟ ପରାଜୟ**

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ କିନ୍ତୁ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚରେ ୧-୯ ଗୋଲରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀଠାରୁ ୨-୭ ଗୋଲରେ ପରାସ୍ତ ହୋଇଛି।



ହ୍ୟାଟ୍ରିକ ଗୋଲ ସ୍କୋରର କାମିନି ମଲିକ।

## ‘ବାଇ ବଦଳରେ ପିସିଆଇ ନେଉ ବ୍ୟାଡ୍‌ମିଣ୍ଟନ ଦାୟିତ୍ୱ’

**ନୂଆଦିଲ୍ଲୀ,୧୧।୯(ପି.ଟି.):** ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବାଇ) ହାତରୁ ପାରା ବ୍ୟାଡମିଣ୍ଟନ ଖେଳର ନିୟନ୍ତ୍ରଣ ହଟାଇ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ହାତକୁ ଯିବା ଉଚିତ୍ ବୋଲି କହିଛନ୍ତି ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ନୀତେଶ କୁମାର। ବାଇ ଅଧୀନରେ ଖେଳାଳି ମାନେ ନିୟମିତ ଅବହେଳାର ଶିକାର ହେଉଛନ୍ତି। ନୀତେଶ ଏସ୍‌ଏଲ୍-୩ ବର୍ଗରେ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ପାରା ଶଟଲର ମାନେ ଏସିଆନ୍ ପାରା ଗେମ୍ସରେ ୨୧, ବିଶ୍ୱ ଚାମ୍ପିୟନଶିପରେ ୧୫ ଓ ପାରାଲିମ୍ପିକ୍ସରେ ୫ ପଦକ ଜିତିଥିଲେ ମଧ୍ୟ ବାଇ ପକ୍ଷରୁ ସାମାନ୍ୟ ପ୍ରଶଂସା ମିଳି ନାହିଁ। ଆମର ଅନୁରୋଧ କି ପାରା ବ୍ୟାଡମିଣ୍ଟନକୁ ପିସିଆଇକୁ ହସ୍ତାନ୍ତର କରାଯାଉ ବୋଲି କହିଛନ୍ତି ନୀତେଶ।

# ଭାଇଙ୍କ ସହ ୬ ଜଣଙ୍କ ଟ୍ରାଏଲ

**ପଲ୍ ପୋଗବାଙ୍କୁ ଧମକ ମାମଲା**

**ପ୍ୟାରିସ୍,୧୧।୯(ପି.ଟି.)**

ଫ୍ରାନ୍ସ ଫୁଟବଲ ଦଳର ବିଶ୍ୱକପ ବିଜୟୀ ମିଡଫିଲ୍ଡର ପଲ୍ ପୋଗବାଙ୍କୁ ଧମକ ଦେଇ ପଇସା ଆଦାୟ କରିବାକୁ ପ୍ରୟାସ କରିବା ମାମଲାରେ ଭାଇଙ୍କ ସମେତ ୬ ଜଣଙ୍କୁ ଟ୍ରାଏଲର ସମ୍ମୁଖୀନ ହେବାକୁ ପଡିଛି। ପ୍ୟାରିସ୍ ପ୍ରସିକ୍ୟୁଟରଙ୍କ ଅଫିସ୍‌ରୁ ଏହି ମାମଲାରେ ପଲ୍‌ଙ୍କ ଭାଇ ମାଥିଆସ୍ ପୋଗବାଙ୍କୁ ନୋଟିସ୍ ଜାରି କରାଯାଇଛି। ମାଥିଆସ୍ ଓ ତାଙ୍କର ୫ ଜଣ ସାଥୀ ୨ ବର୍ଷ ତଳେ ଧମକ ଚମକ ଦେବା ସହିତ ୧୩ ମିଲିୟନ ୟୁରୋ (୧୪.୩ ମିଲିୟନ୍ ଡଲାର) ଦାବି କରିଥିଲେ। ଏପରିକି ପଇସା ନ ଦେବା କାରଣରୁ ବାରମ୍ବାର ଧମକ ମଧ୍ୟ ଦେଇଥିଲେ। ମାଥିଆସ୍ ଟ୍ରାଏଲର ସମ୍ମୁଖୀନ ହେବେ ବୋଲି ଜଣା ପଡିଥିବା ବେଳେ ତାରିଖ ନିର୍ଦ୍ଧାରଣ ହୋଇନାହିଁ। ୬ ଜଣଙ୍କ ବିରୋଧରେ ଆପରାଧିକ ଷଡଯନ୍ତ୍ର ଓ ହିଂସାକାଣ୍ଡର ମାମଲା ମଧ୍ୟ ରୁଜୁ କରାଯାଇଛି। ତଦନ୍ତ ସମୟରେ ଉକ୍ତ ୬ ଜଣଙ୍କୁ ସେ ୧ ଲକ୍ଷ ୟୁରୋ ପ୍ରଦାନ କରିଥିବା କହିଛନ୍ତି ପୋଗ୍‌ବା। ତେବେ ମାଥିଆସ୍ ଏହାକୁ ଅସ୍ୱୀକାର କରିବା ସହ ପଲ୍ ପୋଗବା ସାଥୀ ଖେଳାଳି କିଲିଆନ୍ ଏମ୍ବାପେଙ୍କ ଉପରେ କଳାଯାଦୁ କରିବାକୁ ପ୍ରୟାସ କରୁଥିବା କହିଛନ୍ତି। ଏଥିପାଇଁ ଜଣେ ଗୁଣିଆ ଖୋଜିଦେବା ଲାଗି ସେ କହିଥିବା ମାଥିଆସ ଅଭିଯୋଗ କରିଛନ୍ତି। ପଲ୍ ପୋଗ୍‌ବା ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ମାଥିଆସ୍‌ଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ପରେ ଏହି ଘଟଣା ସମ୍ପର୍କରେ ସମସ୍ତଙ୍କୁ ଜଣା ପଡିଥିଲା। ପଲ୍ ପୋଗବା, ଏଜେଣ୍ଟ ରାଫେଲା ପିମେଣ୍ଟା ଓ କିଲିଆନ୍ ଏମ୍ବାପେଙ୍କ କିଛି ବିସ୍ଫୋରକ ତଥ୍ୟ ସେ ଲିକ୍ କରିବେ ବୋଲି ମାଥିଆସ ଲେଖିଥିଲେ। ମାଥିଆସ୍ ଜଣେ ଫୁଟବଲ ଖେଳାଳି ହୋଇଥିବା ବେଳେ ୟୁରୋପର ବିଭିନ୍ନ ଲୋୟର ଟିଅର ଟିମ୍ ପକ୍ଷରୁ ସେ ଖେଳିଥାନ୍ତି। ପଲ୍ ପୋଗବା ଅନ୍ୟପକ୍ଷରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମିଡଫିଲ୍ଡର। ତେବେ ପଡିଆ ଭିତର ଅପେକ୍ଷା ପଡିଆ ବାହାର ବିବାଦକୁ ନେଇ ସେ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ଜୁଭେଣ୍ଟସ ପକ୍ଷରୁ ଖେଳିବା ସମୟରେ ଡୋପ୍ ଟେଷ୍ଟରେ ଧରାପଡି ୪ ବର୍ଷ ବାସନ୍ଦ ହୋଇଥିବା ବେଳେ ସେ ବର୍ତ୍ତମାନ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟ୍ସ(କାସ୍)ର ଦ୍ୱାରସ୍ଥ ହୋଇଛନ୍ତି। ୨୦୧୬ରେ ପୋଗ୍‌ବା ଜୁଭେଣ୍ଟସରୁ ଯାଇ ମାଞ୍ଚେଷ୍ଟର ୟୁନାଇଟେଡରେ ଯୋଗ ଦେଇଥିଲେ। ସେ ସମୟରେ ରେକର୍ଡ ୧୦୫ ମିଲିୟନ ୟୁରୋରେ ତାଙ୍କର ଟ୍ରାନ୍ସଫର ହୋଇଥିଲା।




# କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର

**କେନ୍ଦ୍ରୀୟ ବିଦ୍ୟାଳୟ ଜାତୀୟ ହ୍ୟାଣ୍ଡବଲ**

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ରିଜିଅନ ପ୍ରବେଶ କରିଛି। ଭୁବନେଶ୍ୱର ଦଳ ପ୍ରଥମ ମ୍ୟାଚରେ ଦିଲ୍ଲୀକୁ ୧୪-୯ ଓ ଦ୍ୱିତୀୟ ମ୍ୟାଚରେ କୋଲକାତାକୁ ୧୬-୮ ଗୋଲରେ ପରାସ୍ତକରି ଆଗକୁ ବଢ଼ିଛି। ଦଳର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ-୨ (ଭୁବନେଶ୍ୱର) ପ୍ରିନ୍ସିପାଲ ଧନଞ୍ଜୟ ପ୍ରସାଦ ଶର୍ମା, ବରିଷ୍ଠ କ୍ରୀଡା ଶିକ୍ଷକ ସୁଧାଂଶୁ କୁମାର ନନ୍ଦ, କୋଚ ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଓଡ଼ିଶା ପ୍ରତିଯୋଗୀଙ୍କୁ ୨ ପଦକ



ପାୟଲ ପଲ୍ଲବୀ ସାହୁ(ବାମ) ଓ ଚିନ୍ମୟୀ ସ୍ୱାଇଁଙ୍କ ସହ କୋଚ୍ ସାଗରିକା ନାୟକ।

**ଭୁବନେଶ୍ୱର,୧୧।୯(ସରୋଜ ଜେନା)**

ଉତ୍ତର ପ୍ରଦେଶରେ ଟାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଛି। ୮-୧୦ ମଧ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ୨ ପ୍ରତିଯୋଗୀ। ସୁପର ସବ୍ ଜୁନିୟର କ୍ୟୁରୋଗି ଓ ପୁମ୍‌ସେ ଇଭେଣ୍ଟରେ ପାୟଲ ପଲ୍ଲବୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜୁନିୟର ବର୍ଗରେ ଚିନ୍ମୟୀ ସ୍ୱାଇଁ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ଖେଳାଳି କଟକର କିଡ୍ସ ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। କୋଚ୍ ସାଗରିକା ନାୟକ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍‌ର ୧୭ଶ ସଂସ୍କରଣ ପୁଣେର ବାଲେୱାଡ଼ିସ୍ଥିତ ଛତ୍ରପତି ଶିବାଜୀ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହେବ। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମ ପରେ ଓଡ଼ିଶା ଦଳ ପୁଣେ ଯାତ୍ରା କରିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ରାଜ୍ୟ ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ (ବାଳିକା):** ଗୀତିକା ଗୀତିମାୟା, ଅଶ୍ଲେଷା ପଣ୍ଡା, ବଂଶିକା ଗୁରୁ, ଓମ୍ ଦିବ୍ୟାଂଶ୍ରୀ ବେହେରା, ଓମ୍ ଦିବ୍ୟାଂଶୀ ବେହେରା, ଶିମନ ଶ୍ରେୟା, ମଧୁକ୍ଷର ମିଶ୍ର, ଗୁଞ୍ଜନ ରାଉତ, ଇଟିନି ଦିବ୍ୟାଞ୍ଜଳି, ଶ୍ୱେତପର୍ଣ୍ଣା ପ୍ରିୟଦର୍ଶିନୀ।

**ଓଡ଼ିଶା ଦଳ (ବାଳକ):** ଶୁଭମ୍ କୁମାର ଦୋରା, ପ୍ରତୀକ ଅର୍ଣ୍ଣବ ଜେନା, ଭିବନ ଟିକ୍‌ମନି, ଅନିଶ ପଟ୍ଟନାୟକ, ବିରେନ ଦାସ, ଆରୁଷ ଦାସ, ସାତ୍ତ୍ୱିକ ରାୟ ସାମନ୍ତ, ଅର୍ଣ୍ଣବ ରାଉତ, ହର୍ଷିତ ଗୋଏଲ, ଏସ.ପି. ଅର୍ଣ୍ଣବ ମହନ୍ତ, ସ୍ୱୟମ ପି. ସ୍ୱାଇଁ, ସୌର୍ଯ୍ୟାଂଶୁ ମହାପାତ୍ର।




କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଜାତୀୟ ରୋଲ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି।

## ଟମ୍ କ୍ରେଗ୍ ବର୍ଷେ ବାସନ୍ଦ

**ସିଡ୍‌ନୀ,୧୧।୯(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ କୋକେନ୍ କିଣି ଗିରଫ ହୋଇଥିବା ଅଷ୍ଟ୍ରେଲିଆ ହକି ଖେଳାଳି ଟମ୍ କ୍ରେଗ୍‌ଙ୍କୁ ୧ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଅଲିମ୍ପିକ୍ସ ସମୟରେ ଅଗଷ୍ଟ ୭ ତାରିଖରେ କୋକେନ୍ କିଣୁଥିବା ସମୟରେ କ୍ରେଗଙ୍କୁ ପ୍ୟାରିସ୍‌ରେ ଗିରଫ କରାଯାଇଥିଲା।

# ବର୍ଷାରେ ଧୋଇଗଲା ଆଫଗାନିସ୍ତାନ ଟେଷ୍ଟ

**ଗ୍ରେଟର ନଏଡା,୧୧।୯(ପି.ଟି.)**

ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଥିବା ଏକମାତ୍ର ଟେଷ୍ଟ ବର୍ଷା କାରଣରୁ ବାତିଲ ହୋଇଛି। ଓଦା ଆଉଟ ଫିଲ୍ଡ କାରଣରୁ ଗୋଟିଏ ବି ବଲ ପଡିବା ସମ୍ଭବ ନ ହେବା କାରଣରୁ ତୃତୀୟ ଦିନ ପରେ ମ୍ୟାଚ ବାତିଲ କରାଯାଇଛି। ଅତ୍ୟାଧୁନିକ ସୁବିଧାର ଅଭାବ କାରଣରୁ ସମାନ୍ୟ ବର୍ଷାରେ ମଧ୍ୟ ଆଉଟଫିଲ୍ଡ ଶୁଖୁ ନ ଥିଲା। ଯାହା ଫଳରେ ପ୍ରଥମ ୨ ଦିନର ଖେଳ ସମ୍ଭବ ହୋଇ ନ ଥିଲା। ତୃତୀୟ ଦିନରେ ସମାନ ପରସ୍ଥିତି ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଛି।

# ସିବିଏସ୍‌ଇ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ସିବିଏସ୍‌ଇ ଆଥଲେଟିକ୍ସ ମିଟ୍ କ୍ଲଷ୍ଟର-୧ ବୁଧବାର ଉଦ୍‌ଯାପିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଅଲିମ୍ପିଆନ ଶ୍ରାବଣୀ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅନ୍ତର୍ଜାତୀୟ ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ତଥା ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ୧୪ ବର୍ଷରୁ କମ୍ ବାଳକରେ ଶୁଭ୍ରଜିତ ପଞ୍ଚବିହାର, ବାଳିକାରେ ଅଶିତା ଯାଦବ, ୧୭ ବର୍ଷରୁ କମ୍ ବାଳକରେ ବିଜୟ କୁମାର ଯାଦବ, ବାଳିକାରେ ଅଦିତି କୁମାରୀ ଶ’, ୧୯ ବର୍ଷରୁ କମ୍ ବାଳକରେ ସମ୍ରାଟ ମଣ୍ଡଳ ଓ ବାଳିକାରେ ଅନନ୍ୟା ପାଣ୍ଡେ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଛନ୍ତି। କିଟ୍‌ର ଶୁଭାଶିଷ ପଣ୍ଡା ୧୭ ବର୍ଷରୁ କମ୍ ବାଳକ ହାଇଜମ୍ପ ଓ ଆଂଶିକ ଦାସ ୧୪ ବର୍ଷରୁ କମ୍ ବାଳକ ୨୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ।




ସିବିଏସ୍‌ଇ ଆଥ୍‌ଲେଟିକ୍ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ